
ସ୍ୱତନ୍ତ୍ର ଉତ୍କଳ ଏବଂ ସୁରେନ୍ଦ୍ର ସାଏ ବିଶେଷାଙ୍କ

# ଉତ୍କଳ ପ୍ରସଙ୍ଗ




ORISSA-84
INAUGURATED by
Sri JANAKI BALLAV PATNAI
CHIEF MINISTER, ORISSA
25th Feb 1984
ଓଡ଼ିଶା ୮୪
- ଶିଳ୍ପ ପ୍ରଦର୍ଶନୀ -



# ବୀର ସୁରେନ୍ଦ୍ର ସାଏ

# ଉତ୍କଳ ପ୍ରସଙ୍ଗ

ଚୈତ୍ର | ୧୯୦୬ ଶକାବ୍ଦ | ୪୦ ଭାଗ | ୯ମ ସଂଖ୍ୟା | ଏପ୍ରେଲ ୧୯୮୪

ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ: ଶ୍ରୀ ଫଣୀଭୂଷଣ ଦାସ

ସମ୍ପାଦକ: ଶ୍ରୀ ଭୋଳାନାଥ ରାୟଗୁରୁ

ସହ ସମ୍ପାଦକ: ଶ୍ରୀ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ: ଶ୍ରୀ ଲୋକନାଥ ଦଣ୍ଡୀ

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ପ୍ରଚ୍ଛଦ ଶିଳ୍ପୀ

ଶ୍ରୀ ଅସିତ୍ ମୁଖାର୍ଜୀ

GOVT. OF ORISSA I. & P.R. DEPT.
No.
Date
RESEARCH & REFERENCE

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର
ବାର୍ଷିକ ଚାନ୍ଦା ୧୦·୦୦
ପ୍ରତି ଖଣ୍ଡ ୧·୦୦

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେହିକି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | |
|---|---|---|
| ଅଗ୍ନି ଶିଖା | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ସୁରେନ୍ଦ୍ର ସ୍ମରଣେ | ଡକ୍ଟର ଶ୍ରଦ୍ଧାକର ସୁପକାର | ୩ |
| ଓଡ଼ିଶାରେ ସାଧୀନତା ଆନ୍ଦୋଳନର ପୃଷ୍ଠଭୂମି | ଡକ୍ଟର ସତ୍ୟନାରାୟଣ ରାଜଗୁରୁ | ୫ |
| ଜାତୀୟ ବୀର ସୁରେନ୍ଦ୍ର ସାଏ | ଡକ୍ଟର ନବୀନ କୁମାର ସାହୁ | ୮ |
| ସୁରେନ୍ଦ୍ର ସାଏଙ୍କ ରଣ କୌଶଳ | ଶ୍ରୀ ସହଦେବ ସାହୁ | ୧୩ |
| ଭାରତର ପ୍ରଥମ ବିଦ୍ରୋହୀ | ଶ୍ରୀ ଭଗବତ ପ୍ରସାଦ ନନ୍ଦ | ୧୯ |
| ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଇଂରେଜ ପ୍ରଶାସକଙ୍କ ଭୂମିକା । | ଶ୍ରୀ ଚନ୍ଦ୍ରଶେଖର ନାୟକ | ୨୩ |
| ବୀର ସୁରେନ୍ଦ୍ର ସାଏ | ଶ୍ରୀ ଜଗନ୍ନାଥ ପଟ୍ଟନାୟକ | ୨୫ |
| ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏ | ଶ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀ | ୨୯ |
| ଓଡ଼ିଶା ପ୍ରଦେଶ ଗଠନରେ ଗଞ୍ଜାମର ଭୂମିକା | ଶ୍ରୀମତୀ କାଦମ୍ବିନୀ ଦେବୀ | ୩୩ |
| ସାମ୍ରାଜ୍ୟବାଦ ବିରୁଦ୍ଧରେ ପ୍ରଥମ ରଣ ସିଂଘା | କୁମାର ହସନ୍ | ୩୭ |
| ମଧୁବାବୁଙ୍କ ସ୍ୱପ୍ନ | ଶ୍ରୀ ରବୀନ୍ଦ୍ର ନାଥ ମାଝୀ | ୪୩ |
| ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ | ଶ୍ରୀ ଅଶ୍ୱିନୀ କୁମାର ପୂଜାରୀ | ୪୭ |
| ବିଶ୍ୱଗୌରବ ମଧୁସୂଦନ ଦାସ | ଶ୍ରୀ ରାଘବ ଚରଣ ନାୟକ | ୫୧ |
| ଓଡ଼ିଶୀ ନୃତ୍ୟ ସଙ୍ଗୀତ ଉତ୍ସବ | | ୫୭ |
| ଛବିଟି ପ୍ରସଙ୍ଗ | | ୫୯ |
| ରାଜ୍ୟସ୍ତରରେ ବୀର ସୁରେନ୍ଦ୍ର ସାଏଙ୍କ ମୃତ୍ୟୁ ଶତବାର୍ଷିକୀ ପାଳନ । | | ୬୩ |
| ମୋ' ଦୃଷ୍ଟିରେ | | ୬୪ |



'ଓଡ଼ିଶା ଦିବସ' ଉପଲକ୍ଷେ

# ମୁଖ୍ୟମନ୍ତ୍ରୀଙ୍କ


# ବାର୍ତ୍ତା

ଅପ୍ରେଲ ପହିଲା 'ଓଡ଼ିଶା ଦିବସ' ରୂପେ ଭାରତରେ ପ୍ରସିଦ୍ଧି ଲାଭ କରିଛି । କାରଣ ୪୮ ବର୍ଷ ତଳେ ଏହି ଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଜନ୍ମଲାଭ କରିଥିଲା । ଭାରତର ପୂର୍ବାକାଶରେ ଏହି ନବ ସୂର୍ଯ୍ୟୋଦୟକୁ ସେତେବେଳେ ଜନଗଣ ଅଭିନନ୍ଦନ କରିଥିଲେ । ଘୋର ଅନ୍ଧକାର ଭିତରୁ ଓଡ଼ିଆ ଜାତିର ଏହି ଅଭ୍ୟୁଦୟ ଆଜି ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ।

ସେହିଦିନଠାରୁ ପ୍ରତି ଅପ୍ରେଲ ପହିଲା ହେଉଛି, ଓଡ଼ିଶାର ଜନଗଣଙ୍କ ପାଇଁ ଏକ ସ୍ମୃତି ଓ ସଂକଳ୍ପର ଦିନ । ସ୍ମୃତି, କାରଣ ଯେଉଁମାନଙ୍କର ତ୍ୟାଗ, ତପସ୍ୟା, ସାଧନା ଓ ସଂଗ୍ରାମର ଫଳ ସ୍ୱରୂପ ଓଡ଼ିଆ ଜାତିର ଏହି ସ୍ୱପ୍ନ ସଫଳ ହେଲା, ସେହି ପୂର୍ବସୂରୀମାନଙ୍କୁ ଆଜି ଗଭୀର କୃତଜ୍ଞତାର ସହିତ ସ୍ମରଣ କରିବାର ଦିନ । ସଂକଳ୍ପ ଓଡ଼ିଶାକୁ କୃଷି, ଶିଳ୍ପ, କଳା ଓ ବିଜ୍ଞାନର କ୍ଷେତ୍ରରେ ଭାରତର ସର୍ବଶ୍ରେଷ୍ଠ ରାଜ୍ୟରେ ପରିଣତ କରିବାପାଇଁ ଆଜି ଏକ ସଂକଳ୍ପ ନେବାର ଦିନ ।

ଅଳ୍ପ ପଥ ଅତିକ୍ରାନ୍ତ, ମାତ୍ର ବହୁପଥ ଅତିକ୍ରମ କରିବାକୁ ବାକୀ ଅଛି । ଦାରିଦ୍ର୍ୟ ଓ ଅନଗ୍ରସରତାର କବଳରୁ ମୁକ୍ତ କରି ଓଡ଼ିଶାକୁ ପ୍ରଗତି ଓ ସମୃଦ୍ଧିର ଏକ ନୂତନ ଦିଗନ୍ତ ଆଡ଼କୁ ଆଗେଇନେବା ଦିଗରେ 'ଓଡ଼ିଶା ଦିବସ' ଓଡ଼ିଶାବାସୀଙ୍କ ପାଇଁ ଏକ ସଂକଳ୍ପର ଦିବସ ହେଉ, ଏହାହିଁ କାମନା ।

ଜୟହିନ୍ଦ୍



ସ୍ୱତନ୍ତ୍ର ଉତ୍କଳ ଦିବସ ଉପଲକ୍ଷେ

# ରାଜ୍ୟପାଳ
# ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେଙ୍କ
# ବାର୍ତ୍ତା

ଅପ୍ରେଲ ମାସର ପହିଲା ତାରିଖ ଓଡ଼ିଶା ଇତିହାସର ଏକ ସ୍ମରଣୀୟ ଦିବସ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଦେବ ପ୍ରମୁଖ ପ୍ରବୀଣ ନେତାଙ୍କ ଆଦର୍ଶରେ ପରିଚାଳିତ ହୋଇ, ବହୁ ବର୍ଷର ସଂଗ୍ରାମ ଏବଂ ତ୍ୟାଗ ପରେ ୧୯୩୬ ମସିହା ଅପ୍ରେଲ ୧ ତାରିଖରେ ଓଡ଼ିଶା ତା'ର ହୃତ ଗୌରବ ପୁନରୁଦ୍ଧାର କରି ରାଜନୈତିକ କ୍ଷେତ୍ରରେ ନିଜର ସ୍ୱାଧୀନ ଅସ୍ତିତ୍ୱ ପ୍ରତିଷ୍ଠା କରି ପାରିଛି । ଅସମ୍ପୂର୍ଣ୍ଣ ଥିଲେ ମଧ୍ୟ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଜନସାଧାରଣଙ୍କୁ ଯଥେଷ୍ଟ ଉଦ୍‌ବୁଦ୍ଧ କରିଛି । ଓଡ଼ିଆ ଜାତିର ଇତିହାସରେ ଏହା ଏକ ମାଇଲ ଷ୍ଟୋନ । ୧୯୪୮ ମସିହାରେ, ଗଡ଼ଜାତ ମିଶ୍ରଣ ପରେ, ମାନଚିତ୍ରରେ ଓଡ଼ିଶା ଆଜିର ରୂପରେଖ ପାଇଛି ।

ଓଡ଼ିଶା ଇତିହାସରେ ବହୁ ମହତ୍ତ୍ୱପୂର୍ଣ୍ଣ ଘଟଣାବଳୀ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି । ଆମର ମହାନତମ ମହାକାବ୍ୟ ମହାଭାରତରେ ମଧ୍ୟ ଓଡ଼ିଆ ଜାତିର ନାମ ଉଲ୍ଲେଖ ଅଛି । ପ୍ରାକ୍-ଖ୍ରୀଷ୍ଟୀୟ ଯୁଗରେ କଳିଙ୍ଗରୂପେ ପ୍ରସିଦ୍ଧି ଲାଭ କରିଥିବା ଉତ୍କଳୀୟ ଭୂଖଣ୍ଡ ଏକ ଶକ୍ତିଶାଳୀ ରାଜ୍ୟ ଥିଲା । ପ୍ରାୟ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ କଳିଙ୍ଗ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ବିପୁଳ ଉନ୍ନତି ଲାଭ କରିଥିଲା ଏବଂ ଏହାର ଅର୍ଥନୈତିକ ଅବସ୍ଥା ସୁଦୃଢ଼ ଥିଲା । କେବଳ ଭାରତରେ ନୁହେଁ, ପଡ଼ୋଶୀ ଦେଶମାନଙ୍କରେ ମଧ୍ୟ ଓଡ଼ିଆ ଜାତିର କଳା, ସାହିତ୍ୟ ଓ ସଂସ୍କୃତି ସମାଦର ଲାଭ କରିଥିଲା । ଇଂରେଜ ରାଜତ୍ୱ କାଳରେ ଓଡ଼ିଶା କେତେକାଂଶରେ ତା'ର ଅତୀତ ଗୌରବ ହରାଇ ଏକ ଅନଗ୍ରସର ରାଜ୍ୟରେ ପରିଣତ ହେଲା ।

ବର୍ତ୍ତମାନର ଓଡ଼ିଶା ଭାରତବର୍ଷରେ ପ୍ରାୟ ଶତକଡ଼ା ୪ ଭାଗ ଭୂଖଣ୍ଡ ଓ ଆପାତତଃ ସମାନୁପାତିକ ଜନସଂଖ୍ୟାର ପ୍ରତିନିଧିତ୍ୱ କରୁଛି । ମାତ୍ର ସାମାଜିକ ଓ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ବହୁତ ପଛରେ ପଡ଼ିଛି । ଏତେ ପରିମାଣରେ ଖଣିଜ ସମ୍ପଦ, ଜଙ୍ଗଲ, ବିସ୍ତୃତ ଭୂଖଣ୍ଡ, ପର୍ଯ୍ୟାପ୍ତ ଜଳ ଓ ଲୋକଶକ୍ତି ଥିବା ସତ୍ତ୍ୱେ ଏହି ରାଜ୍ୟ ଏକ ଅନଗ୍ରସର ରାଜ୍ୟ ରୂପେ ରହିଥିବା ଏକ ବିଡ଼ମ୍ବନା ।

ଅବଶ୍ୟ, ସୁଶିକ୍ଷିତ ଓଡ଼ିଶାବାସୀ ଏବଂ ରାଜ୍ୟ ସରକାରଙ୍କର ମିଳିତ ଓ ପ୍ରଶଂସନୀୟ ଉଦ୍ୟମରେ ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହୋଇପାରିଛି । କିନ୍ତୁ ସମସ୍ୟାର ବିଶାଳତାକୁ ବିବେଚନା କଲେ ସ୍ପଷ୍ଟ ହୃଦୟଙ୍ଗମ କରିହୁଏ ଯେ ଶିଥିଳତା କିମ୍ବା ସମ୍ପୂର୍ଣ୍ଣ ଆତ୍ମ ସନ୍ତୋଷ ନିମିତ୍ତ ଆଦୌ ସମୟ ନାହିଁ । ଓଡ଼ିଶାବାସୀଙ୍କୁ ଦ୍ୱିଗୁଣିତ ଶକ୍ତି ଓ ଉତ୍ସାହର ସହିତ ଅଗ୍ରସର ହେବାକୁ ହେବ । ଏହି ମହତ୍ କାର୍ଯ୍ୟରେ ଜନସାଧାରଣ ଏବଂ ସରକାର ଉଭୟଙ୍କୁ ନିଜ ନିଜର କର୍ତ୍ତବ୍ୟନିଷ୍ଠାର ସହିତ ସମ୍ପାଦନ କରିବାକୁ ପଡ଼ିବ । ବିପୁଳ ପ୍ରାକୃତିକ ସମ୍ପଦ ଓ ଲୋକଶକ୍ତିରେ ସମୃଦ୍ଧ ଏହି ରାଜ୍ୟ ଅନଗ୍ରସର ହୋଇ ରହିବାର କୌଣସି କାରଣ ନାହିଁ ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସୃଷ୍ଟି ଲାଗି ଯେଉଁମାନେ ପ୍ରାଣପଣେ ଚେଷ୍ଟା କରିଥିଲେ, ଉତ୍କଳ ଦିବସ ପାଳନର ଏହି ଶୁଭ ଅବସରରେ ମୁଁ ଓଡ଼ିଶାର ସେହି ବରପୁତ୍ରଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ରାଜନୈତିକ କନ୍ଦଳ ଏବଂ ସବୁ ମତଭେଦର ଊର୍ଦ୍ଧ୍ୱରେ ରହି ତଥା ସମୂହଭାବେ ଉଦ୍ୟମ କରି ଓଡ଼ିଶାକୁ ଏକ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାପାଇଁ ଦଳମତ ନିର୍ବିଶେଷରେ ଆଜିର ପବିତ୍ର ଦିବସରେ ମୁଁ ସମାଜର ସବୁ ଶ୍ରେଣୀର ଲୋକଙ୍କୁ ଆହ୍ୱାନ କରୁଛି ।

ଜୟହିନ୍ଦ୍

ସୁରେନ୍ଦ୍ର ସାଏ ଥିଲେ ଓଡିଶାର ଜଣେ ମହାନ୍ ବୀର ପୁରୁଷ ଓ ଭାରତର ଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀ । ତାଙ୍କର ଶକ୍ତି, ସାହସ, ଦୃଢ଼ ପ୍ରତିଜ୍ଞା, ସ୍ୱାଭିମାନ, ଶୌର୍ଯ୍ୟ, ବୀର୍ଯ୍ୟ ଓ ଅଦମନୀୟ ବିପ୍ଳବ ପାଇଁ ଇତିହାସରେ ସେ ଯୁଗେ ଯୁଗେ ମହୀୟାନ ହୋଇ ରହିଥିବେ । ଭାରତରେ ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହେବାର ବହୁ ପୂର୍ବରୁ ସୁରେନ୍ଦ୍ର ସାଏ ବ୍ରିଟିଶ୍ ଶାସନ ବିରୁଦ୍ଧରେ ଅସି ଉତ୍ତୋଳନ କରି ବିପ୍ଳବର ପ୍ରଥମ ରଣଭେରୀ ବଜାଇଥିଲେ । କିନ୍ତୁ ଅଦ୍ୟାବଧି ତାଙ୍କର ପ୍ରକୃତ ଜନ୍ମସ୍ଥାନ ସଠିକ ରୂପେ ନିରୂପିତ ହୋଇପାରି ନାହିଁ । କେତେକ ଐତିହାସିକଙ୍କ ମତରେ ସେ ସମ୍ବଲପୁର ଅନ୍ତର୍ଗତ ଖିଣ୍ଡା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ଅନ୍ୟ କେତେକଙ୍କ ମତରେ ସେ ତାଙ୍କ ମାତୁଳାଳୟ ବରଗାଁରେ ଭୂମିଷ୍ଠ ହୋଇଥିଲେ । ପୁଣି, କେତେକ ମତପୋଷଣ କରନ୍ତି, ସେ ସିଂହଭୂମରେ ଜନ୍ମ ହୋଇଥିଲେ । ତେଣୁ, ଇତିହାସ ଦୃଷ୍ଟିରୁ ଏ ସମସ୍ତ ବିଷୟରେ ସଠିକ ତଥ୍ୟ ପ୍ରକାଶ ପାଇବା ଦରକାର । ଏ ପର୍ଯ୍ୟନ୍ତ ଯାହାସବୁ ପ୍ରକାଶ ପାଇଛି, ତାହା ପ୍ରାମାଣିକ ନୁହେଁ । ସୁରେନ୍ଦ୍ର-ସାଏଙ୍କ ସମ୍ପର୍କରେ ଏକ ପ୍ରାମାଣିକ ଗ୍ରନ୍ଥ ପ୍ରକାଶ ପାଇଲେ, ତାହା ତାଙ୍କର ପ୍ରକୃତ ସ୍ମାରକୀ ହୋଇ ରହିବ ।

## ବିଦ୍ରୋହର ବହ୍ନି

୧୮୫୭ ମସିହାରେ ଜାତୀୟ ବିଦ୍ରୋହ ଆରମ୍ଭ ହୋଇଥିଲା ଓ ୧୮୫୮ ମସିହାରେ ବିଦ୍ରୋହର ବହ୍ନି ନିର୍ବାପିତ ହୋଇଥିଲା । କିନ୍ତୁ ବୀର ସୁରେନ୍ଦ୍ର ସାଏ ୧୮୫୭ ରୁ ୧୮୬୪ ମସିହା ପର୍ଯ୍ୟନ୍ତ ଏହି ବିଦ୍ରୋହକୁ ସମ୍ବଲପୁର ଅଞ୍ଚଳରେ ପ୍ରଜ୍ୱଳିତ କରି ରଖିଥିଲେ । ସାରା ଭାରତରେ ବିଦ୍ରୋହ ପ୍ରଶମିତ ହେବା ପରେ, ବିରାଟ ଇଂରେଜ ରାଜ ଶକ୍ତି ସୁରେନ୍ଦ୍ର ସାଏଙ୍କ ବିଦ୍ରୋହକୁ ସହଜରେ ଦମନ କରିଦେଇ ପାରିଥାଆନ୍ତା । କିନ୍ତୁ ସେମାନଙ୍କ ପକ୍ଷେ ତାହା ସମ୍ଭବ ହେଲା ନାହିଁ । ବିଦ୍ରୋହ ଦମନ ପାଇଁ କଟକ, ମାନ୍ଦ୍ରାଜ, ନାଗପୁର, ରାମଗଡ଼ରୁ ସୈନ୍ୟ ଅଣାଗଲେ । ଏଠାରେ ବିଚାର କରିବାର କଥା, ତାହା କି ଭଳି ଏକ ଗଣ ବିଦ୍ରୋହରେ ପରିଣତ ହୋଇଥିଲା, ଯାହାକୁ ଦମନ କରିବା ପାଇଁ ଭାରତର ଚାରିଆଡ଼ୁ ସୈନ୍ୟ ଆଣିବା ଦରକାର ପଡ଼ିଲା । ଇତିହାସର ଏହି ତଥ୍ୟ ଭଲ ଭାବରେ ଉଦ୍‌ଘାଟିତ ହେବା ଆବଶ୍ୟକ ।

ବୀର ସୁରେନ୍ଦ୍ର ସାଏ ତାନ୍ତିଆ ଟୋପିଙ୍କ ପରି ଜଙ୍ଗଲ ଯୁଦ୍ଧରେ ଅତିଶୟ ପ୍ରବୀଣ ଥିଲେ । ବିଦ୍ରୋହ ହେବାର ବର୍ଷକ ମଧ୍ୟରେ ତାନ୍ତିଆ ଟୋପିଙ୍କୁ ଦମନ କରାଗଲା ।

# ଅଲିଭ୍ ଶିଖା

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଏହି ମହାନ୍ ଜାତୀୟ ବୀରଙ୍କ ବିଦ୍ରୋହ ସମ୍ପର୍କରେ ଜାଣିବା ପୂର୍ବରୁ ଅନେକଙ୍କର ଧାରଣା ଥିଲା ଯେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ଓଡିଶାରୁ ବୋଧହୁଏ କେହି ଯୋଗ ଦେଇ ନ ଥିଲେ । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏ ଭ୍ରମ ଦୂର ହେଲା । ଓଡିଶାରେ ଏ ସଂଗ୍ରାମ ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏଙ୍କ ବଳିଷ୍ଠ ନେତୃତ୍ୱରେ ଚାଲିଥିଲା । ଏହା ପରେ ପୁଣି ଜଣାଗଲା, ଘୋଡା ହାଟର ରାଜା ଅର୍ଜୁନ ସିଂହ ଓ ତାଙ୍କର ଦେଓ୍ୱାନ ଜଗୁ ଦେଓ୍ୱାନ ମଧ୍ୟ ଏହି ଐତିହାସିକ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ଏ ଦୁଇଜଣ ଓଡିଆ । ଇତିହାସର ଅନେକ ଗୋପନୀୟ ତଥ୍ୟ କାଳକ୍ରମେ ପ୍ରକାଶ ପାଉଛି । ଏଥିରୁ ସ୍ପଷ୍ଟ ଜଣାଯାଏ, ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅନ୍ୟ ରାଜ୍ୟମାନଙ୍କ ପରି ଓଡିଶାର ଲୋକେ ଅଂଶ ଗ୍ରହଣ କରିଥିଲେ ଏବଂ ସୁରେନ୍ଦ୍ର ସାଏ ଏକ ଦୁର୍ଦ୍ଦମନୀୟ ତଥା ବିଚକ୍ଷଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ତାଙ୍କର ଅଦ୍ଭୁତ ସଂଗଠନ ଶକ୍ତି, ଅମିତ ପରାକ୍ରମ ଓ ଅସାଧାରଣ ରଣ କୌଶଳ ବ୍ରିଟିଶ୍ ଶାସକ ଓ ସୈନ୍ୟ ବାହିନୀକୁ ଆଶ୍ଚର୍ଯ୍ୟାନ୍ୱିତ କରି ଦେଇଥିଲା ।

କିନ୍ତୁ ସୁରେନ୍ଦ୍ର ସାଏଙ୍କୁ ଧରାଯାଇ ପାରିଲା ନାହିଁ । କାରଣ ତାଙ୍କର ସଂଗ୍ରାମ ପଛରେ ଥିଲେ ସମଗ୍ର ସମ୍ବଲପୁର ଅଞ୍ଚଳବାସୀ ତଥା ଗୋଟିଏ ବିରାଟ ରାଜ୍ୟର ଜନସାଧାରଣ ଏବଂ ଏ ଅଞ୍ଚଳର ସମସ୍ତ ଜଙ୍ଗଲର ଅଧିବାସୀ । ଏହାଛଡ଼ା, ସମ୍ବଲପୁରର ଗଉନ୍ତିଆ ଓ ପ୍ରଧାନ ରାଜ ପୁରୁଷମାନେ ତାଙ୍କ ପଛରେ ଅଣ୍ଟାଭିଡି ଛିଡା ହୋଇଥିଲେ । ସମ୍ବଲପୁର ଜଙ୍ଗଲ ଭିତରୁ ତାଙ୍କୁ ବିତାଡିତ କରିବା ପାଇଁ ପ୍ରବଳ ଚେଷ୍ଟା କରାଯିବାରୁ ସେ ରାୟପୁରରେ ପହଞ୍ଚିଲେ । ସେଠାକାର ଜନସାଧାରଣ ବୀର ସୁରେନ୍ଦ୍ର ସାଏଙ୍କୁ ସ୍ୱାଗତ ଜଣାଇଥିଲେ । ତାଙ୍କର ରଣଭୂମି ଥିଲା ରାୟପୁରଠାରୁ ସମ୍ବଲପୁର ଓ ସମ୍ବଲପୁରଠାରୁ ସିଂହଭୂମ । ଏକ ବିରାଟ ଅଞ୍ଚଳ ତାଙ୍କ ପଛରେ ଠିଆ ହୋଇଥିଲା ।

## ସ୍ୱର୍ଣ୍ଣିମ ଅଧ୍ୟାୟ

ବୀର ସୁରେନ୍ଦ୍ର ସାଏଙ୍କ ବିଦ୍ରୋହ ୧୮୫୭ ମସିହା ପ୍ରଥମ ସ୍ୱାଧୀନତା ସଂଗ୍ରାମର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ଏହା ଜଣେ ସାମାନ୍ୟ ବୀର ପୁରୁଷର ଇତିହାସ ନୁହେଁ, ଏହା ହେଉଛି ଗୋଟିଏ ମହନୀୟ ସଂଗ୍ରାମର ଏକ ସଂଘର୍ଷମୟ ଅଧ୍ୟାୟ । ଏ ସଂଗ୍ରାମ ଛ' ସାତବର୍ଷ ପର୍ଯ୍ୟନ୍ତ

ସୃଷ୍ଟିଥିଲା । ବ୍ରିଟିଶ୍ ରାଜଶକ୍ତି ତା'ର ସମସ୍ତ ଶକ୍ତି ସତ୍ତ୍ୱେ ଏହାକୁ ଦମନ କରିବାକୁ ବିଫଳ ହୋଇଥିଲେ । ତେଣୁ ମେଜର ଇମ୍‌ପେ ସୁରେନ୍ଦ୍ର ସାଏଙ୍କୁ ନିଜର କରିବା ପାଇଁ ଏକ ନୂତନ ନୀତି ଅନୁସରଣ କରିଥିଲେ । କାରଣ ଯୁଦ୍ଧକରି ତାଙ୍କୁ ଦମନ କରିବା ସମ୍ପୂର୍ଣ୍ଣ ଅସମ୍ଭବ ଥିଲା । ଇତିହାସରେ ଏ ଅଧ୍ୟାୟଟିର ମହତ୍ତ୍ୱ ପ୍ରତିପାଦିତ ହେବା ଦରକାର ।

ଜାତୀୟ ବୀରମାନଙ୍କ ସମ୍ପର୍କରେ ଆମ ପିଲା-ମାନଙ୍କର ଧାରଣା ଥିବା ମନେ ହେଉ ନାହିଁ । କାରଣ ଭାରତର ସ୍ୱାଧୀନତା ସଂଗ୍ରାମରେ ଯେଉଁମାନେ ପ୍ରାଣବଳୀ ଦେଲେ, ସେମାନଙ୍କ ବିଷୟରେ ଆମର ପାଠ୍ୟପୁସ୍ତକରେ କିଛି ଉଲ୍ଲେଖ ରହୁନାହିଁ । ଆମ ଜାତିର ତ୍ୟାଗ, ବୀରତ୍ୱ ଓ ସ୍ୱଦେଶ ପ୍ରୀତି ପାଇଁ ଭାରତବର୍ଷର ବହୁ ଅଞ୍ଚଳ ରକ୍ତ ତୀର୍ଥରେ ପରିଣତ ହୋଇଥିଲା । ପ୍ରତ୍ୟେକ ଜାତିର ଗୋଟିଏ ମୂଲ୍ୟବୋଧ ରହିଛି । କିନ୍ତୁ ଆମର ସେ ମୂଲ୍ୟବୋଧ ନାହିଁ । ଯଦି ଆମେ ସୋଭିଏତ ୟୁନିଅନକୁ ଯିବା, ତା'ହେଲେ ଦେଖିବା ପ୍ରତ୍ୟେକ ସହରର ବିଭିନ୍ନ ସ୍ଥାନରେ ଜାତୀୟ ବୀର ପୁରୁଷମାନଙ୍କର ପ୍ରତିମୂର୍ତ୍ତି । ଗୋଟିଏ ଜାତିକୁ ବାନ୍ଧି-ରଖିବା ପାଇଁ ଏହା ଏକାନ୍ତ ପ୍ରୟୋଜନ । ଏଣୁ ଆଗାମୀ ବଂଶଧରମାନଙ୍କ ନିମନ୍ତେ କଠୋର ସଂଗ୍ରାମ କରି ଦେଶ ପାଇଁ ପ୍ରାଣପାତ କରିଥିବା ଜାତୀୟତା ପ୍ରେମୀ ବୀରମାନଙ୍କର ସ୍ମୃତିକୁ ଉଦ୍‌ଜୀବିତ କରି ରଖିବାକୁ ପଡିବ ।

**ଲକ୍ଷ୍ୟଥିଲା ଏକ**

ସୁରେନ୍ଦ୍ର ସାଏ ସମ୍ବଲପୁର ରାଜ୍ୟ ରକ୍ଷା ଲାଗି ବିଦ୍ରୋହ କରିଥିଲେ କି ଭାରତବର୍ଷରୁ ଇଂରେଜମାନଙ୍କୁ ବିତାଡିତ କରିବା ପାଇଁ ବିଦ୍ରୋହ କରିଥିଲେ, ତାହା ସେଭଳି କିଛି ବିବାଦୀୟ ପ୍ରଶ୍ନ ନୁହେଁ । ନିଜ ନିଜ ରାଜ୍ୟରୁ ଇଂରେଜମାନଙ୍କ ମୂଳ ଉତ୍ପାଟନ କରିବାକୁ ସେ ସମୟରେ ସମସ୍ତେ ଚେଷ୍ଟା କରିଛନ୍ତି । ସାରା ଭାରତବର୍ଷରୁ ଇଂରେଜମାନଙ୍କୁ ତଡିବା ଉଦ୍ଦେଶ୍ୟରେ କେହି କେବେ ଆହ୍ୱାନ ଦେଇ ନ ଥିଲେ । କାରଣ ସେତେବେଳେ ଭାରତବର୍ଷର ଜାତୀୟତା ନ ଥିଲା । ତଥାପି ସମସ୍ତଙ୍କର ଲକ୍ଷ୍ୟ ଥିଲା ଏକ, ଇଂରେଜ ଶକ୍ତିକୁ ଦରିଆପାରି କରିବା । ଏପରିକି, ନାନା ସାହେବ, ଲକ୍ଷ୍ମୀବାଈ, ତାନ୍ତିଆ ତୋପି, କନ୍‌ଓ୍ୱାର ସିଂହ ପ୍ରଭୃତି ପ୍ରବଳ ପରାକ୍ରମୀ ଯୋଦ୍ଧାମାନେ ନିଜ ରାଜ୍ୟରୁ ଇଂରେଜମାନଙ୍କୁ ତଡ଼ିବା ପାଇଁ ସଂଗ୍ରାମ ଚଳାଇଥିଲେ ।

ଓଡିଶା ଇତିହାସରେ ଇଂରେଜ ଶାସନ ଅମଳରେ ଦୁଇଟି ପ୍ରଧାନ ଯୁଦ୍ଧ ହୋଇଥିଲା । ଗୋଟିଏ ଖୋର୍ଦ୍ଧାର ପାଇକ ବିଦ୍ରୋହ ଓ ଅନ୍ୟଟି ସୁରେନ୍ଦ୍ର ସାଏଙ୍କ ବିପ୍ଳବ । ୧୮୧୭ ମସିହାରେ ଖୋର୍ଦ୍ଧା ସବ୍‌ଡିଭିଜନ, ଘୁମୁସର ସବ୍‌ଡିଭିଜନ ଓ ବ୍ରହ୍ମଗିରିର ସମଗ୍ର ଜନତା ପାଇକ ବିଦ୍ରୋହରେ ଯୋଗ ଦେଇଥିଲେ । ସେହିପରି ବୀର ସୁରେନ୍ଦ୍ର ସାଏଙ୍କ ବିଦ୍ରୋହ । ଏ ଦୁଇଟି ଆମ ଇତିହାସର ଜାଜ୍ୱଲ୍ୟମାନ ଅଧ୍ୟାୟ । ଏ ବିଷୟରେ ସବିଶେଷ ଗବେଷଣା କରାଯାଇ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଲିପିବଦ୍ଧ କରାଯିବା ଦରକାର । ତା' ନହେଲେ ଏ ଜାତିର ଦାୟାଦମାନେ ପ୍ରେରଣା ଲାଭ କରି ପାରିବେ ନାହିଁ ।

ଓଡିଆ ଜାତି ତଥା ଭାରତବର୍ଷର ଗୌରବ ବୀର ସୁରେନ୍ଦ୍ର ସାଏ ଓଡିଶାର ସମ୍ବଲପୁର ଅଞ୍ଚଳରେ ଲଢିଥିଲେ । ତାଙ୍କ ଜୀବନର ଏହି ବୀରତ୍ୱ କାହାଣୀ ଆମକୁ ମହନୀୟ କରିଛି । ସୁରେନ୍ଦ୍ର ସାଏ ୧୮ ବର୍ଷ ବୟସରୁ ବିଦ୍ରୋହ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଜେଲ ଭୋଗିଥିଲେ । ସାତ, ଆଠବର୍ଷ ସେ କେବଳ ବାହାରେ କଟାଇଛନ୍ତି, ତାହା ପୁଣି ପାହାଡ ଜଙ୍ଗଲ ମଧ୍ୟରେ । ଲୁଚି ଛପି ତାଙ୍କୁ ଲଢିବାକୁ ହୋଇଛି । ତେଣୁ, ଏହି ମହାନ୍ ବୀର ପୁରୁଷଙ୍କର ଜୀବନରୁ ଆମର ଶିକ୍ଷା ଲାଭ କରିବାର କଥା । ସେ ଦେଶ ପାଇଁ ସର୍ବସ୍ୱ ଦେଇଛନ୍ତି; କିନ୍ତୁ ଦେଶ ତାଙ୍କୁ କିଛି ଦେଇନାହିଁ । ଦେଶ ଆମକୁ ବହୁତ ଦେଇଛି, ଆମେ ଦେଶ ପାଇଁ କ'ଣ କରୁଛୁ, ତାହାହିଁ ପ୍ରଶ୍ନ ।

**କ୍ଷୁଦ୍ରଶିଳ୍ପ ଏବଂ କୁଟୀରଶିଳ୍ପ**
**ଜରିଆରେ ନିଯୁକ୍ତି**

ଚଳିତ ଆର୍ଥିକ ବର୍ଷର ଗତ ଡିସେମ୍ବର ମାସ ସୁଦ୍ଧା ଗଞ୍ଜାମ ଜିଲ୍ଲାରେ ପ୍ରତିଷ୍ଠିତ ୧୨୫ଟି କ୍ଷୁଦ୍ର ଶିଳ୍ପ ଏବଂ ୬,୯୫୪ଟି କୁଟୀର ଶିଳ୍ପ ଜରିଆରେ ୧୧,୩୮୦ ଜଣ ବ୍ୟକ୍ତି ନିଯୁକ୍ତି ସୁବିଧା ପାଇଛନ୍ତି । କ୍ଷୁଦ୍ର ଶିଳ୍ପ ପାଇଁ ୧ କୋଟି ୭୪ ଲକ୍ଷ ୩୧ ହଜାର ଟଙ୍କା ଏବଂ କୁଟୀର ଶିଳ୍ପ ପାଇଁ ୧ କୋଟି ୪୪ ଲକ୍ଷ ୭ ହଜାର ଟଙ୍କା ବିନିଯୋଗ କରାଯାଇଛି ।

# ସୁରେନ୍ଦ୍ର ସ୍ମରଣେ

ଡକ୍ଟର ଶ୍ରଦ୍ଧାକର ସୁପକାର

ଆଜିଠାରୁ ଶହେ ବର୍ଷ ପୂର୍ବର କଥା । ସେତେବେଳେ ଓଡ଼ିଶାର ଅନ୍ଧକାରମୟ ଯୁଗ । ଓଡ଼ିଶାରୁ ସ୍ୱରି ପାଞ୍ଚ ଶହ ମାଇଲ ଦୂରରେ (ଆଜିକାଲିର ମହାରାଷ୍ଟ୍ରରେ ଥିବା) ଆସିରଗଡ଼ ଦୁର୍ଗ ଜେଲ୍‌ରେ ଓଡ଼ିଶାର ଅନନ୍ୟ ସାଧାରଣ ବୀର ସୁରେନ୍ଦ୍ର ସାଏ ରୋଗ ଶଯ୍ୟାରେ ପଡ଼ିଥିଲେ । ସେଇ ଦୁର୍ଗରେ ଦୀର୍ଘ ୨୧ ବର୍ଷ ବନ୍ଦୀ ଜୀବନ ଯାପନ କରି ସେ ଦୃଷ୍ଟିଶକ୍ତି ସଂପୂର୍ଣ୍ଣରୂପେ ହରାଇ ଥିଲେ । ପଞ୍ଚସ୍ତରୀବର୍ଷ ବୟସରେ ୧୮୮୪ ଖ୍ରୀଷ୍ଟାବ୍ଦରେ ଫେବୃଆରୀ ମାସ ଶେଷ ସପ୍ତାହରେ ସେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ତାଙ୍କ ପାଖରେ ଥିଲେ ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ ଲୋକନାଥ ଗଡ଼ତିଆ । ସୁରେନ୍ଦ୍ରଙ୍କ ପୁଅ ମିତ୍ରଭାନୁ ସାଏଙ୍କୁ ମଧ୍ୟ ସମ୍ବଲପୁରରୁ ଡକା ଯାଇଥିଲା ତାଙ୍କର ଶେଷ ଦର୍ଶନ ଓ ଶେଷକୃତ୍ୟ ସମାପନ ପାଇଁ ।

୧୮୫୭ ମସିହାରେ ଭାରତର ସଶସ୍ତ୍ର ବିପ୍ଳବର ଇତିହାସରେ ଯେଉଁମାନଙ୍କର ନାମ ସ୍ଥାନ ପାଇଛି ସେମାନେ ହେଲେ ମଙ୍ଗଲ ପାଣ୍ଡେ, ରାଣୀ ଲକ୍ଷ୍ମୀବାଈ, ତାନ୍ତିଆ ଟୋପି, କନ୍‌ୱାର ସିଂହ ଆଦି । ଦୁର୍ଭାଗ୍ୟର କଥା ସୁରେନ୍ଦ୍ର ସାଏଙ୍କର ନାମ ନାହିଁ ।

୧୮୫୭ ମସହାରେ ଭାରତବର୍ଷରେ ବିପ୍ଳବର ନିଆଁ ଖୁବ୍ ଜୋରରେ ଜଳି ଉଠି ବର୍ଷକ ମଧ୍ୟରେ ଲିଭି ଗଲା । ମାତ୍ର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ସମ୍ବଲପୁରରେ ଯେଉଁ ବିପ୍ଳବର ନିଆଁ ଜଳି ଉଠିଲା, ତାହା ଦୀର୍ଘ ଛଅବର୍ଷକାଳ ଲିଭି ନ ଥିଲା । ୧୮୫୭ରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସିପାହୀମାନଙ୍କଦ୍ୱାରା ହଜାରିବାଗ ଜେଲରୁ ମୁକ୍ତ ହେଲେ । ତାହାପରେ ସେ ନିଜର ସହକର୍ମୀମାନଙ୍କ ସାହାଯ୍ୟରେ ସମ୍ବଲପୁରରେ ବ୍ରିଟିଶ ଫଉଜ ସହିତ ଦୀର୍ଘ ଛଅବର୍ଷକାଳ ଲଢ଼ିଥିଲେ । ଏମାନେ ହେଲେ ଲଖନପୁରର କମଲ ସିଂହ ଦାଉ, ଘେଁସର କୁଞ୍ଜଲ ସିଂହ ଓ ହାତୀ ସିଂହ, କୁଲବିରା ଜମିଦାର କରୁଣାକର ନାୟକ ଓ ରମୋଲାର ଲୋକନାଥ ଗଡ଼ତିଆ ପ୍ରମୁଖ । ଏମାନେ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ନ ଥିଲେ ସୁଦ୍ଧା ଗନ୍ଧମାର୍ଦ୍ଦନ ପର୍ବତ, ଦେବ୍ରିଗଡ଼, ସିଙ୍ଘରା ଘାଟି ଅଞ୍ଚଳରେ ଇଂରେଜ ସୈନ୍ୟ ସହିତ ଲଢ଼ି ଥିଲେ । ୧୮୬୩ ମସିହାରେ ଦୟାନିଧି ମେହେର ନାମରେ ଜଣେ ବିଶ୍ୱାସଘାତକ ଅନୁଚର ଯଦି ସୁରେନ୍ଦ୍ର ସାଏଙ୍କ ସନ୍ଧାନ ଇଂରେଜ କର୍ତ୍ତୃପକ୍ଷଙ୍କୁ ଦେଇ ନ ଥାନ୍ତେ ତେବେ ଏ ସଂଘର୍ଷ ଆହୁରି ଅନେକ ଦିନଧରି ଚାଲିଥାନ୍ତା ।

ସୁରେନ୍ଦ୍ର ସାଏ ୧୮୦୯ ମସିହା ଜାନୁଆରୀ ମାସ ୨୩ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ ଓ ୧୮୮୪-ମସିହା ଫେବୃଆରୀ ମାସ ୨୮ ତାରିଖ ଦିନ ଆସିରଗଡ଼ ଦୁର୍ଗରେ ପ୍ରାଣ ତ୍ୟାଗ କଲେ । ତାଙ୍କର ଜୀବନକାଳର ୭୫ ବର୍ଷ ମଧ୍ୟରୁ ୩୭ ବର୍ଷ କାଳ ଜେଲଖାନାରେ କଟିଥିଲା । ୧୮୪୦ ମସିହାରେ ସମ୍ବଲପୁରର ମହାରାଜା ନାରାୟଣ ସିଂହ ରାଜତ୍ୱ କରୁଥିଲେ । ସେ ଓ ରାମପୁର ଜମିଦାର ଦରିଆର ସିଂହ ଚକ୍ରାନ୍ତକରି ସୁରେନ୍ଦ୍ର ସାଏ ଓ ତାଙ୍କର କାକା ବଳରାମ ସିଂହ ଆଦିଙ୍କୁ ନରହତ୍ୟା ଅଭିଯୋଗରେ ବନ୍ଦୀକରି ହଜାରିବାଗ ଜେଲକୁ ପଠାଇ ଦିଆଗଲା । ୧୮୪୯ ମସିହାରେ ରାଜ୍ୟସ୍ୱତ୍ୱ ଲୋପ ନୀତି ଅନୁସାରେ ସମ୍ବଲପୁର ବ୍ରିଟିଶ୍ ଶାସନାଧୀନକୁ ଆସିଲା । ସେତେବେଳେ ସୁରେନ୍ଦ୍ର ସାଏ ଜେଲରେ ଥିଲେ । ୧୮୫୭ ମସିହାରେ ସିପାହୀମାନେ ହଜାରିବାଗ ଜେଲରୁ ବନ୍ଦୀମାନଙ୍କୁ ଖଲାସ କରି ଦେଲେ । ସେହିସମୟରୁ ୧୮୬୩ ମସିହା ପର୍ଯ୍ୟନ୍ତ ସୁରେନ୍ଦ୍ର ସାଏ ବ୍ରିଟିଶ୍ ସରକାର ବିରୁଦ୍ଧରେ ବରାବର ସଂଗ୍ରାମ ଚଳାଇ ଥିଲେ ।

ସୁରେନ୍ଦ୍ର ସାଏ ଶହେ ବର୍ଷ ପୂର୍ବେ ଇହଧାମରୁ ବିଦାୟ ନେଇଛନ୍ତି । ଇତିହାସ ବିଫଳ ବୀରମାନଙ୍କ ପ୍ରତି ନିର୍ଦ୍ଦୟ ବ୍ୟବହାର କରେ । ବିଜେତାମାନେ ଏମାନଙ୍କୁ ଘୃଣିତରୂପେ ଚିତ୍ରିତ କରିଥାନ୍ତି । କିନ୍ତୁ ଦେଶବାସୀ ଏମାନଙ୍କଠାରେ ଚିରଋଣୀ ।

ସୁରେନ୍ଦ୍ର ସାଏଙ୍କ ଜୀବନ ଏକ ନାଟକୀୟ ଜୀବନ । ସୁରେନ୍ଦ୍ରଙ୍କ ଜୀବନ ଏକ ବିୟୋଗାନ୍ତ ନାଟକ—ଭାଗ୍ୟର ସହିତ ପୌରୁଷର ଅକ୍ଳାନ୍ତ ସଂଗ୍ରାମ—ପଥର ବନ୍ଧ ସହିତ ସମୁଦ୍ରର ଲହଡ଼ି ପରି—ପରିଣାମରେ ବ୍ୟର୍ଥ କିନ୍ତୁ ଅଧ୍ୟବସାୟରେ ଅକ୍ଳାନ୍ତ । ସେ ସରଳ ବିଶ୍ୱାସୀ ଥିଲେ । ଇଂରେଜମାନଙ୍କର କୂଟନୀତି ତାଙ୍କୁ ଅନେକ ଥର ପ୍ରତିହତ କରିଛି । ମହାରାଜା ନାରାୟଣ ସିଂହ ଓ ଈର୍ଷାପରାୟଣ ପ୍ରତିବେଶୀ ରାମପୁର ଜମିଦାର ଦରିଆର ସିଂହଙ୍କର ଚକ୍ରାନ୍ତ ମଧ୍ୟ ସୁରେନ୍ଦ୍ର ସାଏଙ୍କ ସଫଳତା ପଥରେ କଣ୍ଟକ ହୋଇଛି, ତାଙ୍କର ସରଳ ବିଶ୍ୱାସ ଯୋଗୁଁ । ମାତ୍ର ତାଙ୍କର ବୀରତ୍ୱ ଓ ଦେଶପ୍ରୀତି ଚିରସ୍ମରଣୀୟ ହୋଇ ରହିବ ।

ସୁରେନ୍ଦ୍ର ସାଏଙ୍କୁ ରାଜ୍ୟଲିପ୍ସୁ ବୋଲି ଚିତ୍ରଣ କରାଯାଏ । ସେ ଚାହିଁଥିଲେ ନିଜପାଇଁ ଅନେକ କିଛି କରିପାରିଥାନ୍ତେ । ତାଙ୍କର କେତେ ଭାଇ ଓ ସହକର୍ମୀ ଇଂରେଜସରକାରଙ୍କ ଦ୍ୱାରା ପ୍ରଲୋଭିତ ହୋଇ ପାରିଲେ ଅଥଚ ସୁରେନ୍ଦ୍ର ସାଏ ନିଜ ସ୍ୱାର୍ଥକୁ ବଳିଦେଇ ୧୮୬୩ ମସିହା ପର୍ଯ୍ୟନ୍ତ ବିପ୍ଳବର ଜୟ ଧ୍ୱଜା ଟେକି ରଖିଥିଲେ ।

ଇଂରେଜ ସରକାର ସୁରେନ୍ଦ୍ର ସାଏଙ୍କୁ ଜନ୍ମସ୍ଥାନରୁ ବହୁ ଦୂରରେ ଆସିରଗଡ଼ ଜେଲରେ ବନ୍ଦୀ କରି ରଖିଲେ । ଏହି ଗୋଟିଏ ତଥ୍ୟରୁ ପ୍ରମାଣ ହୁଏ ଯେ ଇଂରେଜ ସରକାର ସୁରେନ୍ଦ୍ରଙ୍କର ବୀରତ୍ୱ ଓ ଲୋକପ୍ରିୟତା ବିଷୟରେ ଅତିମାତ୍ରାରେ ସଚେତନ ଥିଲେ ।

ଶହେ ବର୍ଷ ଅତୀତ ହୋଇଥିଲେ ସୁଦ୍ଧା ଆଜି ସୁରେନ୍ଦ୍ରଙ୍କର ସ୍ମୃତି ଚିରଜାଗ୍ରତ ହୋଇ ରହିଛି । ତାଙ୍କର ସ୍ମୃତିପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଝାଡ଼ୁ ଆପଡ଼ା, ସମ୍ବଲପୁର

ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁର ସୌଜନ୍ୟରୁ ପ୍ରାପ୍ତ




ସର୍ବଭାରତୀୟ ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଓଡ଼ିଶା ଶାଖା
ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

# ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ପୃଷ୍ଠଭୂମି

ଡା. ସତ୍ୟନାରାୟଣ ରାଜଗୁରୁ

ଊନବିଂଶ ଶତାବ୍ଦୀ ପ୍ରଥମାର୍ଦ୍ଧର ଇତିହାସ ଓଡ଼ିଶା ପକ୍ଷରେ ଏକ ଘଟଣାବହୁଳ ରାଜନୈତିକ ଉତ୍‌ଥାନ ପତନର ଯୁଗ କହିଲେ ଚଳେ । ଏ ଶତାବ୍ଦୀର ପ୍ରଥମରୁ ମରହଟ୍ଟା ଶାସନର ଅବସାନ ହୋଇ ଇଂରାଜୀ ରାଜତ୍ୱର ରେଖାପାତ ହେଲା । ୧୮୦୪ ମସିହାରେ ଖୋର୍ଦ୍ଧାର ଗଜପତି ରାଜାଙ୍କ ପ୍ରଭୁତ୍ୱ କ୍ଷୁଣ୍ଣ କରାଗଲା । ଏପରି କି ପୁରୀର ଶ୍ରୀମନ୍ଦିରରୁ ମଧ୍ୟ ତାଙ୍କ ଅଧିକାର ଛିନ୍ନ ହେଲା । ମେଜର ଫ୍ଲେଚର ଖୋର୍ଦ୍ଧାରେ ଅବସ୍ଥାନ କରି ରାଜା ମୁକୁନ୍ଦ ଦେବଙ୍କୁ କଟକ ବାରବାଟୀଠାରେ ବନ୍ଦୀକରି ରଖିଲେ । ଅବଶ୍ୟ ପରେ ତାଙ୍କୁ ମୁକ୍ତ କରିଦିଆଗଲା ଏବଂ ୧୮୧୭ ସାଲରେ ଶ୍ରୀଜଗନ୍ନାଥ ମନ୍ଦିରର ପରିଚାଳନା ଭାର ମଧ୍ୟ ତାଙ୍କୁ ଛାଡ଼ି ଦିଆଗଲା । ରାଜାଙ୍କ ଅଧୀନରେ ଯେଉଁ ପାଇକମାନେ ଜାଗିର ପାଇ ସେବା କରୁଥିଲେ ପୁଣି ଯୁଦ୍ଧ କରିବାରେ ଓ ଦେଶରକ୍ଷା କାର୍ଯ୍ୟରେ ନିଯୁକ୍ତ ଥିଲେ, ସେମାନଙ୍କର ଭୂ-ସଂପଦ ମେଜର ଫ୍ଲେଚର ଉଚ୍ଛେଦ କରିଦେଲେ । ଏହା ଫଳରେ ଖୋର୍ଦ୍ଧାର ଅସନ୍ତୁଷ୍ଟ ପାଇକମାନେ ତାଙ୍କ ନେତା ଜଗବନ୍ଧୁ ବିଦ୍ୟାଧରଙ୍କ ଆହ୍ୱାନ କ୍ରମେ ଏକତ୍ରିତ ହୋଇ ଇଂରାଜୀଙ୍କ ବିରୁଦ୍ଧରେ ଲଢ଼ିବାକୁ ଶପଥ ନେଲେ । ସେତିକି ବେଳେ ଗଞ୍ଜାମରେ ଇଂରାଜୀମାନଙ୍କ ବିରୁଦ୍ଧରେ କେତେକ ଓଡ଼ିଆ ଜମିଦାର ସଂଘର୍ଷରେ ଲିପ୍ତ ହୋଇଥିଲେ । ସେମାନଙ୍କ ମଧ୍ୟରେ ମୁଖ୍ୟ-ଥିଲେ ପାରଳାଖେମୁଣ୍ଡି ଓ ଘୁମୁସରର ଗଙ୍ଗ ଓ ଭଞ୍ଜ ବଂଶୀୟ ଜମିଦାର ଦ୍ୱୟ । ସେ ଯେଉଁ ପାହାଡ଼ିଆ–ଜଙ୍ଗଲ ଅଞ୍ଚଳରେ ପୂର୍ବରୁ ରାଜତ୍ୱ କରୁଥିଲେ, ସେଠାରେ ଯଥାକ୍ରମେ ଦୁର୍ଦ୍ଧର୍ଷ ଶବର ଓ କନ୍ଧ ନାମକ ଆଦିବାସୀମାନେ ରାଜାଙ୍କ ଅଧୀନରେ ରହିଥିଲେ । ସେହି ପାର୍ବତୀୟ ଅଞ୍ଚଳଗୁଡ଼ିକ ଦୁର୍ଭେଦ୍ୟ ଜଙ୍ଗଲରେ ପୂର୍ଣ୍ଣ ହୋଇଥିବାରୁ ଇଂରାଜୀ ସୈନ୍ୟମାନେ ବାରମ୍ବାର ଚେଷ୍ଟା କରିସୁଦ୍ଧା ସେମାନଙ୍କୁ ଆୟତ୍ତ କରିପାରୁ ନଥିଲେ । ତେଣୁ ବହୁକାଳ ପର୍ଯ୍ୟନ୍ତ ଗଞ୍ଜାମର ମାଳଅଞ୍ଚଳରେ ବିଦ୍ରୋହ ଲାଗି ରହିଲା ।

ଏ ପରିସ୍ଥିତିରେ ଓଡ଼ିଶାରେ ୧୮୧୭ ସାଲରେ ଖୋର୍ଦ୍ଧାର ପାଇକମାନେ ଜଗବନ୍ଧୁ ବିଦ୍ୟାଧରଙ୍କ ନେତୃତ୍ୱରେ ଇଂରାଜୀଙ୍କ ବିରୁଦ୍ଧରେ ସଂଘର୍ଷ କରିବା ସୁଯୋଗ ପାଇ, ସେମାନଙ୍କୁ ସାହାଯ୍ୟ କରିବାକୁ ପୁଣି ଓଡ଼ିଆ ରାଜାମାନଙ୍କ ସ୍ୱାଧୀନତା ରକ୍ଷା କରିବାକୁ ଘୁମୁସରର ତତ୍‌କାଳୀନ ରାଜା ଧନଞ୍ଜୟ ଭଞ୍ଜଙ୍କୁ ସମର୍ଥନ କରି ଇଂରାଜୀଙ୍କ ବିରୁଦ୍ଧରେ ଅସାଧାରଣ କରିଥିବା ଦୁର୍ଦ୍ଧର୍ଷ କନ୍ଧମାନେ ଦୋରାବିଶୋଇଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧାପ୍ରତି ଅଭିଯାନ କଲେ । ପ୍ରାୟ ୪୦୦ କନ୍ଧ ସେନା ଅତି ଭୟଙ୍କର ଭାବେ ସେଠାରେ ବିଦ୍ରୋହରେ ଯୋଗଦେବା ଫଳରେ ବାଣପୁରଠାରେ ଇଂରାଜୀଙ୍କ ମିଲିଟାରୀ କେମ୍ପ ବିଧ୍ୱସ୍ତ ହେଲା । ତାପରେ ସେହି ସମ୍ମିଳିତ ପାଇକ ଓ କନ୍ଧ ସୈନ୍ୟ କଟକ ପ୍ରତି ଅଗ୍ରସର ହୋଇ ସେଠାର ପୁଲିସ୍ ଥାନା ଧ୍ୱଂସ କରି ବହୁତ ଗୁଡ଼ିଏ ସରକାରୀ ଅଫିସ୍ ଭୂମିସାତ୍ କଲେ । ଅବସ୍ଥା ଇଂରାଜୀଙ୍କ ପକ୍ଷରେ ଅସମ୍ଭାଳ ହେଲା । ପୁରୀ-ଜିଲାର ଲେମ୍ବାଇ(ଦେଲାଙ୍ଗ)ଠାରେ ଅବସ୍ଥିତ ଜଣେ ଦେଶୀୟ ଅଫିସରଙ୍କୁ ନିହତ କରି ସେମାନେ ଇଂରେଜମାନଙ୍କ ଏକ ଶହ ସିପାହୀଙ୍କୁ ମଧ୍ୟ ହତ୍ୟା କରିଥିଲେ । ଏ ପରିସ୍ଥିତିରେ ପୁରୀର ମାଜିଷ୍ଟ୍ରେଟ ସାହେବ ବିଦ୍ରୋହ ଦମନ କରିବାକୁ ଷାଠିଏ ଜଣ ସିପାହୀଙ୍କୁ ସଙ୍ଗରେ ଧରି ଖୋର୍ଦ୍ଧାକୁ ଅଗ୍ରସର ହେଉଥିବା ବେଳେ ଖୋର୍ଦ୍ଧା ପାଇକମାନେ ସହସା ଜଙ୍ଗଲରୁ ନିଶାର୍ଦ୍ଧରେ ବାହାରି ଏପରି ଶର ବୃଷ୍ଟି କଲେ, ଯାହା ଫଳରେ ଇଂରାଜୀ ସୈନ୍ୟ ପଶ୍ଚାଦ୍ଧାବନ କରିବାକୁ ବାଧ୍ୟ ହୋଇଥିଲେ । କଟକରୁ ମଧ୍ୟ ସେମାନେ କୌଣସି ପ୍ରକାରେ ସାହାଯ୍ୟ ପାଇ ନଥିଲେ । ତେଣୁ ସେମାନେ ସୂର୍ଯ୍ୟୋଦୟ ବେଳକୁ ବାଲକାଟିଠାକୁ ଆସି ସେଠାରେ ଆଶ୍ରୟ ନେଲେ କିନ୍ତୁ କେତେଘଣ୍ଟା ପରେ ପୁଣି ଅଗ୍ରସର ହେବାକୁ ଇଂରାଜୀ ସୈନ୍ୟ ବିଫଳ ଚେଷ୍ଟା କରିଥିଲେ । ତେଣୁ ସେମାନେ ଏପ୍ରିଲ ୪ ତାରିଖ ଦିନ କଟକରେ ପହଞ୍ଚିଲେ । ମାଜିଷ୍ଟ୍ରେଟ ଓ ତାଙ୍କ ସଙ୍ଗେ ଯାଇଥିବା ସିପାହୀମାନଙ୍କ ଏପରି ଲଜ୍ଜ୍ୟାଜନକ କାର୍ଯ୍ୟ ଘୋଡ଼ାଇବାକୁ ଯାଇ ସର୍କାରଙ୍କୁ ନିମ୍ନ ପ୍ରକାରେ କୈଫିୟତ ଦେଇଥିଲେ— "after a most fatiguing march of a day and night from khurda, I can only write for the information of His Lordship in councial that my retreat was forced and that the whole of the Khurda territory is on a complete state of insurrection. The insurgents call upon the Raja of Khurda and Jagabandhu issues orders in his name".

ମାଜିଷ୍ଟ୍ରେଟ ସାହେବଙ୍କ ହୁକୁମ୍ ଅନୁସାରେ ଯେଉଁ ସିପାହୀମାନେ ପିପିଲି ଯାଇଥିଲେ,ସେମାନେ ଖୋର୍ଦ୍ଧା ପାଇକଙ୍କ ସଙ୍ଗେ ଲଢ଼େଇ କରିଥିଲେ ମଧ୍ୟ ଯୁଦ୍ଧ କ୍ଷେତ୍ରରେ ନିଜ ସେନା-ପତିଙ୍କୁ ହରାଇ ପଶ୍ଚାଦ୍‌ଧାବନ କଲେ । ସେମାନେ ଛାଡ଼ି ଯାଇଥିବା ଗୁଳି ବନ୍ଧୁକ ଇତ୍ୟାଦି ସାମଗ୍ରୀ ପାଇକମାନଙ୍କ ହସ୍ତଗତ ହେଲା । ଏହାପରେ ପିପିଲି ଓ ଖୋର୍ଦ୍ଧାର ସମସ୍ତ ସରକାରୀ ଅଫିସ୍‌ରେ ଅଗ୍ନି ସଂଯୋଗ କରାଗଲା । ଏଣୁ କ୍ରୁଦ୍ଧ ଇଂରାଜୀ ଶାସକ ସେହବର୍ଷ ଏପ୍ରିଲ୍ ନଅ ତାରିଖରେ ଜଣେ ସୁଦକ୍ଷ ଇଂରାଜୀ ସେନାପତିଙ୍କ ଅଧୀନରେ ପାଞ୍ଚଶହ ବନ୍ଧୁକଧାରୀ ବଛା ବଛା ସୈନ୍ୟ ଖୋର୍ଦ୍ଧାକୁ ପଠାଇଲେ । ସେଠାରେ ସାମରିକ ଆଇନ ପ୍ରଚଳିତ କରି ସାଧାରଣ ଲୋକଙ୍କ ଉପରେ ଯେଉଁ ଭୀଷଣ ଅତ୍ୟାଚାର ହୋଇଥିଲା ସେଥିର ଟିକିନିଖି ବିବରଣୀ ଅଦ୍ୟାବଧି କୌଣସି ରେକର୍ଡରୁ ମିଳିନାହିଁ ।

ଅନ୍ୟ ଦିଗରେ ଖୁର୍ଦ୍ଧା ପାଇକମାନେ ଦକ୍ଷିଣରୁ ଚିଲିକା ବାଟେ ଆସୁଥିବା ଓଡ଼ିଆ ପାଇକମାନଙ୍କ ସାଥିରେ ମିଶି ଲୋକନାଥ ଘାଟ ଦେଇ ପୁରୀରେ ପହଞ୍ଚିଲେ ଓ ସଙ୍ଗେ ସଙ୍ଗେ ସରକାରୀ ଅଫିସ ଓ କୋଠାବାଡ଼ିମାନଙ୍କରେ ନିଆଁ ଲଗାଇଦେଲେ । ସେତେବେଳେ ସମୁଦ୍ର କୂଳରେ ପୁରୀ ଟାଉନ୍‌ରୁ କିଛି ଦୂରରେ ଥିବା କେତୋଟି କୋଠାରେ ଇଂରାଜୀ କର୍ମଚାରୀମାନେ ଆଶ୍ରୟ ନେଇଥାନ୍ତି । ପରଦିନ ସକାଳୁ ସିପାହୀ ଓ ପାଇକମାନଙ୍କ ମଧ୍ୟରେ ଅସ୍ତ୍ର ବିନିମୟ ହେଲା । ଲଢ଼େଇରେ ସିପାହୀମାନଙ୍କ ବନ୍ଧୁକର ସମ୍ମୁଖୀନ ହୋଇ ନପାରି ବିଦ୍ରୋହୀମାନେ ଜଙ୍ଗଲ ଭିତରେ ଲୁଚି ପଳାଇଲେ କିନ୍ତୁ ସିପାହୀମାନଙ୍କ ସେ ଜିତାପଟ କ୍ଷଣସ୍ଥାୟୀ । ମାତ୍ର ପଳାୟିତ ପାଇକମାନେ ଅଧିକ ସଂଖ୍ୟାରେ ଯୁକ୍ତ ହୋଇ ପୁନର୍ବାର ଆକ୍ରମଣ ଚଳାଇଲେ । ସେମାନଙ୍କ ସଙ୍ଗେ ଶ୍ରୀମନ୍ଦିର ରକ୍ଷକମାନେ ପୁଣି ପୁରୀ ସହର ବାସିନ୍ଦା, ଆଖଡ଼ାମାନଙ୍କରେ ଥିବା ସୁଶିକ୍ଷିତ ମାଲ ଓ ଯୋଦ୍ଧାମାନେ ମଧ୍ୟ ଯୋଗ ଦେଇଥିଲେ । ବିଦେଶୀ ଓ ବିଧର୍ମୀ ଇଂରାଜୀଙ୍କ କବଳରୁ ପବିତ୍ର ନୀଳାଚଳ ଧାମକୁ ରକ୍ଷା କରିବା ପାଇଁ ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଦୃଢ଼ ପ୍ରତିଜ୍ଞାବଦ୍ଧ ହେଲେ । ସେମାନଙ୍କ ତିନି ଦିଗରୁ ମାଡ଼ିଆସି ଆକ୍ରମଣରୁ ଆତ୍ମରକ୍ଷା କରିବାକୁ ଗୋଟିଏ ମାତ୍ର ରାସ୍ତା ଇଂରାଜୀମାନଙ୍କୁ ସୁବିଧା ମିଳିଲା । ପୁରୀରୁ ଯଥାଶୀଘ୍ର କଟକ ଫେରିଯିବାକୁ ସେମାନେ ସେହି ପଥର ଆଶ୍ରୟ ନେଲେ । ଅବକାରୀ ବିଭାଗର ଉଚ୍ଚ କର୍ମଚାରୀ ଓ କଲେକ୍ଟର ସାହେବ ସରକାରଙ୍କ କୋଷ ସୁରକ୍ଷା ପାଇଁ ପଳାୟନ କରିବାକୁ ବାଧ୍ୟ ହେଲେ । ଏ ଘଟଣା ପରେ କଟକଠାରୁ ଦକ୍ଷିଣ ଓଡ଼ିଶାର ସମସ୍ତ ଯାତାୟତ ପଥ ସଂପୂର୍ଣ୍ଣ ଅବରୁଦ୍ଧ ହୋଇ ରହିଲା । ଖୁର୍ଦ୍ଧାଠାରୁ କୌଣସି ସଂବାଦ ମିଳିଲା ନାହିଁ । ଏ ପରିସ୍ଥିତିରେ ଖୁର୍ଦ୍ଧା ବିରୁଦ୍ଧରେ ଏକ ବିରାଟ ଅଭିଯାନର ଆୟୋଜନ କରାଗଲା । ବିଧିବଦ୍ଧ ଭାବେ ସୁସଜ୍ଜିତ ଓ ଶିକ୍ଷିତ ସୈନ୍ୟ ବାହିନୀରେ ଏକ ହଜାର ବନ୍ଧୁକଧାରୀ ପାଇକ ବିଦ୍ରୋହୀମାନଙ୍କୁ ପରିଶେଷରେ ଦମନ କରି ପାରିଥିଲେ । ତଥାପି ବିଭିନ୍ନ ଓଡ଼ିଆଭାଷୀ ଅଞ୍ଚଳରେ ସ୍ୱାଧୀନତା ସଂଗ୍ରାମ ଲାଗି ରହିଥିଲା ।

ଦକ୍ଷିଣ ଓଡ଼ିଶା ପାରଳାଖେମୁଣ୍ଡି ସେତେବେଳେ ମାଡ୍ରାଜ ସରକାରଙ୍କ ଶାସନାଧୀନ ଥିଲା । ସେଠାରେ ୧୯୧୭ ମସିହାରେ ଗୁଡ଼ିଆପାଢ଼ିଙ୍କ ନେତୃତ୍ୱରେ ବିଦ୍ରୋହୀମାନେ ବିଭିନ୍ନ ସ୍ଥାନରେ ଇଂରେଜୀ ମାନଙ୍କ ବିରୁଦ୍ଧରେ ସଂଗ୍ରାମ ଚଳାଇଲେ । ସେମାନଙ୍କ ସଙ୍ଗେ ମାଳ ଅଞ୍ଚଳର ବିଶୋଇମାନେ ତାଙ୍କ ଅଧୀନରେ ଥିବା ଶବରତୀରନ୍ଦାଜମାନଙ୍କୁ ଏକଜୁଟ କରି ସ୍ୱାଧୀନତା ସଂଗ୍ରାମ ଚଳାଇଲେ । ପାରଳାଖେମୁଣ୍ଡିର ରାଜମାତାଙ୍କ ନିର୍ଦ୍ଦେଶରେ ଗୁମା, ଗାଇବା, ସେରଙ୍ଗ, କିରାଙ୍ଗ, ନାରାୟଣପୁର ପ୍ରଭୃତି ସ୍ଥାନର ବିଶୋଇମାନେ ସମଗ୍ର ମାଳ ଅଞ୍ଚଳରେ ବିଦ୍ରୋହ ବହ୍ନି ପ୍ରଜ୍ଜ୍ୱଳିତ କରି ବହୁକାଳ ପର୍ଯ୍ୟନ୍ତ ଇଂରେଜୀ ଶାସନ ଅଚଳ କରିଥିଲେ । ଘୁମୁସରରେ ଠିକ୍ ସେତିକିବେଳେ ଦୋରାବିଶୋୟୀ ସ୍ୱାଧୀନ ଭାବେ ସେ ଅଞ୍ଚଳରେ ଶାସନ କାର୍ଯ୍ୟ ଚଳାଉ-ଥିଲେ । କାରଣ ଘୁମୁସର ଜମିଦାରୀର କନ୍ଧମାନେ ତାଙ୍କର ବିଶ୍ୱସ୍ତ ଅନୁଗତ ହୋଇଥିଲେ । କେବଳ ସେତିକିନୁହେଁ, ସେଠାର ଭଞ୍ଜ ବଂଶୀୟ ରାଜା ଧନଞ୍ଜୟ ଭଞ୍ଜଙ୍କ ଠାରୁ ସେ "ବୀରବର ପାତ୍ର" ଉପାଧି ପାଇ-ଥିଲେ । ଘୁମୁସର ବିଦ୍ରୋହ ୧୮୩୫ ସାଲ ବେଳକୁ ଚରମସୀମାରେ ପହଞ୍ଚିଲା । ଏହା ଦମନ କରିବା ଇଂରାଜୀ ଶାସକମାନଙ୍କ ପକ୍ଷରେ ସହଜ ହେଲା ନାହିଁ । କାରଣ ଘୁମୁସରର ନିଘଞ୍ଚ ବନ ପର୍ବତରେ ଯେଉଁ ଆଦିବାସୀ ଦୁର୍ଦ୍ଦଷ କନ୍ଧମାନେ ଥିଲେ ସେମାନେ ମୂଳରୁ ଦୋରା ବିଶୋୟୀଙ୍କ ଆନୁଗତ୍ୟ ସ୍ୱୀକାର କରିଥିଲେ ଓ ସେହି ଆଦିବାସୀଙ୍କ ନିଜର ସ୍ୱାର୍ଥ ପାଇଁ ନୁହେଁ, ବରଂ ଦେଶର ସମୂହ ସ୍ୱାଧୀନତା ଓ ବିଦେଶୀ ଇଂରାଜୀଙ୍କୁ ଏ ଦେଶରୁ ହଟାଇ ଦେବା ଉଦେଶ୍ୟରେ ଜୀବନ ଦେବାକୁ ତିଳେହେଲେ କୁଣ୍ଠାବୋଧ କରୁନଥିଲେ । ତେଣୁ କୌଣସି ପ୍ରଲୋଭନ ଦେଖାଇ ଘୁମୁସରର କନ୍ଧ ଓ ପାରଳାଖେମୁଣ୍ଡି ମାଳ ଅଞ୍ଚଳର ଶବରମାନଙ୍କୁ ଇଂରାଜୀ ଶାସକମାନେ ସଂଯତ କରି ପାରିଲେ ନାହିଁ । ତେଣୁ ୧୮୩୫ ସାଲରେ ହେନ୍‌ରି ଟେଲରଙ୍କ ନେତୃତ୍ୱରେ ସିପାହୀମାନେ ଘୁମୁସର ଅଭିଯାନରେ ପଠାଗଲେ । କିନ୍ତୁ ଏଥିରେ ସେଠା କନ୍ଧମାନେ ଦବି ନ ଯାଇ ଅଧିକ ଉତ୍ତେଜିତ ହୋଇ ପଡ଼ିଲେ । କେତେ ପ୍ରକାର କୌଶଳ କରି ସୁଦ୍ଧା ଟେଲର ସେହି ବିଦ୍ରୋହ ଦମନ କରିବାକୁ ସକ୍ଷମ ନହେବା ଦେଖି ଏକାର୍ଯ୍ୟ ଜର୍ଜ ରାସଲ୍‌ଙ୍କ ଉପରେ ନ୍ୟସ୍ତ କରାଗଲା । ତାଙ୍କ ପରାମର୍ଶ କ୍ରମେ ଏକ ଶକ୍ତିଶାଳୀ ବନ୍ଧୁକଧାରୀ ସୈନ୍ୟଙ୍କ ସଙ୍ଗରେ କ୍ୟାପଟନ୍ ବଟଲର ଘୁମୁସରରେ ପହଞ୍ଚି ରାଜା ଧନଞ୍ଜୟ ଭଞ୍ଜଙ୍କୁ ଧରିବା ଚେଷ୍ଟା ଚଳାଇବାରୁ କନ୍ଧମାନେ ସେହି ସୁଯୋଗରେ ଅଧିକ ଉତ୍‌କ୍ଷିପ୍ତ ହୋଇ ସମସ୍ତ ଘୁମୁସରରେ ଘୋର ଅଶାନ୍ତି ସୃଷ୍ଟି କଲେ । କଥିତ ଅଛି ରାଜ୍ୟରୁ ନିର୍ବାସିତ ରାଜା ଧନଞ୍ଜୟ ଭଞ୍ଜ ଏକ ପାର୍ବତ୍ୟ ଦୁର୍ଗରେ ଶେଷ ନିଃଶ୍ୱାସ ତ୍ୟାଗ କରିବା କେଳେ କନ୍ଧ ଗୋଷ୍ଠୀ ତାଙ୍କ ପରିବାରଙ୍କ ନିରାପଦ୍ରା ରକ୍ଷା କରିବାକୁ ପ୍ରତିଜ୍ଞାବଦ୍ଧ ହୋଇଥିଲେ । ସ୍ୱଳ୍ପ ସୈନ୍ୟ ନେଇ ବିରାଟ ଜଙ୍ଗଲ ବେଷ୍ଟିତ ଘୁମୁସରରୁ କନ୍ଧମାନଙ୍କ ସ୍ୱାଧୀନତା ଅପହରଣ କରିବା ଅତ୍ୟନ୍ତ ବଳିଷ୍ଠ ଇଂରେଜୀ ସୈନ୍ୟ ପକ୍ଷରେ ସମ୍ଭବ ହେଲାନାହିଁ । ତେଣୁ ପରିଶେଷରେ ବାହାରୁ ଅଧିକ ତାଲିମ୍‌ପ୍ରାପ୍ତ ସିପାହୀଙ୍କୁ ଅଣାଇ ସେଠାରେ ସ୍ଥାନେ ସ୍ଥାନେ ନିଯୁକ୍ତ କରାଗଲା ଓ ସମଗ୍ର ଜମିଦାରୀରେ ସାମରିକ ଆଇନ୍ ପ୍ରବର୍ତ୍ତିତ ହେଲା । ଦୋରା ବିଶୋୟୀଙ୍କ ଅଦ୍ଭୁତ ସାମରିକ କୌଶଳ ହେତୁ ଆଦିବାସୀ କନ୍ଧମାନେ ପ୍ରବଳ ପରାକ୍ରମଶାଳୀ ଇଂରାଜୀମାନଙ୍କୁ ବହୁକାଳ ପର୍ଯ୍ୟନ୍ତ ହଟାଇ ଦେଇଥିଲେ ।

ଏଠାରେ କହିବା ଆବଶ୍ୟକ ଯେ ଦକ୍ଷିଣ-ଓଡ଼ିଶା ତଥା ଗଞ୍ଜାମ ଓ ବିଶାଖାପାଟଣା ଜିଲ୍ଲାର ମାଳଭୂମିରେ ପ୍ରକୃତରେ ଇଂରାଜୀ ଶାସନ କାର୍ଯ୍ୟକାରୀ ହେଲା ନାହିଁ ।

ତେଣୁ ସେହି ମାଳ ଅଞ୍ଚଳରେ ଶାସନ ପ୍ରକ୍ରିୟା ସ୍ୱତନ୍ତ୍ର ଆଇନ୍‌ରେ ବ୍ରିଟିଶ ଶାସକ ଗୋଷ୍ଠୀ ରୂପାୟିତ କଲେ । ଗଞ୍ଜାମ ମାଳକୁ "Excluded Area" (ପରିତ୍ୟକ୍ତ ଅଞ୍ଚଳ) ବୋଲି କୁହାଗଲା ଏବଂ ଜୟପୁର ଜମିଦାରି (ବିଶାଖାପାଟଣାମାଳ)କୁ "Semy Excluded Area" (ଆଂଶିକ ପରତ୍ୟକ୍ତ ଅଂଚଳ) ନାମରେ ନାମିତ କରାଗଲା ।

ସମସ୍ତ ଭାରତରେ 'ସିପାହୀ ବିଦ୍ରୋହ' ପୂର୍ବରୁ ଓଡ଼ିଶାରେ ପ୍ରଥମେ ସ୍ୱାଧୀନତା ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ଝାନ୍‌ସୀର ରାଣୀ ଦୁର୍ଗାବାଈଙ୍କ ପରି ପାରଳାର ଗଜପତି ପାଟ ମହାଦେବୀ ଏବଂ ତାନ୍ତିଆ ଟୋପୀଙ୍କ ଭୂମିକାରେ ଓଡ଼ିଶାର ଜଗବନ୍ଧୁ ବିଦ୍ୟାଧର, ସୁରେନ୍ଦ୍ର ସାଏ, ଦୋରାବିଶୋୟୀ, ଗୁଡ଼ିଆ ପାତି ପ୍ରଭୃତି ସ୍ୱାଧୀନତା ପ୍ରେମୀ ଓଡ଼ିଆ ବୀରମାନଙ୍କ ଅଦ୍‌ଭୁତ ଆତ୍ମଯୋଗ ଏ ଜାତିର ଇତିହାସରେ ଚିର ସ୍ମରଣୀୟ ହୋଇ ରହିବ ।

ଚିତ୍ରକର ଲେନ,
ପାରଳାଖେମୁଣ୍ଡି, ଗଂଜାମ

# ରେଳବାଇ ସର୍ଭିସ୍ କମିଶନ କାର୍ଯ୍ୟାଳୟ

ଭୁବନେଶ୍ୱରଠାରେ ଗତ ଫେବୃଆରୀ ୨୨ ତାରିଖ ଦିନ ଦକ୍ଷିଣ-ପୂର୍ବ ରେଳବାଇ ସର୍ଭିସ କମିଶନର କାର୍ଯ୍ୟାଳୟ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କହିଲେ ଯେ, ଏଠାରେ ଏହି କାର୍ଯ୍ୟାଳୟ ଖୋଲାଯିବା ପରେ ଏହି ଅଞ୍ଚଳର ଲୋକ ବିଶେଷ ଉପକୃତ ହେବେ । ରାଜ୍ୟର ବହୁ ଦିନର କେତେକ ନ୍ୟାଯ୍ୟ ଦାବୀ ଆସ୍ତେ ଆସ୍ତେ ପୂରଣ ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରି ଏହିସବୁ ଦିଗରେ ପ୍ରଧାନମନ୍ତ୍ରୀଙ୍କ ସାହାଯ୍ୟ ପାଇଁ କୃତଜ୍ଞତା ଜଣାଇଥିଲେ ଏବଂ ରେଳବାଇ ମନ୍ତ୍ରଣାଳୟ ତଥା ଦକ୍ଷିଣ-ପୂର୍ବ ରେଳବାଇର ଜେନେରାଲ ମ୍ୟାନେଜର ପ୍ରମୁଖ ଅବଶିଷ୍ଟ ନ୍ୟାଯ୍ୟ ଦାବୀଗୁଡ଼ିକ ପୂରଣ କରିବା ପାଇଁ ଅନୁରୋଧ କରିଥିଲେ । ରାଜ୍ୟରେ ଆବଶ୍ୟକତା ଅନୁଯାୟୀ ଗମନାଗମନର ପଥ ସୁଗମ ହେଲେ ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ବିକାଶ ନିଶ୍ଚୟ ଘଟିବ ବୋଲି ଶ୍ରୀ ପଟ୍ଟନାୟକ ଦର୍ଶାଇଥିଲେ । ଓଡ଼ିଶା ପାଇଁ ଆଉ ଗୋଟିଏ ଡିଭିଜନ ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଆହୁରି ଅଧିକ ସଂଖ୍ୟକ ରେଳଗାଡ଼ି ଚଳାଇବା, ନୀଳାଚଳ ପ୍ରଭୃତି ଦୂରସ୍ଥାନ ଓ ଦ୍ରୁତ ଗାଡ଼ି ଚଳାଚଳ ଦୈନନ୍ଦିନ କରିବା ପାଇଁ ରେଳବାଇ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ । ଏହି ଉତ୍ସବରେ ପୌରହିତ୍ୟ କରି ରାଜସ୍ୱ ଓ ପରିବହନ ମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ର ଟିଟିଲାଗଡ଼ କିମ୍ବା ଝାରସୁଗୁଡ଼ା କିମ୍ବା ରାୟପୁରଠାରେ ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ଦ୍ରୁତଗାମୀ ପାସେଞ୍ଜର ଗାଡ଼ି, ଟିଟିଲାଗଡ଼ ଓ ସମ୍ବଲପୁର ମଧ୍ୟରେ ଅଧିକ ପାସେଞ୍ଜର ଗାଡ଼ି, କୋରାପୁଟ ଓ ଭୁବନେଶ୍ୱର ମଧ୍ୟରେ ଯାତ୍ରୀଙ୍କ ସୁବିଧା ପାଇଁ ଓ୍ୱାଲଟିୟର ଦେଇ ରେଳ ଚଳାଚଳ, ପାରାଦୀପ ରେଳ ରାସ୍ତାର ଝଙ୍କଡ଼, ରଘୁନାଥପୁର ଏବଂ କୁଜଙ୍ଗଠାରେ ସ୍ଥାନୀୟ ଲୋକଙ୍କ ସୁବିଧା ଦୃଷ୍ଟିରୁ ରେଳଷ୍ଟେସନ, ରାଜ୍ୟର ଓଭରବ୍ରିଜ୍ ନିର୍ମାଣ ପାଇଁ କେନ୍ଦ୍ରର ସାହାଯ୍ୟ ପ୍ରଦାନ ପ୍ରଭୃତି ବିଷୟରେ ରେଳବାଇ କର୍ତ୍ତୃପକ୍ଷଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ । ବିଧାନ ସଭା ସଦସ୍ୟ ଶ୍ରୀ ସୁରେଶ କୁମାର ରାଉତରାୟ ଅତୀତର ଅନୁଭୂତି ବର୍ଣ୍ଣନା କରି ଏଠାରେ ଏହି ସର୍ଭିସ କମିଶନ କାର୍ଯ୍ୟାଳୟ ଖୋଲିଲେ ଲୋକେ କିପରି ଉପକୃତ ହେବେ ସେ ସବୁ ବିଷୟରେ ବୁଝାଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ-ପୂର୍ବ ରେଳବାଇର ଜେନେରାଲ ମ୍ୟାନେଜର ଓଡ଼ିଶା ଲୋକଙ୍କ ସୁବିଧା ପାଇଁ ରେଳବାଇ ମନ୍ତ୍ରଣାଳୟ ଗ୍ରହଣ କରିଥିବା କାର୍ଯ୍ୟକ୍ରମଗୁଡ଼ିକ ତୁରନ୍ତ ପୂରଣ କରିବେ ବୋଲି ପ୍ରକାଶ କରି ରାଜ୍ୟ ସରକାରଙ୍କ ସାହାଯ୍ୟ ସହଯୋଗର ପ୍ରଶଂସା କରିଥିଲେ । ରେଳବାଇ ସର୍ଭିସ କମିଶନ୍‌ର ଚେୟାରମ୍ୟାନ ଡଃ ହରିହର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଏହି କାର୍ଯ୍ୟାଳୟର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ ।

# ଜାତୀୟ ବୀର ସୁରେନ୍ଦ୍ର ସାଏ

ଡକ୍ଟର ନବୀନ କୁମାର ସାହୁ

ବୀର ସୁରେନ୍ଦ୍ର ସାଏ ପ୍ରଖ୍ୟାତ ଚୌହାଣ ବଂଶର ଦାୟାଦ । ଭାରତର ଶେଷ ହିନ୍ଦୁ ନରପତି ପୃଥ୍ୱୀରାଜ ଚୌହାଣ ୧୧୯୨ ଖ୍ରୀ: ରେ ମହମ୍ମଦ ଘୋରିଙ୍କ ଦ୍ୱାରା ପରାସ୍ତ ଓ ନିହତ ହେବାପରେ ସେହି ଐତିହାସିକ ବଂଶ ଦିଲ୍ଲୀ ଅଞ୍ଚଳ ପରିତ୍ୟାଗ କରି ଭାରତର ବିଭିନ୍ନ ସ୍ଥାନରେ ଆଶ୍ରୟ ଲାଭ କରିଥିଲେ । ସେତେବେଳେ ଦେଓବ୍ରହ୍ମ ନାମକ ଜଣେ ଚୌହାଣ ବୀର ତାଙ୍କର ଘରିଜଣ ଭାଇଙ୍କ ସହିତ ଆସି ଉତ୍ତର ପ୍ରଦେଶର ମଇନ୍ ପୁରୀଠାରେ ଏକ ରାଜ୍ୟ ସ୍ଥାପନ କରିଥିଲେ । ଦେଓବ୍ରହ୍ମଙ୍କ ଜଣେ ଭାଇ ହେଉଛନ୍ତି ଅଲ୍ହଣ ଦେବ । ଦିଲ୍ଲୀ ସୁଲତାନ ମହମ୍ମଦ ତୋଘଲକ୍‌ଙ୍କ ରାଜତ୍ୱକାଳରେ ଅଲ୍ହଣ ଦେବଙ୍କର ଦଶମ ବଂଶଧର ବିଶାଳଦେବ ସୁଲତାନଙ୍କ ବିରୁଦ୍ଧରେ ବିଦ୍ରୋହ କରି ଯୁଦ୍ଧରେ ନିହତ ହୋଇଥିଲେ । ତାଙ୍କର ବିଧବା ସ୍ତ୍ରୀ ଆଶାଦେବୀ ଗର୍ଭବତୀ ଥିବାହେତୁ ସଦୀନଯାଇ ଓଡ଼ିଶାର ପଶ୍ଚିମାଞ୍ଚଳକୁ ପଳାଇ ଆସିଥିଲେ । ପାଟଣାଗଡ଼ଠାରେ ତାଙ୍କ ପୁତ୍ର ରମାଇ ଦେବଙ୍କ ଜନ୍ମ ହେଲା । ୧୩୫୫ ଖ୍ରୀ:ରେ ପାଟଣାଗଡ଼କୁ ରାଜଧାନୀ କରି ରମାଇଦେବ ଏକ ନୂତନ ଚୌହାଣ ରାଜ୍ୟ ସ୍ଥାପନ କରିଥିଲେ । ରମାଇ ଦେବଙ୍କ ଦଶମ ବଂଶଧର ରାଜା ନରସିଂହଦେବଙ୍କ ଭାଇ ବଳରାମ ଦେବ ୧୫୭୦ ଖ୍ରୀ: ରେ ସମ୍ବଲପୁରଠାରେ ଚୌହାଣ ରାଜତ୍ୱର ପ୍ରତିଷ୍ଠା କରିଥିଲେ । ବଳରାମ ଦେବଙ୍କର ଚତୁର୍ଥ ବଂଶଧର ହେଉଛନ୍ତି ରାଜା ମଧୁକର ସାଏ (୧୬୩୦–୫୦ ଖ୍ରୀ:) । ତାଙ୍କର ଦ୍ୱିତୀୟ ପୁତ୍ର ଅନିରୁଦ୍ଧ ସାଏ ଖିଣ୍ଡା ଓ ରାଜପୁର ଗ୍ରାମ ନିଜ ଭରଣ ପୋଷଣ ନିମନ୍ତେ ପିତାଙ୍କଠାରୁ ପାଇଥିଲେ । ତାଙ୍କର ପ୍ରପୌତ୍ର ତେଜସିଂହ ପ୍ରଥମ ହୋଇ ଆସି ଖିଣ୍ଡା ଗ୍ରାମରେ ବସବାସ କରିଥିଲେ । ତେଜସିଂହଙ୍କର ପୁତ୍ର ଧରମ ସିଂହଙ୍କ ବୀର ସନ୍ତାନ ସୁରେନ୍ଦ୍ର ସାଏ ୧୮୦୯ ଖ୍ରୀ: ରେ ଜାନୁୟାରୀ ୨୩ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ ।

ସୁରେନ୍ଦ୍ର ସାଏଙ୍କର ଛଅଜଣ ଭାଇ ଥିଲେ–ଉଦନ୍ତ, ଉଜ୍ଜଳ, ଧ୍ରୁବ, ଛବିଳ, ଯାଜ୍ଜଳ ଏବଂ ମେଦିନୀ ସାଏ । ସେମାନେ ସମସ୍ତେ ଆଜୀବନ ଜ୍ୟେଷ୍ଠଭ୍ରାତାଙ୍କର ଅନୁଗତ ଓ ଆଜ୍ଞାବହ ଥିଲେ । ସୁରେନ୍ଦ୍ର ଏବଂ ତାଙ୍କର ଭାଇମାନେ ପିଲା ଦିନରେ ପିତୃବ୍ୟ ବଳରାମ ସାଏଙ୍କଠାରୁ ବିଦ୍ୟା ଶିକ୍ଷା କରିଥିଲେ ଏବଂ ଯୁଦ୍ଧ ବିଦ୍ୟା, ବିଶେଷକରି ଜଙ୍ଗଲ ଯୁଦ୍ଧ କୌଶଳ ଶିକ୍ଷା କରିଥିଲେ । ୧୮୨୭ ସାଲରେ ସମ୍ବଲପୁରର ରାଜା ମହାରାଜା ସାଏ ଅପୁତ୍ରିକ ହୋଇ ମୃତ୍ୟୁ ବରଣ କଲେ । ସେତେବେଳେ ଇଂରେଜ ସରକାର ସମ୍ବଲପୁର ରାଜ୍ୟରେ ପରୋକ୍ଷ ଭାବରେ ପ୍ରଭାବଶାଳୀ ଥିଲେ ଏବଂ ମହାରାଜା ସାଏଙ୍କ ଉତ୍ତରାଧିକାରୀ କିଏ ହେବ ତାହା ନିରୂପଣ କରିବା କ୍ଷମତା ନିଜ ହାତକୁ ନେଇଥିଲେ । ରାଜଗାଦୀ ଦାବୀ କରୁଥିବା ବହୁ ବ୍ୟକ୍ତିଙ୍କୁ ଉପେକ୍ଷା କରି ପରିଶେଷରେ ବିଧବା ରାଣୀ ମୋହନ କୁମାରୀଙ୍କ ହସ୍ତରେ ଶାସନ ଦାୟିତ୍ୱ ପ୍ରଦାନ କରାଯାଇଥିଲା ଏବଂ ସେହି କାରଣରୁ ବହୁ ପ୍ରଭାବଶାଳୀ ଆଦିବାସୀ ଜମିଦାର ବିଦ୍ରୋହ କରିଥିଲେ । ବଳରାମ ସାଏ ଏବଂ ସୁରେନ୍ଦ୍ର ସାଏ ସେହି ବିଦ୍ରୋହର ନେତୃତ୍ୱ ନେଇଥିଲେ । ଇଂରେଜ ରାଜ ଶକ୍ତି ବିରୁଦ୍ଧରେ ବୀର ସୁରେନ୍ଦ୍ର ସାଏଙ୍କ ବିପ୍ଳବ ୧୮୨୭ ଖ୍ରୀ: ରୁ ଆରମ୍ଭ ହୋଇଥିଲା ଏବଂ ଜୀବନର ଶେଷଯାଏ ଅର୍ଥାତ୍ ୧୮୮୪ ଖ୍ରୀ: ପର୍ଯ୍ୟନ୍ତ ସେ ଇଂରେଜ ସାମ୍ରାଜ୍ୟ ଲିପ୍‌ସା ତଥା ଇଂରେଜ ଶାସକଙ୍କର ଦୁର୍ନୀତି ଓ ଅନ୍ୟାୟ ବିରୁଦ୍ଧରେ ଦୃଢ଼ ରୂପେ ବିଦ୍ରୋହୀ ମନୋଭାବ ପୋଷଣ କରିଥିଲେ ।

୧୮୩୩ ଖ୍ରୀ: ରେ ଇଂରେଜମାନେ ରାଣୀ ମୋହନ କୁମାରୀଙ୍କୁ ଶାସନ କ୍ଷମତାରୁ ହଟାଇ ବୃଦ୍ଧ ଓ ଅସମର୍ଥ ନାରାୟଣ ସିଂହଙ୍କୁ ସମ୍ବଲପୁରର ରାଜଗାଦୀ ପ୍ରଦାନ କରିଥିଲେ । ନାରାୟଣ ସିଂହ ବରପାଲି ଚୌହାଣ ରାଜବଂଶୀୟ ଥିଲେ ଏବଂ ବଣାଇଠାରେ ବିବାହ କରି ସେଠାରେ ହଳଦୀ ବ୍ୟବସାୟ କରୁଥିଲେ । ହଠାତ୍ ଦିନେ ସମ୍ବଲପୁରର କେତେକ ଗଣ୍ୟମାନ୍ୟ ବ୍ୟକ୍ତି ଏବଂ ରାଜ ପୁରୋହିତ ତାଙ୍କର କୁଟୀର ଦ୍ୱାରରେ ଉପସ୍ଥିତ ହେଲେ । ରାଜ ପୁରୋହିତ ତାଙ୍କ ଗଳାରେ ରତ୍ନମାଳ ପିନ୍ଧାଇ କହିଲେ– ଆପଣ ସମ୍ବଲପୁରର ରାଜା ରୂପେ ମନୋନୀତ ହୋଇଅଛନ୍ତି । ବୃଦ୍ଧ ନାରାୟଣ ସିଂହ ବହୁ କାକୁତି ମିନତି ହୋଇ ତାଙ୍କୁ ସେହିପ୍ରକାର ପ୍ରହସନରେ ନ ପକାଇବା ପାଇଁ ଅନୁରୋଧ କଲେ । ମାତ୍ର ଜୋର କରି ତାଙ୍କୁ ସମ୍ବଲପୁର ଅଣାଯାଇଥିଲା ଏବଂ ରାଜଗାଦୀରେ ଅଭିଷିକ୍ତ କରାଯାଇଥିଲା ଅକ୍ଟୋବର ୧୧ ତାରିଖ ୧୮୩୩ ସାଲରେ ।

ନାରାୟଣ ସିଂହଙ୍କ ସିଂହାସନ ପ୍ରାପ୍ତି ସମ୍ବଲପୁର ରାଜ୍ୟରେ ସର୍ବତ୍ର ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ କଲା ଏବଂ ସୁରେନ୍ଦ୍ର ସାଏଙ୍କ ବିପ୍ଳବ ଗୁରୁତର ଆକାର ଧାରଣ କରିଥିଲା । ସୁରେନ୍ଦ୍ର ସାଏଙ୍କୁ ଦମନ କରିବା ପାଇଁ ଏବଂ ତାଙ୍କୁ ଧରିବା ପାଇଁ ରାଜା ନାରାୟଣ ସିଂହ ବହୁ ଚେଷ୍ଟା କରି ବିଫଳ ହୋଇଥିଲେ । ୧୮୪୦ ଖ୍ରୀ: ରେ ନାରାୟଣ ସିଂହଙ୍କ ପ୍ରଧାନ ସହାୟକ ରାମପୁରର ଜମିଦାର ଦୁର୍ଜ୍ଜୟ ସିଂହଙ୍କୁ ଉପଯୁକ୍ତ ଶାସ୍ତି ଦେବା ପାଇଁ ସୁରେନ୍ଦ୍ର ସାଏ ଏବଂ ପିତୃବ୍ୟ ବଳରାମ ସାଏ ମିଳିତ ହୋଇ ରାମପୁର ଆକ୍ରମଣ କରିଥିଲେ । ଦୁର୍ଜ୍ଜୟ ସିଂହ ପ୍ରାଣ ବିକଳରେ ହିମଗିରି ଅଞ୍ଚଳକୁ ପଳାଇଗଲେ, ମାତ୍ର ତାଙ୍କର ପିତା ଓ ପୁତ୍ର ନିହତ

ହେଲେ ଏବଂ ତାଙ୍କ ଗୃହ ଭସ୍ମୀଭୂତ ହୋଇଥିଲା । ପରିଶେଷରେ ସମ୍ବଲପୁର ନିକଟସ୍ଥ ଦେହେରିପାଲି ଗ୍ରାମରେ ଇଂରେଜ ପ୍ରଶାସକ ଓସ୍ଲେ ସାହେବ ସୁରେନ୍ଦ୍ର, ଭାଇ ଉଦନ୍ତ ଏବଂ ପିତୃବ୍ୟ ବଳରାମ ସାଏଙ୍କୁ ପରାସ୍ତ କରି ବନ୍ଦୀ କରିଥିଲେ । ସେହି ତିନଜଣଙ୍କୁ ରାଜା ନାରାୟଣ ସିଂହଙ୍କ ହସ୍ତକ୍ଷେପ ଫଳରେ ଆଜୀବନ ବନ୍ଦୀ ଭାବେ ହଜାରୀବାଗ ଜେଲକୁ ପଠାଇ ଦିଆଯାଇଥିଲା । ସେହି ଜେଲରେ ବଳରାମ ସାଏଙ୍କ ମୃତ୍ୟୁ ହେଲା । ତେଣେ ୧୮୪୯ ସେପ୍ଟେମ୍ବର ୧୦ ତାରିଖ ଦିନ ରାଜା ନାରାୟଣ ସିଂହ ଅପୁତ୍ରିକ ହୋଇ ମୃତ୍ୟୁ ବରଣ କରିଥିଲେ ଏବଂ ସମ୍ବଲପୁର ରାଜ୍ୟ ବ୍ରିଟିଶ୍ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲା ।


୧୮୫୭ ସାଲରେ ଭାରତର ସଶସ୍ତ୍ର ମୁକ୍ତି ବିପ୍ଳବରେ ହଜାରୀବାଗର ସିପାହୀମାନେ ଯୋଗ ଦେଇ ଜୁଲାଇ ୩୦ ତାରିଖ ଦିନ ଜେଲ ଭାଙ୍ଗି ବନ୍ଦୀମାନଙ୍କୁ ଖଲାସ କରିଦେଇଥିଲେ । ସୁରେନ୍ଦ୍ର ସାଏ ଏବଂ ଉଦନ୍ତ ସାଏ ହଜାରୀବାଗ ଜେଲରୁ ବାହାରିଆସି ଦେଖିଲେ ଯେ ଭାରତ ସାରା ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହର ବହ୍ନି ଜଳୁଅଛି । ସେ ଦୁହେଁ ସମ୍ବଲପୁର ପ୍ରତ୍ୟାବର୍ତ୍ତନ କରି ସେଠାରେ ଭବିଷ୍ୟତ କାର୍ଯ୍ୟ ପନ୍ଥା ନିର୍ଣ୍ଣୟ କରିବାକୁ ସ୍ଥିର କଲେ । ୧୮୫୭ ସେପ୍ଟେମ୍ବର ମାସରେ ସୁରେନ୍ଦ୍ର ସାଏ ସମ୍ବଲପୁରରେ ପଦାର୍ପଣ କରିବା ସମ୍ବାଦ ରାଜ୍ୟ ସାରା ବିଶେଷ ଉତ୍ସାହ ଓ ଉନ୍ମାଦନା ଖେଳାଇ ଦେଲା ଏବଂ ହଜାର ହଜାର ଲୋକ, ପ୍ରଭାବଶାଳୀ ଜମିଦାର ଓ ଗୌନ୍ତିଆ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

ସୁରେନ୍ଦ୍ର ସାଏ ବନ୍ଧୁମାନଙ୍କ ଗହଣରେ ସମ୍ବଲପୁରସ୍ଥ ସିନିଅର ଏସିଷ୍ଟାଣ୍ଟ କମିଶନର କାପ୍ଟେନ୍ ଲେଙ୍କୁ ସାକ୍ଷାତ କରି ତାଙ୍କ ଉପରେ ଆରୋପିତ ହୋଇଥିବା ଦୋଷ ପ୍ରତ୍ୟାହାର କରିବାକୁ ଏବଂ ତାଙ୍କୁ ସମ୍ବଲପୁରର ରାଜା ରୂପେ ଘୋଷଣା କରିବା ପାଇଁ ଦାବୀ କରିଥିଲେ । ଲେ ସାହେବ ଭୟଭୀତ ହୋଇ ତାଙ୍କର ଦାବୀପତ୍ର ଛୋଟନାଗପୁର କମିଶନରଙ୍କ ପାଖକୁ ପ୍ରେରଣ କରିଥିଲେ । ମାତ୍ର ତାହାପରେ କଟକଠାରୁ ବହୁ ସୈନ୍ୟ ଓ ଅସ୍ତ୍ର ଶସ୍ତ୍ର ମଗାଇ ସୁରେନ୍ଦ୍ର ସାଏଙ୍କ ଗତିବିଧି ଉପରେ କଡ଼ା ନଜର ରଖି ତାଙ୍କୁ ଦମନ କରିବା ପାଇଁ ଗୋପନରେ ନାନାବିଧ ଆୟୋଜନ କଲେ । ସୁରେନ୍ଦ୍ର ସାଏ ଏବଂ ତାଙ୍କ ବନ୍ଧୁବର୍ଗ ଇଂରେଜ ଶାସକଙ୍କ ଶଠତା ଓ ବିଶ୍ୱାସଘାତକତାରେ ବିସ୍ମିତ ହୋଇ ବୁଝି ପାରିଲେ ଯେ ସେମାନଙ୍କ ସହିତ ସଂଘର୍ଷ ଓ ଯୁଦ୍ଧ ବ୍ୟତୀତ ଅନ୍ୟ ପନ୍ଥା ନାହିଁ । ୧୮୫୭ ମସିହା ଅକ୍ଟୋବର ୩୧ ତାରିଖରେ ଯୁଦ୍ଧ କରିବା ନିଶ୍ଚିତ ହେଲା ଏବଂ ସୁରେନ୍ଦ୍ର ସାଏଙ୍କ ଡାକରାରେ ବହୁ ଜମିଦାର, ଗୌନ୍ତିଆ ଓ ପ୍ରଭାବଶାଳୀ ଲୋକ ତାଙ୍କ ନେତୃତ୍ୱରେ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ ।

ସୁରେନ୍ଦ୍ର ସାଏ ବୁଝିଥିଲେ ଯେ ଆଧୁନିକ ଅସ୍ତ୍ର ଶସ୍ତ୍ରରେ ସୁସଜ୍ଜିତ କୌଶଳୀ ଇଂରେଜ ଶକ୍ତି ସହିତ ସେ ସମ୍ମୁଖ ଯୁଦ୍ଧରେ ସମକକ୍ଷ ହୋଇ ପାରିବେ ନାହିଁ । ତେଣୁ ବିଶେଷ କରି ଜଙ୍ଗଲ ଯୁଦ୍ଧ କରିବା ନିମନ୍ତେ ସେ ଆୟୋଜନ କରିଥିଲେ । ନିଜ ସୈନ୍ୟମାନଙ୍କୁ ବିଭିନ୍ନ ଦଳରେ ବିଭକ୍ତ କରି ଜଣେ ଲେଖା ସେନାନାୟକଙ୍କ ନେତୃତ୍ୱରେ ପରିଚାଳିତ କରି ସେ ଇଂରେଜଙ୍କ ସାମରିକ କୌଶଳ ବ୍ୟର୍ଥ କରିବା ପାଇଁ ଯୋଜନାମାନ କରିଥିଲେ । ସମ୍ବଲପୁରରୁ ନାଗପୁର ଯିବା ରାସ୍ତାରେ ସିଂଘୋରା ଘାଟିଠାରେ ଘେଁସ ଜମିଦାର ମାଧୋସିଂହଙ୍କ ନେତୃତ୍ୱରେ ଦଳେ ସୈନ୍ୟ ଜଗି ରହିଲେ । ସମ୍ବଲପୁରରୁ ରାଞ୍ଚି ଯିବା ରାସ୍ତାରେ ଝରଘାଟି ଗିରିପଥକୁ ଉଦନ୍ତ ସାଏ ଜଗି ରହିବା ଦାୟିତ୍ୱ ନେଲେ । ସମ୍ବଲପୁର–କଟକ ରାସ୍ତାରେ ଥିବା ବଟପାଟି ଘାଟିକୁ ଲୁଇସିଂଗା ଜମିଦାରଙ୍କ ଦାୟିତ୍ୱରେ ଛାଡ଼ି ଦିଆଗଲା । ଅନ୍ୟ ଗୁରୁତ୍ୱ ପୂର୍ଣ୍ଣ ଘାଟିମାନ ଯଥା—ପାହାଡ଼ ସିର୍‌ଗିଡ଼ା, ପପଙ୍ଗା ପାହାଡ଼ ଓ ମୌଳୀ ଭଣ୍ଡା ପାହାଡ଼କୁ ସୁରକ୍ଷିତ କରାଗଲା । ଲଖନପୁର ନିକଟସ୍ଥ ବାର ପାହାଡ଼ ପର୍ବତରେ ୨୨୬୭ ଫୁଟ ଉଚ୍ଚରେ ଥିବା ଦେବ୍ରିଗଡ଼ ଦୁର୍ଗ ସୁରେନ୍ଦ୍ର ସାଏଙ୍କ ସାମରିକ କେନ୍ଦ୍ର ଥିଲା । ତାହା ଲଖନପୁର ଜମିଦାର ପରିବାରର ତିନି ବୀର ଭ୍ରାତା—କମଳ ସିଂହ, ନୀଳାମ୍ବର ସିଂହ ଓ ଖଗେଶ୍ୱର ସିଂହ ଅହୋରାତ୍ର ଜଗି ରହିଲେ । ସୁରେନ୍ଦ୍ର ସାଏ ପ୍ରତ୍ୟେକ ସାମରିକ ଘାଟି ସହିତ ଯୋଗା ଯୋଗ ରକ୍ଷାକରି ରାତିସାରା ସମସ୍ତ ଘାଟି ପରିଦର୍ଶନ କରୁଥିଲେ ଏବଂ ଅଭାବ ଅସୁବିଧା ବୁଝୁଥିଲେ ।

୧୮୫୮ ସାଲରେ ବହୁ ସ୍ଥାନରେ ତୁମୁଳ ଯୁଦ୍ଧ ହୋଇଥିଲା । ସେହି ବର୍ଷ ପପଙ୍ଗା ପାହାଡ଼ ପାଦ ଦେଶରେ କୁଦୋପାଲି ଯୁଦ୍ଧରେ ସୁରେନ୍ଦ୍ର ସାଏଙ୍କ ଭାଇ ଛବିଳ ସାଏ ମୃତ୍ୟୁ ବରଣ କରିଥିଲେ । ଇଂରେଜ ସେନାପତି ମେଜର ବେଟ୍‌ସ୍ ଉଦନ୍ତ ସାଏଙ୍କୁ ପରାସ୍ତ କରି ଝରଘାଟି ଗିରିପଥ ଅଧିକାର କରିଥିଲେ । ମାତ୍ର ବହୁ ଚେଷ୍ଟା କରି ବାର ପାହାଡ଼ର ଦେବ୍ରିଗଡ଼ ଦୁର୍ଗ ଇଂରେଜ ସେନାପତିମାନେ ଅଧିକାର କରି ପାରିଲେ ନାହିଁ । ସୁରେନ୍ଦ୍ର ସାଏଙ୍କ ପ୍ରଚଣ୍ଡ ଆକ୍ରମଣରେ ସେମାନେ ବ୍ୟତିବ୍ୟସ୍ତ ହୋଇ ବହୁ ଧନ ଜନ ହରାଇ ଥିଲେ । ପାହାଡ଼ ସିର୍‌ଗିଡ଼ା ଯୁଦ୍ଧରେ ପ୍ରସିଦ୍ଧ ଇଂରେଜ ସେନାପତି ଉଡ୍‌ବ୍ରିଜ୍ ଅନେକ ଇଂରେଜ ଅଫିସରଙ୍କ ସହିତ ହାଣ ଖାଇବା ଫଳରେ ଇଂରେଜମାନେ ଆତ୍ମ ବିଶ୍ୱାସ ହରାଇ ବସିଲେ । କମିଶନର ବର୍ଣ୍ଣେଲ ଫର୍ଷ୍ଟର ସମ୍ବଲପୁର ଜନସାଧାରଣଙ୍କ ଉପରେ ନାନା ଅତ୍ୟାଚାର କରି ବିଭୀଷିକା ଶାସନ ଚଳାଇଲେ । ସେ ଘେଁସ ଓ ଖରସଲ୍ ଦୁର୍ଗ ଅଧିକାର କରି ସେଠାର ଜମିଦାର ଦ୍ୱୟଙ୍କୁ ଫାଶି କାଠରେ ଝୁଲାଇଲେ । ଭେଡ଼େନ୍ ଜମିଦାର ଯୁଦ୍ଧ କ୍ଷେତ୍ରରେ ପ୍ରାଣ ଦେଲେ । ପାଟଣା ରାଜା ସୁରେନ୍ଦ୍ର ସାଏଙ୍କ ଭାଇ ଉଜଳ ସାଏଙ୍କ ପ୍ରତି ବିଶ୍ୱାସ ଘାତକତା କରି ତାଙ୍କୁ ଫର୍ଷ୍ଟରଙ୍କ ହାତରେ ଧରାଇ ଦେଇଥିଲେ ଏବଂ ଉଜଳ ସାଏଙ୍କୁ ସଙ୍ଗେ ସଙ୍ଗେ ଫାଶି ଦିଆ ଯାଇଥିଲା । ମାତ୍ର ସେହିସବୁ ଦୁଃଖଦାୟକ ଘଟଣା ସତ୍ତ୍ୱେ ସୁରେନ୍ଦ୍ର ସାଏ ଦୃଢ଼ ଓ ଶକ୍ତିଶାଳୀ ହୋଇ ପ୍ରବଳ ସଂଗ୍ରାମ ଚଳାଇ ଥିଲେ ।

୧୮୫୯ ସାଲ ବେଳକୁ ସମଗ୍ର ଭାରତରେ ବିଦ୍ରୋହ ଦମନ କରାଯାଇଥିଲା । ଏକମାତ୍ର ସମ୍ବଲପୁର ଅଞ୍ଚଳରେ ଜାତୀୟ ବିଦ୍ରୋହ ଶକ୍ତିଶାଳୀ ହୋଇ ରହିଥିଲା । ସେହି ଅବସରରେ ଇଂରେଜମାନେ ସେମାନଙ୍କର ସମୁଦାୟ ଶକ୍ତି




WEAPONS USED BY VIR SURENDRA SAI



ସୁରେନ୍ଦ୍ର ସାଏଙ୍କ ଅସ୍ତ୍ରଶସ୍ତ୍ର...




ମାଣିକଗଡ ଦୁର୍ଗର ପ୍ରାଚୀନ ସିଂହମୂର୍ତ୍ତି...






ହାତୀସିଂହଙ୍କ ଅସ୍ତ୍ରଶସ୍ତ୍ର



ପାହାଡ଼ ସିରଗିଡା ଜମିଦାର
ଜନାର୍ଦ୍ଦନ ସିଂହଙ୍କର
ଅସ୍ତ୍ରଶସ୍ତ୍ର →



WEAPONS USED BY VIR SURENDRA SAI
&
HIS LIEUTENANTS



...ଙ୍ଗେଁସ ଜମିଦାର
ମଧୁସିଂହଙ୍କ
ବନ୍ଧୁକ

ମାଣିକ ଗଡ଼ ପର୍ବତ ପାଦଦେଶ
ସଂଗୃହୀତ, ସୁରେନ୍ଦ୍ର ସାଏଙ୍କ
ସୈନ୍ୟମାନଙ୍କର

ସୁରେନ୍ଦ୍ର ସାଏଙ୍କ ବିରୁଦ୍ଧରେ ପ୍ରୟୋଗ କରିଥିଲେ । ମାତ୍ର ସୁରେନ୍ଦ୍ର ସାଏ ଅଜେୟ ହୋଇ ରହିଲେ । ସେତେବେଳେ ସୁରେନ୍ଦ୍ର ସାଏ ମାରାଗୁଡ଼ା ଉପତ୍ୟକା ଅଧିକାରକରି ରାୟପୁର ଜିଲ୍ଲା ମଧ୍ୟରେ ପ୍ରବେଶ କରିଥିଲେ ଏବଂ ତାଙ୍କର ସାମରିକ କାର୍ଯ୍ୟକଳାପ ବିଲାସପୁର ଓ ରେଓ୍ୱା ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଫର୍ଷ୍ଟର ସାହେବ ସିଂହଭୂମର ପୋଡ଼ାହାଟ ବିଦ୍ରୋହ ଦମନ କରି ଯେଉଁ ପ୍ରଶଂସା ପାଇଥିଲେ ସମ୍ବଲପୁର ବିଦ୍ରୋହ ଦମନରେ ବିଫଳ ହୋଇ ଅପାରଗ ରୂପେ ପରିଗଣିତ ହେଲେ ।

ସମ୍ବଲପୁରରୁ ଫର୍ଷ୍ଟର ସାହେବଙ୍କୁ କାଢ଼ିନେଇ ତାଙ୍କ ସ୍ଥାନରେ ମେଜର ଇଂପେଙ୍କୁ ୧୮୬୧ ଏପ୍ରିଲ୍ ମାସରେ ଡେପୁଟି କମିଶନର ରୂପେ ନିଯୁକ୍ତ କରାଗଲା । ଇଂପେ ସାହେବ ଯୁଦ୍ଧନୀତି ପରିତ୍ୟାଗ କରି ଶାନ୍ତିନୀତି ଅନୁସରଣ କରି ସୁରେନ୍ଦ୍ର ସାଏଙ୍କ ବିରୁଦ୍ଧରେ ଯୁଦ୍ଧବନ୍ଦ ଘୋଷଣା କଲେ । ଯେଉଁ ଆନ୍ଦୋଳନକାରୀ ଆତ୍ମ ସମର୍ପଣ କଲେ ସେମାନଙ୍କୁ କ୍ଷମା ପ୍ରଦାନ କରି ସମ୍ମାନର ସହିତ ଗ୍ରହଣ କରାଗଲା ଏବଂ ସେମାନଙ୍କ ବାଜ୍ୟାପ୍ତ ସଂପତ୍ତି ଫେରସ୍ତ କରାଗଲା । ବହୁକାଳ ବଣ ଜଙ୍ଗଲରେ ରହି ବ୍ୟସ୍ତ ହୋଇ ପଡ଼ିଥିବା ଲୋକେ ପାରିବାରିକ ଜୀବନକୁ ଫେରି ସୁଖ ଶାନ୍ତିରେ କାଳ କାଟିବାକୁ ଆଗ୍ରହୀ ହେବା ସ୍ୱାଭାବିକ । ଇଂପେ ସାହେବଙ୍କ ଶାନ୍ତି ନୀତି ଫଳରେ ବହୁଲୋକ ନିଜ ନିଜ ଘରକୁ ଫେରିଆସି ସସମ୍ମାନରେ ରହିଲେ । ସେମାନଙ୍କୁ ସଂପୂର୍ଣ୍ଣ କ୍ଷମା ପ୍ରଦାନ କରାଯାଇଥିଲା । ୧୮୬୨ ଜାନୁୟାରୀ ୭ ତାରିଖରେ ସୁରେନ୍ଦ୍ର ସାଏଙ୍କ ପୁତ୍ର ମିତ୍ରଭାନୁ ଇଂପେ ସାହେବଙ୍କୁ ଦେଖାକଲେ । ମେଜର ଇଂପେ ତାଙ୍କୁ ସାଦର ଅଭ୍ୟର୍ଥନା କରି ଶିକ୍ଷାରେ ରଖାଇଲେ । ସେହିପରି ସୁରେନ୍ଦ୍ରଙ୍କ ଭାଇ ଉଦନ୍ତ ଓ ଧ୍ରୁବ ସାଏ ସ୍ୱ ସ୍ୱ ପରିବାରକୁ ଫେରି ଆସିଲେ । ସେମାନେ ସମସ୍ତେ ସୁରେନ୍ଦ୍ର ସାଏଙ୍କ ଗୁପ୍ତ ସ୍ଥାନକୁ ଯାଇ ତାଙ୍କୁ ଫେରି ଆସିବା ନିମନ୍ତେ ବିଶେଷ ରୂପେ ପ୍ରବର୍ତ୍ତାଇଥିଲେ । ଇଂପେ ସାହେବ ସୁରେନ୍ଦ୍ର ସାଏଙ୍କ ବୁଭୁକ୍ଷୁ ସୈନ୍ୟଙ୍କ ପାଇଁ ବହୁ ପରିମାଣରେ ଖାଦ୍ୟ ଶସ୍ୟ ଏବଂ ପାଞ୍ଚଶତ ଟଙ୍କା ପଠାଇ ସେମାନଙ୍କୁ ନିଜ ଉଦାରତା ଉପରେ ଆସ୍ଥା ସ୍ଥାପନ କରିବା ପାଇଁ ଧାରଣା ଦେଲେ । ତାଙ୍କ ଅନୁରୋଧରେ ସୁରେନ୍ଦ୍ର ସାଏ ଜଙ୍ଗଲ ମଧ୍ୟରେ ତାଙ୍କୁ ଥରେ ଭେଟିବା ପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ । ୧୮୬୨ ମେ ମାସ ୧୬ ତାରିଖ ଦିନ ରାତିରେ ଘୋର ଜଙ୍ଗଲ ମଧ୍ୟରେ ଇଂପେ ଏବଂ ସୁରେନ୍ଦ୍ରଙ୍କର ଭେଟ ହୋଇଥିଲା ଏବଂ ସେଠାରେ ସୁରେନ୍ଦ୍ର ସାଏ ଆତ୍ମସମର୍ପଣ କରିଥିଲେ ।

୧୮୬୩ ଡିସେମ୍ବର ମାସରେ ସମ୍ବଲପୁରଠାରେ ଇଂପେ ସାହେବଙ୍କ ମୃତ୍ୟୁ ହୋଇଥିଲା । ତାହାପରେ ସମ୍ବଲପୁରର ରାଜନୈତିକ ପରିସ୍ଥିତି ବଦଳିଗଲା । ଇଂପେଙ୍କ ସ୍ଥାନରେ ଡେପୁଟି କମିଶନରରୂପେ ଆସିଥିବା କାପ୍ଟେନ୍ କମ୍ବରଲେଜ୍ ବ୍ୟକ୍ତିଗତ ଭାବରେ ସୁରେନ୍ଦ୍ର ସାଏଙ୍କ ଜଣେ ପ୍ରଧାନ ଶତ୍ରୁ ଥିଲେ । ସେ ସୁରେନ୍ଦ୍ରଙ୍କୁ ଶାନ୍ତିରେ ରଖାଇ ଦେବାପାଇଁ ଚାହିଁଲେ ନାହିଁ ଏବଂ ତାଙ୍କୁ ଯେ କୌଣସି ମତେ ବନ୍ଦୀ କରିବା ନିମନ୍ତେ ସଂକଳ୍ପ ବଦ୍ଧ ହେଲେ । ସମ୍ବଲପୁରର ଉଚ୍ଚ ପୋଲିସ ଅଫିସର କାପ୍ଟେନ୍ ଷ୍ଟୁଓ୍ୟାର୍ଟ ଓ ମିଷ୍ଟର ବେରିଲ୍ ସୁରେନ୍ଦ୍ର ସାଏଙ୍କୁ ଧରିବା ପାଇଁ କମ୍ବରଲେଜଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଦେଇଥିଲେ। ୧୮୬୪ ଜାନୁୟାରୀ ୨୩ ତାରିଖରାତ୍ର ୧୧ଟାରେ ସୁରେନ୍ଦ୍ର ସାଏ ଏବଂ ତାଙ୍କର ବନ୍ଧୁ ଓ ପରିବାର ବର୍ଗ ନିଦରେ ଶୋଇଥିବା ଅବସ୍ଥାରେ ସେମାନଙ୍କ ଘରମାନ ଚଢ଼ାଉକରି ସମସ୍ତଙ୍କୁ ବନ୍ଦୀ କରାଯାଇଥିଲା । ତାହା ଇଂରେଜ ଜାତିର ଚରମ ବିଶ୍ୱାସ ଘାତକତାର ନିଦର୍ଶନ ରୂପେ ଇତିହାସରେ ଚିରକାଳ ଅଙ୍କିତ ହୋଇ ରହିଅଛି । ସେମାନଙ୍କୁ ସମସ୍ତଙ୍କୁ ସେହି ରାତ୍ର ମଧ୍ୟରେ ରାୟପୁରକୁ ନିଆଗଲା ଏବଂ ସେଠାରେ ଛତିଶଗଡ଼ର ଚିଫ୍ କମିଶନର ସେମାନଙ୍କ ବିଚାର କରି ଆଜୀବନ ସ୍ଥାନାନ୍ତରିତ ଦଣ୍ଡରେ ଦଣ୍ଡିତ କରିଥିଲେ । ସୁରେନ୍ଦ୍ର ସାଏ ଏବଂ ତାଙ୍କର ବନ୍ଧୁମାନେ ଜୁଡ଼ିସିଏଲ କମିଶନରଙ୍କଠାରେ ପୁନର୍ବିଚାର ପାଇଁ ଅପିଲ କରିଥିଲେ । ଜୁଡ଼ିସିଏଲ୍ କମିଶନର ଜନ୍ ସାରଲେଟ୍ କେଂପବେଲ୍ ସେମାନଙ୍କ ବିଚାର କରି ସମସ୍ତଙ୍କୁ ନିର୍ଦ୍ଦୋଷୀ ବୋଲି ଘୋଷଣା କଲେ ଏବଂ ଖଲାସ କରିବାକୁ ଆଦେଶ ଦେଲେ । ମାତ୍ର ଚିଫ୍ କମିଶନର ତଦ୍ୱାରା ପ୍ରଶାସନ ପ୍ରତି ଅପମାନ ହେଲାବୋଲି ଭାବି ସେହି ଆସାମୀମାନଙ୍କୁ ୧୮୧୮ ମସିହା ରେଗୁଲେସନ୍ ୩ ଧାରା ଅନୁସାରେ ନାଗପୁରଠାରେ ଅଟକ କରି ରଖିଲେ । ପରେ ୧୮୬୬ ସାଲରେ ସେମାନଙ୍କୁ ଆସିରଗଡ଼ ଗିରିଦୁର୍ଗକୁ ପଠାଇ ଦିଆଯାଇଥିଲା । ସେଠାରେ ସୁରେନ୍ଦ୍ର ସାଏଙ୍କ ଭାଇ ମେଦିନୀ ସାଏ ୧୮୭୬ରେ ମୃତ୍ୟୁ ବରଣ କଲେ । ୧୮୭୭ ଜାନୁୟାରୀ ପହିଲା ଦିନ ମହାରାଣୀ ଭିକ୍ଟୋରିୟା ଭାରତ ସାମ୍ରାଜ୍ଞୀ ପଦରେ ଭୂଷିତ ହେବା ଅବସରରେ ଧ୍ରୁବ ସାଏ ଏବଂ ମିତ୍ରଭାନୁ ସାଏଙ୍କୁ ମୁକ୍ତି ପ୍ରଦାନ କରାଯାଇଥିଲା । ମାତ୍ର ସୁରେନ୍ଦ୍ର ସାଏଙ୍କୁ ମୁକ୍ତିଦେବା ପରିକଳ୍ପନା ଇଂରେଜ ଶାସକଙ୍କର ଆଦୌ ନଥିଲା । ବନ୍ଦୀ ଅବସ୍ଥାରେ ସେହି ଆସିରଗଡ଼ ଗିରିଦୁର୍ଗରେ ସେହି ମହାନ୍ ବିପ୍ଳବୀ ବୀର ୧୮୮୪ ଫେବୃୟାରୀ ୨୮ ତାରିଖ ରାତ୍ର ଘୋଟାଏ ବେଳେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ବୀର ସୁରେନ୍ଦ୍ର ସାଏଙ୍କର ଇଂରେଜ ଶକ୍ତି ସହିତ ଐତିହାସିକ ସଂଗ୍ରାମ ଭାରତର ଜାତୀୟ ଇତିହାସରେ ଅତି ଗୁରୁତ୍ୱପୂର୍ଣ୍ଣ । ତାଙ୍କର ଅନନ୍ୟ ସାଧାରଣ ବୀରତ୍ୱ, ସାହସ ଏବଂ ତ୍ୟାଗର ମହତ୍ୱ ଚିରକାଳ ଗୌରବୋଜ୍ଜ୍ୱଳ ହୋଇ ରହିଥିବ । ତାଙ୍କର ମହନୀୟ ଆଦର୍ଶ ଦେଶବାସୀଙ୍କୁ ଯୁଗେ ଯୁଗେ ପ୍ରେରଣା ଯୋଗାଇ ଜାତିର ମୂଲ୍ୟବାନ ସମ୍ବଳ ରୂପେ ସମ୍ମାନିତ ହେବ ।

ପ୍ରତ୍ନତତ୍ତ୍ୱ ପରାମର୍ଶଦାତା,
ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ବିଭାଗ,
ଭୁବନେଶ୍ୱର ।

# ସୁରେନ୍ଦ୍ର ସାଏଙ୍କ ରଣ କୌଶଳ

ଶ୍ରୀ ସହଦେବ ସାହୁ

ବ୍ରିଟିଶମାନଙ୍କର ଗୋଟିକପରେ ଗୋଟିଏ ରାଜ୍ୟ ଜୟକରିବା ଦେଖି ପଞ୍ଜାବର ରାଜା ରଣଜିତ ସିଂହ ଥରେ କହିଥିଲେ "ସବ ଲଲ୍ ହୋ ଜାଏଗା" । କାରଣ ଭାରତର ମାନଚିତ୍ରରେ ବ୍ରିଟିଶ ଅଧିକୃତ ଅଞ୍ଚଳକୁ ଲାଲ ରଙ୍ଗରେ ଦେଖାଯାଉଥିଲା । ସାରା ଭାରତରେ ବ୍ରିଟିଶ ବାହିନୀ ଆଗେଇ ଚାଲୁଥିଲାବେଳେ ସମ୍ବଲପୁର ଅଞ୍ଚଳରେ ଯେ ସୁରେନ୍ଦ୍ର ସାଏ ସେମାନଙ୍କୁ ରୋକି ପାରିଥାନ୍ତେ ଏହା ଚିନ୍ତା କରିବା ବୃଥା । କିନ୍ତୁ ଭାରତର ଏକ ଅନୁନ୍ନତ ଅଞ୍ଚଳରେ ବ୍ରିଟିଶ ଶାସନକୁ ୩୬ ବର୍ଷଧରି ଯେ ସେ ଦୋହଲାଇ ଦେଇ ପାରିଥିଲେ, ଏହା ଭାରତର ସ୍ୱାଧୀନତା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବା କଥା । ୧୮୨୭ ରୁ ୧୮୬୩ ପର୍ଯ୍ୟନ୍ତ ଅର୍ଥାତ୍ ସିପାହୀ ଯୁଦ୍ଧର ୩୦ ବର୍ଷ ପୂର୍ବରୁ ଆରମ୍ଭକରି ସିପାହୀ ଯୁଦ୍ଧପରେ ୬ ବର୍ଷ ପର୍ଯ୍ୟନ୍ତ ସମ୍ବଲପୁର ଅଞ୍ଚଳରେ ବ୍ରିଟିଶ ଶାସନ ବିରୁଦ୍ଧରେ ବିଦ୍ରୋହ ଲାଗି ରହିଥିଲା ଏବଂ ଏହାର ନେତୃତ୍ୱ ନେଇଥିଲେ ସୁରେନ୍ଦ୍ର ସାଏ । ଏତେ ଦୀର୍ଘ ସମୟଧରି ବିଦ୍ରୋହ ଚାଲୁ ରହିଥିବାର ପ୍ରଧାନ କାରଣ ଥିଲା ତାଙ୍କ ରଣ କୌଶଳ ।

ରଣ କୌଶଳର ଦୁଇଟି ଦିଗ—ଗୋଟିଏ ପାରିପାର୍ଶ୍ୱିକ ଅବସ୍ଥା ଓ ଅନ୍ୟଟି ସେନାପତିଙ୍କ ବୁଦ୍ଧି । ସ୍ଥାନୀୟ ପରିସ୍ଥିତି ଉପରେ ନିର୍ଭରକରି ସାଜ ସଜ୍ଜା ଓ ସୈନିକ ମୁତୟନ କରାଯାଏ । ବାହିନୀକୁ ତାଲିମ ତଥା ନିର୍ଦ୍ଦେଶ ଦେବାରେ ନେତାର ଶିକ୍ଷାଦୀକ୍ଷା କାମ କରିଥାଏ । ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସମ୍ବଲପୁର ତଥା ଅଠର ଗଡ଼ଜାତ ଅଞ୍ଚଳ ଘନଜଙ୍ଗଲମୟ ଥିଲା । ୧୮୫୮ ପୂର୍ବରୁ ସମ୍ବଲପୁର ଅଞ୍ଚଳର ସଠିକ୍ ମାନଚିତ୍ର ନଥିଲା । ଆଜିକାଲିର ପାହାଡ଼ ପର୍ବତ ସବୁ ବୃକ୍ଷଲତାଶୂନ୍ୟହୋଇ ପଡ଼ିଥିବାବେଳେ ସେତେବେଳର ଘନଜଙ୍ଗଲର ଭୟାବହତା ଆମ୍ଭେ ଭାବି ପାରୁନାହୁଁ । ସେତେବେଳର ଇଂରେଜମାନେ ଆଜିର ସହରୀ ଲୋକଙ୍କଭଳି ନିବିଡ଼ ଅରଣ୍ୟ ଭିତରକୁ ବା ଗିରିଶୃଙ୍ଗ ଉପରକୁ ଯିବାକୁ ଭୟ କରୁଥିଲେ । ସେତେବେଳେ ଆଜିକାଲିପରି ତିଆରିକରା ରାସ୍ତା ନଥିଲା । ପାହାଡ଼ ପର୍ବତ ଅତିକ୍ରମ କରିବାପାଇଁ ଅନୁସନ୍ଧାନଦେଇ ଆଦିବାସୀମାନଙ୍କ ଚଲାରାସ୍ତା ଧରିବାକୁ ପଡୁଥିଲା । ଏହିରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗିରିଶୃଙ୍ଗ ଉପରୁ କିମ୍ବା ଘନଜଙ୍ଗଲ ଭିତରୁ ଯାତ୍ରୀମାନଙ୍କୁ ଆକ୍ରମଣ କରିବା ଖୁବ ସୁବିଧା ହେଉଥିଲା । ଗିରିପଥରେ ବଡ଼ବଡ଼ ପଥର ରଖି ରାସ୍ତା ଅବରୋଧକରି ହେଉଥିଲା । ପାହାଡ଼ ଉପରେ ଶିଆଳୀ ଲତାରେ ବଡ଼ବଡ଼ ପଥର ବାନ୍ଧିରଖି ଦରକାରବେଳେ ଲତାକୁ କାଟିଦେଲେ ପଥର ଗଡ଼ି ଗଡ଼ିଯାଇ ଯାତ୍ରୀକୁ ଛେଚି ଦେଉଥିଲା । ଅପର ପକ୍ଷରେ ଇଂରେଜ ସୈନ୍ୟର ଗୁଳିଗୋଳା ଘଞ୍ଚ ଜଙ୍ଗଲର ଗଛମାନଙ୍କରେ ବାଜି ଇତସ୍ତତଃ ବା ନଷ୍ଟ ହୋଇଯାଉଥିଲା । ପାହାଡ଼ର ଘଞ୍ଚଜଙ୍ଗଲରେ ଆକ୍ରମଣକାରୀ ସହଜରେ ଲୁଚି ପାରୁଥିଲା । ଏସବୁ ପରିସ୍ଥିତି ଗରିଲାଯୁଦ୍ଧପାଇଁ ବେଶ ଅନୁକୂଳଥିଲା ।

ଇଂରେଜମାନଙ୍କ ଆଧୁନିକ ଅସ୍ତ୍ରଶସ୍ତ୍ର ଆଗରେ ଧନୁତୀର, ବର୍ଚ୍ଛା, ଖଣ୍ଡା ଓ ନିଆଁ ଧରା ବନ୍ଧୁକ ବେଶି କାମଦେବନାହିଁ ବୋଲି ସୁରେନ୍ଦ୍ର ସାଏ ଗରିଲାଯୁଦ୍ଧର ଆଶ୍ରୟନେଇଥିଲେ । ତାଙ୍କ ଲୋକଙ୍କ ହାତରେ ବନ୍ଧୁକଥିଲା, କିନ୍ତୁ ଏହି ଦେଶୀ ବନ୍ଧୁକର ଘୋଡ଼ା ଯାଗାରେ ଗୋଟିଏ ଗାତଥିଲା । ଏହି ଗାତରେ ବାରୁଦପୂରାଇ ସାରି ନିଆଁ ଲଗାଇଦେଲେ ବନ୍ଧୁକରୁ ଗୁଳି ବା ଛରରାଗୁଳି ବାହାରୁଥିଲା । ନିଆଁ ଲଗାଇସାରି ଲକ୍ଷ୍ୟପ୍ରତି ଦୃଷ୍ଟି ରଖିବାକୁ ବେଳ ନଥିଲା । ତେଣୁ ବନ୍ଧୁକ ଧାରୀ ବହୁତ ସମୟରେ ଲକ୍ଷ୍ୟଭ୍ରଷ୍ଟ ହେଉଥିଲା । ଲକ୍ଷ୍ୟଠିକ୍ ହେବାପାଇଁ ବନ୍ଧୁକକୁ କାନ୍ଥର କଣାରେରଖି ମାରିବାକୁ ପଡୁଥିଲା । ଏଥିପାଇଁ ସୁରେନ୍ଦ୍ର ସାଏ କୃତ୍ରିମ ଦୁର୍ଗକରି କାନ୍ଥରେ ଗୁଡ଼ାଏ କଣାକରି ବନ୍ଧୁକଧାରୀ ମୁତୟନ କରୁଥିଲେ ।

୧୮୨୭ରେ ଅପୁତ୍ରିକ ଅବସ୍ଥାରେ ମହାରାଜା ସାଏଙ୍କ ମୃତ୍ୟୁପରେ ଖିଣ୍ଡା ତଥା ଝାରସୁଗୁଡ଼ା ବଂଶର ରାଜକୁମାରଗଣ ସିଂହାସନ ଦାବୀକଲେ । ଏସବୁକୁ ଉପେକ୍ଷାକରି ଇଂରେଜ ସରକାର ସମ୍ବଲପୁର ସିଂହାସନରେ ରାଣୀ ମୋହନ କୁମାରୀଙ୍କୁ ବସାଇଲେ । ସେତେବେଳକୁ ସୁରେନ୍ଦ୍ର ସାଏଙ୍କ ବୟସ ୧୯ । ଧରମ ସିଂହଙ୍କ ସାତପୁତ୍ରଙ୍କ ମଧ୍ୟରେ ସବୁଠାରୁ ବିଚକ୍ଷଣ କିଶୋର ସେ ସମୟର ପରିସ୍ଥିତି ଦେଖୁଥିଲେ । ଜଣେ ସ୍ତ୍ରୀଲୋକ ନାମରେ କିଛିଦିନ ଶାସନ ପରିଚାଳନାକରି ବ୍ରିଟିଶ ସରକାର କାଳକ୍ରମେ ସମ୍ବଲପୁରକୁ ଖାସ ଅଧିକାରକୁନେବେ । ରାଜଗାଦିପାଇଁ ଗଣ୍ଡଗୋଳର ଆଶଙ୍କାକରି ବ୍ରିଟିଶ ସରକାର ହଜାରିବାଗରୁ ଯେଉଁ ସୈନ୍ୟବାହିନୀ ଆଣିଥିଲେ ତାହା ସମ୍ବଲପୁରକୁ ଖାସ କରିନେବା ଉଦ୍ଦେଶ୍ୟରେ ବ୍ୟବହାର ହେବ । ଯେଉଁ କିଶୋର ଏ ବିଷୟ ଚିନ୍ତା କରିଥିଲେ , ସେ ସାମାନ୍ୟ ରାଜକୁମାର ନଥିଲେ । ପିତୃବ୍ୟ ବଳରାମ ସିଂହଙ୍କ ତାଲିମ ପାଇ ଅଶ୍ୱାରୋହଣ, ଖଣ୍ଡାଚାଳନା ଓ ମଲ୍ଲ ବିଦ୍ୟାରେ ସୁରେନ୍ଦ୍ର ସାଏ ଅନ୍ୟମାନଙ୍କର ପ୍ରଶଂସାଭାଜନ ହୋଇଥିଲେ । ଶିବାଜୀଙ୍କ ରଣ କୌଶଳ କିପରି ମୋଗଲମାନଙ୍କୁ ଅସ୍ତବ୍ୟସ୍ତକରି

ପକାଉଥିଲା ସେ ସବୁକଥା ପିତୃବ୍ୟଙ୍କଠାରୁ ସୁରେନ୍ଦ୍ର ସାଏ ଶୁଣିଥିଲେ । ସମ୍ବଲପୁରର ପରିସ୍ଥିତି ତାଙ୍କୁ ଶିବାଜୀଙ୍କ ରଣକୌଶଳ ପ୍ରୟୋଗ ଦିଗରେ ଆଗେଇନେଲା । ଅଶ୍ୱାରୋହଣରେ ସେ ଏତେ କୁଶଳୀ ଥିଲେଯେ ଏକା ରାତିକେ ଦେବ୍ରିଗଡ଼ରୁ ସିଂଗୋଡ଼ା ଘାଟିଯାଇ ଫେରି ଆସୁଥିଲେ, କିମ୍ବା ଦେବ୍ରିଗଡ଼ରୁ ବାହାରି ମହାନଦୀ ପାରହୋଇ ଗଡ଼ପାଟି, ଝରଘାଟି ଓ ମଉଳା ଭଣଜା ଘାଟି ତନଖିକରି ପୁଣି ଦେବ୍ରିଗଡ଼ ଦୁର୍ଗକୁ ଫେରି ଆସୁଥିଲେ । ହିଂସ୍ରଜନ୍ତୁ ଶଂକୁଳ ଘନ ଜଙ୍ଗଲଗିରେ ଅନ୍ଧକାରରେ ଏକାରାତିକେ ୧୦୦ କିଲୋମିଟର ପାଖାପାଖି ରାସ୍ତା ପାରହେବା ତାଙ୍କ ପକ୍ଷରେ ସମ୍ଭବ ହେଉଥିଲା । ପ୍ରତ୍ୟେକ ଘାଟି ବା ଦୁର୍ଗ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ପାଇପାରୁଥିବାରୁ ସେ ବିଦ୍ରୋହୀ ବାହିନୀର ଅପ୍ରତିଦ୍ୱନ୍ଦୀନେତା ହୋଇ ପାରିଥିଲେ ଏବଂ ଦୀର୍ଘ ୩୬ ବର୍ଷ ଧରି ଯୁଦ୍ଧ ଚଳାଇ ପାରିଥିଲେ ।

ତତ୍‌କାଳୀନ ରାଜନୈତିକ ଅବସ୍ଥାର ମୁରବ୍ବୀ ବିଭିନ୍ନ ରାଜବଂଶୀୟମାନଙ୍କ ଭିତରେ ବୁଝେଇବାର କାମ ସୁରେନ୍ଦ୍ର ସାଏ ନିଜ ହାତକୁନେଲେ । ସମ୍ବଲପୁର ରାଜ୍ୟ ସମସ୍ତଙ୍କର ବଂଶୀୟ ସଂପତ୍ତି, କିନ୍ତୁ ଇଂରେଜମାନେ ସେମାନଙ୍କୁ ଏହି ସଂପତ୍ତିରୁ ବଞ୍ଚିତ କରିବାପାଇଁ ସୈନ୍ୟ ଜମା କରିଲେଣି ଏବଂ ସମ୍ବଲପୁର ଖୁବ୍‌ଶୀଘ୍ର ଇଂରେଜମାନଙ୍କର ଶାସନଶୃଙ୍ଖଳକୁ ଚାଲିଯିବ । ସମସ୍ତେ ଏକଜୁଟ୍ ନହେଲେ ଇଂରେଜମାନଙ୍କୁ ତଡ଼ିବା ଅସମ୍ଭବହେବ । ଏପରି ବୁଝାଇବାଦ୍ୱାରା ସୁରେନ୍ଦ୍ର ସାଏ ରାଜବଂଶୀୟ ସମସ୍ତଙ୍କୁ ତାଙ୍କ ପକ୍ଷକୁ ଆଣିପାରିଥିଲେ । ଏହାପରେ ନିଜର ଯୁଦ୍ଧକୌଶଳ ପ୍ରୟୋଗ କରିବା ସହଜ ହୋଇଯାଇଥିଲା ।

ରାଜବଂଶୀୟ ମାନେ ସମସ୍ତେ ବଳିଷ୍ଠ ଓ କର୍ମଠ ଥିଲେ । ଅଧିକନ୍ତୁ ସେମାନଙ୍କୁ ସମ୍ବଲପୁରର ପ୍ରତ୍ୟେକ ଧୂଳିକଣା ଜଣା ଥିଲା ଏବଂ ସମସ୍ତେ ଦକ୍ଷ ଘୋଡ଼ା-ସବାର ଥିଲେ । ସେମାନେ ଗ୍ରାମ ଗ୍ରାମ ବୁଲି କେବଳ ଯେ ଗୌନ୍ତିଆ, ଜମିଦାର ଓ ରାଜାମାନଙ୍କର ସମର୍ଥନ ଓ ସହାନୁଭୂତି ଲାଭକଲେ ତାହା ନୁହେଁ, ସାଧାରଣ ଜନତାର ସମର୍ଥନ ମଧ୍ୟ ଲାଭ କଲେ । ଏହାର ଅର୍ଥ ନୁହେଁ ଯେ ସବୁ ଗୌନ୍ତିଆ ବା ଜମିଦାର ସୁରେନ୍ଦ୍ର ସାଏଙ୍କ ସମର୍ଥକ ହୋଇଗଲେ । କେତେକ ଇଂରେଜ ଶାସକଙ୍କର ଗୁପ୍ତଚର ହୋଇ ସୁରେନ୍ଦ୍ର ସାଏଙ୍କ ସଂପର୍କରେ ଖବର ଯୋଗାଉଲେ । ସୁରେନ୍ଦ୍ରଙ୍କ ପକ୍ଷରେ ଲକ୍ଷ୍ମଣପୁର, ଘେଁସ, କୋଲାବୀରା, କୋଡ଼ାବଗା, ଭେଡ଼ନ, ଖରସାଲ, ମଣ୍ଡୋମହୁଲ, ପାହାଡ଼-ଶ୍ରୀଗିଡ଼ା, ପାଟକୁଲୁଣ୍ଡା, ଲୋଇସିଂହା, ବରଗଡ଼ ଆଦିର ଜମିଦାରମାନେ ଯୋଗ ଦେଲେ । ଏ ସବୁ ଜମିଦାର ଆଦିବାସୀ ଶ୍ରେଣୀର ଲୋକ, ତେଣୁ ସାହାସୀ ଓ ଯୋଦ୍ଧା । ଅଧିକନ୍ତୁ ସେମାନେ ପାହାଡ଼ ପର୍ବତ ଜଙ୍ଗଲ ସଙ୍ଗେ ଅଧିକ ପରିଚିତ । ସମ୍ବଲପୁର ରାଜପଦ ପାଇଁ ଦାବୀ କରୁଥିବା ଶିଶ୍ନା ବଂଶର ବଳରାମ ସାଏ, ଉଦନ୍ତ ସାଏ, ଛବିଳ ସାଏ, ଜଜ୍ଜଳ ସାଏ ଏବଂ ଝାରସୁଗୁଡ଼ା ବଂଶର ନାରାୟଣ ସିଂହ ଓ ଗୋବିନ୍ଦ ସିଂହ ସୁରେନ୍ଦ୍ର ସାଏଙ୍କ ସହିତ ଯୋଗ ଦେଇ ସାରିଥିଲେ । ବିଦ୍ରୋହ ବ୍ୟାପକରୂପ ଧାରଣ କଲାପରେ ସରକାର ରାମଗଡ଼ରୁ ସୈନ୍ୟ ଆଣି ଦମନ କରିବାର ଚେଷ୍ଟା କଲେ । ସୁରେନ୍ଦ୍ରଙ୍କ ଦଳ ଆତ୍ମ-ଗୋପନ କରିବାରୁ ସରକାର ତାଙ୍କର ସମର୍ଥକ ଗ୍ରାମମାନଙ୍କରେ ଉତ୍ପାତ ଆରମ୍ଭ କଲେ । ୧୮୨୭ରୁ ୧୮୩୩ ପର୍ଯ୍ୟନ୍ତ ସମ୍ବଲପୁରର ବିଭିନ୍ନ ସ୍ଥାନରେ ବିଦ୍ରୋହ ଦେଖାଗଲା । କ୍ୟାପ୍‌ଟେନ୍ ହେଗିନ୍‌ସଙ୍କ ରାମଗଡ଼ର ସୈନ୍ୟ ସହିତ କ୍ୟାପ୍‌ଟେନ୍ ଉଇଲକିନ୍‌ସନ୍‌ଙ୍କ ହଜାରି-ବାଗ୍‌ରୁ ଆସିଥିବା ସୈନ୍ୟ ମିଶିଗଲେ । ସେମାନଙ୍କ କାମ ଥିଲା ବିଦ୍ରୋହୀଙ୍କ ଆକ୍ରମଣରୁ ସମ୍ବଲପୁରକୁ ରକ୍ଷା କରିବା । କୌଶଳ କ୍ରମେ ଉଇଲକିନ୍‌ସନ୍ ଗୋବିନ୍ଦ ସିଂହଙ୍କୁ ବନ୍ଦୀ କଲେ । ୧୮୩୩ରେ ମୋହନ କୁମାରୀଙ୍କୁ ଭତା ଦେଇ କଟକ ପଠାଇ ଦେଲେ । ବୃଦ୍ଧ ନାରାୟଣ ସିଂହଙ୍କୁ ସିଂହାସନରେ ବସାଇଲେ । ସରକାରଙ୍କ ଏଜେଣ୍ଟ କ୍ୟାପ୍‌ଟେନ୍ ଉଇଲକିନ୍‌ସନ୍ ଭାବିଥିଲେ ଏହା-ଦ୍ୱାରା ବିଦ୍ରୋହ ଶାନ୍ତ ହୋଇଯିବ କିନ୍ତୁ ଫଳ ଓଲଟା ହେଲା । ନାରାୟଣ ସିଂହଙ୍କଠାରେ ରାଜରକ୍ତ ନ ଥିବା ଅଭିଯୋଗ କରି ସୁରେନ୍ଦ୍ର ସାଏଙ୍କ ଦଳ ଜନମତ ଜାଗ୍ରତ କରାଇଲେ ।

ଗରିଲା ରଣ କୌଶଳରେ ଆଦିବାସୀମାନଙ୍କର ଆବଶ୍ୟକତା ବେଶୀ ଏବଂ ଲୁଚି ଛପି ମାରିବା ପାଇଁ ବନ୍ଧୁକ ଗୁଳି ଭଳି ତୀର ମଧ୍ୟ ଫଳପ୍ରଦ । ସେହି କାରଣରୁ ସୁରେନ୍ଦ୍ର ଲକ୍ଷ୍ମଣପୁରର ଗଣ୍ଡ ଜମିଦାର ବଳଭଦ୍ର ସିଂହଙ୍କୁ ହାତ କଲେ । ବଳଭଦ୍ରଙ୍କ ଆଦିବାସୀ ସୈନ୍ୟମାନେ ଗରିଲା ଯୁଦ୍ଧ ଓ ଶର ଚାଳନାରେ ସିଦ୍ଧହସ୍ତ ଥିଲେ । ସେମାନଙ୍କୁ ସୁରେନ୍ଦ୍ର ସାଏ ବାରପାହାଡ଼ର ଦେବ୍ରିଗଡ଼ରେ ରଖାଇଲେ । ଯେଉଁ କେତେକ ଗୌନ୍ତିଆ ବା ଗ୍ରାମ ଇଂରେଜ ପକ୍ଷ ସମର୍ଥନ କରୁଥାନ୍ତି ସେମାନଙ୍କୁ ରାତ୍ରିକାଳରେ ଆକ୍ରମଣ କରି ଭୟଭୀତ କରାଇଲେ । ହତ୍ୟା, ଲୁଣ୍ଠନ ଓ ଗୃହଦାହ ଭୟରେ ଏହି ଗ୍ରାମର ଲୋକେ ବା ଗୌନ୍ତିଆ ଇଂରେଜମାନଙ୍କୁ ସାହାଯ୍ୟ କଲେ ନାହିଁ । ଅନ୍ୟ ପକ୍ଷରେ ସୈନ୍ୟ ସଂଗ୍ରହ ଓ ଖାଦ୍ୟ ଯୋଗାଡ଼ ପାଇଁ ରାତ୍ରିର ଅନ୍ଧକାର ମଧ୍ୟରେ ଗୋଟିଏ ଦୁର୍ଗରୁ ଅନ୍ୟକୁ ଓ ଜଣେ ଜମିଦାର ନିକଟରୁ ଆଉ ଜଣଙ୍କ ନିକଟକୁ ଯିବା ଆସିବା କଲେ କିମ୍ବା ପ୍ରତିନିଧି ପଠାଇଲେ । ତାଙ୍କପ୍ରତି ସମସ୍ତଙ୍କ ଆନୁଗତ୍ୟ ବଢ଼ିଗଲା । ଏହି ବିଦ୍ରୋହୀମାନେ ଗୋଟିଏ ନେତାଙ୍କ ପତାକାତଳେ ବିଦ୍ରୋହ ସ୍ଥିର ରଖିଲେ । ଏ ସବୁ କୌଶଳ ଫଳରେ ସୁରେନ୍ଦ୍ରଙ୍କ ବଳ ବଢ଼ିଗଲା । ଦେବ୍ରିଗଡ଼, ଝରଘାଟି ଓ ସିଂଘୋଡ଼ା ଘାଟି ଭଳି ଅସଲ ଜାଗାମାନଙ୍କରେ ସୁରେନ୍ଦ୍ରଙ୍କ ସୈନ୍ୟମାନେ ଆସ୍ଥାନ ଜମାଇ ରହିଲେ ।

ଇଂରେଜ ସରକାର ବିଦ୍ରୋହ ଦିନକୁ ଦିନ ବଢୁଥିବା ଦେଖି ବିଦ୍ରୋହୀମାନଙ୍କ ପ୍ରତି କ୍ଷମା ବା ସାମ୍ୟନୀତି ଘୋଷଣା କଲେ । ଝାରସୁଗୁଡ଼ାର ଗୋବିନ୍ଦ ସିଂହଙ୍କୁ କେବଳ ଯେ ମୁକ୍ତ କଲେ ତା ନୁହେଁ, ତାଙ୍କ ଜମିବାଡ଼ି ଫେରାଇ ଦେଇ ନିଷ୍କର ମାଫି କରାଇଦେଲେ । ମାଫିବୃତ୍ତି ହରାଇବା ଭୟରେ ଗୋବିନ୍ଦ ସିଂହ ଆଉ ବିଦ୍ରୋହରେ ପଶିଲେ ନାହିଁ । ଇଂରେଜମାନେ ଭାବିଥିଲେ ଗୋବିନ୍ଦ

ସିଂହଙ୍କ ଉଦାହରଣ ଅନ୍ୟ ବିଦ୍ରୋହୀମାନେ ଅନୁକରଣ କରିବେ । କିନ୍ତୁ ସୁରେନ୍ଦ୍ର ସାଏଙ୍କ ଦୁର୍ଭାଗ୍ୟ ଯୋଗୁ ଅନ୍ୟ କେହି ବିଦ୍ରୋହୀ ଜମିଦାର ବା ରାଜବଂଶୀୟ ଗୋବିନ୍ଦ ସିଂହଙ୍କ ଭଳି ବିଦ୍ରୋହରୁ ନିବୃତ୍ତ ହେଲେ ନାହିଁ ।

ଏହି ସମୟରେ ଇଂରେଜମାନେ ବିଦ୍ରୋହ ଦମନ ପାଇଁ ରାମପୁର ଜମିଦାରଙ୍କ ସାହାଯ୍ୟ ନେଇଥିଲେ । ରାମପୁରର ଜମିଦାର ଦୁର୍ଜ୍ଜୟ ସିଂହ ତାଙ୍କ ବିରୁଦ୍ଧରେ ଗୁପ୍ତଚର କାମ କରୁଥିବା ଜାଣି ସୁରେନ୍ଦ୍ର ତାଙ୍କୁ ଏ କାମରୁ କ୍ଷାନ୍ତ ହେବା ପାଇଁ ଗୋଟିଏ ଦୂତ ପଠାଇଥିଲେ । କିନ୍ତୁ ଦୂତ ଅପମାନିତ ହୋଇ ଫେରି ଆସିଥିଲା । ଅନ୍ୟ ଜମିଦାରମାନଙ୍କୁ ଏହାର କୁ-ପରିଣାମ ଦେଖାଇବା ପାଇଁ ବଳରାମ, ଉଦନ୍ତ ଓ ଉଜ୍ଜ୍ୱଳ ସହିତ ସୁରେନ୍ଦ୍ର ସାଏ ବହୁତ ସୈନ୍ୟ ଧରି ରାମପୁର ଗଡ଼ ଆକ୍ରମଣ କଲେ । ଦୁର୍ଜ୍ଜୟ ସିଂହ ଓ ତାଙ୍କର ପୁତ୍ରମାନଙ୍କୁ ହତ୍ୟା କଲେ । ରାମପୁରକୁ ପୋଡ଼ି ଧ୍ୱଂସ କରିଦେଲେ । ଏହା ୧୮୪୦ ର ଘଟଣା । ଏତେ ସହଜରେ ଏତେ କମ୍ ବାଧାରେ ସେ ରାମପୁର ଜୟ କଲେ ଯେ ସୁରେନ୍ଦ୍ର ସାଏ ଅନ୍ୟ ସବୁ ଶତ୍ରୁଙ୍କୁ ତୁଚ୍ଛ ମନେ କଲେ । ଇଂରେଜମାନେ ରାମପୁର ଜମିଦାରଙ୍କୁ ରକ୍ଷା କରି ପାରିଲେ ନାହିଁ । ବିଜୟ ଗର୍ବରେ ସେ ଭାବିଲେ ଇଂରେଜମାନେ ତାଙ୍କର କିଛି କରି ପାରିବେ ନାହିଁ । ତେଣୁ ଗରିଲାଯୁଦ୍ଧ ଛାଡ଼ି ପ୍ରକାଶ୍ୟ ଯୁଦ୍ଧ ଘୋଷଣା କଲାଭଳି ବିଟ୍ ରାସ୍ତାରେ ସୈନ୍ୟବଳ ଧରି ବାହାରିଲେ । ଏହା ଇଂରେଜମାନଙ୍କୁ ଯୁଦ୍ଧ ଆହ୍ୱାନ ଭଳି ଲାଗିବା କଥା । ରାମପୁରରୁ ପାଟଣା ଯିବା ରାସ୍ତାରେ ସମ୍ବଲପୁର ପଡ଼ିଲା । ସମ୍ବଲପୁରର ଆସିଷ୍ଟାଣ୍ଟ କମିଶନର ମେଜର ଓସ୍‌ଲେ ବୁଢ଼ାରଜା ନିକଟରେ ତାଙ୍କର ଅବରୋଧ କଲେ । ତୋପ ଓ ଗୋଳା ବାରୁଦର ସମ୍ମୁଖୀନ ହୋଇ ନ ପାରି ସୁରେନ୍ଦ୍ର, ଉଦନ୍ତ, ଉଜ୍ଜ୍ୱଳ, ଛବିଳ ଓ ବଳରାମ ବନ୍ଦୀ ହେଲେ । ସମ୍ବଲପୁର ଜେଲଖାନାରେ ସେମାନଙ୍କର ବିଚାର ହେଲା । ରାଜଦ୍ରୋହ ଦୋଷ ପ୍ରମାଣ ନ ହେଲେ ହେଁ ଦୁର୍ଜ୍ଜୟ ସିଂହଙ୍କ ହତ୍ୟା ଯୋଗୁଁ ସେମାନଙ୍କୁ ଯାବଜ୍ଜୀବନ କାରାଦଣ୍ଡ ଆଦେଶ ହେଲା । ସୁରେନ୍ଦ୍ରଙ୍କ ଶିଶୁପୁତ୍ର ମିତ୍ରଭାନୁ ମଧ୍ୟ ସେମାନଙ୍କ ସହିତ ବନ୍ଦୀହୋଇ ହଜାରିବାଗ ଜେଲକୁ ପଠାଗଲେ । କାରଣ ଇଂରେଜ-ମାନଙ୍କ ଡର ଥିଲା, କାଳେ ଏହି ପିଲାଟିକୁ ବିଦ୍ରୋହୀମାନେ ନେତା ମନେ କରି ବିଦ୍ରୋହ ଚାଲୁ ରଖିବେ ।

ନେତୃବିହୀନ ହୋଇ ବିପ୍ଳବର ନିଆଁ ଲିଭିଗଲା, କିନ୍ତୁ ଧୂଆଁ ରହିଲା । ୧୮୪୯ରେ ନାରାୟଣ ନିଃସନ୍ତାନ ହୋଇ ମରିଯିବାରୁ ଡେଲହାଉସୀଙ୍କ ରାଜସ୍ୱତ୍ୱଲୋପ ନୀତି ଅନୁଯାୟୀ ସମ୍ବଲପୁର ଇଂରେଜଙ୍କ ଖାସ ଶାସନକୁ ଚାଲିଗଲା । ୧୮୪୯ ରୁ ୧୮୫୪ ମଧ୍ୟରେ ପାଞ୍ଚ ବର୍ଷରେ ଦୁଇଥର ଜମିଜମା ବନ୍ଦୋବସ୍ତ କରି ଇଂରେଜମାନେ ରାଜସ୍ୱ ପରିମାଣ ୫ ଗୁଣ ବଢ଼ାଇ ଦେଲେ ଏବଂ ଅନେକ ମାଫି ବୃତ୍ତିର ଉଚ୍ଛେଦ କଲେ । ଫଳରେ ଜମିଦାର ବା ଗୌନ୍ତିଆଙ୍କ ସହିତ ଜନତା ମଧ୍ୟ ଇଂରେଜମାନଙ୍କ ବିରୋଧ କଲେ । ବିଦ୍ରୋହର ନିଆଁ ହୁହୁକି ହୁହୁକି ରହିଥିଲା । ୧୮୫୭ ଜୁଲାଇ ୩୦ରେ ବିଦ୍ରୋହୀ ସିପାହୀ-ମାନେ ହଜାରିବାଗ ଜେଲଖାନା ଭାଙ୍ଗିଦେବା ପରେ ଯେତେବେଳେ ସୁରେନ୍ଦ୍ର, ଉଦନ୍ତ, ଉଜ୍ଜ୍ୱଳ, ଛବିଳ, ଓ ମିତ୍ରଭାନୁ (ବଳରାମ ସିଂହ ମରି ସାରିଥିଲେ) ଜେଲଖାନାରୁ ମୁକ୍ତ ହୋଇ ସମ୍ବଲପୁର ଆସିଲେ, ବିଦ୍ରୋହର ନିଆଁ ଧପ୍ କରି ଜଳି ଉଠିଲା । ଅଗଷ୍ଟ ମାସ ଶେଷରେ ସମ୍ବଲ-ପୁରରେ ପହଞ୍ଚି ସୁରେନ୍ଦ୍ର ସାୟ ଯେଉଁ ଅଭୂତପୂର୍ବ ସମ୍ବର୍ଦ୍ଧନା ପାଇଲେ ସେଥିରେ ସେ ଦ୍ୱିଗୁଣ ଉତ୍ସାହିତ ହୋଇ ନୂଆ ବାହିନୀ ଗଠନ କଲେ । ଖୁବ୍ ଅଳ୍ପ ଦିନରେ ପ୍ରାୟ ଦେଢ଼ ହଜାର ସୈନ୍ୟ ସୁରେନ୍ଦ୍ରଙ୍କ ନେତୃତ୍ୱରେ ଠୁଳ ହେଲେ । ଚାରିଆଡ଼େ ବିଦ୍ରୋହର ଗୁଜବ ପ୍ରଚାର ହେଲା । ସେମାନେ ସମ୍ବଲପୁରରେ ପୁରୁଣା କିଲ୍ଲା ଅଧିକାର କରି ନେଲେ । ଏଥିରେ ଉତ୍ସାହିତ ହୋଇ ଇଂରେଜ ସରକାରଙ୍କର କେତେକ ସିପାହୀ ସୁରେନ୍ଦ୍ରଙ୍କର ଦଳରେ ଯୋଗ ଦେଲେ । ଫଳରେ ତାଙ୍କର ଆଧୁନିକ ଅସ୍ତ୍ର ଶସ୍ତ୍ରର ଅଭାବ ରହିଲା ନାହିଁ । ଏକମାତ୍ର ରାମଗଡ଼ ବାଟେଲିୟନକୁ ଧରି ସିନିୟର ଆସିଷ୍ଟାଣ୍ଟ କମିଶନର କ୍ୟାପ୍‌ଟେନ୍ ଲେ ତାଙ୍କର ମୁକାବିଲା କରିବାକୁ ସାହସ କଲେ ନାହିଁ । ସୁବେଦାର ଛକଡି ମହାପାତ୍ରଙ୍କ ହାତରେ ଶାନ୍ତି ପ୍ରସ୍ତାବ ଦେଇ ତାଙ୍କୁ ସୁରେନ୍ଦ୍ରଙ୍କ ନିକଟକୁ ପଠାଇଲେ । ସହଜରେ ଦାବୀ ହାସଲ ହୋଇଯିବ ଭାବି ସୁରେନ୍ଦ୍ର ଏକୁଟିଆ ଲେଙ୍କ ପାଖକୁ ଗଲେ । କିନ୍ତୁ ଲେଙ୍କ ସୁପାରିଶ ଅନୁଯାୟୀ ଛୋଟନାଗପୁର କମିଶନର ସୁରେନ୍ଦ୍ରଙ୍କୁ କ୍ଷମାଦେବାକୁ ରାଜିନଥିଲେ । ତାଙ୍କୁ କ୍ଷମାକରାଯିବା ପରିବର୍ତ୍ତେ ନଜରବନ୍ଦୀ କରି ରଖାଗଲା । ଗୃହବନ୍ଦୀ ହିସାବରେ ମଧ୍ୟ ସୁରେନ୍ଦ୍ର ପ୍ରହରୀମାନଙ୍କ ସାହାଯ୍ୟ ପାଇଲେ ; ବିଶେଷତଃ ଲେ କଥା ରଖିନଥିବାରୁ ଛକଡି ମହାପାତ୍ର ମର୍ମାହତ ହୋଇ ସୁରେନ୍ଦ୍ରଙ୍କୁ ସାହାଯ୍ୟ କଲେ । ୧୮୫୭ ଅକ୍‌ଟୋବର ୩୧ ତାରିଖ ରାତିରେ ସୁରେନ୍ଦ୍ର ସାୟ ନଜରବନ୍ଦୀରୁ ଖସି ପଳାଇଲେ । ଖିଣ୍ଡାରେ ଉଦନ୍ତ ସାଏଙ୍କ ସେନାବାହିନୀ ଜାଗତିଆର ଥିଲେ ଏବଂ ଖିଣ୍ଡାର ଗୌନ୍ତିଆ ନିଜ ଘରକୁ ଦୁର୍ଗଭଳି ସଜାଇ ଏମାନଙ୍କୁ ସାହାଯ୍ୟ କଲେ ।

ସୁରେନ୍ଦ୍ର ସାୟ ନିଜର ପୂର୍ବ ତ୍ରୁଟିଗୁଡ଼ିକର ପୁନରାବୃତ୍ତି କଲେ ନାହିଁ । ଇଂରେଜ ସୈନ୍ୟଭଳି ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ବାହିନୀ ସହିତ ମୁହାଁମୁହିଁ ମୁକାବିଲା କରିବା ନିର୍ବୋଧର କାମ ବୋଲି ସେ ଭାବିଲେ । ଇଂରେଜମାନଙ୍କୁ ବାହାର ଜଗତରୁ ବିଚ୍ଛିନ୍ନ କରିବାକୁ ହେବ । ସେ ଏକ ବ୍ୟୂହ କଳ୍ପନା କଲେ । ସୈନିକମାନଙ୍କୁ ତିନିଭାଗରେ ବିଭକ୍ତ କରି ଗଡ଼ପାଟି, ଝରପାଟି ଓ ମଭଳା ଭଣେଜୀ ନାମକ ତିନୋଟି ପାହାଡ଼ ଉପରେ ଅବସ୍ଥାନ କରାଇଲେ । ଡେବ୍ରିଗଡ଼ ସୁରେନ୍ଦ୍ରଙ୍କ ବିଦ୍ରୋହର କେନ୍ଦ୍ରସ୍ଥଳ ହେଲା । ହୀରାକୁଦ ଜଳଭଣ୍ଡାର ହେବାପରେ ଏସବୁ ସ୍ଥାନ-ଗୁଡ଼ିକର ଆପେକ୍ଷିକ ଅବସ୍ଥିତି ବୁଝିହେଉନାହିଁ । କିନ୍ତୁ ସେତେବେଳେ ଡେବ୍ରିଗଡ଼ ପାଖରେ ଲକ୍ଷ୍ମଣପୁର ଥିଲା ।

ଲକ୍ଷ୍ମଣପୁରର ମୃତ ଜମିଦାର ବଳଭଦ୍ରଙ୍କ ତିନିପୁତ୍ର କମଳ, ନୀଳାମ୍ବର ଓ ଖଗେଶ୍ୱର ଡେବ୍ରିଗଡ଼ ଦୁର୍ଗରେ ଥାଇ ବିଦ୍ରୋହ ପରିଚାଳନା କଲେ । ଡେବ୍ରିଗଡ଼କୁ କେନ୍ଦ୍ରକରି ସୁରେନ୍ଦ୍ର ସାଏ ଏକ ରାତିକରେ ସିଂଘୋଡ଼ାଘାଟି, ଝରଘାଟି, ଓ ଗଡ଼ପାଟିଘାଟିକୁ ଯାଇ ପୁଣି ଫେରିଆସି ପାରୁଥିଲେ । କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ରହୁନଥିବାରୁ ଏବଂ ପ୍ରତ୍ୟେକ ଯୁଦ୍ଧ କ୍ଷେତ୍ରକୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିପାରୁଥିବାରୁ ବିଦ୍ରୋହୀ ସୈନ୍ୟମାନଙ୍କ ଉପରେ ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣ କର୍ତ୍ତୃତ୍ୱ ଥିଲା । ଡେବ୍ରିଗଡ଼ ଓ ବାରବଖରା ଗୁମ୍ଫା ସୁରେନ୍ଦ୍ର ଓ ତାଙ୍କ ସହଯୋଗୀମାନଙ୍କ ପାଇଁ ଏକ ଦୁର୍ଭେଦ୍ୟ ଆଶ୍ରୟସ୍ଥଳ ଥିଲା ।

ସମ୍ବଲପୁରରେଥିବା ଇଂରେଜମାନଙ୍କୁ ବାହାର ସାହାଯ୍ୟରୁ ବିଚ୍ଛିନ୍ନ କରିବାପାଇଁ ସୁରେନ୍ଦ୍ର ସାଏ ଯେଉଁ ବ୍ୟୂହ ରଚନା କରିଥିଲେ, ସେଥିର କେନ୍ଦ୍ର ଥିଲା ଡେବ୍ରିଗଡ଼ ଏବଂ ଚତୁଃପାର୍ଶ୍ୱରେ ଚାରୋଟି ଗଡ଼ ବା ଦୁର୍ଗ । କଟକରୁ ଆସୁଥିବା ରସଦ ତଥା ସୈନ୍ୟଙ୍କୁ ବାଧା ଦେବାପାଇଁ ମୁଣ୍ଡେଇ ନିକଟ ବଡ଼ପାଟି (ଗଡ଼ପାଟି?) ଘାଟିରେ ବିପ୍ଲବୀମାନଙ୍କୁ ଠୁଳ କରାଗଲା । ନାଗପୁରରୁ ଆସୁଥିବା ଇଂରେଜ ସେନାଙ୍କୁ ବାଧାଦେବାପାଇଁ ସିଂଘୋଡ଼ା ନାମକ ଆଗୁଆ ଘାଟିରେ ଘେଁଶ ଜମିଦାର ଢୁଣ୍ଡେଲ ସିଂହ ଓ ହଟେ ସିଂହ ରହିଲେ । ବାରପାହାଡ଼ର ଅଦୂରରେ ପାହାଡ଼ ଶ୍ରୀଗିଡ଼ାଠାରେ ଗୋଟିଏ ଘାଟିକରି ବହୁସଂଖ୍ୟକ ବିପ୍ଳବୀଙ୍କୁ ରଖାଗଲା । ଏମାନେ ନାଗପୁର ରାସ୍ତାକୁ ସମ୍ବଲପୁରଠାରୁ ବିଚ୍ଛିନ୍ନ କରାଇବେ । ହଜାରିବାଗ ରାସ୍ତାରୁ ବିଚ୍ଛିନ୍ନ କରିବାପାଇଁ ଝରଘାଟିଠାରେ ଏବଂ ରାଞ୍ଚି ରାସ୍ତାରୁ ବିଚ୍ଛିନ୍ନ କରିବାପାଇଁ ରେଢ଼ାଖୋଲ ନିକଟ ମଉଳା ଭଣ୍ଡା ଘାଟିଠାରେ ବିପ୍ଳବୀମାନେ ଜଗିରହିଲେ । ଏସବୁ ଘାଟିରେ ପୂର୍ବରୁ ଉଚ୍ଚର ମାଟି ପାଚେରୀ ଦେଇ ସେ ଦୁର୍ଗ ତିଆରି କରିଥିଲେ । ଦୁର୍ଗଭିତରୁ ବନ୍ଧୁକ ମାରିବା ସୁବିଧାପାଇଁ ପାଚେରୀରେ କଣାଗୁଡ଼ିଏ କରିଥିଲେ । ପାହାଡ଼ର ଶିଖରରେ, ଦୁର୍ଗର ଉଚ୍ଚତମ ସ୍ଥାନରେ ଏବଂ ରାସ୍ତା ଛକିଜାଗାମାନଙ୍କରେ ଆଗୁଆ ପ୍ରହରୀ ରଖାଇ ଶତ୍ରୁ ଇଂରେଜମାନଙ୍କ ଚଳ ପ୍ରଚଳର ଖବର ରଖୁଥିଲେ । ଏହି ଦୁର୍ଗଗୁଡ଼ିକର ଗଠନ କିପରି ଥିଲା, ତାହା ଇଂରେଜମାନେହିଁ ବର୍ଣ୍ଣନା କରିଯାଇଛନ୍ତି । ନିହତ କ୍ୟାପଟେନ୍ ଉଡ୍‌ବ୍ରିଜ୍‌ଙ୍କ ଶବ ଉଦ୍ଧାର କରିବାପାଇଁ ଫେବୃଆରୀ ୧୪ରେ ଏନ୍‌ସାଇନ୍ ଓ୍ୱାର୍ଲୋ ପାହାଡ଼ ଶ୍ରୀଗିଡ଼ା ଦୁର୍ଗ ଆକ୍ରମଣ କରି ଦେଖିଲେ ଯେ ଦୁଇ ପାହାଡ଼ ମଝିରେ ଥିବା ରାସ୍ତାରେ ସାତଫୁଟ ଉଚ୍ଚ ୩୦ ଫୁଟ ଓସାର ପାଚେରୀ ତିଆହୋଇଛି । ପାହାଡ଼କୁ ଉଠିବା ଅଧାବାଟରେ ପୁଣି ଗୋଟିଏ ପଥର ପାଚେରୀ ଏବଂ ପାହାଡ଼ ଶିଖରରେ ପୁଣି ଗୋଟିଏ ପଥର ପାଚେରୀ । ଉପର ପାଚେରୀରୁ ତଳ ପାଚେରୀକୁ ଦେଖି ହେବ । ଘାଟି ରାସ୍ତାର ସବୁ ଗଛଲତା କାଟି ଦିଆଯାଇଛି । ତେଣୁ ଶତ୍ରୁ ସୈନ୍ୟମାନେ ହଠାତ୍ ଲୁଆଡ଼େ ଲୁଚି ଯାଇପାରିବେ ନାହିଁ, ବରଂ ଦୁର୍ଗରେ ଥିବା ସୈନ୍ୟଙ୍କ ଗୁଳିଗୋଳା ବା ତୀର ମାଡ଼ର ଶୀକାର ହେବେ । ଓ୍ୱାର୍ଲୋ ଏ କୌଶଳ ଦେଖି ଘାଟିର ବାମ ଓ ଡାହାଣ ଦୁଇପାଖରୁ ଆକ୍ରମଣ କରିବାପାଇଁ ସୈନ୍ୟ ପଠାଇଲେ ଓ ସାମନାରେ ଦଳେ ସୈନ୍ୟ ପ୍ରସ୍ତୁତ ରହିଲେ । ଏ ପ୍ରକାର ଯୁଦ୍ଧରେ ସୁରେନ୍ଦ୍ରଙ୍କ ସେନା ପାହାଡ଼ ଶ୍ରୀଗିଡ଼ା ଛାଡ଼ି ପଳାଇଲେ ।

ଏହି ପ୍ରକାର ବ୍ୟୂହ ରଚନା ଫଳରେ ସମ୍ବଲପୁରରେ ଥିବା ଇଂରେଜମାନେ ବାହାର ଜଗତସହିତ ଦୈନନ୍ଦିନ ସଂପର୍କ ରଖିପାରିଲେ ନାହିଁ । ନାଗପୁର ଓ ରାୟପୁରରୁ ମେଦିନୀପୁର ଓ କଲିକତା ଯାଉଥିବା ବ୍ରିଟିଶ ଡ଼ାକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଗଲା । ସମ୍ବଲପୁରରୁ କଟକକୁ ଡ଼ାକଯିବା ଅସମ୍ଭବ ହେଲା । ସୈନ୍ୟବାହିନୀର ବିନା ସାହାଯ୍ୟରେ ଇଂରେଜ ସମର୍ଥକମାନେ ଯିବା ଆସିବା ଆସିବା କରିପାରିଲେ ନାହିଁ । ଇଂରେଜମାନଙ୍କ ଦୁରାବସ୍ଥା ଦେଖି ସୁରେନ୍ଦ୍ର ସାଏ ଆହୁରି ଉତ୍ସାହିତ ହୋଇଗଲେ । ଅବସ୍ଥା ଏପରି ହେଲଯେ, ସମ୍ବଲପୁର ରାଜଧାନୀ ବା ସହରର ତିନି ଚାରି ମାଇଲ ଦୂରରେ ଥିବା ସମସ୍ତ ଅଞ୍ଚଳ ବିଦ୍ରୋହୀମାନଙ୍କ କବ୍‌ଜାରେ ରହିଲା । ରାତିରେ ଏହି ବିଦ୍ରୋହୀମାନେ ମଧ୍ୟ ସମ୍ବଲପୁର ସହର ଭିତରକୁ ଆସି ଗୋଳାବାରୁଦ ବୃଷ୍ଟି କରିପାରୁଥିଲେ । ୧୮୫୭ ନଭେମ୍ବର ୧୮ରେ ବିଦ୍ରୋହୀମାନେ ସମ୍ବଲପୁର ସହରରେ ପ୍ରବେଶ କରି ଦୁଇଜଣ ସରକାରୀ ସୈନ୍ୟଙ୍କୁ ନିହତ ଓ ୮ ଜଣଙ୍କୁ ଆହତ କରିଥିଲେ । ବିଦ୍ରୋହୀମାନଙ୍କ ଉତ୍ପାତ ଇଂରେଜମାନଙ୍କପାଇଁ ଅସହ୍ୟ ହୋଇ ପଡ଼ିଲା ।

ଚାରିଆଡୁ ବିଚ୍ଛିନ୍ନ ହୋଇଯିବା ଅନୁଭବକରି ସମ୍ବଲପୁରର ଇଂରେଜ ଶାସକମାନେ ଆତ୍ମରକ୍ଷା ପାଇଁ କଟକ ଓ ନାଗପୁରକୁ ଆବେଦନ କଲେ । ଅବସ୍ଥାର ଗୁରୁତ୍ୱ ଉପଲବ୍ଧି କରି ଇଂରେଜ ସରକାର ସମ୍ବଲପୁର ଅଞ୍ଚଳକୁ ଛୋଟନାଗପୁର କମିଶନରଙ୍କଠାରୁ କାଢ଼ିଆଣି କଟକ କମିସନରଙ୍କ ଅଧୀନକୁ ଦେଲେ । କଟକ କରଦ ରାଜାମାନଙ୍କ (Cuttack Triputany Mahals) ସୁପରିଣ୍ଟେଣ୍ଡେଣ୍ଟ ହିସାବରେ କଟକ କମିସନର ତାଙ୍କ ଅଧୀନସ୍ଥ ବିଭିନ୍ନ ରାଜାମାନଙ୍କ ସାହାଯ୍ୟ ଲୋଡ଼ିଲେ । ସେମାନଙ୍କଠାରୁ ୧୦ଟି ହାତୀ ମିଳିଲା । ଦୁଇଟି ହାତୀ ମଧ୍ୟ କିଣାଗଲା । ମୋଟ ୧୨ଟି ହାତୀ ସମ୍ବଲପୁର ପଠାଗଲା । ଶହଶହ ଗୋରୁଗାଡ଼ି, ଭାରୁଆ ଓ ଥୋରିଆ ବଳଦ ଆଦି କଟକରୁ ସମ୍ବଲପୁରକୁ ବିଭିନ୍ନ ରସଦ ବୁହାବୁହି କରିବାରେ ଲାଗିଗଲେ । ମାଲମତା ସହିତ ସୈନ୍ୟବାହିନୀ ମଧ୍ୟ ସମ୍ବଲପୁର ଆସିଥିଲେ । ୪୦ତମ ମାଡ୍ରାଜ ଦେଶୀୟ ପଦାତିକ ବାହିନୀ ଏବଂ ମାଡ୍ରାଜ ଗୋଲନ୍ଦାଜ ( artillery ) ବାହିନୀ ସମ୍ବଲପୁର ଆସିଗଲେ । ଗୋଲନ୍ଦାଜ ସୈନ୍ୟମାନେ ପାହାଡ଼ ପର୍ବତ ଉପରୁ ଗୁଳିଚଳାଇବା ସୁବିଧାପାଇଁ ହାଲୁକା ଯାନ୍ତ୍ରିକ ବନ୍ଧୁକ ଆଣିଥିଲେ ।

କିଛିବର୍ଷ ପୂର୍ବରୁ କି: ଏଫ୍: କକ୍‌ବର୍ଣ୍ଣ ସମ୍ବଲପୁରର ଡେପୁଟି କମିସନର ଥିଲେ । ତେଣୁ କଟକ କମିସନର ହିସାବରେ ତାଙ୍କୁ ସମ୍ବଲପୁର ଅଜଣା ନଥିଲା ।

୧୮୫୭ ଡିସେମ୍ବର ୧୯ରେ କାର୍ଯ୍ୟଭାର ଗ୍ରହଣକରି ସେ ସମ୍ବଲପୁର ଯାତ୍ରାକଲେ । ସାଙ୍ଗରେ ୫ମ ମାଡ୍ରାଜ ଦେଶୀ ପଦାତିକ ବାହିନୀର କିଛି ସୈନ୍ୟ ମଧ୍ୟ ଆସିଲେ । ସେ ସମ୍ବଲପୁରରେ ପହଞ୍ଚିବାର (୧୮୫୮ ଜାନୁଆରୀ ୨୦) କୋଡ଼ିଏ ଦିନ ପୂର୍ବରୁ ଅର୍ଥାତ୍ ଡିସେମ୍ବର ୩୦ରେ ନାଗପୁର ଅନିୟମିତ ଘୋଡ଼ାସବାର ବାହିନୀର ଗୋଟିଏ ସୈନ୍ୟଦଳ ଧରି କ୍ୟାପଟେନ୍ ଉଡ୍ ସମ୍ବଲପୁର ନିକଟରେ କୁଦପାଲିଠାରେ ସୁରେନ୍ଦ୍ର ସାଏ, ଛବିଳ ସାଏ ଓ ଅନ୍ୟବିଦ୍ରୋହୀମାନଙ୍କୁ ଅକସ୍ମାତ୍ ଦେଖିଲେ । ଯୁଦ୍ଧରେ ଛବିଳ ସାଏ ନିହତ ହେଲେ,ସୁରେନ୍ଦ୍ର ପଳାୟନ କଲେ । କିନ୍ତୁ ଶହ ଶହ ବିଦ୍ରୋହୀ ପ୍ରାଣ ହରାଇଲେ ।

କକ୍‌ବର୍ଣ୍ଣଙ୍କ ଆଦେଶରେ ମେଜର ବେଟ୍‌ସ୍ ସୁରେନ୍ଦ୍ରଙ୍କ ବିରୁଦ୍ଧରେ ଏବଂ କ୍ୟାପଟେନ୍ ଉଡ୍ ଉଦନ୍ତ ସାଏଙ୍କ ବିରୁଦ୍ଧରେ ଅଭିଯାନ ଚଳାଇଲେ । ଝରଘାଟି ପାହାଡ଼ ଘେରାଉ କରି ମେଜର ବେଟ୍‌ସ ତୋପମାଡ଼ରେ ଝରଘାଟି ଦୁର୍ଗ ଧ୍ୱଂସ କରିଦେଲେ । ଶହ ଶହ ବିଦ୍ରୋହୀଙ୍କୁ ହତ୍ୟା-କଲେ । ତାପରେ କୋଲାବୀରା ଆକ୍ରମଣ କରି ଗ୍ରାମଟିକୁ ପୋଡ଼ିଜାଳି ଛାରଖାର କରିଦେଲେ । କୋଲାବୀରା ଜମିଦାରଙ୍କ ସହିତ ମାନ୍ୟଗଣ୍ୟ ୧୩ଜଣ ଆତ୍ମସମର୍ପଣ କଲେ । କୋଲାବୀରା ଜମିଦାରଙ୍କୁ ଫାଶୀ ଦିଆଗଲା ଓ ଜମିଦାରୀକୁ ଉଚ୍ଛେଦ କରାଗଲା । ସମ୍ବଲପୁର ରାଞ୍ଚି ରାସ୍ତା ଇଂରେଜମାନଙ୍କ ପାଇଁ ନିରାପଦ ହୋଇଗଲା ।

ନାଗପୁର ଘୋଡ଼ାସବାର ଦଳକୁ ଧରି କ୍ୟାପଟେନ୍ ସେକ୍‌ସ୍‌ପିଅର ସିଂଘୋଡ଼ା ଘାଟିରୁ ବିଦ୍ରୋହୀମାନଙ୍କୁ ତଡ଼ିଦେଲେ; କିନ୍ତୁ ସମ୍ବଲପୁର–ନାଗପୁର ରାସ୍ତାକୁ ପରିଷ୍କାର କରିପାରିଲେ ନାହିଁ । କ୍ୟାପଟେନ୍ ଉଡ୍ ଓ କ୍ୟାପଟେନ୍ ଉଡ୍‌ବ୍ରିଜ୍ ସୈନ୍ୟଦଳ ଧରି ଝୀଗିଡ଼ା ଘାଟି ଦଖଲ କରିବାର ଚେଷ୍ଟାକଲେ । ପାହାଡ଼ଝୀଗିଡ଼ା ନାମକ ସ୍ଥାନରେ ବିଦ୍ରୋହୀମାନଙ୍କ ଘାଟିକୁ ଦଖଲ କରିବାକୁ ଯିବାବେଳେ ଫେବୃଆରୀ ୧୨ (୧୮୫୮)ରେ କ୍ୟାପଟେନ୍ ଉଡ୍‌ବ୍ରିଜ୍ ବିଦ୍ରୋହୀମାନଙ୍କ ଗୁଳିମାଡ଼ରେ ନିହତ ହେଲେ । ପଥର ମାଡ଼ରେ ରାମଗଡ଼ ପଦାତିକ ବାହିନୀ ପ୍ରାୟ ନିଃଶେଷ ହୋଇଗଲା । ବଡ଼ ବଡ଼ ତୋପ ମଧ୍ୟ ନଷ୍ଟ ହୋଇଗଲା କିନ୍ତୁ ଇଂରେଜମାନେ ଧୈର୍ଯ୍ୟ ନହରାଇ ସମ୍ବଲପୁର ଜିଲ୍ଲାର ଚାରିଆଡ଼େ ଜୋରସୋରରେ ଅଭିଯାନ ଚାଲୁ ରଖିଲେ । ଝୀଗିଡ଼ାଘାଟିକୁ ପୁନର୍ବାର ଦଖଲ କରିବା ପାଇଁ କକ୍‌ବର୍ଣ୍ଣ ଉଆର୍ଲୋଙ୍କୁ ପଠାଇଲେ । ଫେବୃଆରୀ ୧୪ରେ ପହଞ୍ଚି ସେ କେବଳ ଉଡ୍‌ବ୍ରିଜ୍‌ଙ୍କ ଶବ ଛଡ଼ା ଆଉକିଛି ପାଇଲେ ନାହିଁ ।

କକ୍‌ବର୍ଣ୍ଣ ନିଷ୍ପତ୍ତି ନେଲେଯେ ବାରପାହାଡ଼କୁ ଦଖଲ ନକଲା ପର୍ଯ୍ୟନ୍ତ ସମ୍ବଲପୁର ବିଦ୍ରୋହ ଦମନ ହେବ ନାହିଁ । ବାରପାହାଡ଼ ଘାଟି ଉପରେ ସମୁଦ୍ର ପତନରୁ ୨୨୬୭ ଫୁଟ ଉଚ୍ଚରେ ଡେବ୍ରିଗଡ଼ା ସୁରେନ୍ଦ୍ର ସାଏ ସମସ୍ତ ବିଦ୍ରୋହୀ ସୈନ୍ୟଙ୍କୁ ଧରି ସେହିଠାର ଆସ୍ଥାନ ଜମାଇଲେ । ଏହି ଦୁର୍ଗଚାରିପଟେ ଘନ ଜଙ୍ଗଲ ଥିବାରୁ ଏଠାରୁ ଆତ୍ମଗୋପନ-କରି ପଳାଇବା ବା କୌଣସି ସ୍ଥାନରେ ଲୁଚିଯିବା ଖୁବ୍ ସହଜ ଥିଲା । ଡେବ୍ରିଗଡ଼ ଆଶ୍ରୟକରି ସୁରେନ୍ଦ୍ର ସାଏ ୧୮୬୨ ମେ ମାସ ପର୍ଯ୍ୟନ୍ତ ଇଂରେଜ ବିରୋଧୀ ସଂଗ୍ରାମ ଚଳାଇ ଆସିଥିଲେ ।


୧୮୫୮ ଫେବୃଆରୀରେ କ୍ୟାପଟେନ୍ ସେକ୍‌ସପିଅର ଝୀଗିଡ଼ାଘାଟି ଓ ବାରପାହାଡ଼ ଆକ୍ରମଣ କରିଥିଲେ । କିନ୍ତୁ ସେ ଫେରିଆସିବା ପରେ ସୁରେନ୍ଦ୍ର ସାଏ ପୁଣି ଏହି ଦୁର୍ଗକୁ ଅଧିକାର କରିନେଇଥିଲେ । ମାଡ୍ରାଜ ୫ମ ପଦାତିକ ବାହିନୀ ସହିତ କ୍ୟାପଟେନ୍ ନିକଲ୍‌ସ ବାରପାହାଡ଼ ଆକ୍ରମଣ କରି ବିଦ୍ରୋହୀମାନଙ୍କୁ ତଡ଼ିଦେଇଥିଲେ ଏବଂ ସେମାନଙ୍କ ରସଦ ସବୁ ଜବତ କରି ଆଣିଥିଲେ । ତଥାପି ସୁରେନ୍ଦ୍ର ସାଏ ଧରାପଡ଼ିନଥିଲେ ।

ଏଣିକି ଇଂରେଜମାନେ କ୍ଷମା-ଦଣ୍ଡ-ଭେଦ ନୀତି ଗ୍ରହଣ କରି ସୁରେନ୍ଦ୍ର ସାଏଙ୍କୁ ଏକୁଟିଆ କରିଦେବାର ଚେଷ୍ଟାକଲେ । ଯେଉଁମାନେ ଆତ୍ମସମର୍ପଣ କରିବେ ସେମାନଙ୍କୁ ଦଣ୍ଡ ଦିଆଯିବ ନାହିଁ, ବରଂ ଜମି ବା ଜମିଦାରୀ ଫେରି ମିଳିବ । ଏହି ଘୋଷଣା ଯୋଗୁଁ ଅନେକ ବିଦ୍ରୋହୀ ସରକାରୀ ପକ୍ଷ ହୋଇଗଲେ । ଯେଉଁମାନେ କ୍ଷମା ଘୋଷଣାପରେ ମଧ୍ୟ ବିରୋଧ ବା ବିଦ୍ରୋହରେ ଜଡ଼ିତ ରହିବେ ସେମାନଙ୍କୁ ଧରିଆଣି ଫାଶୀ ଦଣ୍ଡ ଦିଆଯିବ ଏବଂ ଜମି ସଂପତ୍ତି ବାଜ୍ୟାପ୍ତି ହେବ ଏବଂ ସମର୍ଥନକାରୀ ଗାଁଗଣ୍ଡାକୁ ଧ୍ୱଂସ କରିଦିଆଯିବ । ଏହି ଦଣ୍ଡ ନୀତି ଯୋଗୁଁ ବହୁଲୋକ ଭୟଭୀତ ହେଲେ ଏବଂ ସୁରେନ୍ଦ୍ରଙ୍କୁ ପ୍ରକାଶ୍ୟ ସମର୍ଥନ ଦେଲେ ନାହିଁ । ଏହି କାରଣରୁ ପାଟଣା ରାଜା ଉଜ୍ଜ୍ୱଳ ସିଂହଙ୍କୁ ଧରାଇ ଦେଲେ । ବାମଣ୍ଡା ରାଜା ବିଦ୍ରୋହୀ ଘାଟିମାନଙ୍କୁ ଦମନ କରିବାରେ ଓ ଶ୍ରୀକୃଷ୍ଣ ବେହେରାଙ୍କ ଦଳକୁ ଧରାଇ ଦେବାରେ ସାହାଯ୍ୟ କଲେ । ୧୮୫୮ ଅପ୍ରେଲରେ କର୍ଣ୍ଣେଲ ଫରଷ୍ଟର ପଡ଼ୋଶୀ ରାଜା ଓ ଜମିଦାରମାନଙ୍କୁ ଡାକି ତାଗିଦ୍ କରିଦେଲେ ଏବଂ ସୁରେନ୍ଦ୍ରଙ୍କ ସମର୍ଥନକାରୀମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କଲେ । ଯେଉଁ ରାଜା ଜମିଦାରମାନଙ୍କ ପରୋକ୍ଷ ସାହାଯ୍ୟ ଓ ସମର୍ଥନରେ ସୁରେନ୍ଦ୍ର ଏତେ ଆଗେଇ ଥିଲେ, ସେମାନେ ଦୂରେଇ ରହିଲେ । ତେଣୁ ସୁରେନ୍ଦ୍ରଙ୍କ ଶକ୍ତି କମି କମି ଆସିଲା । ଅନ୍ୟଦିଗରେ ସୁରେନ୍ଦ୍ର ଦେଖିଲେ ତାଙ୍କୁ ଶାସ୍ତିଦେବା ନାଁରେ ଇଂରେଜ ସରକାର ଗାଁଗହଳିର ନିରୀହ ଲୋକମାନଙ୍କୁ ନିର୍ଯ୍ୟାତନା ଦେଉଛନ୍ତି; ସନ୍ଦେହରେ ଗାଁଗଣ୍ଡା ପୋଡ଼ି ଛାରଖାର କରୁଛନ୍ତି; ବିଦ୍ରୋହୀମାନଙ୍କ ସ୍ତ୍ରୀ, ବାଳକ ଓ ଆତ୍ମୀୟମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି । ପୁଣି ସାରା ଦେଶରେ ସିପାହୀଯୁଦ୍ଧ ବନ୍ଦ ହୋଇଯାଇଥିବାରୁ ଇଂରେଜ-ମାନେ ଚାରିଆଡ଼ୁ ସୈନ୍ୟଆଣି ସମ୍ବଲପୁରରେ ଜମାଉଛନ୍ତି । ତେଣୁ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ପ୍ରବଳ ଇଂରେଜ ବାହିନୀର ଆଗରେ ଯୁଦ୍ଧର ଅକିଞ୍ଚିକତା ସୁରେନ୍ଦ୍ର ଉପଲବ୍ଧି କଲେ । ସେତେବେଳକୁ ମେଜର ଇମ୍ପେ ସମ୍ବଲପୁରର କାର୍ଯ୍ୟଭାର ନେଇ କ୍ଷମାଦାନନୀତି ଘୋଷଣା କରିଥିଲେ ।

୧୮୬୨ ଜାନୁଆରୀ ୧୮ରେ ଉଦନ୍ତ–ଓ ଧ୍ରୁବ ସାଏ ମେଜର ଇମ୍ପେଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ସମ୍ବଲପୁର ଅଞ୍ଚଳରେ ଶାନ୍ତି ଆଣିବା ପାଇଁ ଇଂରେଜ ସରକାରଙ୍କ ସର୍ତ୍ତରେ ସୁରେନ୍ଦ୍ର ସାଏ ୧୮୬୨ ମେ ମାସ ଶେଷ ଆଡ଼କୁ ଆତ୍ମସମର୍ପଣ କଲେ । ଏହାପରେ ଯେଉଁ ଆନ୍ଦୋଳନ ଚାଲୁରହିଥିଲା, ତାହା ସୁରେନ୍ଦ୍ର ସାଏଙ୍କ ନାମରେ ଚାଲିଥିଲା ସିନା, ସେ ସେଥିରେ ପ୍ରତ୍ୟକ୍ଷ ଅଂଶୀଦାର ବା ନାୟକ ନଥିଲେ । ଲକ୍ଷ୍ମଣପୁର ଓ ଘେଁସର ଜମିଦାର ମାନେ ବିଦ୍ରୋହ ଛାଡ଼ି ନଥିଲେ । ତେଣୁ ୧୮୬୩ ଏପ୍ରିଲ ୩୦ରେ ସମ୍ବଲପୁର ଜିଲ୍ଲା ମଧ୍ୟପ୍ରଦେଶ ଅନ୍ତର୍ଭୁକ୍ତ ହେବା ଆକରେ ଏହି ବିଦ୍ରୋହ ପୁଣି ତେଜି ଉଠିଥିଲା । ସୁରେନ୍ଦ୍ରଙ୍କୁ ରାଜଗାଦି ଦିଆଯାଉବୋଲି ସୁରେନ୍ଦ୍ରଙ୍କ ବୀରତ୍ୱରେ ମୁଗ୍ଧ ଜନତା ଯେତେବେଳେ ଦରଖାସ୍ତ କଲା, ମଧ୍ୟପ୍ରଦେଶର ଚିଫ୍ କମିଶନର ସାର୍ ରିଚ୍ଚର୍ଡ ଟେମ୍ପଲ୍ ଏହାକୁ ସୁରେନ୍ଦ୍ରଙ୍କ କାରସାଦି ବୋଲି ଧରିନେଲେ । ଫଳରେ ୧୮୬୪ରେ ତାଙ୍କ ଜନ୍ମଦିନ (ଜାନୁଆରୀ ୨୩) ରାତିରେ ସୁରେନ୍ଦ୍ର ସାଏଙ୍କୁ ଲୁଚ୍‌ଚୋରା ଗିରଫ କରି ନିଆଗଲା । ବନ୍ଦୀଭାବରେ ହିଁ ସୁରେନ୍ଦ୍ର ସାଏ ୧୮୮୪ ଫେବୃଆରୀ ୨୮ରେ ପ୍ରାଣତ୍ୟାଗ କରିଥିଲେ ।

ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ବ୍ରିଟିଶ ସରକାରଙ୍କ ବହୁ ସଂଖ୍ୟକ ତାଲିମପ୍ରାପ୍ତ ସୈନ୍ୟ ଏବଂ ଗୋଲନ୍ଦାଜ ବାହିନୀ ଆଗରେ ଧନୁତୀର ପଥର ବା କେତେଗୁଡ଼ିଏ ଗାଁଉଲି ବନ୍ଧୁକରେ ସଜ୍ଜିତ ରାଜା ଜମିଦାରଙ୍କ ଅଶିକ୍ଷିତ ପାଇକମାନେ କେତେଦିନ ମୁଣ୍ଡଟେକି ରହିପାରିଥାନ୍ତେ ? ଦିନେ ନୁହେଁ ମାସେ ନୁହେଁ, ବର୍ଷ ବର୍ଷ ଧରି ୩୬ ବର୍ଷ ପ୍ରବଳ ପରାକ୍ରମୀ ବ୍ରିଟିଶ ସରକାରଙ୍କୁ ବ୍ୟତିବ୍ୟସ୍ତ କରି ରଖିଥିଲେ ଯେଉଁ ବୀର ସେ ଆମର ନମସ୍ୟ । ରାଜପରିବାରର ବିଳାସବ୍ୟସନକୁ ଉପେକ୍ଷା କରି ୧୯ ବର୍ଷ ବୟସରେ ଯେଉଁ କିଶୋର ସ୍ୱାଧୀନତା ସୁନ୍ଦର ସ୍ୱପ୍ନ ଦେଖିଥିଲେ ଏବଂ ଏହି ସ୍ୱପ୍ନକୁ ୩୬ ବର୍ଷଧରି ବଞ୍ଚାଇ ରଖିଥିଲେ, ତାଙ୍କର ରଣସଜ୍ଜା ଓ ରଣକୌଶଳ ଆଧୁନିକ ସାମରିକ ବିଜ୍ଞାନୀମାନଙ୍କୁ ମଧ୍ୟ ଚକିତ କରି ଦେଉଛି ।

ଉତ୍ତରାଞ୍ଚଳ ରାଜସ୍ୱ କମିସନର, ସମ୍ବଲପୁର–୭୬୮୦୦୧



ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ

# ଭାରତର ପ୍ରଥମ ବିଦ୍ରୋହୀ

ଶ୍ରୀ ଭାଗବତ ପ୍ରସାଦ ନନ୍ଦ

ଆମ ଦେଶ ବ୍ରିଟିଶ ସାମ୍ରାଜ୍ୟ ଅଧୀନରେ ବହୁଦିନ ଧରି ଶାସିତ ହୋଇଥିଲା । ବ୍ରିଟିଶ ସାମ୍ରାଜ୍ୟ ଏକ ପରାକ୍ରମୀ ସାମ୍ରାଜ୍ୟ ଥିଲା । ଏହି ସାମ୍ରାଜ୍ୟ ମଧ୍ୟରେ ସୂର୍ଯ୍ୟ ଅସ୍ତ ହୁଅନ୍ତି ନାହିଁ ବୋଲି ଗର୍ବ କରାଯାଉଥିଲା । ବର୍ତ୍ତମାନ ଯେପରି ସୋଭିଏତ ଶକ୍ତି ଓ ମାର୍କିନ ଶକ୍ତି ପୃଥିବୀ ରାଜନୀତିରେ ମୁଖ୍ୟସ୍ଥାନ ଗ୍ରହଣ କରୁଛନ୍ତି ସେହିପରି ବହୁବର୍ଷ ଧରି ବ୍ରିଟିଶ ସାମ୍ରାଜ୍ୟ ପୃଥିବୀ ରାଜନୀତିକୁ ନିୟନ୍ତ୍ରଣ କରୁଥିଲା । ଭାରତ ବର୍ଷରେ ଏହାର ଅନୀତି ବିରୁଦ୍ଧରେ ପ୍ରଥମକରି ୧୮୫୭ ମସିହାରେ ସାମୁହିକ ଭାବରେ ସିପାହୀମାନେ ବିଦ୍ରୋହ ଘୋଷଣା କରିଥିଲେ । ଏହା ସିପାହୀ ବିଦ୍ରୋହ ନାମରେ ଖ୍ୟାତ । ଏହାକୁ ଭାରତ ବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମଧ୍ୟ କୁହାଯାଉଛି । ଏହି ସଂଗ୍ରାମର ଦୀର୍ଘ ୨୮ ବର୍ଷ ପରେ ୧୮୮୫ ମସିହାରେ ଜାତୀୟ କଂଗ୍ରେସ ଅନୁଷ୍ଠାନ ଜନ୍ମଲାଭ କଲା । ଏହାପରେ ୧୯୦୫ରେ ବଙ୍ଗଭଙ୍ଗ ଆନ୍ଦୋଳନ ଓ ୧୯୨୧ରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ସମଗ୍ର ଦେଶରେ ଚହଳ ପକାଇ ଦେଇଥିଲା । ଏହିପରି ଜାତୀୟ କଂଗ୍ରେସ ପର୍ଯ୍ୟାୟକ୍ରମେ ବହୁ ଆନ୍ଦୋଳନ କରିବା ପରେ ଦୀର୍ଘ ୪୪ ବର୍ଷ ପରେ ଅର୍ଥାତ ୧୯୨୮ ମସିହା ଡିସେମ୍ବର ମାସରେ ହୋଇଥିବା ଲାହୋର କଂଗ୍ରେସରେ ପୂର୍ଣ୍ଣ ସ୍ୱାଧୀନତା ଘୋଷଣା କରି ପ୍ରସ୍ତାବ ଗ୍ରହଣ କଲା । ଏହି ଘଟଣାର ଏକଶହ ଦୁଇ ବର୍ଷ ତଳେ ଅର୍ଥାତ ୧୮୨୭ ମସିହାରେ ଭାରତବର୍ଷର ଏକ ଅଖ୍ୟାତ ଅଞ୍ଚଳରେ ଜନ୍ମଗ୍ରହଣ କରିଥିବା ଏକ ଅଠର ବର୍ଷର ଯୁବକ ବ୍ରିଟିଶ ସାମ୍ରାଜ୍ୟବାଦର ଅନୀତି ବିରୁଦ୍ଧରେ ଯେ ସଂଗ୍ରାମ ଘୋଷଣା କରିଥିଲେ ତାହା କଳ୍ପନା କରି ହେଉନାହିଁ । କିନ୍ତୁ ଏହା କଳ୍ପନା ନୁହେଁ, ନିରାଟ ସତ୍ୟ ଘଟଣା । ଏହି ସଂଗ୍ରାମ ଘୋଷଣା କରିଥିବା ଯୁବକ ହେଉଛନ୍ତି ସୁରେନ୍ଦ୍ର ସାଏ ।

'ହୀରାଖଣ୍ଡ ଛତ୍ରପତି ମହାରାଜା ଅଠରଗଡ଼ ମଉଡ଼ମଣି' ଉପାଧି ପାଇଥିବା ସମ୍ବଲପୁରର ମହାରାଜା ବଳିୟାର ସିଂଙ୍କ ସାନଭାଇ ଅନିରୁଦ୍ଧ ସାଏଙ୍କ ବଂଶଧର ହେଉଛନ୍ତି ସୁରେନ୍ଦ୍ର ସାଏ । ସେ ୧୮୦୯ ମସିହା ଜାନୁଆରୀ ୨୩ ତାରିଖ ଦିନ ଧର୍ମ ସିଂଙ୍କର ଜ୍ୟେଷ୍ଠପୁତ୍ର ଭାବରେ ଜନ୍ମ ଗ୍ରହଣ କରିଥିଲେ । ମହାରାଜା ମହାରାଜ ସାଏ (୧୮୨୦—୧୮୨୭)ଙ୍କ ପୁତ୍ର ନଥିବାରୁ ତାଙ୍କର ବିଧବା ମହାରାଣୀ ମୋହନକୁମାରୀ ଦେବୀଙ୍କୁ ଇଂରେଜମାନେ ଶାସନଭାର ଅର୍ପଣ କଲେ । ଜଣେ ସ୍ତ୍ରୀକୁ ରାଜ୍ୟର ଶାସକରୂପେ ବସାଇବା ପ୍ରଚଳିତ ଦେଶାଚାରର ଆଇନ ବିରୋଧି କାର୍ଯ୍ୟ ଥିଲା । ରାଣୀ ପର୍ଦ୍ଦାନସୀନ ଥିଲେ । ସେ ଦକ୍ଷତାସହିତ ଶାସନ କରିପାରିବେ ନାହିଁ ଜାଣି ବ୍ରିଟିଶମାନେ ତାଙ୍କୁ ଶାସନଭାର ଅର୍ପଣ କରିଥିଲେ । ଏହି ଅନୀତି ବିରୁଦ୍ଧରେ ସୁରେନ୍ଦ୍ର ସାଏ ସଂଗ୍ରାମ ଘୋଷଣା କଲେ । ପୁଣି ଏହି ସମୟରେ ଗଣ୍ଡ ଓ ବିଂଝାଲ ଜମିଦାରମାନଙ୍କୁ ଭୟଦେଖାଇ ମହାରାଣୀ ସେମାନଙ୍କୁ ଜମିରୁ ଅନ୍ତର କରିବା ପାଇଁ ଉଦ୍ୟମ କରିବାରୁ ସେମାନଙ୍କ ମଧ୍ୟରେ ମଧ୍ୟ ବିଦ୍ରୋହ ଜାତ ହେଲା । ସେହିମାନଙ୍କୁ ସୁରେନ୍ଦ୍ର ସାଏ ତାଙ୍କ ସଂଗ୍ରାମର ସାଥୀ ଭାବରେ ଗ୍ରହଣ କଲେ । ଲକ୍ଷ୍ମଣପୁର ଗଣ୍ଡଜାତିର ଜମିଦାର ବଳଭଦ୍ର ଦେଓ ଏହିମାନଙ୍କ ମଧ୍ୟରେ ସୁରେନ୍ଦ୍ର ସାଏଙ୍କ ମୁଖ୍ୟ ସହଯୋଗୀ ହେଲେ । ଧୀରେ ଧୀରେ ବିଦ୍ରୋହର ଅଗ୍ନି ଜଳି ଉଠିଲା । କେପ୍‌ଟେନ ହେଗିନ୍‌ସ୍‌ ରାମଗଡ଼ ସୈନ୍ୟ ଓ କେପ୍‌ଟେନ୍‌ ଉଇଲ୍‌କିନ୍‌ସନ୍‌ ହଜାରୀବାଗ ସୈନ୍ୟ ସହ ବିଦ୍ରୋହୀମାନଙ୍କ ଉପରେ ଆକ୍ରମଣ କଲେ । ସେମାନେ ବିଦ୍ରୋହକୁ ଦମନ କରିବା ପାଇଁ ସକ୍ଷମ ହୋଇଥିଲେ ମଧ୍ୟ ମହାରାଣୀଙ୍କୁ ଶାସନରୁ ଅନ୍ତର ନକଲେ ଏହି ବିଦ୍ରୋହ-ଦମନହେବ ନାହିଁ ବୋଲି ମତପ୍ରକାଶ କଲେ । ଏହି କାରଣରୁ ମହାରାଣୀଙ୍କୁ ଶାସନରୁ ଅନ୍ତର କରି ଇଂରେଜମାନେ ଆଉ ଜଣେ ଦୁର୍ବଳ ପ୍ରକୃତିର ଦୂର ସଂପର୍କୀୟ ଶ୍ରୀ ନାରାୟଣ ସିଂଙ୍କୁ ଶାସନଭାର ୧୮୩୪ ମସିହାରେ ଅର୍ପଣ କଲେ । ଯୋଗ୍ୟ ଓ ଲଢୁଆ ପ୍ରକୃତିର ଲୋକଥିବାରୁ ସୁରେନ୍ଦ୍ର ସାଏଙ୍କ ଦାବୀ ପ୍ରତି ଇଂରେଜମାନେ ବେଖାତିର ମନୋଭାବ ପ୍ରଦର୍ଶନ କଲେ । ଏହି ଅନ୍ୟାୟ ବିରୁଦ୍ଧରେ ସୁରେନ୍ଦ୍ର ସାଏ ତାଙ୍କର ସଂଗ୍ରାମ ଜାରି ରଖିଲେ । ସମ୍ବଲପୁର ରାଜ୍ୟର ଗ୍ରାମାଞ୍ଚଳରେ ବିଦ୍ରୋହର ନିଆଁ ଜଳିଉଠିଲା । ୧୮୩୯ ମସିହ ବେଳକୁ ଏହା ଭୟଙ୍କର ରୂପ ଧାରଣ କଲା । ଏହି ବିଦ୍ରୋହୀମାନେ ଦୁର୍ଗମ ବାରପାହାଡ଼ ଅଞ୍ଚଳରେ ରହି ଲଢ଼େଇ କରୁଥିବାରୁ ଇଂରେଜମାନେ ଦମନ କରିବା ପାଇଁ ସକ୍ଷମ ହୋଇ ପାରିନଥିଲେ । ଶେଷରେ ମହାରାଜା ନାରାୟଣ ସିଂ ଚକ୍ରାନ୍ତ କରି ସୁରେନ୍ଦ୍ର ସାଏ, ତାଙ୍କ ଭାଇ ଉଦନ୍ତ ସାଏ, ଉଜ୍ଜ୍ୱଳ ସାଏ ଓ କାକା ବଳରାମ ସିଂ ଆଦିଙ୍କୁ ନରହତ୍ୟା ଅଭିଯୋଗରେ ବନ୍ଦୀ କଲେ । ଇଂରେଜମାନେ ଏହିମାନଙ୍କୁ ସମ୍ବଲପୁରରେ ରଖିବାକୁ ସାହସ ନକରି ହଜାରୀବାଗ ଜେଲରେ ଯାବଜ୍ଜୀବନ ବନ୍ଦୀଭାବରେ ରଖିଲେ ।

୧୯୪୯ ମସିହାରେ ମହାରାଜା ନାରାୟଣ ସିଂ ଅପୁତ୍ରିକ ଅବସ୍ଥାରେ ପରଲୋକ ଗମନ କରିବାରୁ ସମ୍ବଲପୁର

ରାଜ୍ୟ ରାଜ୍ୟସତ୍ତ୍ୱଲୋପନୀତି ଅନୁସାରେ ବ୍ରିଟିଶ ଶାସନାଧୀନ ହେଲା । ଏହି ସମୟରେ ସୁରେନ୍ଦ୍ର ସାଏ ବନ୍ଦୀଭାବରେ ହଜାରୀବାଗ ଜେଲରେ ଥିବାରୁ ଇଂରେଜମାନେ ନିଶ୍ଚିତ ଭାବରେ ଶାସନ କରିବାକୁ ଲାଗିଲେ ।

ଏହାର ଆଠବର୍ଷ ପରେ ୧୮୫୭ ମସିହାରେ ସିପାହୀବିଦ୍ରୋହ ଭାରତବ୍ୟାପୀ ଆରମ୍ଭ ହେଲା । ହଜାରୀବାଗର ସୈନ୍ୟମାନେ ମଧ୍ୟ ଏହି ବିଦ୍ରୋହରେ ସାମିଲ ହୋଇ ଜେଲଖାନା ଭାଙ୍ଗି ଦେଇ ବନ୍ଦୀମାନଙ୍କୁ ମୁକ୍ତ କରିଦେଲେ । ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇ ଉଦନ୍ତ ସାଏ ପ୍ରମୁଖ ଏହିପରି ଭାବରେ ଜେଲଖାନାରୁ ମୁକ୍ତି ପାଇଲେ । ୧୮୪୦ରୁ ୧୮୫୭ ପର୍ଯ୍ୟନ୍ତ ଦୀର୍ଘ ୧୭ ବର୍ଷ କାଳ ଜେଲଖାନାରେ ରହି ମଧ୍ୟ ସୁରେନ୍ଦ୍ରସାଏଙ୍କ ମନୋବଳ ଭାଙ୍ଗି ନଥିଲା । ସ୍ୱାଧୀନତା ପିପାସା ତାଙ୍କର କମିନଥିଲା ।

ଏହି ସମୟରେ ସମ୍ବଲପୁର ଶାସନ ଦାୟିତ୍ୱରେ କେପ୍‌ଟେନ୍ ଲେ ସାହେବ ଥିଲେ । ଅଳ୍ପଦିନପରେ ସୁରେନ୍ଦ୍ରସାଏ ତାଙ୍କ ଭାଇ ଉଦନ୍ତ ସାଏଙ୍କ ସଙ୍ଗରେ ମିଶି ପୁନର୍ବାର ବିଦ୍ରୋହୀ ସଂଗଠନ ନିର୍ମାଣ କରି ନିଜ ଗ୍ରାମ ଖିଣ୍ଡାରୁ ବିଦ୍ରୋହ ଆରମ୍ଭ କଲେ । ଏହି ସମୟରେ ସୁରେନ୍ଦ୍ରସାଏଙ୍କୁ ଜଣେ ବିଦ୍ରୋହୀ ହିସାବରେ ଜନସାଧାରଣ ବିପୁଳ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ବିଦ୍ରୋହ ଦମନକରିବାକୁ ମାଡ୍ରାସ ଇନ୍‌ଫେନଟ୍ରି ସୈନ୍ୟ ଓ ଗୋଲନ୍ଦାଜ ସୈନ୍ୟ କେପ୍‌ଟେନ୍ ନକର ଓ ଲେଫେଟନାଣ୍ଟ ହୁଡ଼ଙ୍କ ନେତୃତ୍ୱରେ ଆସି ଖିଣ୍ଡା ଓ କୁଲବିରାଗ୍ରାମ ଆକ୍ରମଣ କଲେ । ଏହିମାନେ ସୁରେନ୍ଦ୍ରସାଏ ଓ ତାଙ୍କ ଭାଇ ଉଦନ୍ତ ସାଏଙ୍କୁ ଧରିପାରିଲେ ନାହିଁ । ସେମାନେ ଗରିଲାଯୁଦ୍ଧର କୌଶଳ ଅବଲମ୍ବନକରି ଲୁଚି ବାହାରି ଯାଇ ଦେବ୍ରିଗଡ଼, ସିଙ୍ଗରା, ଘଡ଼ପାଟି ଓ ଝାରଘାଟିରେ ରହି ଅସ୍ତ୍ର ଶସ୍ତ୍ର ଓ ଲୋକ ସଂଗ୍ରହ କରି ଲଢ଼େଇ କରୁଥିଲେ । ଦୀର୍ଘ ଛଅ ବର୍ଷ କାଳ ୧୮୫୭ରୁ ୧୮୬୩ ଏହିପରି ଲଢ଼େଇ ଲାଗିଲା । ଏହି ମୁକ୍ତି ସଂଗ୍ରାମରେ ସମ୍ବଲପୁରର ବହୁ ସ୍ୱାଧୀନତାକାମୀ ଜମିଦାର ଓ ଗୌନ୍ତିଆ ଯୋଗ ଦେଲେ । ସେହିମାନଙ୍କ ଭିତରେ ମୁଖ୍ୟ ହେଉଛନ୍ତି ଲକ୍ଷ୍ମଣପୁରର କମଳ ସିଂ, ଘେସର କୁଞ୍ଜଲ ସିଂ, କୁଲବିରାର କଲ୍ୟାଣବିର ନାଏକ ଓ ରମ୍ପେଲାର ଲୋକନାଥ ଗଡ଼ତିଆ ।

ଗଞ୍ଜାମର କଲେକ୍‌ଟର ସୈନ୍ୟମାନଙ୍କ ଚିକିତ୍ସା ପାଇଁ କଟକ ବାଟେ ଡାକ୍ତର ମୁରଙ୍କୁ ସମ୍ବଲପୁର ପଠାଇଲେ । ବାଟରେ ରେଢାଖୋଲଠାରେ ବିଦ୍ରୋହୀ ମଧୁ ଗୌନ୍ତିଆଙ୍କ ଫାର୍ସାମାଡ଼ରେ ଡାକ୍ତର ମୁର ମୃତ୍ୟୁବରଣ କଲେ । ଏହି ଘଟଣା ଇଂରେଜମାନଙ୍କୁ ଭୟଭୀତ କରାଇ ଦେଇଥିଲା । ଏହା ପରେ ସମ୍ବଲପୁରକୁ ଛୋଟନାଗପୁର କମିଶନଙ୍କଠୁଁ ଆଣି କଟକ କମିଶନଙ୍କ ଅଧୀନରେ ରଖା-ଗଲା । କଟକର କମିଶନର କକବର୍ଣ୍ଣ ସମ୍ବଲପୁରର ପ୍ରତ୍ୟକ୍ଷ ଶାସନଭାର ନେଲେ । ମେଜର ବେଟ୍‌ସଙ୍କ ମାଡ୍ରାଜୀ ସୈନ୍ୟ, କେପ୍‌ଟେନ୍ ବାଡ଼ଙ୍କ ଦେଶୀୟ କଳା-ସୈନ୍ୟ ସହିତ ନିଜେ କକବର୍ଣ୍ଣ ସାହେବ ସମ୍ବଲପୁରରେ ପହଞ୍ଚିଲେ । କେପ୍‌ଟେନ ଉଡ୍ ମଧ୍ୟ ନାଗପୁରରୁ ଆସି ସମ୍ବଲପୁରରେ ପହଞ୍ଚିଲେ । ମେଜର ବେଟ୍‌ସ ସୁରେନ୍ଦ୍ରଙ୍କ ଓ କେପ୍‌ଟେନ ଉଡ୍ ଉଦନ୍ତଙ୍କ ଅନୁସରଣ କଲେ । କେପ୍‌ଟେନ୍ ଉଡ଼ ବିଦ୍ରୋହୀ ମାନଙ୍କ ଏକ ତୀକ୍ଷ୍ଣ ଶର ଆଘାତ ପାଇ ବହୁତ କଷ୍ଟ ପାଇଲେ । ଏଥିରେ କେପ୍‌ଟେନ ଉଡ୍‌ଙ୍କ କ୍ରୋଧ ଦ୍ୱିଗୁଣିତ ହେଲା ଓ ପୁନର୍ବାର ଆକ୍ରମଣ ଆରମ୍ଭ କଲେ । ସୁରେନ୍ଦ୍ରଙ୍କ ଭାଇ ଛବିଲ ସାଏ କୁଦୋପାଲି ଗ୍ରାମ ମଝିବାଟେ ଖସିଯିବାକୁ ଉଦ୍ୟମ କଲାବେଳେ ଗୁଳିମାଡ଼ରେ ନିହତ ହେଲେ । ମେଜର ବେଟସ ଝରଘାଟି ଆକ୍ରମଣ କରିବା ସମୟରେ କୁଲବିରା ଗ୍ରାମକୁ ପୋଡ଼ି ନଷ୍ଟ କରିଦେଲେ ଓ ଗୌନ୍ତିଆକୁ ଧରିଆଣି ଫାଶି ଦେଲେ । ସୁରେନ୍ଦ୍ର ସାଏ ଝରଘାଟିରୁ କୌଶଳରେ ପଳାଇଯାଇ ସିଂହୋଡ଼ା ଘାଟିରେ ଆଶ୍ରୟ ନେଲେ । ୧୮୫୮ ଫେବୃଆରୀ ୧୨ ତାରିଖ ଦିନ କେପ୍‌ଟେନ୍ ଉଡ୍ ଓ କେପ୍‌ଟେନ ଉଡ଼ବ୍ରିଜ ସିଂହୋଡ଼ା ଘାଟି ଆକ୍ରମଣ କରିଯିବା ବାଟରେ ବିଦ୍ରୋହୀ ସୈନ୍ୟମାନେ ସେମାନଙ୍କୁ ପାହାଡ଼ ଶ୍ରୀଗିଡ଼ା ଘାଟିଠାରେ ଆକ୍ରମଣ କରି କେପ୍‌ଟେନ ଉଡ଼ବ୍ରିଜଙ୍କୁ ହତ୍ୟାକଲେ । ଏହାପରେ କେପ୍‌ଟେନ ଓ୍ୟାଲଲେ ଶ୍ରୀଗିଡ଼ା ଘାଟି ଆକ୍ରମଣ କରି କେପ୍‌ଟେନ ଉଡ୍‌ବ୍ରିଜଙ୍କ ଶବ ଉଦ୍ଧାର କଲେ । ପୁଣି ସୁରେନ୍ଦ୍ର ସାଏ ସିଂହୋଡ଼ା ଘାଟି ଛାଡ଼ି ଦେବ୍ରିଗଡ଼ ଦୁର୍ଗରେ ଯାଇ ଆଶ୍ରୟ ନେଲେ ।

୧୮୬୧ରେ ମେଜର ଇମ୍ପେ ସମ୍ବଲପୁରର ଡେପୁଟି କମିଶନର ହେଲେ ଓ ଘୋଷଣା କଲେ ଯେ ସୁରେନ୍ଦ୍ର ସାଏ ଓ ବିଦ୍ରୋହୀ ମାନେ ଆତ୍ମସମର୍ପଣ କଲେ ସମସ୍ତଙ୍କ ଦୋଷ କ୍ଷମା ଦିଆଯିବ । ଇମ୍ପେଲାର ବିଦ୍ରୋହୀ ଲୋକନାଥ ଗଡ଼ତିଆ ଓ ଅରଡ଼ାର ବିଦ୍ରୋହୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କ ସମେତ ଅଳ୍ପକେତେ ଜଣ ଆତ୍ମ ସମର୍ପଣ କଲେ । କିନ୍ତୁ ଘେଁସର ହଟେ ସିଂ, କୁଞ୍ଜଲ ସିଂ, ଲକ୍ଷ୍ମଣପୁରର କମଳ ସିଂ, ଖିଲେଶ୍ୱର ସିଂ ଓ ନୀଳାମ୍ବର ସିଂ ଆତ୍ମସମର୍ପଣ କଲେ ନାହିଁ । ଅବିଚଳିତ ଓ ଅଟଳ ରହି ସମସ୍ତେ ଘୋଷଣା କଲେ ଯେ ସୁରେନ୍ଦ୍ର ସମ୍ବମଲପୁରର ରାଜା ନ ହେବା ପର୍ଯ୍ୟନ୍ତ ବିପ୍ଳବ ବନ୍ଦ ହେବ ନାହିଁ । କିନ୍ତୁ ଏହାର କିଛିଦିନ ପରେ ୧୮୬୨ ଜାନୁଆରୀ ୧୮ ତାରିଖରେ ସୁରେନ୍ଦ୍ର ସାଏଙ୍କ ଦୁଇଭାଇ ଉଦନ୍ତ ଓ ଧ୍ରୁବ ଆତ୍ମସମର୍ପଣ କଲେ । ଏହା ପରେ ଇଂରେଜ ଶାସକ ମାନେ ସମ୍ବଲପୁରରେ ତାଙ୍କର ଅତ୍ୟାଚର ଅମାନୁଷିକ ଭାବରେ ବୃଦ୍ଧି କରି ଜନ ସାଧାରଣଙ୍କୁ ଦମନ କଲେ । ୧୮୫୯ ମସିହାରେ ସିପାହୀ ବିଦ୍ରୋହ ବନ୍ଦ ହୋଇ ଯାଇଥିବାରୁ ସେମାନେ ସମସ୍ତ ସୈନ୍ୟବଳ ସମ୍ବଲପୁରରେ ଲଗାଇ ବିଦ୍ରୋହ ଦମନ ପାଇଁ ସକ୍ଷମ ହୋଇପାରିଥିଲେ । ସମ୍ବଲପୁର ଅଞ୍ଚଳରେ ଶାନ୍ତିପ୍ରତିଷ୍ଠାକୁ ସର୍ତ୍ତରେ ରଖି ୧୮୬୨ ମସିହା ମେ' ମାସ ଶେଷ ଆଡ଼କୁ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲେ ।

୧୮୬୩ ଏପ୍ରିଲ ମାସରେ ସମ୍ବଲପୁର ପୁଣି ମଧ୍ୟପ୍ରଦେଶ ଶାସନାଧୀନକୁ ଆସିଲା । ନାଗପୁର ଚିଫ୍ କମିଶନର ଆର. ଟେମ୍ପଲ ନିଜେ ସମ୍ବଲପୁର ଆସି ପରିସ୍ଥିତି ପର୍ଯ୍ୟବେକ୍ଷଣ କଲେ । ତାଙ୍କୁ ମଧ୍ୟ ସମ୍ବଲପୁରର ବହୁ ଗୌନ୍ତିଆ, ଜମିଦାର ଓ ଅସଂଖ୍ୟ ଜନସାଧାରଣ ସ୍ୱାକ୍ଷର କରି ସୁରେନ୍ଦ୍ରଙ୍କୁ ରାଜା କରିବା ପାଇଁ ଦାବୀ ପତ୍ର ଦେଲେ । ସୁରେନ୍ଦ୍ରଙ୍କୁ ରାଜା ନ କରିବା ପର୍ଯ୍ୟନ୍ତ ଶାନ୍ତି ଆସିବ ନାହିଁ ବୋଲି ସେମାନେ ମତ ପ୍ରକାଶ କଲେ । ଏହିପରି ଲଢୁଆ ମନୋଭାବକୁ ଖତମ କରିବାପାଇଁ ଟେମ୍ପଲଙ୍କ ନିର୍ଦ୍ଦେଶରେ ଜନତାଙ୍କ ଉପରେ ଅମାନୁଷିକ ଅତ୍ୟାଚାର ଆରମ୍ଭ ହେଲା । ରାୟପୁର କମିଶନର ବାଲ୍‌ବେନ୍‌ଙ୍କ ନେତୃତ୍ୱରେ ଏହି ଦମନ କାର୍ଯ୍ୟ ଆରମ୍ଭ ହେଲା । ଶେଷରେ ସୁରେନ୍ଦ୍ରଙ୍କୁ ବନ୍ଦୀ କରିବା ପାଇଁ ସରକାର ନିଷ୍ପତ୍ତି ନେଲେ । ସମ୍ବଲପୁର ଅଞ୍ଚଳର ଜଣେ ପୋଲିସ୍ ଇନସ୍‌ପେକ୍ଟର ମୋହନ ସିଂ ସମ୍ବଲପୁର ନିବାସୀ ଦୟାନିଧି ମେହେରଙ୍କୁ ଗୁପ୍ତଚର ଭାବରେ ନିଯୁକ୍ତ କରି ସୁରେନ୍ଦ୍ରଙ୍କ ସଠିକ ଠାବ ନିର୍ଣ୍ଣୟ ପାଇଁ ସକ୍ଷମ ହୋଇଥିଲେ । ୧୮୬୩ ଜାନୁଆରୀ ୨୩ ତାରିଖ ପୌଷପୂର୍ଣ୍ଣିମା ଦିନ ରାୟପୁର କମିଶନର ବାଲ୍‌ବେନ୍, ସମ୍ବଲପୁରର ଡେପୁଟି କମିଶନର କରର୍ଣ୍ଣ ପୋଲିସ୍ ଡେପୁଟି ଇନ୍‌ସପେକ୍ଟର ଜେନେରାଲ ମେଜର ଷ୍ଟୁଆର୍ଟ ସଦଳବଳେ ରାତି ଦଶଟା ପରେ ସମ୍ବଲପୁରରୁ ଯାଇଁ ଅଚେତନ ଅବସ୍ଥାରେ ସୁରେନ୍ଦ୍ର ସାଏ ଓ ତାଙ୍କ ଆତ୍ମୀୟ ମାନଙ୍କୁ ବନ୍ଦୀ କଲେ । ଭାରତ ରକ୍ଷା ଆଇନ ଅନୁସାରେ ଭୀଷଣ ରାଜନୈତିକ ଚକ୍ରାନ୍ତକାରୀ ରୂପେ ଯାବଜ୍ଜୀବନ କାରାଦଣ୍ଡ ଦେଇ ନାଗପୁରର ଅସୁର ଗଡ଼ ଜେଲକୁ ପଠାଇ ଦେଲେ । ବନ୍ଦୀ ଶାଳାରେ ଦୀର୍ଘ ୨୦ ବର୍ଷ ରହିବା ପରେ ୧୮୮୪ ଫେବୃଆରୀ ୨୮ ତାରିଖ ଦିନ ଅସୁରଗଡ଼ ଜେଲ ଭିତରେ ସୁରେନ୍ଦ୍ରଙ୍କ ଜୀବନ ଦୀପ ନିର୍ବାପିତ ହେଲା । ଭାରତର ପ୍ରଥମ ସ୍ୱାଧୀନତା ସମରର ଶହୀଦ ସୁରେନ୍ଦ୍ର ସାଏଙ୍କ ଜୀବନ ଅବସାନ ହେଲା । ଆଜୀବନ ବ୍ରିଟିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ଲଢିଥିବାରୁ ସେ ଆମର ଚିର ନମସ୍ୟ । ତାଙ୍କର ସ୍ମୃତି ଆମର ଜାତିକୁ ସବୁଦିନ ପାଇଁ ଜାଗ୍ରତ କରିବ ।

ସାମ୍ବାଦିକ,
ବୁଡ଼ାରଜା, ସମ୍ବଲପୁର

# ଏମିରେଟ୍‌ସ ପୁରସ୍କାର

କେନ୍ଦ୍ର ଶିକ୍ଷା ଓ ସଂସ୍କୃତି ମନ୍ତ୍ରଣାଳୟ ୧୯୮୩-୮୪ ମସିହାର ଏମିରେଟ୍‌ସ ପୁରସ୍କାର ଯୋଜନାନୁଯାୟୀ ୧୦ ଜଣ ପ୍ରଖ୍ୟାତ ସାହିତ୍ୟିକ ଓ କଳାକାରଙ୍କୁ ମନୋନୀତ କରିଛନ୍ତି । ଏହି ମନୋନୟନ ଏକାଡେମୀ ଏବଂ ରାଜ୍ୟ ସରକାରଙ୍କ ସୁପାରିଶ୍ ଅନୁଯାୟୀ କରାଯାଇଛି ।

ଓଡ଼ିଶାର ବିଶିଷ୍ଟ ଔପନ୍ୟାସିକ ଶ୍ରୀ ଗୋପୀନାଥ ମହାନ୍ତି (ସାହିତ୍ୟ) ଏବଂ ଶ୍ରୀ ଚିନ୍ତାମଣି କର (କଳା, ଶିକ୍ଷା ଓ ସ୍ଥପତି) ନିମନ୍ତେ ଏହି ପୁରସ୍କାର ପାଇବେ ।

ମାସିକ ୨ ହଜାର ଟଙ୍କାର ଏହି ବୃତ୍ତି ଦୁଇ ବର୍ଷ ପର୍ଯ୍ୟନ୍ତ ଦିଆଯିବ । ବିଶେଷ କ୍ଷେତ୍ରରେ ବର୍ଷ ବର୍ଷ କରି ଦୁଇବର୍ଷ ନିମନ୍ତେ ବଢ଼ା ଯାଇପାରେ ।

ଅନ୍ୟ ଯେଉଁମାନେ ଏହି ପୁରସ୍କାର ପାଇବେ ସେମାନେ ହେଲେ ଅଧ୍ୟାପକ ପ୍ରୀତମ୍ ସିଂହ, ଶ୍ରୀ ଏନ୍. ଭି. କ୍ରିଷ୍ଣାଓ୍ୱାରିଅର, ଶ୍ରୀ କନଓ୍ୱାଲ କ୍ରିଷ୍ଣା, ଶ୍ରୀ ସୋମନାଥ ହୋରୋ, ଶ୍ରୀ ଠାକୁର ଜୟଦେବ ସିଂହ, ଶ୍ରୀ ପ୍ରଭାତ ଗାଙ୍ଗୁଲି, ଅଧ୍ୟାପକ ଆର. ସି. ମେହେଟା ଏବଂ ଶ୍ରୀ ମଣିଯାଦବ ରକିଆର ।

# ଓଡ଼ିଶାରେ ବିଂଶସୂତ୍ରୀର ସଫଳତା

ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର
ବଳିଷ୍ଠ ନେତୃତ୍ୱ ତଥା ପ୍ରେରଣାକୁ
ନେଇ ଓଡ଼ିଶା ସରକାର ଦରିଦ୍ର ଲୋକ-
ମାନଙ୍କର ଉତ୍ଥାନ ନିମନ୍ତେ ଗତ ୧୯୮୦
ମସିହାରେ ନିର୍ଦ୍ଦିଷ୍ଟ ଜୀବିକା ନିର୍ବାହ ଲାଗି ବିଧିବଦ୍ଧ
ଯୋଜନାମାନ ପ୍ରସ୍ତୁତ କରିଥିଲେ । ଜୀବିକା ବିହୀନ
୨,୮୪,୬୫୦ ପରିବାର ଉକ୍ତ ଯୋଜନାକ୍ରମେ ଆଜି ଆତ୍ମନିର୍ଭର-
ଶୀଳ ହୋଇପାରିଛନ୍ତି । ଆସନ୍ତା ଷଷ୍ଠ ଯୋଜନାକାଳ ମଧ୍ୟରେ
୬,୦୦,୦୦୦ ଗରିବ ପରିବାରଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବା ନିମନ୍ତେ ରାଜ୍ୟ
ସରକାର ବଦ୍ଧପରିକର । ଆଜି ବିଂଶସୂତ୍ରୀ କାର୍ଯ୍ୟକ୍ରମ ଫଳରେ
ଏହି ଯୋଜନା ସରକାରଙ୍କର ସ୍ୱପ୍ନକୁ ସାର୍ଥକ କରିପାରିଛି ।
ବିଗତ ତିନିବର୍ଷ ତିନିମାସ ମଧ୍ୟରେ ଆମର ସାମାଜିକ
ତଥା ଆର୍ଥନୀତିକ କାର୍ଯ୍ୟକ୍ରମଗୁଡ଼ିକଦ୍ୱାରା ଯେଉଁଳି
ସ୍ତରରେ ସଫଳତା ହାସଲ କରାଯାଇ ପାରିଛି
ସେଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ,
ଆମ୍ଭମାନଙ୍କର ଭବିଷ୍ୟତ ବେଶ ଉଜ୍ଜ୍ୱଳ ।

କେନ୍ଦ୍ର ସରକାର
ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି ଯେ,

ଆମର ଗୋତି ଶ୍ରମିକଙ୍କର ଉତ୍ଥାନ, ତଫସିଲଭୁକ୍ତ ଜାତି ଓ ସଂପ୍ରଦାୟର କଲ୍ୟାଣ
ସାଧନ, ଗ୍ରାମଗୁଡ଼ିକରେ ପାନୀୟଜଳ ଯୋଗାଣ, ରାଜ୍ୟବ୍ୟାପି ବୃକ୍ଷ ରୋପଣ,
ପରିବାର କଲ୍ୟାଣ, ସମନ୍ୱିତ ଗ୍ରାମ ଉନ୍ନୟନ ତଥା ଜାତୀୟ ଗ୍ରାମ୍ୟ କର୍ମ
ସଂସ୍ଥାନ କାର୍ଯ୍ୟକ୍ରମର ଅଗ୍ରଗତି ଓ ସାଧାରଣ ବଣ୍ଟନ ବ୍ୟବସ୍ଥାର
ଦୃଢ଼ୀକରଣ ପ୍ରଭୃତି ସଫଳତାର ସହିତ ସମାଧିତ ହୋଇଅଛି ।

ଏହି ସଫଳତାରେ
ଅନୁପ୍ରାଣିତ ହୋଇ ରାଜ୍ୟ ସରକାର ଦୁର୍ବଳ ଶ୍ରେଣୀ ଲୋକଙ୍କର ବିକାଶ ସାଧନ ନିମନ୍ତେ
କାର୍ଯ୍ୟକାରୀ ହେଉଥିବା ବିଂଶସୂତ୍ରୀ ଅର୍ଥନୈତିକ କାର୍ଯ୍ୟକ୍ରମ ପରିସର ମଧ୍ୟରେ
ଯୋଜନାର ଶତକଡ଼ା ୮ ଭାଗ ବ୍ୟୟ ଅଟକଳ ସଂପୃକ୍ତ ଯୋଜନା ନିମନ୍ତେ
ଧାର୍ଯ୍ୟ କରିଛନ୍ତି ।

ଏକ ସମୃଦ୍ଧ ପ୍ରଗତିଶୀଳ ସମାଜ ଗଠନହିଁ ସରକାରଙ୍କର ଚରମ ପଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଭୁବନେଶ୍ୱର

# ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଇଂରେଜ ପ୍ରଶାସକଙ୍କ ଭୂମିକା

ଶ୍ରୀ ଚନ୍ଦ୍ରଶେଖର ନାୟକ

ଆଗେ ଓଡ଼ିଶା କହିଲେ ଗଙ୍ଗାଠାରୁ ଗୋଦାବରୀଯାଏ ଏକ ବିସ୍ତୃତ ସାମ୍ରାଜ୍ୟକୁ ବୁଝାଉଥିଲା । ଗଜପତି ମୁକୁନ୍ଦଦେବ ୧୫୬୮ ଖ୍ରୀ: ରେ ଓଡ଼ିଶାର ଶେଷ ସ୍ୱାଧୀନ ନରପତି ଥିଲେ । ଗୋହିରାଟିକିରି ଯୁଦ୍ଧରେ ସେ ନିହତ ହେବାରୁ ସୁବିସ୍ତୃତ ଓଡ଼ିଶା ସାମ୍ରାଜ୍ୟ କ୍ରମେ ଖଣ୍ଡବିଖଣ୍ଡିତ ହେଲା । ଦକ୍ଷିଣ ଓଡ଼ିଶା ଗୋଲକୁଣ୍ଡା ସୁଲତାନଙ୍କ ଅଧିକାରରେ ରହିଲା । ମେଦିନୀପୁର, ବାଲେଶ୍ୱର, କଟକ ଓ ପୁରୀ ଜିଲାର ଉପକୂଳ ଅଞ୍ଚଳକୁ ମୋଗଲ ସେନାପତି ମାନସିଂ ଅଧିକାର କରିନେଲେ । ଏହି ଅଧିକାରକୁ ମୋଗଲବନ୍ଦୀ କୁହାଗଲା । ଓଡ଼ିଶାର ପଶ୍ଚିମ ଭୂଭାଗ କ୍ଷୁଦ୍ର କ୍ଷୁଦ୍ର ଗଡ଼ଜାତରେ ବିଭକ୍ତ ହୋଇଗଲା । ୧୭୬୫ ଖ୍ରୀ: ରେ ଲର୍ଡ କ୍ଲାଇବ୍ ଦିଲ୍ଲୀର ନାମମାତ୍ର ମୋଗଲ ସମ୍ରାଟ ଶାହାଆଲମଙ୍କଠାରୁ ବଙ୍ଗ, ବିହାର, ଓଡ଼ିଶା ଛଡ଼ାଇନେଲେ ।

୧୮୦୩ ଖ୍ରୀ: ରେ ମରହଟ୍ଟାଙ୍କଠାରୁ ଇଂରେଜମାନେ ଓଡ଼ିଶା ଅଧିକାରକରି କଟକ, ପୁରୀ ଓ ବାଲେଶ୍ୱରକୁ ବଙ୍ଗ ସହିତ ଓ ସମ୍ବଲପୁରକୁ ମଧ୍ୟପ୍ରଦେଶ ସହିତ ମିଶାଇଦେଲେ । ଘଟଣାକ୍ରମେ ଓଡ଼ିଶା, ମାନ୍ଦ୍ରାଜ, ବଙ୍ଗଳା ଓ ମଧ୍ୟପ୍ରଦେଶ ଭିତରେ ଛିନ୍ନ ବିଚ୍ଛିନ୍ନ ହୋଇ ରହିଯିବାଦ୍ୱାରା ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ସଂପୃକ୍ତ ରାଜ୍ୟରେ ସଂଖ୍ୟାନ୍ୟୂନ ହୋଇପଡ଼ିଲା ।

ଊନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଓଡ଼ିଆ ଭାଷା ଅତ୍ୟନ୍ତ ସମୃଦ୍ଧଥିଲା । ମାତ୍ର ବିଭକ୍ତିକରଣ ଫଳରେ ସଂକୀର୍ଣ୍ଣମନା ପ୍ରଶାସକମାନେ କଚେରି, ଅଫିସ ଓ ଶିକ୍ଷାନୁଷ୍ଠାନମାନଙ୍କରୁ ଓଡ଼ିଆଭାଷାକୁ କ୍ରମେ ବିତାଡ଼ନ କରିବାକୁ ଲାଗିଲେ । ମଧ୍ୟପ୍ରଦେଶରେ ହିନ୍ଦୀ, ମାନ୍ଦ୍ରାଜରେ ତେଲୁଗୁ ଓ ବଙ୍ଗରେ ବଙ୍ଗଳାଭାଷା କ୍ରମେ ପ୍ରାଧାନ୍ୟ ଲାଭ କରିବାକୁ ଲାଗିଲା । ୧୮୫୦ରୁ ୧୮୭୦ ମାତ୍ର ୨୦ ବର୍ଷ ମଧ୍ୟରେ ଓଡ଼ିଆ ଭାଷା ନିଜସ୍ୱ ହରାଇ ବସିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଐତିହାସିକ ରାଜେନ୍ଦ୍ରଲାଲ ମିତ୍ର ପୁରୀ, କଟକ ଓ ବାଲେଶ୍ୱର ଜିଲାରେ କଚେରି ଭାଷାରୂପେ ବଙ୍ଗଳା ଭାଷା ଚଳାଇବାକୁ ଆନ୍ଦୋଳନ ଆରମ୍ଭ କରିଦେଲେ । ତାଙ୍କର ଯୁକ୍ତିହେଲା ଯେ, "ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେ –ବଙ୍ଗଳାର ଏକ ଉପଭାଷା ଅଟେ" ।

ଓ[illegible] [illegible]ଷାକୁ ଉଜ୍ଜୀବିତ କରାଇବା ଲକ୍ଷ୍ୟରେ କବିବର ରାଧାନାଥ, ବ୍ୟାସକବି ଫକୀର ମୋହନ, ଉତ୍କଳକବି ମଧୁସୂଦନ, ଖଲ୍ଲିକୋଟର ରାଜା ହରିହର ମର୍ଦ୍ଦରାଜ ଦେଓଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ "ପ୍ରଜାବନ୍ଧୁ", ସମ୍ବଲପୁରରେ ପ୍ରକାଶିତ "ହିତୈଷିଣୀ" ର ସଂପାଦକ ଶ୍ରୀ ନୀଳମଣି ବିଦ୍ୟାରତ୍ନ ପ୍ରମୁଖ ଭାଷା-ଆନ୍ଦୋଳନ ଚଳାଇବାର ବହୁପୂର୍ବରୁ ବହୁ ଉଚ୍ଚପଦସ୍ଥ ବ୍ରିଟିଶ ପ୍ରଶାସକ ସେମାନଙ୍କ ଅକାଟ୍ୟଯୁକ୍ତି ଓ ବିଦ୍‌ବତ୍ତା ବଳରେ ଓଡ଼ିଆ ଭାଷାର ଉତ୍କର୍ଷ ପ୍ରତିପାଦନ କରିବାକୁ ଯେପରି ଆଗେଇ ଆସିଲେ, ତାହା ଭୁଲି ହେବନାହିଁ । ସଂକୀର୍ଣ୍ଣ ପ୍ରାଦେଶିକତାଠାରୁ ସେମାନେ ଥିଲେ ବହୁ ଊର୍ଦ୍ଧ୍ୱରେ । ୧୮୬୮ ମସିହାରେ ମେଜର ଚେସନ Indian Polity ନାମକ ଏକ ଉଚ୍ଚ କୋଟୀର ଗ୍ରନ୍ଥ ରଚନା କରିଥିଲେ । ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନ ଅଞ୍ଚଳମାନଙ୍କୁ ଏକ ଶାସନାଧୀନ କରିବାପାଇଁ ବହୁ ଅକାଟ୍ୟ ବଳବତ୍ତର ଯୁକ୍ତି ସେଥିରେ ସେ ଉପସ୍ଥାପନ କରିଥିଲେ । ସେହିବର୍ଷ ସାର ଷ୍ଟାଫୋର୍ଡ ନର୍ଥକୋର୍ଟ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନପାଇଁ ବ୍ରିଟିଶ ସରକାରଙ୍କୁ ସୁପାରିଶ କରିଥିଲେ । ୧୮୭୦ ମଇ ୪ତାରିଖରେ କଲିକତାସ୍ଥିତ ଏସିଆଟିକ୍ ସୋସାଇଟି ଆନୁକୂଲ୍ୟରେ ଆହୁତ ଏକ ଆଲୋଚନା ସଭାରେ ଓଡ଼ିଆ ଏବଂ ବଙ୍ଗଳାଭାଷାର ଉତ୍କର୍ଷତା ଉପରେ ବାଦାନୁବାଦ ସୃଷ୍ଟି ହୋଇଥିଲା । ଜନ୍ ବୀମସ୍ ସେତେବେଳେ ବାଲେଶ୍ୱରର କଲେକ୍ଟର ଥିଲେ । ସେ ଥିଲେ ବହୁ ଭାଷାରେ ପ୍ରବୀଣ । ଓଡ଼ିଆ-ଭାଷାର ପ୍ରାଚୀନତ୍ୱ ଓ ଔତ୍କର୍ଷ୍ୟ ପ୍ରତିପାଦନରେ ସେ ଯେଉଁ ବଳିଷ୍ଠଯୁକ୍ତି ବାଢ଼ିଲେ ତଦ୍ୱାରା ବଙ୍ଗ ସରକାର ଓଡ଼ିଶା ଡିଭିଜନର ଶାସନ ଓ ଶିକ୍ଷାକ୍ଷେତ୍ରରେ ଓଡ଼ିଆ ଭାଷାର ପ୍ରଚଳନପାଇଁ ବାଧ୍ୟ ହୋଇଥିଲେ । ୧୮୭୩ ଖ୍ରୀ : ରେ ଅନ୍ୟତମ ଭାଷାତତ୍ତ୍ୱବିତ୍ ଶ୍ରୀ ଟି. ଜେ. ମଲଟବି ମାନ୍ଦ୍ରାଜ ସରକାରଙ୍କ ଅଧୀନରେ କାର୍ଯ୍ୟକରୁଥିଲେ । A Practical Hand book of the Oriya Language ନାମକ ଏକ ଗ୍ରନ୍ଥ ସେ ରଚନା କରିଥିଲେ । ଓଡ଼ିଆ-ଭାଷାର ମହତ୍ୱ ଓ ପ୍ରାଚୀନତା ପ୍ରତିପାଦନ ପୂର୍ବକ ସେ ଦୃଢ଼ଯୁକ୍ତି ଉପସ୍ଥାପନ କରିଥିଲେ ଯେ ବଙ୍ଗ, ମଧ୍ୟ-ପ୍ରଦେଶ ଓ ବିଭିନ୍ନ ଦେଶୀୟ ରାଜ୍ୟରେ ସେତେବେଳେ ବାସ କରୁଥିବା ୯୦ ଲକ୍ଷ ଓଡ଼ିଆଙ୍କୁ ଏକ ଶାସନାଧୀନ କରାଯାଉ । ୧୯୦୦ ଡିସେମ୍ବର ୧୬ ତାରିଖରେ ବଡ଼ଲାଟ ଲର୍ଡ କର୍ଜନ ପୁରୀ, ଭୁବନେଶ୍ୱର ଓ କଟକ ପରିଦର୍ଶନ କରିଥିଲେ । ଭୁବନେଶ୍ୱରସ୍ଥିତ ଅତୁଳନୀୟ ଆଶ୍ଚର୍ଯ୍ୟପୂର୍ଣ୍ଣ ପ୍ରାଚୀନ କୀର୍ତ୍ତିଗୁଡ଼ିକର ଦୁର୍ଦ୍ଦଶାଦେଖି ସେ ଅତ୍ୟନ୍ତ ବ୍ୟଥିତ ହୋଇପଡ଼ିଲେ । ତାଙ୍କର ଦୃଢ଼ ଧାରଣା ହେଲା ଯେ ପ୍ରଶାସନିକ ବିଚ୍ଛେଦ ହିଁ ଏହାର ଏକମାତ୍ର କାରଣ । ତେଣୁ ବିଚ୍ଛିନ୍ନାଞ୍ଚଳ ମିଶ୍ରଣକୁ ସେ ଦୃଢ଼ ସମର୍ଥନ ଜଣାଇଥିଲେ । ତାଙ୍କରି ଉଦ୍ୟମ ଫଳରେ ଦୀର୍ଘ ୩୩୭ ବର୍ଷର ବିଚ୍ଛେଦପରେ ସମ୍ବଲପୁର, କଳାହାଣ୍ଡି, ପାଟନା, ସୋନପୁର, ବାମଣ୍ଡା, ରାଙ୍ଗପୁର, ବଣାଇ ଓଡ଼ିଶା ଡିଭିଜନସହ ସଂପୃକ୍ତ ହୋଇପାରିଥିଲା ।

୧୯୦୩ ଖ୍ରୀ: ରେ ପଞ୍ଚଦେଉଳ ପ୍ରାଙ୍ଗଣରେ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଗଞ୍ଜାମଜିଲ୍ଲା ସମ୍ମିଳନୀକୁ ଦେଶ ମିଶ୍ରଣ ଆନ୍ଦୋଳନରେ ପ୍ରାରମ୍ଭ କୁହାଯାଇ ପାରେ । ଏହି ସମ୍ମିଳନରେ ମୁକ୍ତାର ରାମଚନ୍ଦ୍ର ଦାଶ ପ୍ରଥମକରି ଦେଶମିଶ୍ରଣ ପ୍ରସ୍ତାବ ଆଗତ କରିଥିଲେ । ଏହି ଲକ୍ଷ୍ୟରେ ସେହି ବର୍ଷ ମୟୂରଭଞ୍ଜ ରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓଙ୍କ ସଭାପତିତ୍ୱରେ କଟକରେ ସର୍ବପ୍ରଥମ ଉତ୍କଳ ସମ୍ମେଳନ ଅନୁଷ୍ଠିତ ହେଲା । ୧୯୧୧ ମସିହାରେ ବଙ୍ଗ-ବିହାର-ଓଡ଼ିଶା ତ୍ରିଭିଜନରୁ ପୃଥକହୋଇ ବିହାର-ଓଡ଼ିଶା ପ୍ରଦେଶ ଗଠିତହେଲା । ୧୯୧୩ ମସିହାରେ ଶ୍ରୀ ସଚ୍ଚିଦାନନ୍ଦ ସିହ୍ନା କେନ୍ଦ୍ର ବ୍ୟବସ୍ଥା ସଭାରେ ପ୍ରସ୍ତାବ ବାଢ଼ିଲେ ଯେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଉ । ୧୯୨୦ ମସିହାରେ ଭାଷା ସୂତ୍ରରେ ପ୍ରଦେଶ ଗଠନ ନୀତିକୁ ଅଖିଳ ଭାରତ କଂଗ୍ରେସ ଗ୍ରହଣକଲେ । ତଦନୁଯାୟୀ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିରେ ସିଂହଭୂମ ଓ ମେଦିନୀପୁର ଅନ୍ତର୍ଭୁକ୍ତ ହେଲା । ୧୯୦୪ରେ ଧରାକୋଟ ରାଜାଙ୍କ ପୌରୋହିତ୍ୟରେ କଟକରେ, ୧୯୦୫ରେ ତାଳଚେରର ରାଜା କିଶୋରଚନ୍ଦ୍ର ହରିଚନ୍ଦନଙ୍କ ପୌରୋହିତ୍ୟରେ ବାଲେଶ୍ୱରରେ, ୧୯୦୬ରେ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ପୌରୋହିତ୍ୟରେ ବ୍ରହ୍ମପୁରରେ, ୧୯୦୭ରେ ସୁରଙ୍ଗୀ ରାଜାଙ୍କ ପୌରୋହିତ୍ୟରେ ପୁରୀରେ, ୧୯୦୮ରେ ଆଠଗଡ଼ ରାଜା ବିଶ୍ୱନାଥ ବେବର୍ତ୍ତା ପଟ୍ଟନାୟକଙ୍କ ପୌରୋହିତ୍ୟରେ କଟକରେ, ୧୯୧୦ରେ ରାଜା ବୈକୁଣ୍ଠନାଥ ଦେଓଙ୍କ ପୌରୋହିତ୍ୟରେ କଟକରେ, ୧୯୧୨ରେ ସୁରଙ୍ଗୀରାଜାଙ୍କ ପୌରୋହିତ୍ୟରେ ବ୍ରହ୍ମପୁରରେ, ୧୯୧୩ରେ ମଧୁସୂଦନ ଦାସଙ୍କ ପୌରୋହିତ୍ୟରେ ପୁରୀରେ, ୧୯୧୪ ରେ ବିକ୍ରମଦେବ ବର୍ମାଙ୍କ ପୌରହିତ୍ୟରେ ପାରଳାଖେମୁଣ୍ଡି ରେ, ୧୯୧୫ରେ ଠାକୁର ସାହେବ କେରାଙ୍କ ପୌରୋହିତ୍ୟରେ ସମ୍ବଲପୁରରେ, ୧୯୧୬ରେ ମଞ୍ଜୁଷା ରାଜାଙ୍କ ପୌରୋହିତ୍ୟରେ ବାଲେଶ୍ୱରରେ, ୧୯୧୮ରେ ଫକୀର ମୋହନ ସେନାପତିଙ୍କ ପୌରୋହିତ୍ୟରେ କଟକରେ, ୧୯୧୯ରେ ପଣ୍ଡିତ ଗୋପବନ୍ଧୁଙ୍କ ପୌରୋହିତ୍ୟରେ କଟକରେ, ୧୯୨୦ରେ ଜଗବନ୍ଧୁ ସିଂହଙ୍କ ପୌରୋହିତ୍ୟରେ ଚକ୍ରଧରପୁରରେ ଓ ୧୯୨୨ରେ କଳତନ୍ତ୍ର ଦାସଙ୍କ ପୌରୋହିତ୍ୟରେ ବ୍ରହ୍ମପୁରରେ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନମାନ ଅନୁଷ୍ଠିତ ହୋଇ ବିଚ୍ଛିନ୍ନାଞ୍ଚଳର ଏକୀକରଣ ଦ୍ୱାରା ସ୍ୱତନ୍ତ୍ର ଉତ୍କଳ ଗଠନଦାବୀ କ୍ରମେ ତୀବ୍ରତର ହେବାକୁ ଲାଗିଲା ।

୧୯୨୪ରେ ଫିଲିପଡ଼ଫ୍ କମିଟି ଓ ୧୯୩୧ରେ ଓଡ଼ୋନେଲ୍ କମିଟିଙ୍କ ତଦନ୍ତପରେ ଓଡ଼ିଶାବାସୀଙ୍କ ଦାବୀର ଯଥାର୍ଥତା ସରକାରୀ ସ୍ତରରେ ମାନ୍ୟତା ଲାଭକଲା ।

ଏହିପରି ଭାବରେ ବହୁ ସ୍ୱନାମଧନ୍ୟ ଓଡ଼ିଶାର ଲେଖକ, ଦେଶହିତୈଷୀ, ସମାଜସେବୀ ଓ ରାଜା-ମହାରାଜାଙ୍କ ଅକ୍ଳାନ୍ତ ଓ ନିର୍ଭୀକ ଉଦ୍ୟମ ଫଳରେ ୧୯୩୬ ଅପ୍ରେଲ ପହିଲା ତାରିଖରେ ଆମେ ଆମର ଚିରଈପ୍‌ସିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିପାରିଲୁ ।

ବିପୁଳ ଆନନ୍ଦ ଉଲ୍ଲାସ ମଧ୍ୟରେ ଆମେ ଓଡ଼ିଶା ଜୟନ୍ତୀ ପାଳନ କଲାବେଳେ ଆମ ଜାତିର ପୂର୍ବ ସୂରୀମାନଙ୍କୁ ଆମେ ଯେତେ ମନେ ପକାଉଛୁ, ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମହନୀୟ ଅବଦାନ ଦେଇଥିବା ବ୍ରିଟିଶ ପ୍ରଶାସକ-ବର୍ଗଙ୍କୁ ଭୁଲିଯାଉଛୁ । ତେଣୁ ଷଷ୍ଠିତମ ଉତ୍କଳ ଜୟନ୍ତୀର ଶୁଭ ଅବସରରେ ଦେଶମିଶ୍ରଣକାରୀ ଆମ ଓଡ଼ିଆ ଭାଇମାନଙ୍କ ସହିତ ପ୍ରୋକ୍ତ ବ୍ରିଟିଶ ପ୍ରଶାସକ ବର୍ଗଙ୍କୁ କୃତଜ୍ଞତାର ସହିତ ସ୍ମରଣକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ।

ବନ୍ଦେ ଉତ୍କଳ ଜନନୀ

ମାର୍କଣ୍ଡସାହୀ, ଯମୁନାଗେଡ଼, ପୁରୀ

## ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପୁରସ୍କାର

ରାଜ୍ୟର ୫ ଜଣ ବିଶିଷ୍ଟ ଶିଳ୍ପୀ ଗତବର୍ଷ ପାଇଁ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପୁରସ୍କାର ପାଇବାଲାଗି ମନୋନୀତ ହୋଇଛନ୍ତି । ସେମାନେ ପ୍ରତ୍ୟେକ ଦୁଇହଜାର ପାଞ୍ଚଶହ ଟଙ୍କା ଏବଂ ମାନପତ୍ର ପାଇବେ । ଚଳିତ ମାର୍ଚ୍ଚ ୬ ତାରିଖ ସନ୍ଧ୍ୟା ୭ଟାବେଳେ ଭୁବନେଶ୍ୱର-ଠାରେ ଅନୁଷ୍ଠିତ ହୋଇଥିବା ୧୯୮୪ ଶିଳ୍ପ ମେଳା ପଡ଼ିଆରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହି ବିଶିଷ୍ଟ ଶିଳ୍ପୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ ।

ଯେଉଁମାନେ ଏହି ପୁରସ୍କାର ପାଉଛନ୍ତି ସେମାନେ ହେଲେ; ଶ୍ରୀ ଦୀନବନ୍ଧୁ ମହାପାତ୍ର, ଭୁବନେଶ୍ୱର, ଶ୍ରୀମତୀ ଦୀନମଣି ସାହୁ, କୋରାପୁଟ, ଶ୍ରୀ କୁଞ୍ଜବିହାରୀ ମେହେର, ବରପାଲୀ, ଶ୍ରୀ ନିତ୍ୟାନନ୍ଦ ଜୋନା, କଟକ ଏବଂ, ଶ୍ରୀ ବଂଶୀଧର ପ୍ରଧାନ, ପୁରୀ ।

# ବୀର ସୁରେନ୍ଦ୍ର ସାଏ

ଶ୍ରୀ ଜଗନ୍ନାଥ ପଟ୍ଟନାୟକ

ଦେଶମାତୃକାକୁ ସ୍ୱାଧୀନ କରିବା ଦିଗରେ, ଇଂରେଜ ଶକ୍ତି ବିରୁଦ୍ଧରେ ସଂଗ୍ରାମ ଚଳାଇ ଭାରତ ଇତିହାସରେ ଯେଉଁ କେତେଜଣ ବରେଣ୍ୟ ବୀର ଅବିସ୍ମରଣୀୟ ହୋଇ ରହିଛନ୍ତି, ସେମାନଙ୍କ ମଧ୍ୟରୁ ସୁରେନ୍ଦ୍ରସାଏ ଅନ୍ୟତମ । ୧୮୨୭ ଖ୍ରୀଷ୍ଟାବ୍ଦରୁ ୧୮୬୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୀର୍ଘ ୩୫ ବର୍ଷ ଧରି ସମ୍ବଲପୁରରେ ଏକ ପ୍ରକାର ରାଜନୈତିକ ଭୂମିକମ୍ପ ସୃଷ୍ଟିକରି ସେ ଯେପରି ଭାବରେ ଇଂରେଜମାନଙ୍କର ମେରୁଦଣ୍ଡ ଦୋହଲାଇ ଦେଇଥିଲେ, ତାହା ଇତିହାସରେ ଏକ ରୋମାଞ୍ଚକର ଅଧ୍ୟାୟ ହୋଇ ରହିଛି । ତାଙ୍କର ସଂଗ୍ରାମ ଦୁଇଟି ପର୍ଯ୍ୟାୟରେ ପରିବ୍ୟାପ୍ତ ହୋଇଥିଲା । ପ୍ରଥମଟି ଥିଲା ୧୮୨୭ରୁ ୧୮୪୦ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟଟି ଥିଲା ୧୮୫୭ରୁ ୧୮୬୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ।

ସମ୍ବଲପୁର ସହରର ଉତ୍ତରକୁ ପ୍ରାୟ ୨୧ ମାଇଲ ଦୂରରେ ଅବସ୍ଥିତ ବରଗାଁ ଓ ବା ଖିଣ୍ଡା ଗ୍ରାମରେ ୨୩ ଜାନୁୟାରୀ ୧୮୦୯ ଖ୍ରୀଷ୍ଟାବ୍ଦରେ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ । ତାଙ୍କ ବାପାଙ୍କ ନାମ ଥିଲା ଧରମ ସିଂହ । ସେ ସମ୍ବଲପୁରର ରାଜବଂଶର ପଞ୍ଚମ ରାଜା ବଳୀୟାର ସିଂହ (୧୬୫୮—୧୬୯୮)ଙ୍କ ଦ୍ୱିତୀୟ ଭ୍ରାତା ଅନିରୁଦ୍ଧ ସାଏଙ୍କ ବଂଶଧର । ଅନିରୁଦ୍ଧ ସାଏ ସମ୍ବଲପୁର ରାଜାଙ୍କ ନିକଟରୁ ବରପାଲୀ ଜମିଦାରି ଲାଭ କରିବା ପରେ ସେହିଠାରେ ହିଁ ବଂଶ ପରଂପରା କ୍ରମେ ସୁରେନ୍ଦ୍ର ସାଏଙ୍କ ପୂର୍ବପୁରୁଷମାନେ ବାସ କରି- ଆସୁଥିଲେ । ଧରମ ସିଂହ ସାତୋଟି ପୁତ୍ର ଏବଂ ଗୋଟିଏ କନ୍ୟାର ପିତା ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ପୁତ୍ରମାନଙ୍କର ନାମ ଥିଲା ସୁରେନ୍ଦ୍ର ସାଏ, ଉଦନ୍ତ ସାଏ, ଧ୍ରୁବସାଏ, ଉଜ୍ଜଳ ସାଏ, ଛବିଳସାଏ, ଯାଜଲ୍‌ସାଏ ଓ ମେଦିନୀ ସାଏ ଏବଂ କନ୍ୟାଟିର ନାମ ଥିଲା ଅଞ୍ଜନା । ସେମାନଙ୍କ ମଧ୍ୟରୁ ଜ୍ୟେଷ୍ଠପୁତ୍ର ସୁରେନ୍ଦ୍ର ସାଏ ଗାଙ୍ଗପୁର ରାଜ୍ୟର ହାତୀବାଡ଼ି ଜମିଦାରଙ୍କ କନ୍ୟାଙ୍କୁ ବିବାହ କରି ଦୁଇଟି ସନ୍ତାନ ଲାଭ କରିଥିଲେ । ଗୋଟିଏ ଥିଲା ପୁତ୍ର ଓ ଅନ୍ୟଟି କନ୍ୟା । ପୁତ୍ରଙ୍କର ନାମ ଥିଲା ମିତ୍ରଭାନୁ ସାଏ । କନ୍ୟାଟିର ନାମ ଏବେ ମଧ୍ୟ ଜଣା ନାହିଁ । ତୁଳସୀ ଦୁଇପତ୍ରରୁ ବାସିନା ପରି ସୁରେନ୍ଦ୍ର ସାଏଙ୍କ ବାଲ୍ୟଜୀବନରୁ ଜଣାପଡ଼ିଥିଲା ଯେ ଭବିଷ୍ୟତରେ ସେ ଦିନେ ଏକ ସଂଗ୍ରାମୀ ବୀରର ଭୂମିକାରେ ଅବତୀର୍ଣ୍ଣ ହୋଇ ସମ୍ବଲପୁରର ଇତିହାସକୁ ମୁଖରିତ କରିବେ । ଏହି ସମୟରେ ଭାଇମାନଙ୍କ ସହିତ ସେ ବହୁପ୍ରକାର ଯୁଦ୍ଧବିଦ୍ୟା ଶିକ୍ଷା କରିଥିଲେ ଏବଂ ଏହି ଶିକ୍ଷାଦାନରେ ସେମାନଙ୍କର ଖୁଡ଼ୁତା ବଳରାମ ସିଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାର ଜଣାଯାଏ । ବିଶେଷତଃ ସମ୍ବଲପୁରର ଗିରି ଓ ନିବିଡ଼ ବନାନୀ ଗରିଲାଯୁଦ୍ଧ ଶିକ୍ଷା କରିବାରେ ବିଶେଷ ସହାୟକ ହୋଇଥିଲା । କଥିତ ଅଛି ସୁରେନ୍ଦ୍ର ସାଏ ଜଙ୍ଗଲରୁ 'ପଥରଲସା' ନାମକ ଏକ ପ୍ରକାର ଗଛ ଆବିଷ୍କାର କରି ତାହାର ଚେଂଫ ଓ ପତ୍ର ନିଜ ଶରୀର ମଧ୍ୟରେ ପ୍ରବେଶ କରାଇଥିଲେ, ଫଳରେ ତାଙ୍କ ଦେହରେ କୌଣସି ଅସ୍ତ୍ର ଭେଦକରି ପାରିନଥିଲା ।

୧୮୨୭ ମସିହାର କଥା । ସେହି ବର୍ଷ ସମ୍ବଲପୁରରେ ରାଜା ମହାରାଜ ସାଏଙ୍କ ମୃତ୍ୟୁ ହୁଏ । ସେ ଥିଲେ ଅପୁତ୍ରିକ । ତେଣୁ ତାଙ୍କ ପରେ ସମ୍ବଲପୁରର ରାଜଗାଦି ଅଳଙ୍କୃତ କିଏ କରିବେ, ତାହା ଥିଲା ବିବାଦୀୟ ବିଷୟ । ପ୍ରକୃତପକ୍ଷେ ସମ୍ବଲପୁରର ରାଜବଂଶର ବଂଶଧର ସୁରେନ୍ଦ୍ରସାଏ ରାଜଗାଦି ଲାଭ କରିବା କଥା । ଏହାମଧ୍ୟ ୧୮୩୮ରେ ସମ୍ବଲପୁରକୁ ଆସିଥିବା ଇଂରେଜ ପର୍ଯ୍ୟଟକ କୀଟୋ ସାହେବ ଓ ଓଡ଼ିଶାର ତତ୍କାଳୀନ ଭାରପ୍ରାପ୍ତ ଇଂରେଜ କମିଶନର ଆର. ଏନ୍. ସୋର ସ୍ୱୀକାର କରିଛନ୍ତି । ମାତ୍ର ଇଂରେଜମାନେ ସୁରେନ୍ଦ୍ର ସାଏଙ୍କୁ ପ୍ରତ୍ୟାଖ୍ୟାନ କରି ମହାରାଜ ସାଏଙ୍କ ରାଣୀ ମୋହନ କୁମାରୀଙ୍କୁ ରାଜ ସିଂହାସନରେ ବସାଇଲେ । କାରଣ ଇଂରେଜ କର୍ତ୍ତୃପକ୍ଷ ରାଜନୈତିକ ଦୃଷ୍ଟିକୋଣରୁ ବିଚାରକରି ଦେଖିଲେ ଯେ ମୋହନ କୁମାରୀଙ୍କୁ ରାଜଗାଦି ଦେଲେ ସେମାନେ ନିଜର ରାଜନୈତିକ ଅଭିସନ୍ଧି ହାସଲ କରିପାରିବେ । ରାଣୀ ହେବେ ସେମାନଙ୍କ ହାତରେ କ୍ରୀଡ଼ନକ । ଅପରପକ୍ଷରେ ସୁରେନ୍ଦ୍ର ସାଏ ତାଙ୍କର ଅନୁଗାମୀ ହୋଇନପାରନ୍ତି । ଫଳରେ ଏ ପ୍ରକାର କାର୍ଯ୍ୟ ସୁରେନ୍ଦ୍ର ସାଏଙ୍କ ସମେତ ସମ୍ବଲପୁରର ଜନସାଧାରଣଙ୍କୁ କ୍ଷୁବ୍ଧ କଲା । ଏ ପର୍ଯ୍ୟନ୍ତ ସମ୍ବଲପୁରରେ ଜଣେ ମହିଳା ରାଜସିଂହାସନରେ ବସି ନଥିବାରୁ ଜନସାଧାରଣ ଏହା ପରଂପରା ବିରୋଧୀ ବୋଲି ବିଚାର କଲେ । ହୁଏତ ସେମାନେ ଏହାକୁ ସହି ନେଇଥାଆନ୍ତେ, ଯଦି ମୋହନ କୁମାରୀଙ୍କ ଶାସନ ଜନମଙ୍ଗଳ ପାଇଁ ଉଦ୍ଦିଷ୍ଟ ହୋଇଥାଆନ୍ତା । ମାତ୍ର ଦୁର୍ଭାଗ୍ୟବଶତଃ ତାହା ହୋଇନଥିଲା । ମୋହନ କୁମାରୀ ଶାସନ କ୍ଷେତ୍ରରେ କେତେକ ଅପରିଣାମଦର୍ଶୀ କାର୍ଯ୍ୟ କରି ବସିଲେ । ତତ୍କାଳୀନ ସମାଜର ପ୍ରତିଭାଶାଳୀ ଗଣ୍ଡ ଓ ବିଂଝାଲ ଜମିଦାର ଏବଂ ବ୍ରାହ୍ମଣ ଗୋଷ୍ଠୀଙ୍କ ପ୍ରତି ସେ ଅନ୍ୟାୟ ଆଚରଣ କଲେ । ଫଳରେ ଏକ ପ୍ରାନ୍ତରୁ ଅନ୍ୟ

ପ୍ରାନ୍ତ ପର୍ଯ୍ୟନ୍ତ ଅସନ୍ତୋଷର ବାତ୍ୟା ବୋହିବାକୁ ଲାଗିଲା । ସୁରେନ୍ଦ୍ର ସାଏ ଏହାର ସୁଯୋଗ ନେଇ ମୋହନକୁମାରୀ ତଥା ଇଂରେଜମାନଙ୍କ ବିରୁଦ୍ଧରେ ଏକ ସଂଗ୍ରାମର ଆହ୍ୱାନ ଦେଲେ । ଏହା ଗ୍ରହଣ କରି ସହସ୍ର ସଂଖ୍ୟାରେ ତାଙ୍କର ଅନୁଗାମୀମାନେ ସଂଗ୍ରାମରେ ଯୋଗ ଦେଇ ଇଂରେଜମାନଙ୍କ ହୃଦୟରେ ଭୟ ସଞ୍ଚାର କରାଇଥିଲେ । ସେତେବେଳେ କ୍ୟାପ୍ଟେନ ହିଗିନସଙ୍କ ଅଧିନାୟକତ୍ୱରେ ସମ୍ବଲପୁରରେ ଇଂରେଜମାନଙ୍କର ରାମଗଡ଼ ବାଟାଲିଆନ୍ ଅବସ୍ଥାପିତ ହୋଇଥାଆନ୍ତି । ସେମାନେ ବିଦ୍ରୋହୀମାନଙ୍କସହ ସଂଗ୍ରାମ ଚଳାଇଥିଲେ ମଧ୍ୟ ଧନୁଶର ଧରି ଗରିଲା ଯୁଦ୍ଧ ଅବଲମ୍ବନ କରିଥିବାରୁ ଇଂରେଜ ସୈନ୍ୟ ସେମାନଙ୍କର ମୁକାବିଲା କରି ପାରିନଥିଲେ । ତେଣୁ ହଜାରିବାଗ୍‌ରୁ କ୍ୟାପ୍ଟେନ୍ ୱଇଲ କିନ୍‌ସନ୍‌ଙ୍କ ଅଧ୍ୟକ୍ଷତାରେ ଅନ୍ୟ ଏକ ସୈନ୍ୟ ବାହିନୀ ସମ୍ବଲପୁରରେ ପହଞ୍ଚିଲେ । ଉଭୟ ମିଳିତ ହୋଇ ବିଦ୍ରୋହୀମାନଙ୍କୁ ଦମନ କରାଇଥିଲେ ମଧ୍ୟ ୱଇଲ କିନ୍‌ସନ ମତ ଦେଇଥିଲେ ଯେ ମୋହନ କୁମାରୀ ସିଂହାସନରେ ବସିଥିବା ପର୍ଯ୍ୟନ୍ତ ବିଦ୍ରୋହକୁ ସଂପୂର୍ଣ୍ଣ ରୂପେ ପ୍ରଶମିତ କରି ହେବନାହିଁ । ତାଙ୍କର ମତ ସରକାର ଗ୍ରହଣ କରି ମୋହନ କୁମାରୀଙ୍କୁ ୧୮୩୩ ଖ୍ରୀଷ୍ଟାବ୍ଦରେ ସମ୍ବଲପୁରର ରାଜଗାଦିରୁ ପ୍ରତ୍ୟାହାର କରିନେଇ ଥିଲେ ।

ଏହି ସମୟରେ ସୁରେନ୍ଦ୍ରସାଏ ପୁନରାୟ ଆଶାପୋଷଣ କଲେ ଯେ ସମ୍ବଲପୁର ରାଜଗାଦି ଇଂରେଜମାନେ ତାଙ୍କୁହିଁ ପ୍ରଦାନ କରିବେ । ଉକ୍ତ ଆଶାପୋଷଣ କରିବା ମଧ୍ୟ ଯୁକ୍ତିଯୁକ୍ତ ଥିଲା । ମାତ୍ର ତାଙ୍କ ଆଶା ଆଶାରେ ହିଁ ରହିଲା । ଇତିବୃତ୍ତିର ପୁନରାବୃତ୍ତି ହେଲା । ଇଂରେଜ କର୍ତ୍ତୃପକ୍ଷ ସମ୍ବଲପୁର ରାଜବଂଶର ଜଣେ ସୁଦୂର ସଂପର୍କୀୟ ବ୍ୟକ୍ତି ନାରାୟଣ ସିଂଙ୍କୁ ରାଜଗାଦି ପ୍ରଦାନ କଲେ । ଉକ୍ତ ପଦବୀରେ ଅଧିଷ୍ଠିତ ହେବାପାଇଁ ସେ ଥିଲେ ଅଯୋଗ୍ୟ । ଏହି କଥା ମଧ୍ୟ ଇଂରେଜ ପର୍ଯ୍ୟଟକ କାଟୋ ତାଙ୍କ ବିବରଣୀରେ ଉଲ୍ଲେଖ କରିଛନ୍ତି । ନାରାୟଣ ସିଂହଙ୍କ ମାତା ଥିଲେ ନୀଚଜାତିସଂପନ୍ନା । ନାରାୟଣ ସିଂ ନିଜେ ମଧ୍ୟ ରାଣୀ ମୋହନ କୁମାରୀଙ୍କ ଗୃହ-ରକ୍ଷୀ ରୂପେ ବହୁଦିନ ଧରି କାର୍ଯ୍ୟ କରିଥିଲେ । ଏପରିକି ନାରାୟଣ ସିଂ ନିଜେ ଉକ୍ତ ପଦବୀ ପାଇଁ ଅଯୋଗ୍ୟ ବୋଲି ଦର୍ଶାଇ ତାଙ୍କୁ ସିଂହାସନରେ ନ ବସାଇବା ପାଇଁ ଇଂରେଜ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଥିଲେ । ଏହା ସତ୍ତ୍ୱେ ଇଂରେଜମାନେ ତାଙ୍କୁ ହିଁ ସିଂହାସନରେ ବସାଇଲେ । ଫଳରେ ସୁରେନ୍ଦ୍ର ସାଏ ପୁନରାୟ ଉତ୍ତେଜିତ ହୋଇ ୧୮୩୭ ଖ୍ରୀଷ୍ଟାବ୍ଦରେ ଅନ୍ୟ ଏକ ସଂଗ୍ରାମର ଆଶ୍ରୟ ନେଲେ । ପୂର୍ବପରି ବିଝାଂଲ ଓ ଗଣ୍ଡ ଜମିଦାରବର୍ଗ ତାଙ୍କ ସହିତ ହାତ ମିଳାଇଲେ । ତନ୍ମଧ୍ୟରୁ ଲୋଚନପୁର ଜମିଦାର ବଳଭଦ୍ର ଦେଓଙ୍କ ନାମ ଉଲ୍ଲେଖଯୋଗ୍ୟ । ୧୮୩୭ ମସିହା ରାହାସ-ପୂର୍ଣ୍ଣିମାର ମଧ୍ୟରାତ୍ରି । ଦେବୀଗଡ଼ ଠାରେ ସୁରେନ୍ଦ୍ର ସାଏ, ଉଦ୍ଦାନ୍ତ ସାଏ, ବଳରାମ ସିଂହ ଓ ବଳଭଦ୍ର ଦେଓ ମିଳିତ ହୋଇ ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରୁଥାନ୍ତି । ସେହି ସମୟରେ କନୈକ ପାହାଡ଼ିଆ ଗଣ୍ଡାର ସହାୟତାରେ ଇଂରେଜମାନେ ସେଠାରେ ପହଞ୍ଚି ବଳଭଦ୍ର ଦେଓଙ୍କୁ ହତ୍ୟା କଲେ । ମାତ୍ର ସୁରେନ୍ଦ୍ର ସାଏଙ୍କ ସମେତ ତାଙ୍କ ଭାଇ ଓ ଖୁଡ଼ୁତା କୌଶଳକ୍ରମେ ପଳାୟନ କରିଥିଲେ । ଏହି ଘଟଣାପରେ ବହୁଦିନ ପର୍ଯ୍ୟନ୍ତ ରାହାସପୂର୍ଣ୍ଣିମାର ଅର୍ଦ୍ଧରାତ୍ରରେ ଲୋକେ ସେହିଠାରେ କରୁଣ ଓ ମର୍ମସ୍ପର୍ଶୀ ଚିତ୍‌କାର ଶୁଣିଥିବାର ଜନଶ୍ରୁତି ରହିଛି । ମାତ୍ର ଏତିକିରେ ବିଦ୍ରୋହ ନାଟକର ବିରତି ହୋଇନଥିଲା । ଇତିମଧ୍ୟରେ ରାମପୁରର ଜମିଦାର ଦୁରିୟା ସିଂ ଇଂରେଜମାନଙ୍କ ପ୍ରରୋଚନାରେ ସୁରେନ୍ଦ୍ର ସାଏଙ୍କ ବିରୁଦ୍ଧରେ ସେମାନଙ୍କୁ ସାହାଯ୍ୟ କରିଥିଲେ । ଫଳରେ ସୁରେନ୍ଦ୍ର ସାଏ ଓ ଉଦ୍ଦାନ୍ତ ସାଏ ୧୮୩୮ ମସିହା ଅକ୍‌ଟୋବର ମାସରେ ରାମପୁର ଯାଇ ଦୁରିୟା ସିଂହଙ୍କର ପିତା ଓ ପୁତ୍ରଙ୍କୁ ହତ୍ୟା କରିଥିଲେ । ସୌଭାଗ୍ୟବଶତଃ ଦୁରିୟା ସିଂ ହିମଗିର ପର୍ବତକୁ ପ୍ରାଣ ବିକଳରେ ପଳାୟନ କରିଥିଲେ ।

ପରେ ପରେ ଦକ୍ଷିଣ-ପଶ୍ଚିମ ସୀମାନ୍ତର ତତ୍‌କାଳୀନ ଇଂରେଜ ଏଜେଣ୍ଟ କର୍ଣ୍ଣେଲ ଆଉସ ଲେଙ୍କ ସହାୟତାରେ ସୁରେନ୍ଦ୍ର ସାଏ, ଉଦ୍ଦାନ୍ତ ସାଏ ଓ ବଳରାମ ସିଂହଙ୍କୁ ୧୮୪୦ ଖ୍ରୀଷ୍ଟାବ୍ଦରେ ବନ୍ଦୀ କରାଯାଇ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଗଲା । ସେମାନେ ହଜାରିବାଗ୍ ବନ୍ଦୀଶାଳାରେ ବନ୍ଦୀ ହୋଇ ରହିଲେ । ଏହିଠାରେ ସୁରେନ୍ଦ୍ର ସାଏଙ୍କ ସଂଗ୍ରାମର ପ୍ରଥମ ପର୍ଯ୍ୟାୟର ଯବନିକା ପଡ଼ିଲା ।

ଇତିମଧ୍ୟରେ ୧୮୪୯ ଖ୍ରୀଷ୍ଟାବ୍ଦ ସେପେଟେମ୍ବର ୧୦ ତାରିଖ ଦିନ ରାଜା ନାରାୟଣ ସିଂଙ୍କର ମୃତ୍ୟୁ ହୁଏ । ସେ ଅପୁତ୍ରିକ ଥିଲେ । ମୃତ୍ୟୁ ପୂର୍ବରୁ ସେ ଘୋଷଣା କରି ଯାଇଥିଲେ ଯେ ତାଙ୍କ ଅନ୍ତେ ସମ୍ବଲପୁର ଇଂରେଜ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେବ । ତେଣୁ ତତ୍‌କାଳୀନ ଗଭର୍ଣ୍ଣର ଜେନେରାଲ ଲର୍ଡ ଡେଲହାଉସୀଙ୍କର ରାଜ୍ୟମିଶ୍ରଣ ନୀତି ପ୍ରୟୋଗ କରି ସମ୍ବଲପୁରକୁ ଇଂରେଜ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରାଗଲା । ସୁରେନ୍ଦ୍ର ସାଏ ଏକ ବନ୍ଦୀର ଜୀବନ-ଯାପନ କରୁଥିବାରୁ ରାଜଗାଦି ଉପରେ ସେ ଅଧିକାର ହରାଇ ବସିଛନ୍ତି ବୋଲି ଇଂରେଜମାନେ ଏହାର କାରଣ ଦର୍ଶାଇଥିଲେ ।

ସୁରେନ୍ଦ୍ର ସାଏ ହଜାରିବାଗ ଜେଲ୍‌ରେ ବନ୍ଦୀର ଜୀବନଯାପନ କରୁଥାନ୍ତି । ଆଶାକରାଯାଉଥିଲା ଯେ ବନ୍ଦୀଶାଳାରେ ହିଁ ତାଙ୍କର ଜୀବନଦୀପ ନିର୍ବାପିତ ହେବ । ମାତ୍ର ବିଧିର ବିଧାନ ଥିଲା ଅନ୍ୟ ପ୍ରକାର । ଏହା ୧୮୫୭ ମସିହାର ଘଟଣା । ସେତେବେଳେ ଭାରତୀୟ ସିପାହୀମାନେ ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଆରମ୍ଭ କରିଥାଆନ୍ତି । ୧୮୫୭ ମସିହା ଜୁଲାଇ ୩୦ ତାରିଖ ଦିନ ହଜାରିବାଗସ୍ଥିତ

'ଛୋଟ ବର୍ଦ୍ଧମାନକା ପଲଟନ୍' ନାମଧେୟ ଏବଂ ସିପାହୀ ସେନାବାହିନୀ ପ୍ରଥମେ ବିଦ୍ରୋହ ଆରମ୍ଭ କରିଥିଲେ । ବଳପ୍ରୟୋଗ କରି ପ୍ରଥମେ ସେମାନେ ହଜାରିବାଗ ଜେଲ୍‌ରେ ପ୍ରବେଶ କରି ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇ ଉଦାନ୍ତ ସାଏ ସମେତ ଓଡ଼ିଶାର ଅନ୍ୟ ୩୨ ଜଣ ବନ୍ଦୀଙ୍କୁ ମୁକ୍ତ କରାଇଥିଲେ । ସେତେବେଳକୁ ବଳରାମ ସିଂ ଜେଲ୍‌ରେ ମୃତ୍ୟୁ ବରଣ କରିଥାଆନ୍ତି ।

ସେ ଯାହାହେଉ ସୁରେନ୍ଦ୍ର ସାଏ ସେହି ସମୟରେ ସେମାନଙ୍କସହ ଯୋଗ ଦେଇଥିଲେ ହୁଏତ ତାନ୍ତିଆଟୋପି, ଲକ୍ଷ୍ମୀବାଈ, ନାନାସାହେବ, କନଓ୍ୱାର ସିଂହଙ୍କ ପରି ଜଣେ ସର୍ବ ଭାରତୀୟ ନେତା ରୂପେ ସମ୍ମାନିତ ହୋଇପାରିଥାନ୍ତେ । ମାତ୍ର ସୁରେନ୍ଦ୍ର ସାଏ ଦୀର୍ଘ ୧୭ ବର୍ଷ ବନ୍ଦୀଶାଳାରେ ଜୀବନ ଯାପନ କରି ରୋଗାକ୍ରାନ୍ତ ହୋଇ ପଡ଼ିଥିଲେ ଓ ଏଥି ସହିତ ନିଜର ପ୍ରିୟ କର୍ମଭୂମି ସମ୍ବଲପୁରର ଛବି ତାଙ୍କ ମାନସ ପଟରେ ଅଙ୍କିତ ହେବାରୁ ବିଦ୍ରୋହୀମାନଙ୍କ ସହିତ ଯୋଗ ନଦେଇ ସେ ଛୋଟନାଗପୁର, ସିଂହଭୂମ ଓ ଗାଙ୍ଗପୁର ଦେଇ ସେପ୍ଟେମ୍ବର ମାସରେ ସମ୍ବଲପୁରରେ ପହଞ୍ଚିଲେ । ସମ୍ବଲପୁରରେ ଏ ସମ୍ବାଦ ଦବାଗ୍ନି ସଦୃଶ ପ୍ରସାର ହୋଇଥିଲା । ସୁରେନ୍ଦ୍ରସାଏଙ୍କ ଉପସ୍ଥିତିହିଁ ସମ୍ବଲପୁରକୁ ଇଂରେଜ ଶାସନରୁ ମୁକ୍ତ କରାଇବା ପାଇଁ ଲୋକମାନଙ୍କୁ ପ୍ରଭାବିତ କରିଥିଲା । ସମ୍ବଲପୁର ଥାଏ ସେତେବେଳେ ସିନିଅର ସହକାରୀ କମିଶନର କ୍ୟାପ୍‌ଟେନ ଲି ସାହେବଙ୍କ ତତ୍ତ୍ୱାବଧାନରେ । ସେ ରାମଗଡ଼ ବାଟାଲିଆନର ଥାଆନ୍ତି ଅଧିନାୟକ । ସେତେବେଳେ ସମଗ୍ର ଓଡ଼ିଶାର କମିଶନର ଥାଆନ୍ତି ଜି. ଏ. ଏ. କକ୍‌ବର୍ଣ୍ଣ । ସୁରେନ୍ଦ୍ରସାଏ ସମସ୍ତଙ୍କୁ ଉତ୍ତେଜିତ କରାଉଥିବାର ଦେଖି ଇଂରେଜ ସରକାର ସତର୍କତା ଅବଲମ୍ବନ କଲେ । ବିଦ୍ରୋହୀମାନଙ୍କ ସହ କୌଣସି ରାଜା, ଜମିଦାର ବା ଗଉନ୍ତିଆ ସହଯୋଗ କରିପାରିବେ ନାହିଁ ବୋଲି ଇଂରେଜ ସରକାର ନିଷେଧାଜ୍ଞା ଜାରି କଲେ । ଏହା ସହିତ କକ୍‌ବର୍ଣ୍ଣ କଟକରୁ କ୍ୟାପଟେନ୍ ହକିନ୍‌ସ୍ ଓ ଲେଫଟନାଣ୍ଟ ହାଟ୍ ଓ ଏନ୍‌ସାଇନ ନେପିଅରଙ୍କ ଅଧିନାୟକତ୍ୱରେ ତିନୋଟି ସୈନ୍ୟବାହିନୀ ସମ୍ବଲପୁରକୁ ପ୍ରେରଣ କଲେ । ଓଡ଼ିଶାରେ ଅବସ୍ଥାପିତ ପାଇକ କଂପାନୀ ମଧ୍ୟ ସେମାନଙ୍କ ସହିତ ଯୋଗଦେଇ ସମ୍ବଲପୁରରେ ପହଞ୍ଚିଲେ । କ୍ୟାପଟେନ୍ ଲି ସୁରେନ୍ଦ୍ର ସାଏ ଓ ଉଦାନ୍ତ ସାଏଙ୍କୁ ଧରାଇଦେବା ପାଇଁ ୨୫୦ ଟଙ୍କା କରି ପୁରସ୍କାର ଘୋଷଣା କଲେ । ମାତ୍ର ଏଥିରେ କୌଣସି ଫଳ ହେଲନାହିଁ । ଅପରପକ୍ଷେ ସୁରେନ୍ଦ୍ର ସାଏ କିଛି ସଶସ୍ତ୍ର ଅନୁଗାମୀଙ୍କ ସହ ସମ୍ବଲପୁର ଅଧିକାର କରିବା ପାଇଁ ଅକ୍‌ଟୋବର ୭ ତାରିଖ ଦିନ ସକାଳ ୮ଟାରେ ସେଠାରେ ପହଞ୍ଚିଲେ । ସେଠାରେ ପହଞ୍ଚିବା ମାତ୍ରେ ସମ୍ବଲପୁରର ଗଗନ, ପବନ ପ୍ରକଂପିତ ହେଲା । ଚତୁର୍ଦ୍ଦିଗରେ ଦେଖାଦେଲା ବିଦ୍ରୋହର କରାଳଛାୟା । ଶେଷରେ କ୍ୟାପଟେନ ଲି ସୁରେନ୍ଦ୍ରସାଏଙ୍କ ସହ ଆପୋଷ ମିଳାମିଶା କରିବା ପାଇଁ କେତେଜଣ କର୍ମଚାରୀଙ୍କୁ ତାଙ୍କ ନିକଟକୁ ପ୍ରେରଣ କଲେ । ୧୮୫୭ ମସିହା ଅକ୍‌ଟୋବର ୧୩ ତାରିଖ ଦିନ ତାଙ୍କ ସହ ସାକ୍ଷାତ ହେଲା । ସେହି ସାକ୍ଷାତ ସମୟରେ ସୁରେନ୍ଦ୍ର ସାଏ ଏକ ସର୍ତ୍ତଦେଲେ ଯେ ତାଙ୍କୁ ଯଦି ସମ୍ବଲପୁରର ରାଜା ରୂପେ ଗ୍ରହଣ କରାଯାଏ, ତେବେ ସେ ଏହି ଆନ୍ଦୋଳନରୁ ନିବୃତ୍ତ ରହିବେ । ଏ ଖବର ତତ୍‌କାଳୀନ ଛୋଟନାଗପୁର କମିଶନର ଟି. ଡାଲଟନ୍ ବଙ୍ଗଳା ସରକାରଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ସେଥିରେ ସେ ନିଜର ମତ ବ୍ୟକ୍ତ କରି-ଲେଖିଥିଲେ ଯେ ସୁରେନ୍ଦ୍ରସାଏଙ୍କ ପ୍ରତି ଆଜୀବନ କାରାଦଣ୍ଡ ଲାଘବ କରାଯାଇ ପାରିବ, ଯଦି ସେ ରାଞ୍ଚି ବା କଟକରେ ଅବସ୍ଥାନ କରନ୍ତି । ମାତ୍ର ରାଜଗାଦି ତାଙ୍କୁ ଫେରାଇଦେବା ସଂଭବପର ହେବନାହିଁ । ଅବଶ୍ୟ ତାଙ୍କ ପ୍ରତି ସବୁପ୍ରକାର କୋହଳ ନୀତି ଅବଲମ୍ବନ କରାଯିବ ଏବଂ ସେ ଜଣେ ସ୍ୱାଧୀନ ଲୋକ ଭାବେ ଘୁରିଆଡ଼େ ଭ୍ରମଣ କରିପାରିବେ । ଏହା ବଙ୍ଗଳାସ୍ଥିତ ଇଂରେଜ କର୍ତ୍ତୃପକ୍ଷ ଗ୍ରହଣ କରିଥିଲେ । ମାତ୍ର ବସ୍ତୁତଃ ତାହା କରାଗଲା ନାହିଁ । ତାଙ୍କ ନିବାସସ୍ଥଳୀର ଚତୁଃପାର୍ଶ୍ୱରେ ଜଗୁଆଳୀଙ୍କ ଗହଣରେ ତାଙ୍କୁ ନଜରବନ୍ଦୀ ରୂପେ ରଖାଗଲା । ମାତ୍ର ପ୍ରତ୍ୟୁତ୍ପନ୍ନମତି ସୁରେନ୍ଦ୍ରସାଏ ସମସ୍ତଙ୍କ ଚକ୍ଷୁରେ ଧୂଳିଦେଇ ଅକ୍‌ଟୋବର ୩୧ ତାରିଖ ଦିନ ରାତିରେ ତାଙ୍କ ଭାଇ ଉଦାନ୍ତ ସାଏଙ୍କ ସହିତ ନିଜ ଗ୍ରାମ ଖିଣ୍ଡାକୁ ପଳାୟନ କରିଥିଲେ । ସେଠାରେ ଅବସ୍ଥିତ କୁଡ଼ପାଲୀ ଦୁର୍ଗଟି ତାଙ୍କର କର୍ମକେନ୍ଦ୍ର ରୂପେ ବ୍ୟବହାର କରାଗଲା । ଏହି ସମୟରେ କକବର୍ଣ୍ଣଙ୍କ ନିର୍ଦ୍ଦେଶକ୍ରମେ କ୍ୟାପ୍‌ଟେନ୍ ହାଡ୍ରୋଙ୍କ ନେତୃତ୍ୱରେ ଅନ୍ୟ ଏକ ସୈନ୍ୟ ବାହିନୀ ଖିଣ୍ଡାରେ ପହଞ୍ଚିଲେ । ମାତ୍ର ତାହାପୂର୍ବରୁ ସୁରେନ୍ଦ୍ର ସାଏ ସେଠାରୁ ପଳାୟନ କରି ସାରିଥାଆନ୍ତି । ପରେ ପରେ ଝାଡ଼ଘାଟଠାରେ ବିଦ୍ରୋହୀ ଓ ହାଡ୍ରୋଙ୍କ ସହ ତୁମୁଳ ସଂଗ୍ରାମ ଲାଗିଲା । ଅବଶ୍ୟ ବିଦ୍ରୋହୀମାନେ ସୁରେନ୍ଦ୍ର ସାଏଙ୍କସହ ସେଠାରୁ ମଧ୍ୟ ଖସି ପଳାଇଲେ । ଏଥିରେ ପ୍ରୋତ୍ସାହିତ ହୋଇ ସମଗ୍ର ସମ୍ବଲପୁରରେ ବିଦ୍ରୋହର ତରଙ୍ଗ ଉଦ୍‌ବେଳିତ ହୋଇଉଠିଲା । ଇତିମଧ୍ୟରେ ସମ୍ବଲପୁରରେ ଅବସ୍ଥାପିତ ଇଂରେଜ ସେନା ବାହିନୀ ରୋଗାକ୍ରାନ୍ତ ହୋଇ ପଡ଼ିଲେ । ସେନାଧ୍ୟକ୍ଷଙ୍କ ଅନୁରୋଧ କ୍ରମେ ଡାକ୍ତର ମୁର ଓ ଏପୋଥେକେରି ହାନସନ ନାମକ ଦୁଇଜଣ ଡାକ୍ତରଙ୍କୁ କମିଶନର କକ୍‌ବର୍ଣ୍ଣ ବ୍ରହ୍ମପୁରରୁ ସମ୍ବଲପୁରକୁ ପ୍ରେରଣ କଲେ ଓ ସେମାନେ ରେଢ଼ାଖୋଲ ରାଜାଙ୍କ ରାଜଧାନୀ ରାମପୁରରେ ପହଞ୍ଚିବା ପରେ ବିଦ୍ରୋହୀମାନଙ୍କର ଶିକାର ହେଲେ । ଏହାଥିଲା ନଭେମ୍ବର ମାସ ୧୮ ତାରିଖ ଘଟଣା । ସେଦିନ ମଧୁ ଗଉନ୍ତିଆଙ୍କ ନେତୃତ୍ୱରେ ଜଗୁମରା ନାମକ ସ୍ଥାନରେ ଡାକ୍ତର ମୁରଙ୍କୁ ଫାଶୀ ସାହାଯ୍ୟରେ ବିଦ୍ରୋହୀମାନେ ହତ୍ୟା କଲେ । ହତ୍ୟା କରିବା ପୂର୍ବରୁ ବଦ୍ରୋହୀ ମାନେ "ପକଡ଼ୋ' ମାରୋ" ବୋଲି ଉଚ୍ଚସ୍ୱରରେ ପାଟି କରୁଥିବାର ଶୁଣାଯାଇଥିଲା । ମାତ୍ର ଡାଃ- ହାନସୋନ ପଳାୟନ କରିଥିଲେ । ତାଙ୍କ ପଳାୟନରେ କନ୍ଧମାଳର

ତତ୍କାଳୀନ ତହସିଲଦାର ଦୀନବନ୍ଧୁ ପଟ୍ଟନାୟକ ସହାୟତା କରିଥିବାର ଜଣାଯାଏ ।

ଡ଼ାଃ ମୁର୍‌ଙ୍କ ମୃତ୍ୟୁ ଘୋଷଣା ପରେ ସମ୍ବଲପୁରରେ ଇଂରେଜମାନଙ୍କ ଭାବମୂର୍ତ୍ତି କ୍ଷୁର୍ଣ୍ଣ ହେଲା । କକ୍‌ବର୍ଣ୍ଣ ଚିନ୍ତିତ ହୋଇ ପଡ଼ିଲେ । କଟକର କ୍ୟାପଟେନ୍ ଉଡ଼ବ୍ରିଜ ଓ ଲେଫଟନାଣ୍ଟ ଭାଲନ୍‌ସ ଏବଂ ନାଗପୁର ନିକଟସ୍ଥ କାମ୍ପଟିରୁ କେପ୍‌ଟେନ୍ ସ୍ପିନଲେଙ୍କର ଅଧିନାୟକତ୍ୱରେ ସୈନ୍ୟବାହିନୀ ସମ୍ବଲପୁରରେ ପହଞ୍ଚିଲେ । ମାତ୍ର ଦିନକୁ ଦିନ ବିଦ୍ରୋହାଗ୍ନି ପ୍ରଜ୍ୱଳିତ ହେବାକୁ ଲାଗିଲା । ବିଦ୍ରୋହୀମାନେ କଟକ ଓ ସମ୍ବଲପୁର ମଧ୍ୟରେ ଡାକ ଏବଂ ଯାନବାହାନ ବନ୍ଦ କରିଦେଲେ । ବିଦ୍ରୋହ ପ୍ରବଳତର ହେବାର ଦେଖି ଇଂରେଜ କର୍ତ୍ତୃପକ୍ଷ ସମ୍ବଲପୁରକୁ ଛୋଟନାଗପୁର କମିଶନଙ୍କ ଅଧୀନରୁ କଟକ କମିଶନର କକ୍‌ବର୍ଣ୍ଣଙ୍କ ଅଧୀନକୁ ହସ୍ତାନ୍ତର କଲେ । ୧୮୫୭ ମସିହା ଡିସେମ୍ବର ୧୯ ତାରିଖ ଦିନ କକ୍‌ବର୍ଣ୍ଣ ତାଙ୍କର ନୂତନ ଦାୟିତ୍ୱ ଗ୍ରହଣ କରି ସମ୍ବଲପୁରର ପ୍ରତ୍ୟକ୍ଷ ଦାୟିତ୍ୱରେ ରହିଲେ । ତାଙ୍କ ନିର୍ଦ୍ଦେଶରେ କ୍ୟାପଟେନ ଉଡ଼ଙ୍କ ଅଧିନାୟକତ୍ୱରେ ଇଂରେଜ ସେନାବାହିନୀ ପ୍ରଥମେ କୁଡ଼ପାଲୀ ଅଧିକାର କଲେ । ସେହିଠାରେ ହିଁ ସୁରେନ୍ଦ୍ର ସାଏଙ୍କ ଅନ୍ୟତମ ଭାଇ ଛବିଳ ସାଏଙ୍କ ସମେତ ୫୩ ଜଣ ବିଦ୍ରୋହୀ ନିହତ ହେଲେ । ଏହି ଘଟଣାର ବହୁଦିନ ପର୍ଯ୍ୟନ୍ତ ପିଲାମାନେ "ଭଲି ଭଲି ଭଲି, କୁଡ଼ପାଲୀର ମାଟି ଖାଲି, ଛବିଲ ସାଇକୁ ବାଜିଲା ଗୁଳି" । ଗୀତ ଗାଇ ଉକ୍ତ ଘଟଣାକୁ ସ୍ମରଣ କରିଥିବାର ଜଣାଯାଏ ।

ଏହି ସମୟରେ ପାଟନାର ରାଜା ସୁରେନ୍ଦ୍ର ସାଏଙ୍କ ଭାଇ ଉଦାନ୍ତ ସାଏଙ୍କୁ ସାହାଯ୍ୟ କରିଥିବାରୁ ତାଙ୍କ ଉପରେ ଇଂରେଜ କର୍ତ୍ତୃପକ୍ଷ ୧,୦୦୦ ଟଙ୍କା ଜୋରିମାନା କରିଥିଲେ । ଡ଼ାଃ ମୁର୍‌ଙ୍କୁ ହତ୍ୟାକରିଥିବା ମଧୁ ଗଉନ୍ତିଆଙ୍କୁ ଧରାଇଦେଇ ରେଢ଼ାଖୋଲର ରାଜା ପୁରସ୍କୃତ ହେଲେ । ପରେ ପରେ ମଧୁ ଗଉନ୍ତିଆଙ୍କୁ ମଧ୍ୟ ଫାଶୀ ଦିଆଗଲା । ଏହି ସମୟରେ ନିଜେ କକ୍‌ବର୍ଣ୍ଣ ମେଜର୍ ଓ୍ୱାଇନ ଧାମଙ୍କ ସହ ୧୮୫୮ ମସିହା ଜାନୁୟାରୀ ୨୦ ତାରିଖ ଦିନ ସମ୍ବଲପୁରରେ ପହଞ୍ଚିଲେ । ଫେବୃୟାରୀ ୧୮ ତାରିଖ ଦିନ ପାହାଡ ଶିରଗୀଡ଼ାଠାରେ କ୍ୟାପ୍‌ଟେନ ଉଡ୍‌ବ୍ରିଜଙ୍କୁ ବିଦ୍ରୋହୀମାନେ ହତ୍ୟା କଲେ । ଏହି ଘଟଣା ପରେ ବ୍ରିଟିଶ ସେନାବାହିନୀ ଆତଙ୍କିତ ହୋଇପଡ଼ିଲେ । ବିଦ୍ରୋହୀମାନଙ୍କୁ କଠୋରଭାବେ ଦମନ କରିବା ପାଇଁ ମାର୍ଚ୍ଚ ୨୩ ତାରିଖ ଦିନ କର୍ଣ୍ଣେଲ୍ ଫ୍ରଷ୍ଟର ସମ୍ବଲପୁର ଆସି କ୍ୟାପଟେନ ଲିଙ୍କଠାରୁ ଦାୟିତ୍ୱ ଗ୍ରହଣ କଲେ । ପରେ ପରେ ସୈନ୍ୟବାହିନୀକୁ ନିର୍ଦ୍ଦେଶ ଦେଇ ସମ୍ବଲପୁରରେ ସେ ଏକ ଆତଙ୍କରାଜ ସୃଷ୍ଟି କରାଇଲେ । ସମ୍ବଲପୁରରେ ଇଂରେଜଶାସନର ଏହା ଥିଲା ଏକ କଳଙ୍କିତ ଅଧ୍ୟାୟ । ବିଦ୍ରୋହୀମାନଙ୍କୁ ବନ୍ଦୀ କରାଗଲା । ସମ୍ବଲପୁର ଜେଲରେ ୮୦ ଜଣଙ୍କ ପାଇଁ ସ୍ଥାନ ଥିବା ସ୍ଥଳେ ୩୦୦ ଜଣଙ୍କୁ ବନ୍ଦୀକରି ରଖାଗଲା । ପରେ ପରେ ସୁରେନ୍ଦ୍ର ସାଏଙ୍କ ଅନ୍ୟ ଏକ ଭାଇ ଉଜ୍ଜଳ ସାଏଙ୍କୁ ଧରାଇଦେଇ ପାଟନା ମହାରାଜା ୧,୦୦୦ ଟଙ୍କା ଜୋରିମାନାରୁ ରିହାତି ପାଇଲେ । ୧୮୫୮ ପରେ ଭାରତରେ ପ୍ରଥମେ ସ୍ୱାଧୀନତା ସଂଗ୍ରାମର ଅବସାନପରେ ମଧ୍ୟ ସୁରେନ୍ଦ୍ର ସାଏ ଓ ଉଦାନ୍ତ ସାଏ ଲୋକମାନଙ୍କୁ ଉତ୍ତେଜିତ କରାଉଥିବାର ଦେଖାଯାଇଥିଲା । ସମସ୍ତ ଉଦ୍ୟମ ସତ୍ତ୍ୱେ ଭ୍ରାତୃଦ୍ୱୟ ଧରାହୋଇ ପାରିଲେ ନାହିଁ । ୧୮୬୧ ମସିହା ଏପ୍ରିଲ ମାସରେ ମେଜର ଇମ୍ପେ ଡେ଼ପୁଟି କମିଶନର ଭାବେ ଅବସ୍ଥାପିତ ହେବାପରେ ସେ ପୋଲିସ ଜମାଦାର ରାଜକୁମାର ମିଶ୍ରଙ୍କ ଜରିଆରେ ସୁରେନ୍ଦ୍ର ସାଏଙ୍କ ନିକଟକୁ ଖବର ପ୍ରେରଣ କଲେ ଯେ ସେ ଆତ୍ମସମର୍ପଣ କଲେ ତାଙ୍କ ପ୍ରତି ସବୁ କୋହଳ ନୀତି ପ୍ରଦର୍ଶନ କରାଯିବ । ୧୮୬୨ ମସିହା ମେ ୧୬ ତାରିଖରେ ଏକ ବର୍ଷଣମୁଖର ରାତ୍ରିରେ ସୁରେନ୍ଦ୍ର ସାଏ ଆତ୍ମସମର୍ପଣ କରିଥିଲେ । ଏହାପରେ ତାଙ୍କୁ ଏବଂ ତାଙ୍କ ପୁତ୍ର ତଥା ଅନ୍ୟାନ୍ୟ ଭାଇମାନଙ୍କୁ ଖୋରାକ ପୋଷାକ ଭତ୍ତା ଦିଆଯାଇଥିଲା । ତାଙ୍କର ଆତ୍ମସମର୍ପଣରେ ସାହାଯ୍ୟ କରିଥିବା ସମ୍ବଲପୁରର ଲୋକନାଥ ପଣ୍ଡା ଓ ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କୁ ପୁରସ୍କୃତ କରାଗଲା । ମାତ୍ର ପରେ ପରେ ସୁରେନ୍ଦ୍ର ସାଏ ଆସିରଗଡ ଜେଲ୍‌ରେ ବନ୍ଦୀରୂପେ ରହିଲେ । ଜେଲକୁ ଯିବାର ଆବଶ୍ୟକତା କଣ ପଡ଼ିଲା, ତାହା ଏବେ ମଧ୍ୟ ରହସ୍ୟାବୃତ ହୋଇ ରହିଛି । ସମ୍ଭବତଃ ସୁରେନ୍ଦ୍ର ସାଏ ପୁଣି ଇଂରେଜ ବିରୋଧୀ କାର୍ଯ୍ୟରେ ଲିପ୍ତରହିବାରୁ ତାଙ୍କୁ ଏ ପ୍ରକାର ଦଣ୍ଡ ମିଳିଥିଲା । ମାତ୍ର କିପରି ତାଙ୍କର ବୈପ୍ଳବିକ ଜୀବନର ଅବସାନ ଘଟିଲା ତାହା ସଠିକ ଜଣାପଡ଼େ ନାହିଁ । ହୁଏତ ଜେଲମଧ୍ୟରେ ଏହି ମହାନ୍ ବୀରଙ୍କର ମହାସମାଧି ରଚିତ ହୋଇଥିଲା । କେତେକଣ କହନ୍ତି ସେ ଜେଲରେ ରହିଥିବା ବେଳେ ନିଜ ଶରୀର କାଟି ଦେହରେ ରଖିଥିବା ପଥରଲଣ୍ଡା ପତ୍ର ଖାଇ ଆତ୍ମହତ୍ୟା କରିଥିଲେ । ଅନ୍ୟ କେତେକଙ୍କ ମତରେ ସେ ଜେଲ୍‌ରେ ବନ୍ଦୀ ହୋଇଥିବା ସମୟରେ ଅନ୍ଧ ହୋଇ ମୃତ୍ୟୁ ବରଣ କରିଥିଲେ । ମାତ୍ର ଆସିରଗଡ ଜେଲ୍‌ରେ ଥିବା ବନ୍ଦୀମାନଙ୍କ ସମ୍ପର୍କୀୟ ରେଜିଷ୍ଟରରେ ତାଙ୍କ ମୃତ୍ୟୁ ବିଷୟରେ କିଛି ତଥ୍ୟ ମିଳୁ ନଥିବାର ଜଣାଯାଏ ।

'ଅଠରଶହ ସତାବନ' ପୁସ୍ତକରେ ସୁରେନ୍ଦ୍ର ସାଏଙ୍କ ଭୂମିକା ସମ୍ପର୍କରେ ଏସ୍. ଏନ୍. ସେନ୍ ମାତ୍ର ଦୁଇ ତିନୋଟି ଧାଡ଼ି ଲେଖିଥିଲେ ମଧ୍ୟ ସେ ଯେ ରାଣୀ ଲକ୍ଷ୍ମୀବାଈ, ତାନ୍ତିଆ ତୋପି ଓ ନାନା ସାହେବଙ୍କଠାରୁ କୌଣସି ଗୁଣରେ ନ୍ୟୁନ ନ ଥିଲେ ତାହା ତାଙ୍କ କାର୍ଯ୍ୟକଳାପରୁ ପରିଚୟ ମିଳେ । ତାଙ୍କର କୃତିତ୍ୱ ପାଇଁ ଜାତୀୟ ଆନ୍ଦୋଳନର ଇତିହାସ ପୃଷ୍ଠାରେ ତାଙ୍କ ନାମ କାଳ କାଳକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ଓ ରହିବ । ବାସ୍ତବପକ୍ଷେ ସେ ଥିଲେ ଜାତୀୟତାର ଅମ୍ଳାନ ଜ୍ୟୋତି ।

ବି. ଜେ. ବି. ସାନ୍ଧ୍ୟ ମହାବିଦ୍ୟାଳୟ
ଭୁବନେଶ୍ୱର

# ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏ

ଶ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀ

ବୀର ସୁରେନ୍ଦ୍ର ସାଏଙ୍କ ମୃତ୍ୟୁର ଶହେ ବର୍ଷ ଅତିକ୍ରମ ହୋଇଯାଇଥିଲେ ସୁଦ୍ଧା ତାଙ୍କ ବୀରତ୍ୱପୂର୍ଣ୍ଣ ସଂଗ୍ରାମୀ ଜୀବନ ସଂପର୍କରେ ଜନମାନସରେ ଅଦ୍ୟାବିଧି ପୂର୍ଣ୍ଣତଃ ସ୍ପଷ୍ଟ ଧାରଣା ସୃଷ୍ଟି ହୋଇ ପାରି ନ ଥିବା ଦୁଃଖର ବିଷୟ । ଆହୁରି ଦୁର୍ଭାଗ୍ୟଜନକ ହେଉଛି ଯେ, ଏହି ମହାନ୍ ବୀର ସନ୍ତାନଙ୍କ 'ସାଲିସ୍' ବିହୀନ ସଂଗ୍ରାମର ଉଦ୍ଦେଶ୍ୟ ନେଇ ଅନେକ ଶିକ୍ଷିତ ଲୋକଙ୍କ ମନରେ ମଧ୍ୟ ଭୁଲ ଧାରଣା ଜମାଟ ବାନ୍ଧି ରହିଛି । ବ୍ରିଟିଶ୍ ସରକାର ବିରୁଦ୍ଧରେ ଲଢ଼େଇ କରିବା ଫଳରେ ସମୁଦାୟ ପଞ୍ଚସ୍ତରି ବର୍ଷ ଜୀବନ କାଳର ଅର୍ଦ୍ଧେକ ସମୟ ଅର୍ଥାତ୍ ଦୀର୍ଘ ୩୭ ବର୍ଷ ଜେଲ-ଖାନାର ରୁଦ୍ଧ ପ୍ରକୋଷ୍ଠ ଭିତରେ ଅତିବାହିତ କରି ଶେଷରେ ସେହି ଜେଲଖାନା ଭିତରେ ହିଁ ପ୍ରାଣତ୍ୟାଗ କରିଥିବା ସହିତ ସୁରେନ୍ଦ୍ର ସମ୍ବଲପୁରର ରାଜଗାଦୀ ପ୍ରାପ୍ତି ଆଶାରେ କେବଳ ସଂଗ୍ରାମ ରତ ଥିଲେ ବୋଲି କୁହାଯିବା ଯେପରି ଅଯୌକ୍ତିକ, ସ୍ୱାଧୀନତା ଆନ୍ଦୋଳନ ପ୍ରତି ସେପରି ଅନ୍ୟାୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅବଶ୍ୟ ତାଙ୍କ ବିଷୟରେ ଠିକ୍ ତଥ୍ୟ ଜାଣି ନ ଥିବା କେତେକ ଲୋକ ତାଙ୍କ ଆଚରଣ ସଂପର୍କରେ ଭୁଲ ଚିତ୍ର ଦେବା ଫଳରେ କେତେକ ମହଲରେ ଭ୍ରମାତ୍ମକ ଧାରଣା ସୃଷ୍ଟି ହେବା ସ୍ୱାଭାବିକ ।

ସୁରେନ୍ଦ୍ରଙ୍କ ଜୀବନ ଚରିତ ନେଇ ବର୍ତ୍ତମାନ ଯାଏ ସବୁ କଥା ଜ୍ଞାତସାରକୁ ଆସି ନ ଥିଲେ ମଧ୍ୟ ଉଭୟ ଜନଶ୍ରୁତି ଓ ସରକାରୀ କାଗଜ ପତ୍ରରୁ ଯାହାବା ତଥ୍ୟ ମିଳୁଛି ତହିଁର ଯଥାର୍ଥ ଅନୁଶୀଳନ କଲେ ଯେ କୌଣସି ବ୍ୟକ୍ତିର ମନରୁ ଉପରୋକ୍ତ ଭୁଲ ଧାରଣା ସ୍ୱତଃ ଅପସରି ଯିବ ଏଥିରେ ସନ୍ଦେହ ନାହିଁ ।

୧୮୫୭ ସିପାହୀ ବିପ୍ଳବ ଇଂରେଜ ରାଜତ୍ୱ ବିରୁଦ୍ଧରେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଇତିହାସରେ ବର୍ଣ୍ଣିତ ହୋଇଛି । କିନ୍ତୁ ଏହାର ଦୀର୍ଘ ୩୦ ବର୍ଷ ପୂର୍ବେ ୧୮୨୭ ମସିହାରୁ ୧୮ ବର୍ଷ ବୟସ୍କ ଜଣେ ବୀର ନବଯୁବକ ସୁରେନ୍ଦ୍ର ଯେ ସମ୍ବଲପୁର ଅଞ୍ଚଳରେ ବ୍ରିଟିଶ୍ ଶାସନ ବିରୁଦ୍ଧରେ ବିପ୍ଳବର ନିଆଁ ଜାଳିଥିଲେ ତାହା ୧୮୪୦ରେ ତାଙ୍କୁ ଇଂରେଜ ବାହିନୀ ବନ୍ଦୀ କରିବା ପର୍ଯ୍ୟନ୍ତ ୧୩ ବର୍ଷ କାଳ ଧରି ନିର୍ବାପିତ ହୋଇ ନ ଥିଲା । ୧୮୨୭ରେ ସମ୍ବଲପୁରର ନିଃସନ୍ତାନ ରାଜା ମହାରାଜା ସାଏଙ୍କ ମୃତ୍ୟୁ ପରେ ସୁରେନ୍ଦ୍ରଙ୍କ ପରିବାରର ସିଂହାସନ ଦାବୀ ପ୍ରତି କର୍ଣ୍ଣପାତ ନ କରି ଇଂରେଜ ସରକାର ରାଣୀ ମୋହନ କୁମାରୀଙ୍କୁ ଗାଦୀନସୀନ କଲେ ।

ଏହା ପଛରେ ଥିବା ବ୍ରିଟିଶ୍ ସରକାରଙ୍କ ଉଦ୍ଦେଶ୍ୟ ବୁଝିବାକୁ ଚତୁର ସୁରେନ୍ଦ୍ରଙ୍କୁ ବେଶୀ ସମୟ ଲାଗିଲା ନାହିଁ । ସାକ୍ଷୀ କଣ୍ଢେଇ ସ୍ୱରୂପ ରାଣୀଙ୍କ ମାଧ୍ୟମରେ କିଛିକାଳ ଶାସନ ଚଳାଇଲା ପରେ ସମ୍ବଲପୁରକୁ ନିଜର ଖାସ୍ ନିୟନ୍ତ୍ରଣାଧୀନ କରିବାକୁ ବ୍ରିଟିଶ୍ ଷଡ଼ଯନ୍ତ୍ରର ବିରୋଧ କରିବା ପାଇଁ ସେ ମନସ୍ଥ କଲେ ଏବଂ ଆସନ୍ନ ବିପଦ ସଂପର୍କରେ ବିଭିନ୍ନ ରାଜ ବଂଶୀୟ ଲୋକଙ୍କୁ ବୁଝାଇ ସୁଝାଇ ନିଜ ପକ୍ଷ ଭୁକ୍ତ କରି ବିଦ୍ରୋହ ଆରମ୍ଭ କଲେ । ଗୌନ୍ତିଆ, ଜମିଦାର ଓ ରାଜା ମାନଙ୍କର ସମର୍ଥନ ସାଙ୍ଗକୁ ସାଧାରଣ ଜନତାର ସାମର୍ଥ୍ୟ ଆଦାୟ କରିବାରେ ସୁରେନ୍ଦ୍ର ବେଶ୍ ସଫଳତା ଅର୍ଜ୍ଜନ କଲେ । ଅବଶ୍ୟ ଆଉ କେତେକ ଗୌନ୍ତିଆ,ଜମିଦାର ଓ ପ୍ରଭାବଶାଳୀ ଲୋକ ଇଂରେଜ ସପକ୍ଷରେ ରହି ସୁରେନ୍ଦ୍ରଙ୍କ ସଂପର୍କରେ ଗୁପ୍ତରେ ଖବର ଯୋଗାଇଥିଲେ । ଏହା ସତ୍ତ୍ୱେ ବିଦ୍ରୋହ ବ୍ୟାପକ ହେବାରୁ ୧୮୩୧ରେ ରାଣୀ ମୋହନ କୁମାରୀଙ୍କ ଭରା ଦାନ ପୂର୍ବକ ଗାଦୀରୁ ହଟାଇ ତାଙ୍କ ସ୍ଥାନରେ ନାରାୟଣ ସିଂହଙ୍କୁ ସିଂହାସନରେ ବସାଇବା ଲାଗି ଇଂରେଜ ସରକାର ବାଧ୍ୟ ହେଲେ । ତେବେ ବି ସୁରେନ୍ଦ୍ରଙ୍କ ବିଚକ୍ଷଣ ସଂଗଠନ ଶକ୍ତି ଓ ବୀରତ୍ୱ ଫଳରେ ବିଦ୍ରୋହ ଦବିବା ପରିବର୍ତ୍ତେ ଆହୁରି ଜୋରଦାର ହେଲା ।

ଏହି ବିଦ୍ରୋହ ଚାଲିଥିବା ବେଳେ ମଝି ମଝିରେ ଉଭୟ ପକ୍ଷର ସମର୍ଥନକାରୀ ଗ୍ରାମ ମାନଙ୍କରେ ଅନ୍ୟ ପକ୍ଷରୁ ଆକ୍ରମଣ ତଥା ଉତ୍ପାତ ହେଉଥାଏ । ବଣ ପାହାଡ଼ ଘେରା ଦୁର୍ଗମ ଅଞ୍ଚଳରେ ଅନଭ୍ୟସ୍ତ ଇଂରେଜ ସେନାବାହିନୀ ସୁରେନ୍ଦ୍ରଙ୍କ ଗରିଲା ଯୁଦ୍ଧ କୌଶଳରେ ଅସ୍ତ ବ୍ୟସ୍ତ ହୋଇ ପଡ଼ିଲେ । କିନ୍ତୁ ପରେ ୧୮୪୦ରେ ସଦର ରାସ୍ତାରେ ଇଂରେଜ ସୈନ୍ୟଙ୍କ ସହ ମୁହାଁ ମୁହିଁ ସଂଘର୍ଷରେ ସେମାନଙ୍କର ବନ୍ଧୁକ ଓ ଗୋଳା ବାରୁଦର ସମ୍ମୁଖୀନ ହୋଇ ନ ପାରି ସୁରେନ୍ଦ୍ର ଅନ୍ୟମାନଙ୍କ ସହ ବନ୍ଦୀ ହେଲେ । ହତ୍ୟା ଅପରାଧରେ ସେମାନଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇ ସୁଦୂର ହଜାରୀବାଗ ଜେଲକୁ ପଠାଇ ଦିଆଗଲା । ବିଦ୍ରୋହକୁ ସମୂଳେ ଦମନ କରିବା ଉଦ୍ଦେଶ୍ୟରେ ସୁରେନ୍ଦ୍ରଙ୍କ ଅପ୍ରାପ୍ତ ବୟସ୍କ ପୁତ୍ର ମିତ୍ରଭାନୁଙ୍କୁ ମଧ୍ୟ ସେହି ଜେଲରେ ରଖାଗଲା ।

ଦୀର୍ଘ ୧୭ ବର୍ଷର ଜେଲ ଜୀବନ ପରେ ୧୮୫୭ରେ ବିଦ୍ରୋହୀ ସିପାହୀ ମାନଙ୍କ ସାହାଯ୍ୟରେ ଜେଲରୁ ମୁକ୍ତି ଲାଭ କରି ସମ୍ବଲପୁର ଆସି ସୁରେନ୍ଦ୍ର ନୂତନ ଉତ୍ସାହରେ ପୁନରାୟ ଯେପରି ଇଂରେଜ ବିରୋଧୀ ସଂଗ୍ରାମରେ

ବ୍ୟାପୃତ ହେଲେ ଏବଂ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ବିପ୍ଳବର ବହ୍ନି ନିର୍ବାପିତ ହେବାର ୫ ବର୍ଷ ପର୍ଯ୍ୟନ୍ତ ସମ୍ବଲପୁରରେ ବିପ୍ଳବର ବହ୍ନି ପ୍ରଜ୍ୱଳିତ କରି ରଖି ପାରି-ଥିଲେ ତାହା ବାସ୍ତବରେ ତାଙ୍କ ଅଲୌକିକ ସଂଗ୍ରାମୀ ଶକ୍ତିର ଉଜ୍ଜ୍ୱଳ ସ୍ୱାକ୍ଷର ବହନ କରେ । ଜଣେ ସହ-ଯୋଗୀର ବିଶ୍ୱାସଘାତକତା ଫଳରେ ଏତାଦୃଶ ବିରଳ ବୀରତ୍ୱ ସଂପନ୍ନ ଜଣେ ଯୋଦ୍ଧା ଇଂରେଜ ହାତରେ ଧରାପଡ଼ି ଦୀର୍ଘ ୨୦ ବର୍ଷ ପର୍ଯ୍ୟନ୍ତ ଅସୁରଗଡ଼ ଜେଲ ଭିତରେ ନର୍ଯ୍ୟାତିତ ହୋଇ ଶେଷରେ ୧୮୮୪ ଫେବୃଆରୀ ୨୮ରେ ନର ଶରୀର ତ୍ୟାଗ କରିଥିବା ଇତିହାସରେ ଏକ କଳଙ୍କିତ ଅଧ୍ୟାୟ । ଏଭଳି ଘୃଣ୍ୟ ଉପାୟରେ ତାଙ୍କୁ ଧରାଇ ଦେଇ ନ ଥିଲେ ତାଙ୍କର ସହଯୋଗ ତଥା ପ୍ରେରଣାରେ ଏ ବିପ୍ଳବ ଯେ କେତେ ଦିନ ଧରି ଚାଲିଥାନ୍ତା ଓ କି ରୂପ ନେଇ ଥାନ୍ତା ଆଜି କଳନା କରିବା ସହଜ କଥା ନୁହେ ।

କ'ଣ ପାଇଁ ସୁରେନ୍ଦ୍ର ୧୮୨୭ରୁ ୧୮୪୦ ପର୍ଯ୍ୟନ୍ତ ୧୩ ବର୍ଷ ଓ ୧୮୫୭ରୁ ୧୮୬୪ ପର୍ଯ୍ୟନ୍ତ ୭ବର୍ଷ ଏପରି ଦୁଇ ପର୍ଯ୍ୟାୟରେ ମୋଟରେ ୨୦ବର୍ଷ ଇଂରେଜ ସରକାର ବିରୁଦ୍ଧରେ ନିରବଚ୍ଛିନ୍ନ ଭାବେ ଘମାଘୋଟ ଲଢ଼େଇକରି ୧୮୪୦ରୁ ୧୮୫୭ ପର୍ଯ୍ୟନ୍ତ ୧୭ବର୍ଷ ଏବଂ ୧୮୬୪ରୁ ୧୮୮୪ ପର୍ଯ୍ୟନ୍ତ ୨୦ବର୍ଷ ସର୍ବମୋଟ ଦୀର୍ଘ ୩୭ବର୍ଷ ଜେଲରେ କଟାଇଲେ ତାହା ବିଶ୍ଳେଷ୍ୟ । ଏ ଲଢ଼େଇର ଏକମାତ୍ର ଉଦ୍ଦେଶ୍ୟ ସମ୍ବଲପୁରର ସିଂହାସନ ପ୍ରାପ୍ତି ହୋଇଥିଲେ ଇଂରେଜ ସରକାରଙ୍କ ସହିତ ରାଜିନାମାକରି ତାଙ୍କପ୍ରତି ଆନୁଗତ୍ୟ ବଦଳରେ ଏହା ହାସଲକରିବା ସୁରେନ୍ଦ୍ରଙ୍କ ପକ୍ଷରେ ଆଦୌ କଷ୍ଟକର ହୋଇନଥାନ୍ତା । କିନ୍ତୁ ସୁରେନ୍ଦ୍ର କୌଣସି ସମୟରେ ଏପରି ଦୁର୍ବଳତା ପ୍ରଦର୍ଶନ କରିଥିବା ଜଣାଯାଏ ନାହିଁ ।

ଅନ୍ୟପକ୍ଷରେ ଆନ୍ଦୋଳନରୁ ନିବୃତ୍ତରହି ସରକାରଙ୍କ-ସହ ସୁସଂପର୍କ ରକ୍ଷାକରିବାପାଇଁ ସୁରେନ୍ଦ୍ରଙ୍କୁ ନାନାଭାବେ ପ୍ରଲୋଭିତ କରିବାରେ ସାମ, ଦଣ୍ଡ, କ୍ଷମା, ଭେଦ କାରବାରରେ ଓସ୍ତାଦ ଇଂରେଜ ସରକାର ସଫଳ ହୋଇନଥିବାର ଜଣାଯାଏ । ବିଳାସପୂର୍ଣ୍ଣ ଜୀବନଯାପନ ପାଇଁ ସୁରେନ୍ଦ୍ର ରାଜଗାଦୀର ପ୍ରୟାସ କରିଥିଲେ ଜେଲଖାନା ଅନ୍ଧାରୁଆ ପ୍ରକୋଷ୍ଠରେ ଯାବତୀୟ ନିର୍ଯ୍ୟାତନା ଭୋଗିବା ପରିବର୍ତ୍ତେ ଇଂରେଜ ସରକାର ସହ ସାଲିସକରି ଅନାୟାସରେ ବିଭିନ୍ନ ସୁବିଧା ସୁଯୋଗଭୋଗ କରିପାରିଥାନ୍ତେ । ସିପାହୀ ବିପ୍ଳବବେଳେ କେତେକ ବିପ୍ଳବୀ ନାନା ସୁବିଧା ସୁଯୋଗ ଲାଭକରି ସରକାରଙ୍କ ନିକଟରେ ଆତ୍ମସମର୍ପଣ କରିଥିବାର ଦୃଷ୍ଟାନ୍ତ ବିରଳନୁହେଁ । ଏକ ପେନସନ ବଦଳରେ ସୁନାମଧନ୍ୟ ବିପ୍ଳବୀ ବକ୍ସି ଜଗବନ୍ଧୁ ଆତ୍ମସମର୍ପଣ କରିଥିଲେ ବୋଲି ଏବେ ଗବେଷଣାରୁ ଜଣାପଡ଼ିଲାଣି । ଯେଉଁ ସୁରେନ୍ଦ୍ରଙ୍କ ବୀରଦର୍ପରେ ଇଂରେଜ ସରକାର ଏ ଅଞ୍ଚଳରେ ଦୀର୍ଘଦିନଧରି ଅସ୍ତବ୍ୟସ୍ତ ହୋଇ ପଡ଼ିଲେ ସେ ଚାହିଁଥିଲେ, ତାଙ୍କୁ ଆନ୍ଦୋଳନ ବଦଳରେ ଯେ କୌଣସି ପୁରସ୍କାର ଦେବାରେ ସରକାର କୁଣ୍ଠିତ ହୋଇଥାନ୍ତା ବୋଲି ମନେ ହେଉନାହିଁ ।

କିନ୍ତୁ ସ୍ୱାଧୀନଚେତା ସୁରେନ୍ଦ୍ର ଥିଲେ ସମସ୍ତପ୍ରକାର ପ୍ରଲୋଭନର ଊର୍ଦ୍ଧ୍ୱରେ । ରାଜଗାଦୀ ମାଧ୍ୟମରେ ସେ ସ୍ୱାଧୀନତାର ହିଁ ସ୍ୱପ୍ନ ଦେଖୁଥିଲେ । ନୋହିଲେ ଇଂରେଜ ବିରୁଦ୍ଧରେ ତାଙ୍କ ସଂଗ୍ରାମରେ ସେ କେବେହେଲେ, ଅକାତରେ ଏତେ ସଂଖ୍ୟକ ଗୌନ୍ତିଆ, ଜମିଦାର ରାଜା ଏବଂ ସର୍ବୋପରି ବିରାଟଜନତାର ସାହାଯ୍ୟ ସମର୍ଥନ ଲାଭକରିପରି ନଥାନ୍ତେ । ତାଙ୍କୁ ଯେଉଁମାନେ ସ୍ୱାଧୀନତା ସଂଗ୍ରାମୀର ମର୍ଯ୍ୟାଦା ଦେବାପାଇଁ ଅମଙ୍ଗ ସେମାନେ ସ୍ୱାଧୀନତା ସଂଗ୍ରାମର ଠିକଣା ଅର୍ଥ କରିପାରି-ନାହାନ୍ତି ବୋଲି କୁହାଯାଇପାରେ । ସେତେବେଳର ସ୍ୱାଧୀନତା ସଂଗ୍ରାମସହ ବିଂଶ ଶତାବ୍ଦୀରେ ସ୍ୱାଧୀନତା ସଂଗ୍ରାମ ଆଦୌ ତୁଳନୀୟନୁହେଁ । ତତ୍‌କାଳୀନ ସାମାଜିକ ଓ ଶାସନ ତାନ୍ତ୍ରୀକ ବ୍ୟବସ୍ଥା ଓ ପରିସ୍ଥିତି ପରିପ୍ରେକ୍ଷୀରେ ସ୍ୱାଧୀନତା ଆନ୍ଦୋଳନର ତର୍ଜମା ଅବଶ୍ୟ କରଣୀୟ । ଜାତୀୟତାଭାବ ସଂଗଠିତ ହୋଇନଥିବାବେଳେ ରାଜଗାଦୀପାଇଁ ଦାବୀ ସାବ୍ୟସ୍ତ ଉଦ୍ଦେଶ୍ୟରେ ଇଂରେଜ ବିରୁଦ୍ଧରେ ଆନ୍ଦୋଳନ ଜାତୀୟତା ଭାବର ଉଦ୍ରେକ କରିଥିବାରୁ ଏହାକୁ ଜାତୀୟ ତଥା ସ୍ୱାଧୀନତା ଆନ୍ଦୋଳନ ବୋଲି ଅଭିହିତ କରାଯିବା ଏକାନ୍ତ ଯୁକ୍ତିଯୁକ୍ତ ।

ଡେ଼ଲହାଉସୀଙ୍କ ରାଜ୍ୟସତ୍ତ୍ୱ ଲୋପନୀତି ପ୍ରୟୋଗକରି ଇଂରେଜ ସରକାର ଗୋଟିଏପରେ ଗୋଟିଏ ରାଜ୍ୟ ଖାସ ଅଧିକାରକୁନେଇ ସମଗ୍ର ଦେଶରେ ସଂପୂର୍ଣ୍ଣ କର୍ତ୍ତୃତ୍ୱ ଜାରିକରି ଚାଲିଥିବାବେଳେ ଯେଉଁ ରାଜବଂଶୀୟ ଲୋକେ କ୍ଷମତା ପାଇଁ ହେଉ ପଛେ ଇଂରେଜମାନଙ୍କ ବିରୁଦ୍ଧରେ ସାହାସର ସହିତ ଲଢ଼ି, ଇଂରେଜ ସାମ୍ରାଜ୍ୟର ସଂପ୍ରସାରଣକୁ ପାରୁପର୍ଯ୍ୟନ୍ତ ପ୍ରତିହତକରି ଜାତୀୟ ସ୍ୱାର୍ଥ ସାଧନ କରିଥିଲେ, ସେମାନେ ନିଶ୍ଚିତଭାବେ ଆମର ନମସ୍ୟ ।

ଝାନସୀରାଣୀ ଲକ୍ଷ୍ମୀବାଈ, ତାନ୍ତିଆଟୋପି,ନାନା-ସାହେବ ପ୍ରମୁଖ ପ୍ରଥମେ ଏଇଭଳି ବ୍ୟକ୍ତିଗତ କାରଣରୁ ଇଂରେଜ ବିରୁଦ୍ଧରେ ବିପ୍ଳବର ବହ୍ନି ପ୍ରଜ୍ୱଳିତକରି ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଅମର ଯୋଦ୍ଧା ରୂପେ ଯଥାର୍ଥରେ ଇତିହାସରେ ସ୍ଥାନ ପାଇଛନ୍ତି । କିନ୍ତୁ ଉକ୍ତ ମାପ କାଠି ସୁରେନ୍ଦ୍ରଙ୍କ ପ୍ରତି ପ୍ରଯୁଜ୍ୟକରି ତାଙ୍କୁ ୧୮୫୭ର ପ୍ରଥମ ସ୍ୱାଧୀନତା ସଂଗ୍ରାମର ପ୍ରାକ୍‌କାଳୀନ ସଂଗ୍ରାମୀ ବୋଲି ସ୍ୱୀକାର କରିବାରେ କେତେକ ମହଲରେ କାହିଁକି କାର୍ପଣ୍ୟପ୍ରକାଶ ପାଉଛି ବୁଝି ହେଉନାହିଁ । ବୋଧହୁଏ ସୁରେନ୍ଦ୍ର ଓଡ଼ିଶାରେ ଠିକ୍ ରୂପେ ଉପସ୍ଥାପିତ ହୋଇ ପାରି ନଥିବାରୁ ତାଙ୍କ ସଂପର୍କରେ କିଛିଟାଭୁଲ ଧାରଣା ରହିଯାଇଛି । ପୁନଶ୍ଚ ସୁରେନ୍ଦ୍ର ସାଏ ତାଙ୍କ ସମର୍ଥକ ମାନଙ୍କ ସହିତ ଗାଁ ଗଣ୍ଡା ଆକ୍ରମଣକରି ବ୍ୟାପକ ଲୁଟତରାଜ କରୁଥିଲେ ବୋଲି ଉଲ୍ଲେଖକରି ତାଙ୍କୁ ଜଣେ ଅର୍ଥପିପାସୁ ଅସାମାଜିକ ଲୋକ ରୂପେ କେତେକ ଚକ୍ଷୁରେ ଦେଖିଥାନ୍ତି । କିନ୍ତୁ ଦୁଇ ପକ୍ଷ ଭିତରେ ଲଢ଼େଇ ଚାଲିଥିଲେ ଗୋଟିଏ ଦଳର ସମର୍ଥକମାନେ ଅନ୍ୟଦଳର ସମର୍ଥକମାନଙ୍କୁ ଭୟଭିତକରି ନିଜ ପକ୍ଷକୁ ଆଣିବା

ପ୍ରକ୍ରିୟାରେ ଏଭଳି ଆକ୍ରମଣ ଯେ ଆଦୌ ଗର୍ହିତ ନୁହେଁ ତାହା ଯୁଦ୍ଧ ବା ବିଦ୍ରୋହ ସଂପର୍କରେ କିଂଚିତ ଧାରଣାଥିବା କୌଣସି ସାଧାରଣ ଲୋକଙ୍କୁ ବୁଝାଇବା ନିଷ୍ପ୍ରୟୋଜନ । ପ୍ରାଚୀନ ସମୟରୁ ବର୍ତ୍ତମାନ ଯୁଦ୍ଧ ବିଗ୍ରହର ଇତିହାସରେ ଏଭଳି ଅତ୍ୟାଚାରର କାହାଣୀ ଭରପୂର ହୋଇ ରହିଛି ।

ଏକ୍ଷେତ୍ରରେ ସୁରେନ୍ଦ୍ରଙ୍କୁ ଅଯଥା ଦୋଷ ଦିଆଯାଉଥିବା ବେଳେ ତାଙ୍କୁ ଓ ତାଙ୍କ ସମର୍ଥକ ମାନଙ୍କୁ ଯେନତେନ ପ୍ରକାରେଣ ଦମନ କରିବା ସକାଶେ ଇଂରେଜ ସରକାର ଯେଉଁ ଅକଥନୀୟ ଅତ୍ୟାଚାର ଚଳାଇଥିଲେ ଏବଂ ବହୁ ଗାଁ ଗଣ୍ଡା ଜାଳିପୋଡ଼ି ଛାରଖାର କରି ଦେଇଥିଲେ, ସେଥିସହ ସୁରେନ୍ଦ୍ରଙ୍କ ଦମନଲୀଳା ଯେଆଦୌ ତୁଳନୀୟ ନୁହେଁ ଏହା କହିବା ବାହୁଲ୍ୟମାତ୍ର ।

ସୁରେନ୍ଦ୍ରଙ୍କ ଜୀବନୀ ତଥା ସଂଗ୍ରାମ ସଂପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଓ ତଥ୍ୟ ଅଦ୍ୟାବଧି ଲୋକ ଲୋଚନକୁ ଆସିପାରି ନାହିଁ । ଆଉ କେତେକ ବିଷୟ ସଂପର୍କରେ ଜନଶ୍ରୁତି ଓ ସରକାରୀ ରେକର୍ଡ ଏକମତ ନୁହେଁ । ସୁରେନ୍ଦ୍ରଙ୍କ ଭାବମୂର୍ତ୍ତିକୁ ନ୍ୟୁନ କରିବା ଉଦ୍ଦେଶ୍ୟରେ ତାଙ୍କ ସଂପର୍କରେ ସରକାରୀ କାଗଜପତ୍ରରେ ଜାଣିଶୁଣି କେତେକ ଭୁଲ ବିବରଣୀ ଦିଆଯାଇଥିବା ଅସ୍ୱାଭାବିକ ନୁହେଁ । ତେଣୁ ଇତିହାସ ଗବେଷକମାନେ ଉଭୟ ଜନଶ୍ରୁତି ଓ ସରକାରୀ କାଗଜପତ୍ରର ଯଥାର୍ଥ ଅନୁଧ୍ୟାନକରି ସୁରେନ୍ଦ୍ରଙ୍କ ପ୍ରକୃତ ତଥ୍ୟ ନିର୍ଭୁଲପୂର୍ଣ୍ଣାଙ୍ଗ ଜୀବନୀ ଶୀଘ୍ର ପ୍ରକାଶ କରିବାରେ ବ୍ରତୀହେବା ଉଚିତ । ଏଭଳି ଜୀବନୀ ପ୍ରକାଶ ପାଇଲେ ସୁରେନ୍ଦ୍ରଙ୍କ ସଂପର୍କରେ ଯାହା ମନରେ ଯାହାବା ଭୁଲ ଧାରଣା ଅଛି ତାହା ଦୂରହୋଇ ତାଙ୍କ ଆଲୌକିକ ବୀରତ୍ୱ ତଥା ସ୍ୱାଧିନତାର ସ୍ୱପ୍ନରେ ଅସୀମ ତ୍ୟାଗର ଚରମ ପରାକାଷ୍ଠା ପ୍ରକାଶ ପାଇବା ସାଙ୍ଗକୁ ସେ ଯେ ଦେଶର ପ୍ରଥମ ସ୍ୱାଧିନତା ସଂଗ୍ରାମର ଅଗ୍ରଦୂତ ଭାବେ ଇଂରେଜ ବିରୋଧି ଜାଗରଣବାଦୀ ବିପ୍ଳବର ବୀଜ ବପନ କରିଥିଲେ ତାହା ସର୍ବ ସମ୍ମତଭାବେ ପ୍ରମାଣିତ ହେବା ସୁନିଶ୍ଚିତ ।

(ଓଡ଼ିଶା ସଂସ୍କୃତିକ ସମାଜ, ସମ୍ବଲପୁର ସୌଜନ୍ୟରୁ ପ୍ରାପ୍ତ)

---

## ● ଅତିବଡ଼ି ଜଗନ୍ନାଥ ଦାସଙ୍କ ଶ୍ରାଦ୍ଧ ଦିବସ

ପୁରୀର ସାତଲହଡ଼ି ମଠଠାରେ ଗତ ଫେବୃଆରୀ ୯ ତାରିଖରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଶ୍ରାଦ୍ଧ ଦିବସ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ଯୁବକଲ୍ୟାଣ ମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ର କହିଲେ ଯେ, ଅତିବଡ଼ି ଜଗନ୍ନାଥ ଏକାଧାରରେ ଜଣେ ସାଧକ, କବି, ଲେଖକ, ପ୍ରଚାରକ ଓ ମହାପୁରୁଷଭାବେ ବିଶେଷ ଖ୍ୟାତିଲାଭ କରିଥିଲେ । ଦୁଃଖ କଷ୍ଟ ହିଁ ମହାପୁରୁଷମାନଙ୍କର ଜୀବନର ମାନଦଣ୍ଡ । ଏମାନଙ୍କ ଜୀବନରେ ବହୁ ଝଡଝଞ୍ଜା ଆସେ । ତେଣୁ, ଜଗନ୍ନାଥ ଦାସ ଏହି ଦୁର୍ଦ୍ଦଶାରୁ ତ୍ରାହି ପାଇ ନ ଥିଲେ ଓ ତତ୍କାଳୀନ ବହୁ ସମାଲୋଚନାର ପାତ୍ର ହୋଇଥିଲେ । ତଥାପି ସେ ସବୁକୁ ସେ ଭ୍ରୁକ୍ଷେପ ନ କରି ଅତି ସରଳ, ସହଜବୋଧଗମ୍ୟ ଭାଷାରେ ସଂସ୍କୃତ ଭାଗବତର ଓଡ଼ିଆ ଅନୁବାଦ କରି ଚିରକାଳ ଓଡ଼ିଆ ଜାତି ପ୍ରାଣରେ ଅବିସ୍ମରଣୀୟ ହୋଇ ରହିଛନ୍ତି । ଜଗନ୍ନାଥଦାସ ଭାଗବତ ରଚନା କରି ଓଡ଼ିଶାର ପୁର ପଲ୍ଲୀରେ ପରିଚିତ ହୋଇଛନ୍ତି । ସେହି ଦିନରୁ ପ୍ରତ୍ୟେକ ଗ୍ରାମରେ ଭାଗବତଟୁଙ୍ଗି ଅଦ୍ୟାବଧି ଚଳି ଆସୁଛି ।

ଶ୍ରୀମଦ୍ଭାଗବତର ଶୁଦ୍ଧ ସଂସ୍କରଣ ପ୍ରକାଶ ହୋଇପାରୁ ନଥିବା କଥା ଏହି ଉତ୍ସବରେ ବାବାଜୀ ଶ୍ରୀ ଚୈତନ୍ୟ ଚରଣ ଦାସ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶିକ୍ଷାମନ୍ତ୍ରୀ କହିଲେ ଯେ ଭାଗବତର ଶୁଦ୍ଧ ସଂସ୍କରଣ ପାଇଁ ସରକାର ସବୁମତେ ସାହାଯ୍ୟ କରିବାକୁ ପ୍ରସ୍ତୁତ । ତେଣୁ, ଏ ଦିଗରେ ଉଦ୍ୟମ କରୁଥିବା ପଣ୍ଡିତ ଓ ଅଭିଜ୍ଞ ବ୍ୟକ୍ତି ଶୁଦ୍ଧ ସଂସ୍କାରିତ ପାଣ୍ଡୁଲିପି ବହି ସରକାରଙ୍କୁ ଦେଲେ, ଏହାର ପ୍ରକାଶନ ପାଇଁ ସରକାର ନିଶ୍ଚୟ ବିହିତ ବ୍ୟବସ୍ଥା କରିବେ ।

# ଆପଣଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ

ଗୋଟିଏ କିମ୍ବା ଦୁଇଟି ସନ୍ତାନ ପରେ ଗର୍ଭନିରୋଧ ଅସ୍ତ୍ରୋପଚାର କରାଇଲେ ଆପଣ

## "ସବୁଜ ପତ୍ରିକା"ର

ଅଧିକାରୀ ହୋଇପାରିବେ

ତା ୧୯-୧୦-୧୯୮୩ ଠାରୁ ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିବାରୁ ଏହି ତାରିଖ ପରେ ଅସ୍ତ୍ରୋପଚାର କରାଇଥିବା ଦମ୍ପତିମାନଙ୍କୁ ନିମ୍ନଲିଖିତ ସୁବିଧା ସୁଯୋଗ ଦିଆଯିବ ।

୧ । ରାଜ୍ୟ ସରକାର କିମ୍ବା ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ନିର୍ମିତ ଗୃହଗୁଡ଼ିକ ମଧ୍ୟରୁ ଶତକଡ଼ା ୫ଟି ଗୃହ ଏଭଳି ପରିବାରକୁ ଯୋଗାଇ ଦିଆଯିବ ।

୨ । ଘର ଡିହ ନ ଥିବା ଏଭଳି ପରିବାରକୁ ପ୍ରଚଳିତ ୪ ଡେସିମିଲ ପରିବର୍ତ୍ତେ ୮ ଡେସିମିଲ ଭୂମି ବିନା ମୂଲ୍ୟରେ ଯୋଗାଇ ଦିଆଯିବ ।

୩ । ନିମ୍ନ ଆୟ ବା ମଧ୍ୟମ ଆୟ ଗୋଷ୍ଠୀର ଲୋକମାନଙ୍କୁ ଦିଆଯାଉଥିବା ଗୃହ ନିର୍ମାଣ ଋଣରୁ ଶତକଡ଼ା ୫ ଭାଗ ଏ ଧରଣର ପରିବାର ପାଇଁ ସଂରକ୍ଷିତ ରହିବ ।

୪ । ମେଡିକାଲ, ଇଂଜିନିୟରିଂ; ପଲିଟେକ୍‌ନିକ୍ ଓ ଆଇ. ଟି. ଆଇ. ପ୍ରଭୃତି ଶିକ୍ଷାନୁଷ୍ଠାନ-ମାନଙ୍କରେ ଶତକଡ଼ା ୫ ଭାଗ ସ୍ଥାନ ଏପରି ପରିବାରର ପିଲାଙ୍କ ପାଇଁ ସଂରକ୍ଷିତ ରହିବ ।

୫ । ଏହି ପରିବାରର ସ୍ୱାମୀ କିମ୍ବା ସ୍ତ୍ରୀ ସରକାରୀ କର୍ମଚାରୀ ହୋଇଥିଲେ, ତାଙ୍କ ଦରମାରେ ଅଗ୍ରୀମ ଦୁଇଟି ଇନ୍‌କ୍ରିମେଣ୍ଟ ପାଇବେ ।

୬ । ସବୁଜ ପତ୍ରିକାଧାରୀଙ୍କ ପାଇଁ ଦଶ ହଜାର ଟଙ୍କାର ଏକ ବାର୍ଷିକ ଲଟେରୀର ସୁଯୋଗ ଅସ୍ତ୍ରୋପଚାର ହେବାଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ ।


ଏ ବିଷୟରେ ଅଧିକ ଜାଣିବାକୁ ଚାହିଁଲେ ନିକଟସ୍ଥ ପରିବାର କଲ୍ୟାଣ କେନ୍ଦ୍ରର ପରାମର୍ଶ ନିଅନ୍ତୁ ।

ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ
ଓଡ଼ିଶା, ଭୁବନେଶ୍ୱର







# ଆଜି ଯେଉଁମାନେ ମନେପଡ଼ନ୍ତି










# ଆଜି ଯେଉଁମାନେ ମନେ ପଡ଼ନ୍ତି








P.M. WITH KOYAS...






କୋୟା ନୃତ୍ୟଶିଳ୍ପୀଙ୍କ ଗହଣରେ
ପ୍ରଧାନମନ୍ତ୍ରୀ



କୋୟାଙ୍କ
ଗହଣରେ
ରାଷ୍ଟ୍ରପତି...



ସୁରେନ୍ଦ୍ର ସାଏ
ଶତବାର୍ଷିକୀ ଉତ୍ସବ
ଉଦ୍‌ଘାଟନ...



ଶିଳ୍ପୀ ସମ୍ବର୍ଦ୍ଧନା
↓





ସମ୍ବଲପୁରରେ
ସୁରେନ୍ଦ୍ର ସାଏ ସ୍ମାରକୀ ଜ୍ୟୋତି
HOLY FLAME OF SURENDRA S
AT SAMBALPUR..

AWARDS
PRESENTED
TO
ARTISTS.. ↑





କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ସମାବର୍ତ୍ତନ ଉତ୍ସବରେ ଲୋକସଭା
ବାଚସ୍ପତି ଡଃ ଝାକର୍‌।

Dr. BALARAM JHAKAR,
SPEAKER LOKSABHA,
AT THE O.U.A.T.
CONVOCATION –









କବି ଅଭିମନ୍ୟୁ ସାମନ୍ତ ସିଂହାର ଜୟନ୍ତୀ
ଉତ୍ସବରେ ରାଜ୍ୟପାଳ

GOVERNOR AT THE BIRTH
ANNIVERSARY OF POET
ABHIMANYU
SAMANT SINGHAR







ଉତ୍କଳ ଶିଳ୍ପୀଙ୍କୁ ପୁରସ୍କାର ପ୍ରଦାନ।

PRIZE AWARDED TO A SKILLED WEAVER



GOVERNOR AT THE VALMIKI RAMAYAN PARAYAN

ରାମାୟଣ ପାରାୟଣ ଉତ୍ସବରେ ରାଜ୍ୟପାଳ ଶ୍ରୀ ପାଣ୍ଡେ —



ସମନ୍ୱିତ ଗ୍ରାମ ଉନ୍ନୟନ ଆଲୋଚନା ଚକ୍ର —


SEMINAR ON INTEGRATED RURAL DEVELOPMENT



କ୍ଷୁଦ୍ରଶିଳ୍ପ ମଣ୍ଡପରେ ମୁଖ୍ୟମନ୍ତ୍ରୀ, ଶ୍ରୀ ପଟ୍ଟନାୟକ

C.M. IN THE SMALL SCALE INDUSTRIES PAVILION —









LADY GOVERNOR PRESENTING AWARD TO A STUDENT OF UNIT IV GIRL'S HIGH SCHOOL.



ଗୋଟିଏ ଭଲ ଉପସ୍ଥିତିରେ....

-ଅର୍ଥମନ୍ତ୍ରୀ ଶ୍ରୀ ପଟ୍ଟନାୟକ






ପାର୍ଲାମେଣ୍ଟର ମିଳିତ ଅଧିବେଶନ ଅଭିମୁଖେ ରାଷ୍ଟ୍ରପତି।

PRESIDENT GOING TO ADDRESS THE JOINT SESSION OF PARLIAMENT

1984



HOMAGE TO DEPARTED SOVIET LEADER Mr. Y.V. ANDROPOV.

ସ୍ୱର୍ଗତ ଆଇ.ଭି. ଆଣ୍ଡ୍ରୋପୋଭ୍ ଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି

# ଓଡ଼ିଶା ପ୍ରଦେଶ ଗଠନରେ - ଗଞ୍ଜାମର ଭୂମିକା

ଶ୍ରୀମତୀ କାଦମ୍ବିନୀ ଦେବୀ

ଓଡ଼ିଶାର ପୂର୍ବତନ ଆୟତନ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲେ ମଧ୍ୟ କାଳକ୍ରମେ ଏହି ବିରାଟ ଭୂଖଣ୍ଡ ଐତିହାସିକ ବିପର୍ଯ୍ୟୟରେ ଖଣ୍ଡ ବିଖଣ୍ଡିତ ହୋଇ ୧୮୦୩ ମସିହାରେ ଉପକୂଳବର୍ତ୍ତୀ ପୁରୀ, କଟକ, ବାଲେଶ୍ୱର ଓ କେତେକ ଗଡ଼ଜାତ ଅଞ୍ଚଳ ଓଡ଼ିଶା ନାମରେ ଅଭିହିତ ହେଲା । ଫଳରେ ପ୍ରାକୃତିକ ଓଡ଼ିଶାର ବହୁଅଂଶ ମାନ୍ଦ୍ରାଜ, ମଧ୍ୟପ୍ରଦେଶ, ଆଜିର ବଙ୍ଗ ଓ ବିହାର ସଙ୍ଗେ ମିଶି ଯାଇଥିବାରୁ ସେ ସବୁ ପ୍ରକୃତ ଓଡ଼ିଶାଠାରୁ ବିଚ୍ଛିନ୍ନ ହୋଇ ଯାଇଥିଲା । ସେହି ଅଞ୍ଚଳରେ ପଡ଼ୋଶୀ ରାଜ୍ୟମାନେ ଓଡ଼ିଆ ଜାତି, ଓଡ଼ିଆଭାଷା ଓ ଓଡ଼ିଆ ସଂସ୍କୃତି ଉପରେ ଅକଥନୀୟ ଅତ୍ୟାଚାର କରିବାକୁ ଲାଗିଲେ । ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଏକତ୍ର [illegible] ହେଲେ ଓଡ଼ିଆମାନଙ୍କର ଦୁଃଖ ଦୂର ହେବ । ଏହିକଥା ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ପର୍ଯ୍ୟନ୍ତ ଓଡ଼ିଆମାନେ ଚିନ୍ତାକରି ନ ଥିଲେ । ଓଡ଼ିଆ-ଭାଷା ଲୋପ ବେଳେ ଏ ପ୍ରଶ୍ନଟି ସ୍ୱତଃ ଲୋକଙ୍କ ଆଖିରେ ଧରା ଦେଇଥିଲା । ଫଳରେ ଭାଷା ଆନ୍ଦୋଳନରୁ ଦେଶ ମିଶ୍ରଣ ଆନ୍ଦୋଳନ ଜନ୍ମ ଲାଭ କଲା । ଏହି ଦେଶ ମିଶ୍ରଣ ଆନ୍ଦୋଳନ ହିଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ପ୍ରଥମ ବଳିଷ୍ଠ ପଦକ୍ଷେପ । ଏହି ସବୁ ଆନ୍ଦୋଳନରେ ଗଞ୍ଜାମର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଗଞ୍ଜାମର ଭାଷା ଆନ୍ଦୋଳନ ବ୍ୟାପକ ଭାବରେ ଦେଖା ଦେଇଥିଲା । ଓଡ଼ିଆ ଭାଷାକୁ ତେଲୁଗୁ ଭାଷା-ଠାରୁ ରକ୍ଷା କରିବା ପାଇଁ ଗଞ୍ଜାମ ଓଡ଼ିଆମାନେ ସଚେତନ ହୋଇ ଉଠିଥିଲେ । ୧୮୬୯ ମସିହାରେ ସେମାନେ ଓଡ଼ିଆ ଭାଷା ସଂରକ୍ଷଣ ପାଇଁ ସରକାରଙ୍କ ଠାରେ ନିବେଦନ କରିଥିଲେ । ୧୮୭୦ ମସିହାରେ ଗଞ୍ଜାମର ଘୁମୁସର ଓଡ଼ିଆମାନେ ସମଗ୍ର ଓଡ଼ିଆ ଜାତିର ଓ ଓଡ଼ିଆ ଭାଷାର ଉନ୍ନତି ପାଇଁ ପ୍ରତ୍ୟେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଭାଇଭଉଣୀମାନଙ୍କୁ ଅନୁରୋଧ କରିଥିଲେ । ୧୮୭୨ ମସିହାରେ ଗଞ୍ଜାମ-ବାସୀଙ୍କ ଉଦ୍ୟମରେ "ଗଞ୍ଜାମ ଓଡ଼ିଆ ହିତବାଦିନୀ ସଭା" ପ୍ରତିଷ୍ଠା କରାଗଲା ଓ କାଟିଙ୍ଗା ରାଜା ଶ୍ରୀ ଭେଙ୍କଟେଶ ଦେଉ ଏହାର ସେକ୍ରେଟାରୀ ହେଲେ । ଏହି ଅନୁଷ୍ଠାନଟି ଗଞ୍ଜାମରେ ଓଡ଼ିଆ ଭାଷାର ସଂରକ୍ଷଣ ପାଇଁ ଓ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ବହୁ ଉଦ୍ୟମ କରିଥିଲା । ଦେଶ ମିଶ୍ରଣ ପ୍ରଶ୍ନ ପ୍ରଥମେ ଗଞ୍ଜାମ ଲୋକଙ୍କ ପକ୍ଷରୁ ଆସିଥିଲା । ୧୮୭୦ ମସିହାରେ ଘୁମୁସର ତାଲୁକ ରସୁଲକୋଣ୍ଡା ମୁକାମରେ ଗଞ୍ଜାମର ବିଭିନ୍ନ ଅଞ୍ଚଳର ଯଥା—ପାଲୁର, ହୁମା, ଗଞ୍ଜା, ବିରୁଳି, ପୂର୍ବଖଣ୍ଡ, ଖଲିକୋଟ, ଆଠଗଡ଼, ଘୁମୁସର, ଧରାକୋଟ, ସେରେଡ଼ା ଉଡାବା, କରଡ଼ା, କାଟିଙ୍ଗା, ଗଦାପୁର, ବରଗଡ଼ ସେରଗଡ଼, ସାନଖେମୁଣ୍ଡି, ବଡ଼ ଖେମୁଣ୍ଡି ଚିକିଟି ମହୁରି, କରଡ଼ା, ପାତାଙ୍ଗି ବୁଢ଼ାରସିଂହ ଜଳନ୍ତର, ମଞ୍ଜୁଷା, ତରଳା, ପାରଳା, ଟିକିଲି ପ୍ରଭୃତି ଅଞ୍ଚଳରେ ଲୋକେ ଗୋଟିଏ ସଭାକରି ଗଞ୍ଜାମ ଓଡ଼ିଶାରେ ମିଶିବା ପାଇଁ ଦାବୀ କରିଥିଲେ । ଏହି ସଭାରେ ବିଚ୍ଛିନ୍ନ ଗଞ୍ଜାମର ଦୂରାବସ୍ଥା ବର୍ଣ୍ଣନା କରାଯାଇଥିଲା ଓ ନିଜର ଦୁଃଖକୁ ପୁରୀ ଓ କଟକ ଜିଲ୍ଲା ବାସୀଙ୍କୁ ଜଣାଇବାକୁ ସ୍ଥିର କରାଯାଇଥିଲା । ପ୍ରସ୍ତାବରେ କୁହାଯାଉଛି—"ଏ ଦେଶୀୟ ଲୋକ ସ୍ୱାତନ୍ତ୍ର୍ୟରେ ଦରକାର କରିବାକୁ କେହି ସମର୍ଥ ନ ଥିବାରୁ ଏ ବିଷୟରେ ଆପଣା ଗଭର୍ଣ୍ଣମେଣ୍ଟକୁ କିଛି ଜଣା କରି ନ ପାରି ବିଶେଷ ଭାବନା କରି ମହରଗ କାଳେ ଗାଈ ଓ ବିପତ୍ତିକାଳେ ଭାଇ ରକ୍ଷାକର୍ତ୍ତା ବୋଲି ଢ଼ାକ ବଚନ ଥିବାରୁ କଟକ ଜିଲ୍ଲା ମଧ୍ୟସ୍ଥ ଉତ୍କଳ ଦେଶୀୟମାନଙ୍କୁ ଭ୍ରାତୃତୁଲ୍ୟ ଜ୍ଞାନ କରି ସେ ମହାଶୟମାନଙ୍କୁ ଦୁଃଖ ଜଣା କରିବାର ସ୍ଥିର କରାଗଲା । ଉକ୍ତ ଜିଲ୍ଲାର ଉତ୍କଳ ଦେଶୀୟ ମହାଶୟ ମାନେ ଦରିଦ୍ର ଲୋକଙ୍କ ଦୁଃଖ ମୋଚନ କରିବାର ଧର୍ମ କେଡ଼େ ତାହା ବିବେଚନା କରି ଉପର-ଲିଖିତ ଅବସ୍ଥାରୁ ଏ ଦେଶ ଲୋକଙ୍କୁ ଉଦ୍ଧାର କରି ଶାସନାନୁସାରେ ଉତ୍କଳ ଦେଶ ସମଗ୍ର ଏକତ୍ର ହୋଇ ଓଡ଼ିଶା ଜିଲ୍ଲାରେ ରହିବା ଓ ସର୍ବତ୍ର ଉତ୍କଳଦେଶର ଅଦାଲତରେ ଉତ୍କଳ ବିଦ୍ୟା ପ୍ରଚଳନ ହେବା ନିମିତ୍ତ ଭାରତବର୍ଷର ଶ୍ରୀଯୁକ୍ତ ରାଇଟ୍ ଅନରେବଲ୍ ଗଭର୍ଣ୍ଣର ଜେନେରାଲ ବାହାଦୁରଙ୍କ ହଜୁରରୁ ହୁକୁମହେବା କାରଣ କଟକ ଜିଲ୍ଲା ଉତ୍କଳ ଦେଶୀୟ ମହାଶୟମାନେ ଯଥୋଚିତ ତଦ୍‌ବିର କରି ଚିରସ୍ଥାୟୀ କୀର୍ତ୍ତି ରଖିବାର ଯଶଃ ପ୍ରକାଶ କରନ୍ତୁ" । ଏହାପରେ ୧୮୭୩ ମସିହାରେ 'ଗଞ୍ଜାମ ଉତ୍କଳ ହିତବାଦିନୀ ସଭାର ସେକ୍ରେଟାରୀ ଶ୍ରୀ ଭେଙ୍କଟେଶ୍ ଦେଉ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ପ୍ରଶଂସନୀୟ ଉଦ୍ୟମ କରିଥିଲେ । କାଳୀପଦ ବନ୍ଦୋପାଧ୍ୟାୟ ନାମକ ଓଡ଼ିଶାର ଜଣେ ଅଫିସର ଲଣ୍ଡନ ଯାଉଥିବା କଥା ଜାଣି ଶ୍ରୀ ଦେଉ ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଏକତ୍ରୀକରଣ ପ୍ରସ୍ତାବ ଇଂଲଣ୍ଡରେ ରାଣୀଙ୍କୁ ଜଣାଇବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ ।

୧୮୯୫ ମସିହା ପରେ ସମ୍ବଲପୁରରେ ଭାଷା ଆନ୍ଦୋଳନ ଆରମ୍ଭ ହେଲା । ଗଞ୍ଜାମ ଓଡ଼ିଆମାନେ ସମ୍ବଲପୁର ବାସୀଙ୍କୁ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ବିଚ୍ଛିନ୍ନ ଓଡ଼ିଆ ଭାଷା ଭାଷୀ ଅଞ୍ଚଳରେ ଏକତ୍ରୀକରଣ

କରିବା ପାଇଁ ଉଦ୍‌ଗ୍ରୀବ ହୋଇ ପଡ଼ିଥିଲେ । ୧୯୦୨ ମସିହାରେ ଗଞ୍ଜାମର ବରହମପୁରଠାରେ ଗୋଟିଏ "ଓଡ଼ିଆ ଜାତୀୟ ସମିତି," ଗଠିତ ହୋଇଥିଲା । ଏହା ଗଞ୍ଜାମ ଜାତୀୟ ଆନ୍ଦୋଳନର ମୂଳପିଣ୍ଡ । ସେହି ବର୍ଷ ଗଞ୍ଜାମର ରାଜା, ମହାରାଜା ଓ ଶହଶହ ଲୋକଙ୍କ ଦସ୍ତଖତରେ ଗୋଟିଏ ବଡ଼ ଧରଣର ମାନପତ୍ର ତତ୍‌କାଳୀନ ଭାଇସ୍‌ରାୟ ଲର୍ଡ କର୍ଜନଙ୍କୁ ଦିଆଯାଇ ସମସ୍ତ ଓଡ଼ିଆ ଭଣା ଭାଷୀ ଅଞ୍ଚଳକୁ ଏକତ୍ର କରି ଏକ ଶାସନାଧୀନରେ ରଖିବାକୁ ନିବେଦନ କରାଯାଇଥିଲା ।

୧୯୦୩ ମସିହା ଜାନୁୟାରୀ ୨୪ ତାରିଖରେ ଉତ୍କଳ ଦୀପିକା କୁହନ୍ତି, "ମାନ୍ଦ୍ରାଜ ଅନ୍ତର୍ଗତ ଓଡ଼ିୟା ଅର୍ଥାତ୍ ଗଞ୍ଜାମଜିଲ୍ଲାର ଓଡ଼ିଆଙ୍କର ଭାବନା ସର୍ବାପେକ୍ଷା ଅଧିକ । ସେମାନଙ୍କର କଷ୍ଟ ବଳି ପଡ଼ିବାରୁ ସମ୍ପ୍ରତି ସେଠାରେ ରାଜା ଜମିଦାର ଓ ଜନସାଧାରଣ ଗଞ୍ଜାମ ଜିଲ୍ଲାକୁ ବଙ୍ଗୀୟ ଗଭର୍ଣ୍ଣମେଣ୍ଟ ଅଧୀନ ଓଡ଼ିଶା ସଙ୍ଗେ ଯୋଗକରି ଏକ ଶାସନାଧୀନରେ ରଖିବା କାରଣ ମହାମାନ୍ୟ ଗଭର୍ଣ୍ଣର ଜେନେରାଲଙ୍କଠାରେ ଆବେଦନ କରିଛନ୍ତି ।"

୧୯୦୩ ମସିହା ପ୍ରାରମ୍ଭ ଗଞ୍ଜାମଜିଲ୍ଲାର ରମ୍ଭାଠାରେ ଗୋଟିଏ ସଭା ଖଲିକୋଟ ମହାରାଜାଙ୍କ ସଭାପତିତ୍ୱରେ ହୋଇ 'ଗଞ୍ଜାମ ଜାତୀୟ ସମିତି' ନାମରେ ଗୋଟିଏ ଜାତୀୟ ଅନୁଷ୍ଠାନ ଗଢ଼ାଗଲା । ୧୯୦୩ ମସିହା ଏପ୍ରିଲ ମାସରେ ଏହି ସମ୍ମିଳନୀର ପ୍ରଥମ ବୈଠକ ବରହମ୍‌ପୁରଠାରେ ବସିଥିଲା । ଏଥିରେ ପାରଳାଖେମୁଣ୍ଡିର ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ସଭାପତିତ୍ୱ କରିଥିଲେ । ଏହି ସମ୍ମିଳନୀଟିକୁ ସାଫଲ୍ୟମଣ୍ଡିତ କରିବା ପାଇଁ ଏହାର ସ୍ଥାୟୀ ସେକ୍ରେଟାରୀ ଶ୍ରୀ ନୀଳମଣୀ ବିଦ୍ୟାରତ୍ନ, ଖଲିକୋଟ ରାଜା ଶ୍ରୀ ହରିହର ମର୍ଦ୍ଦରାଜ ଓ ମାଧୁରୀ ସାହୁ ବହୁ ପରିଶ୍ରମ କରିଥିଲେ । ଏହି ସମ୍ମିଳନୀରେ କଟକରୁ ୬ଜଣ ପୁରୀରୁ ୪ଜଣ ବାଲେଶ୍ୱରରୁ ୩ ଜଣ ଓ ସମ୍ବଲପୁରରୁ ୨ଜଣ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ମଧୁସୂଧନ ଦାସ, ବିଶ୍ୱନାଥ କର, ନନ୍ଦକିଶୋର ବଳ, କୃଷ୍ଣପ୍ରସାଦ ଚୌଧୁରୀ ଓ ଗୋପାଳ ପ୍ରହରାଜଙ୍କ ନାମ ଉଲ୍ଲେଖ ଯୋଗ୍ୟ । ପ୍ରତିବର୍ଷ ଏହି ସମ୍ମିଳନୀ ବସି ଓଡ଼ିଆ ଅଞ୍ଚଳର ଏକତ୍ରୀକରଣ ପାଇଁ ଉଦ୍ୟମ କରିବାକୁ ସଭାରେ ନିଷ୍ପତ୍ତି ନିଆଗଲା । ୧୯୦୩ ମସିହା ଡିସେମ୍ବର ୩୦ ତାରିଖରେ କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀ ହେଉଛି ଏହି ଜାତୀୟ ସମିତିର ସଂପ୍ରସାରିତ ରୂପ ମାତ୍ର । ୧୯୦୫ରେ ଲର୍ଡ କର୍ଜନଙ୍କ ଦୟାରୁ ସମ୍ବଲପୁର ଓଡ଼ିଶାରେ ମିଶିଲା ସତ କିନ୍ତୁ ମାନ୍ଦ୍ରାଜର ଗଭର୍ଣ୍ଣର ଲର୍ଡ ଆମ୍‌ପିଥିଲଙ୍କ ଓଡ଼ିଆ ବିରୋଧୀ ମନୋଭାବ ନେଇ ଗଞ୍ଜାମ ଓ ଦକ୍ଷିଣର ଅନ୍ୟାନ୍ୟ ଓଡ଼ିଆ ଅଞ୍ଚଳ ମାନ୍ଦ୍ରାଜ ସହିତ ସାମିଲ ହୋଇ ରହିଲା ।

୧୯୧୨ ମସିହାରେ ବିହାର ଓଡ଼ିଶା ପ୍ରଦେଶ ଗଠନ କରାଗଲା । କିନ୍ତୁ ଗଞ୍ଜାମ ଅଞ୍ଚଳ ଓଡ଼ିଶା ସହିତ ମିଶିଲା ନାହିଁ । ଏହାର ତୀବ୍ର ବିରୋଧ କରି ଗଞ୍ଜାମର ଲୋକେ ଲର୍ଡ ହାର୍ଡିଞ୍ଜଙ୍କୁ ଏକ ମାନପତ୍ର ଅର୍ପଣ କଲେ । କିନ୍ତୁ କୌଣସି ଫଳ ହେଲାନାହିଁ । ସେଥିରେ ନିରୁତ୍ସାହିତ ନ ହୋଇ ସେମାନେ ଗଞ୍ଜାମ ଓ କୋରାପୁଟ ଅଞ୍ଚଳକୁ ଦକ୍ଷିଣ ଓଡ଼ିଶା ନାମରେ ନାମିତ କଲେ ଓ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମାଜ ନାମରେ ଗୋଟିଏ ଅନୁଷ୍ଠାନ ପ୍ରତିଷ୍ଠା କଲେ । ୧୯୧୨ ରେ ବରହମ୍‌ପୁରଠାରେ ଗୋଟିଏ ଦେଶ ମିଶ୍ରଣ ସଭା ଚିକିଟିମହାରାଜାଙ୍କ ସଭାପତିତ୍ୱରେ କରାଗଲା । ଏହି ସଭାରେ ୭୦୦ରୁ ଅଧିକ ଲୋକ ଯୋଗ ଦେଇଥିଲେ । ସଭାର ନିଷ୍ପତ୍ତି କ୍ରମେ "ଉତ୍କଳ ମିଳନ ସମାଜ" ନାମରେ ଗୋଟିଏ ନୂଆ ସମିତି ଗଠନ କରାଗଲା । ସେହିବର୍ଷ ଉତ୍କଳ ସମ୍ମିଳନୀ ବରହମ୍‌ପୁରଠାରେ ବସି ଗଞ୍ଜାମକୁ ଜାତୀୟ ଆନ୍ଦୋଳନର କେନ୍ଦ୍ର କରିବାକୁ ନିଷ୍ପତି ନେଲା । ଅନ୍ୟଏକ ନିଷ୍ପତ୍ତି କ୍ରମେ ପ୍ରତିବର୍ଷ ସୁନିଆ ବଡ଼ ଏକାଦଶୀ ଦିନ ସମସ୍ତ ଓଡ଼ିଆମାନେ ଉପବାସ କରିବା ଓ ସଭାସମିତି କରି ଦେଶ ମିଶ୍ରଣପାଇଁ ଜାତୀୟ ଶପଥ ନେବା କଥା ସ୍ଥିର କରାଗଲା ।

୧୯୧୩ ସାଲରେ ମାନ୍ଦ୍ରାଜ ଗଭର୍ଣ୍ଣର ଲର୍ଡ ପେଣ୍ଟଲ୍ୟାଣ୍ଡ ଗଞ୍ଜାମ ପରିଦର୍ଶନରେ ଆସିଲେ ବେଳେ ଗଞ୍ଜାମ ଓଡ଼ିଶାରେ ମିଶିବାପାଇଁ ଗଞ୍ଜାମର ଲ୍ୟାଣ୍ଡ ହୋଲଡ଼ରସ୍ ଆସୋସିଏସନ ଓ ଓଡ଼ିଶା ସମାଜ ପକ୍ଷରୁ ମାନପତ୍ର ବରହମ୍‌ପୁର ଓ ପାରଳାଖେମଣ୍ଡିଠାରେ ଅର୍ପଣ କରାଯାଇଥିଲା । ୧୯୧୪ ମସିହାରେ ଧରାକୋଟ ରାଜାସାହେବ ଦେଶ ମିଶ୍ରଣ ପ୍ରଶ୍ନ ମାନ୍ଦ୍ରାଜ ଲେଜିସ୍‌ଲେଟିଭ ଆସେମ୍ବ୍ଲିରେ ଉତ୍‌ଥାପନ କରିଥିଲେ । ୧୯୧୫ ମସିହାରେ ଦ୍ୱିତୀୟଥର ପାଇଁ ମଧ୍ୟ ସେ ଅନୁରୂପ ପ୍ରସ୍ତାବ ଆଗତ କରି ନିରାଶ ହେଲେ । ସେହି ସମୟରେ ଗଞ୍ଜାମର ଅନ୍ୟ ଯେଉଁ ବ୍ୟକ୍ତିମାନେ ଦେଶ ମିଶ୍ରଣପାଇଁ ଲାଗିଥିଲେ, ସେମାନଙ୍କ ମଧ୍ୟରେ ନିରଞ୍ଜନ ପଟ୍ଟନାୟକ, ହରିହର ପଣ୍ଡା, ଶଶୀଭୂଷଣ ରଥ ପ୍ରଭୃତି ବ୍ୟକ୍ତିମାନଙ୍କ ନାମ ଉଲ୍ଲେଖ ଯୋଗ୍ୟ । ଏହିମାନଙ୍କ ଉଦ୍ୟମରେ ଦି ଓଡ଼ିଆ ମୁଭ୍‌ମେଣ୍ଟ ନାମକ ଗୋଟିଏ ପୁସ୍ତକ ଗଞ୍ଜାମରୁ ପ୍ରକାଶିତ ହୋଇଥିଲା ।

୧୯୧୭ରେ ମଣ୍ଟେଗ୍ୟୁ–ଚେମସ୍‌ଫୋର୍ଡ କମିଶନଙ୍କୁ ଗଞ୍ଜାମବାସୀମାନେ ନିଜର ଦୁଃଖ ଜଣାଇଲେ ମଧ୍ୟ ୧୯୧୯ ମସିହାରେ ଯେଉଁ ଆଇନ୍ ହେଲା ସେଥିରେ ଓଡ଼ିଆଙ୍କ ଦାବୀକୁ ଉପେକ୍ଷା କରାଗଲା । ଫଳରେ ୧୯୨୦ରେ ଓଡ଼ିଆ ଆସୋସିଏସନର ସଭା ପାରଳାଖେମୁଣ୍ଡି ମହାରାଜାଙ୍କ ସଭାପତିତ୍ୱରେ ବସି ଓଡ଼ିଆବାସୀ ଅଞ୍ଚଳର ମିଶ୍ରଣପାଇଁ ଦାବୀ କରିଥିଲା । ସେହିବର୍ଷ ଆସାଠାରେ ଆସା ଓଡ଼ିଆ ସମାଜ ଓ ପାରଳାଖେମୁଣ୍ଡିରେ ଉତ୍କଳ ହିତୈଷିଣୀ ସମାଜର ସଭାମାନ ହୋଇ ଗଞ୍ଜାମକୁ ଓଡ଼ିଶା ସଙ୍ଗେ ମିଶିବା ପାଇଁ ଦାବୀ କରାଗଲା । ୧୯୨୧ରେ ଶ୍ରୀ ଶଶୀଭୂଷଣ ରଥ ମାନ୍ଦ୍ରାଜ ଲେଜିସ୍‌ଲେଟିଭ୍ ଆସେମ୍ବ୍ଲିରେ ଦେଶମିଶ୍ରଣ ପ୍ରଶ୍ନ ଉତ୍‌ଥାପନ କଲେ ମଧ୍ୟ ମାନ୍ଦ୍ରାଜ ଗଭର୍ଣ୍ଣର ତାକୁ ଅନୁମୋଦନ କରି ନ ଥିଲେ । ୧୯୨୨ରେ ଗଞ୍ଜାମର ଏକ ପ୍ରତିନିଧି ଦଳ ମାନ୍ଦ୍ରାଜ ଗଭର୍ଣ୍ଣରଙ୍କଠାରେ ଉପରୋକ୍ତ ଦାବୀ ଉପସ୍ଥାପିତ କରିଥିଲେ ।


କ୍ରମଶଃ ଦେଶମିଶ୍ରଣ ଆନ୍ଦୋଳନ ଗଞ୍ଜାମରେ ଏତେ ପ୍ରବଳ ହେଲା ଯେ କେନ୍ଦ୍ର ସରକାର ସେଠାର ଲୋକଙ୍କ ମତାମତ ଜାଣିବା ପାଇଁ ୧୯୨୪ ମସିହାରେ ଫିଲିପ୍-ଡଫ୍ କମିଶନ ବସାଇଲେ । ଏହି ସମୟରେ ଗଞ୍ଜାମର ଚାରିଆଡ଼େ ସଭାସମିତିମାନ କରାଗଲା ଓ ରାସ୍ତା ଘାଟରେ ଦେଶ ମିଶ୍ରଣ ସପକ୍ଷରେ ପାମ୍ଫଲେଟ୍‌ମାନ ଦିଆଗଲା । ଶ୍ରୀଯୁକ୍ତ ଲିଙ୍ଗରାଜ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଗୋଟିଏ ଦେଶମିଶ୍ରଣ କମିଟି ଗଢ଼ାଯାଇ ଗଞ୍ଜାମକୁ ଓଡ଼ିଶାରେ ମିଶାଇବା ପାଇଁ ପ୍ରବଳ ଜନମତ ସୃଷ୍ଟି କରାଗଲା । ଫିଲିପ୍-ଡଫ୍ କମିଶନ ଗଞ୍ଜାମ ବାସୀଙ୍କର ଓଡ଼ିଶା ସହିତ ମିଶିବା ପାଇଁ ପ୍ରବଳ ଆଗ୍ରହ ଦେଖି ଗଞ୍ଜାମ ଓଡ଼ିଶାରେ ମିଶିବା ଉଚିତ ବୋଲି ତାଙ୍କ ରିପୋର୍ଟରେ ସ୍ପଷ୍ଟ ମତ ଦେଇଥିଲେ । କିନ୍ତୁ ଏତିକିରେ ସରକାର ସନ୍ତୁଷ୍ଟ ନ ହୋଇ ଅର୍ଥନୈତିକ ଦୃଷ୍ଟିକୋଣରୁ ଏହି ମିଶ୍ରଣ କେତେଦୂର ଯଥାର୍ଥ ତାହା ଜାଣିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଫଳରେ ବିହାର ଓଡ଼ିଶା ସରକାର ଇଉ: ଏମ୍. ସେନଙ୍କୁ ଗଞ୍ଜାମର ଆର୍ଥିକ ଅବସ୍ଥା ଅନୁଧ୍ୟାନ କରିବାକୁ ପଠାଇଥିଲେ । ରାୟସାହେବ ସେନ୍ ଗଞ୍ଜାମକୁ ଏକ ନିଅଣ୍ଟିଆ ଜିଲ୍ଲା ବୋଲି ରିପୋର୍ଟ ଦେବାରୁ ଗଞ୍ଜାମକୁ ଓଡ଼ିଶା ସହିତ ମିଶାଇବା ପାଇଁ ବିହାର ସରକାର ବିରୋଧ କଲେ । ଗଞ୍ଜାମବାସୀମାନେ ସରକାରଙ୍କର ଏତାଦୃଶ ନିଷ୍ପତ୍ତିର ବିରୋଧ କଲେ । ଗଞ୍ଜାମର ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ଏକ ଗବେଷଣାତ୍ମକ ଲେଖା ପ୍ରକାଶ କରି ଗଞ୍ଜାମ ଏକ ବଳକା ଜିଲ୍ଲା ବୋଲି ପ୍ରମାଣ କରିଥିଲେ । ୧୯୨୮ ମସିହାରେ ସାଇମନ୍ କମିଶନ୍ ଭାରତକୁ ଆସିଥିଲେ । ମାନ୍ଦ୍ରାସ୍ ପ୍ରେସିଡେନ୍ସି ଓଡ଼ିଆ ଆସୋସିଏସନ୍ ତରଫରୁ ଏକ ମାନପତ୍ର କମିଶନରଙ୍କୁ ଦିଆଯାଇଥିଲା ଓ ଏହାର ଏକ ପ୍ରତିନିଧି ଦଳ କମିଶନଙ୍କୁ ସାକ୍ଷାତ କରି ଗଞ୍ଜାମ ଓଡ଼ିଶାରେ ମିଶିବା ପାଇଁ ଦାବୀ କରିଥିଲେ । ଶେଷରେ ସାଇମନ କମିଶନ ଏହି ଦାବୀକୁ ଗ୍ରହଣ କରିଥିଲେ ଓ ଗଞ୍ଜାମ ଓଡ଼ିଶାରେ ମିଶିବା ପାଇଁ ତାଙ୍କ ରିପୋର୍ଟରେ ଅନୁମୋଦନ କରିଥିଲେ ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ପାରଳା ଖେମୁଣ୍ଡି ମହାରାଜା ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଦାନ ଅତୁଳନୀୟ । ବିହାର ଓଡ଼ିଶା କାଉନ୍ସିଲ ଦ୍ୱାରା ନିର୍ବାଚିତ ହୋଇ ସେ ବିଲାତ ଯାଇଥିଲେ ଓ ସେଠାରେ ଗୋଲଟେବୁଲ ବୈଠକରେ ଯୋଗ ଦେଇଥିଲେ । ୧୯୩୧ରେ ଗୋଲଟେବୁଲ ବୈଠକରେ ସେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ ଦାବୀ କରି ଏକ ଦୃଢ଼ ଓ ନମ୍ର ଭାଷଣ ଦେଇଥିଲେ । ତାଙ୍କର ଏହି ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା । ସେହିପରି ଓଡ଼େନେଲ୍ କମିଟିର ସହକାରୀ ସଭ୍ୟ ରୂପେ ଓଡ଼ିଶାର ଦାବୀକୁ ସେ ଦକ୍ଷତାର ସହିତ ପ୍ରତିପାଦନ କରିଥିଲେ । ଫଳରେ ଦକ୍ଷିଣରେ ପାରଳାଖେମୁଣ୍ଡି ସହିତ ବହୁତ ଓଡ଼ିଆ ଅଞ୍ଚଳ ଓଡ଼ିଶା ସହିତ ମିଶିବା ପାଇଁ ଉକ୍ତ କମିଶନ ମତ ଦେଇଥିଲେ । କିନ୍ତୁ ଦୁଃଖର ବିଷୟ ଗୋଲଟେବୁଲ ବୈଠକରେ ଯେଉଁ ଶ୍ୱେତପତ୍ର ପ୍ରକାଶ ପାଇଲା ପାରଳାଖେମୁଣ୍ଡି ସମେତ୍ କୋରାପୁଟ ଓ ଜଳନ୍ତର ମାଳିଆକୁ ଓଡ଼ିଶା ପ୍ରଦେଶରୁ ବାଦ ଦିଆଯାଇଥିଲା । ଏଥିରେ ବ୍ୟଥିତ ହୋଇ ଗଞ୍ଜାମର ଚାରିଆଡ଼େ ଅସନ୍ତୋଷ ବହ୍ନି ଜଳି ଉଠିଲା ଓ ସଭାସମିତି ମାଧ୍ୟମରେ ଏହାର ତୀବ୍ର ବିରୋଧ କରାଗଲା । ୧୯୩୩ରେ ଉତ୍କଳ ଆଶ୍ରମ ସମିତିର ସଭା ବରହମ୍ପୁରଠାରେ ହୋଇ ଏହାର ବିରୋଧ କରାଗଲା । ଶ୍ରୀ ଶଶୀଭୂଷଣ ରଥ ଏକ ପ୍ରତିନିଧି ଦଳର ନେତୃତ୍ୱ ନେଇ ଗଞ୍ଜାମ କଲେକ୍ଟରଙ୍କୁ ଏ ବିଷୟ ଜଣେଇବା ପାଇଁ ସାକ୍ଷାତ କରିଥିଲେ । ଚିକିଟି ରାଜାଙ୍କ ସଭାପତିତ୍ୱରେ ଏଜେନ୍ସି ଉତ୍କଳ ଇଉନିୟନ୍ କନ୍‌ଫରେନ୍ସ ଜୟପୁରଠାରେ ବସି ଦେଶ ମିଶ୍ରଣ ପାଇଁ ଦାବୀ କରିଥିଲେ । ସେହିପରି ସିଙ୍ଗିଡ଼ି, ହିମିଗ୍ରାମ୍, ମାଥାଲ, ଖୁରିଗ୍ରାମ ଓ ଭାପୁରଠାରେ ସଭାମାନ ହୋଇ ପାରଳାକୁ ଗଞ୍ଜାମ ସହିତ ମିଶାଇବାକୁ ଦାବୀ କରାଗଲା । ୧୯୩୪ ମସିହାରେ ମାନ୍ଦ୍ରାଜ ଜମିଦାର ଆସୋସିଏସନ ମାନ୍ଦ୍ରାଜ ଗଭର୍ଣ୍ଣରଙ୍କୁ ଦେଖାକରି ଉକ୍ତ ଦାବୀ ଉପସ୍ଥାପିତ କରିଥିଲେ । ଗଞ୍ଜାମ ଇଉଥ ଆସୋସିଏସନର ସେକ୍ରେଟାରୀ ଶ୍ରୀ ଜଗନ୍ନାଥ ଚୌଧୁରୀ ଛାତ୍ର ଏବଂ ଯୁବକମାନଙ୍କୁ ଏହି ଆନ୍ଦୋଳନରେ ଝାସ ଦେବାକୁ ଆହ୍ୱାନ ଦେଇଥିଲେ, ଚାରିଆଡ଼େ ସୀମା ଆନ୍ଦୋଳନ ଦିବସ ପାଳନ କରାଗଲା ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୀମାରେଖା ବିଷୟ ଅନୁମୋଦନ ପାଇଁ ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟିକୁ ପଠାଗଲା । ଏହି କମିଟିକୁ ପ୍ରଭାବିତ କରିବା ପାଇଁ ପାରଳାଖେମୁଣ୍ଡି ମହାରାଜା ବିଲାତ ଗଲେ ଏବଂ ଭାରତ ସଚିବଙ୍କୁ ଦେଖାକରି ସମସ୍ତ ଗଞ୍ଜାମ ଏବଂ କୋରାପୁଟ ଜିଲ୍ଲା ଓଡ଼ିଶା ସହିତ ମିଶିବା ପାଇଁ ଦାବୀ କରିଥିଲେ । ତାଙ୍କ ଉଦ୍ୟମ ଫଳରେ ପାରଳାଖେମୁଣ୍ଡି ଓ କୋରାପୁଟ ଅଞ୍ଚଳ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସହିତ ମିଶିବା ପାଇଁ ନିଷ୍ପତ୍ତି ହେଲା । ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା ଓ ଗଞ୍ଜାମର ଦୁଇଜଣ କୃତୀ ସନ୍ତାନ-ପାରଳାଖେମୁଣ୍ଡି ମହାରାଜା ଓ ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ଯଥାକ୍ରମେ ୧୯୩୬ ଓ ୧୯୩୭ରେ ଓଡ଼ିଶାର ପ୍ରଥମ ପ୍ରଧାନ ମନ୍ତ୍ରୀ ପଦ ଗ୍ରହଣ କରିଥିଲେ ।

ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା

ଗଙ୍ଗାଧର ମେହେର


ଚାଷ ପାଇଁ ଜମି,
ରହିବାକୁ ଘର
ବିଂଶ ସୂତ୍ରର ଇଏ
ହେଲା ଡଗର
davn 83/486

# ସାମ୍ରାଜ୍ୟବାଦ୍ ବିରୁଦ୍ଧରେ ପ୍ରଥମ ରଣସିଂଘା

**କୁମାର ହସନ୍**

ବ୍ରିଟିଶ୍ ବିରୁଦ୍ଧରେ ନୁହେଁ ସାମ୍ରାଜ୍ୟବାଦୀ ମହାଶକ୍ତି ବିରୁଦ୍ଧରେ ଯିଏ ସର୍ବ ପ୍ରଥମ କରି ବିପ୍ଳବର ରଣସିଂଘା ଫୁଙ୍କିଥିଲେ ସେହି ମହାନ୍ ଭାରତୀୟ ଜାତୀୟ ବିପ୍ଳବୀ, ସମ୍ବଲ କେଶରୀ ବୀର ସୁରେନ୍ଦ୍ର ସାଏ ଥିଲେ ସବୁ ଅର୍ଥରେ ଜଣେ ସଫଳକାମ ଅପରାଜେୟ ପୌରୁଷ ।

୧୮୫୭ ମସିହାର ପ୍ରଥମ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମର ଦୀର୍ଘ ୩୦ ବର୍ଷ ପୂର୍ବରୁ ୧୮୨୭ ମସିହାରୁ ହିଁ ସମ୍ବଲପୁର ମାଟିର ସନ୍ତାନ ବୀରେନ୍ଦ୍ର ସୁରେନ୍ଦ୍ର ପ୍ରଥମ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମୂଳଦୁଆ ପକାଇ ସୂର୍ଯ୍ୟାସ୍ତ ହେଉନଥିବା ସାମ୍ରାଜ୍ୟ ଓ ତାର ଯାବତୀୟ ଅତ୍ୟାଚାରର ବିରୁଦ୍ଧରେ ପ୍ରତିରୋଧର ରଣଭେରୀ ବଜାଇ ହାତରେ ଭବାନୀ–ସମଲେଶ୍ୱରୀ ଖଣ୍ଡା ଉଠାଇ ମୁକ୍ତିର ମଶାଲ ପ୍ରଜ୍ୱଳିତ କରିଥିଲେ । ୧୮୫୮ରେ ଇଂରେଜ ବାହିନୀ ଏହି ସଂଗ୍ରାମକୁ ଦମନ କରିଥିବା ଐତିହାସିକ ଆସ୍ଫାଳନ କରିଥିଲେ ସୁଦ୍ଧା ୧୮୬୪ ମସିହା ଯାଏ ସମ୍ବଲପୁର ଅଞ୍ଚଳରେ ବିପ୍ଳବର ବହ୍ନି ସ୍ଫୁଲିଙ୍ଗକୁ ସେ ପ୍ରଜ୍ୱଳିତ କରି ରଖିଥିଲେ । ଭାରତୀୟ ଜନମାନସରେ ପ୍ରତ୍ୟକ୍ଷ ଓ ପ୍ରେରଣା ମାଧ୍ୟମରେ ସ୍ୱରାଜ, ସ୍ୱାଧୀନତା ଓ ସଚେତନତାର ଉଦାତ୍ତ ଅମୃତ ବାଣୀ ଶୁଣାଇଥିବା ମହାନ ଚୌହାନ ବୀର ସୁରେନ୍ଦ୍ର ସାଏ ଥିଲେ ଜଣେ ସମର୍ପିତ ସମାଜବାଦୀ, ଗଣତାନ୍ତ୍ରିକ ରାଷ୍ଟ୍ରବାଦୀ ବିପ୍ଳବୀ ।

ସୁରେନ୍ଦ୍ର ସାଏଙ୍କ ପ୍ରକୃତ ଜୀବନ ଓ କର୍ମ ଅଦ୍ୟାପି ଅଲିଖିତ ଇତିହାସର ଗଭୀର ଅନ୍ଧକାର ଭିତରେ ଆଚ୍ଛନ୍ନ । ଇଂରେଜମାନେ ଯାହା ସରକାରୀ ନଥିପତ୍ରରେ ଲିପିବଦ୍ଧ କରି ଯାଇଛନ୍ତି, ତାହା ସେମାନଙ୍କୁ ଓ ସେମାନଙ୍କ ବଡ଼ ବାବୁମାନଙ୍କୁ ସୁହାଇଲା ଭଳି ଏକପକ୍ଷୀୟ ଓ ବାସ୍ତବତାରୁ ବହୁ ଦୂରରେ । ତା ଛଡ଼ା "ନିମକ ହରାମ ଜାଗିରୀ" ଲୋଭରେ ଓ ଇଂରେଜଙ୍କ ବରପୁତ୍ର ହେବା ଉଦ୍ଦେଶ୍ୟରେ ଯେଉଁ ଶିଖି ମନାଇମାନେ ଧରି ନେଇଥିଲେ ଯେ ବିଦେଶୀ ଶାସନ ହିଁ ଦେଶର ଏକମାତ୍ର ଭାଗ୍ୟ ଓ ଭବିଷ୍ୟତ, ସେମାନେ ଇଂରେଜ ସାହେବ-ମାନଙ୍କୁ ଯୋଗାଇଥିବା ତଥ୍ୟମାନ ମଧ୍ୟ ଅତିରଂଜିତ ଓ କପୋଳକଳ୍ପିତ । ଯେଉଁମାନେ ତାଙ୍କୁ ଓ ତାଙ୍କ ଯୋଜନା ବିଷୟରେ ଯେତେ ଭୟଙ୍କର ମନଗଢ଼ା ତଥ୍ୟ ଯୋଗାଉଥିଲେ, ସେମାନଙ୍କ ପୁରସ୍କାର ଥିଲା ସେତେ ପରିମାଣରେ ଅଧିକ ।

ସୁରେନ୍ଦ୍ର ସାଏଙ୍କ ବିବଦମାନ ଜୀବନ ଓ କର୍ମ ବିଷୟରେ ଅନ୍ତତଃ ଏ ମୃତ୍ୟୁ ଶତବାର୍ଷିକୀ ଅବସରରେ ବହୁ ନୂତନ ତଥ୍ୟ ଲୋକଲୋଚନକୁ ଆସିଛି, ଆହୁରି ଅନେକ ବାକୀ ଅଛି ।

୧୮୪୯ ମସିହାରେ ସମ୍ବଲପୁରର ଶେଷ ଚୌହାଣ ରାଜା ନାରାୟଣ ସିଂହଙ୍କ ମୃତ୍ୟୁ ପରେ ଏହି ରାଜ୍ୟ ଇଂରେଜମାନଙ୍କ ପ୍ରତ୍ୟକ୍ଷ ଶାସନାଧୀନ ହେଲା । ଏତିକିବେଳେ ସମ୍ବଲପୁର ରାଜ୍ୟ ଅନ୍ତର୍ଗତ କୋଲାବିରା, ପାହାଡ଼ ଶିରଗିଡ଼ା, ମଚିଦା, କୋଡ଼ାବଗା, ଲଇଡ଼ା, ଲୋଇସିଂହା, ଭେଡ଼େନ୍, ପାଟକୁଲୁଣ୍ଡା, ମୁଣ୍ଡୋମାହାଲ, ଲଂଖନପୁର ଆଦିରେ ଗଣ୍ଡ ଏବଂ ଗୈଁଷ ଓ ବୋଡ଼ାସମ୍ବରରେ ଦୁଇଜଣ ବିଂଝାଲ ଜମିଦାର ଅବସ୍ଥାପିତ ଥିଲେ । ସମ୍ବଲପୁର "ଝାଡ଼ଖଣ୍ଡ" ରାଜ୍ୟ ଆବହମାନ କାଳରୁ ଆଦିବାସୀ ଜମିଦାରଗଣଙ୍କ ଆଧିପତ୍ୟାଧୀନ ହୋଇ ରହିଥିଲା । ଚୌହାଣ ରାଜପୁତ ଜାତି ଏହି ଜମିଦାର ବା ଦଳପତିମାନଙ୍କ ସହଯୋଗ ଓ ସଦିଚ୍ଛା ଲାଭ କରି ସମ୍ବଲପୁରରେ ରାଜଧାନୀ ପ୍ରତିଷ୍ଠା କରି ପଶ୍ଚିମ ଓଡ଼ିଶା ଓ ମଧ୍ୟପ୍ରଦେଶର ଏକ ଅଞ୍ଚଳରେ ବିରାଟ ରାଜ୍ୟ ସ୍ଥାପନ କରିଥିଲେ । ରାଜା ମଧ୍ୟ ଜମଦାରମାନଙ୍କ ଧର୍ମ, ସଂସ୍କୃତି ଓ ପ୍ରଶାସନରେ ହସ୍ତକ୍ଷେପ କରୁନଥିଲେ । ସେହିପରି ଏହି ଦଳପତିମାନଙ୍କର ମଧ୍ୟ ରାଜା ପ୍ରତି ଅଗାଧ ଶ୍ରଦ୍ଧା, ସମ୍ମାନ ଓ ଭକ୍ତି ରହିଥିଲା । କିନ୍ତୁ ଚୌହାଣ ରାଜବଂଶର ପତନ ପରେ ଇଂରେଜମାନେ ସେହି ସଂପର୍କକୁ ସଂପୂର୍ଣ୍ଣ ଭାବେ ଓଲଟାଇ ଜମିଦାର ଓ ଗୌନ୍ତିଆମାନଙ୍କଠାରୁ ଯେତେ ଅଧିକ ସମ୍ଭବ ସେତେ ଖଜଣା ଆଦାୟ କରିବା ଲକ୍ଷ୍ୟ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷର ନିଆଁ ଜାଳି ଦେଲେ । ୧୮୪୯ ମସିହାରେ ସମ୍ବଲପୁର ଜମିଦାରମାନେ ରାଜକୋଷକୁ ବାର୍ଷିକ ୮,୮୦୦ ଟଙ୍କା ଖଜଣା ଦେଉଥିବା ବେଳକୁ ୧୮୫୪ରେ ଇଂରେଜମାନେ ତାକୁ ୭୪ ହଜାର ଟଙ୍କାକୁ ବୃଦ୍ଧି କଲେ । ତା'ଛଡ଼ା ଇଂରେଜମାନେ ଶାସନ ପରିଚାଳନା ପାଇଁ ଅଞ୍ଚଳର କୁଳୀନ ଲୋକଙ୍କ ଉପରେ ନିର୍ଭର କଲେ । ଏମାନଙ୍କର ସରଳ ଆଦିବାସୀ ସଂସ୍କୃତି ପ୍ରତି କୌଣସି ସହାନୁଭୂତି ନ ଥିଲା । ନେତୃତ୍ୱ ଓ ସଙ୍ଗଠନ ଅଭାବରୁ ଜମିଦାରମାନେ ଉକ୍ତ ସ୍ୱଭଳ ସ୍ୱେଚ୍ଛାରେ ବିବଶ ରହି ଯାଉଥିଲେ । ୧୮୫୭ ପର୍ଯ୍ୟନ୍ତ ସେମାନଙ୍କର ଏ ଅବସ୍ଥା ରହିଥିଲା ।

୧୮୨୭ରେ ରାଜା ମହାରାଜ ସାଏଙ୍କ ମୃତ୍ୟୁ ପରେ ଇଂରେଜମାନେ ରାଣୀ ମୋହନ କୁମାରୀଙ୍କୁ

ସମ୍ବଲପୁର ସିଂହାସନରେ ବସାଇବା ପରେ ହିଁ ସୁରେନ୍ଦ୍ରଙ୍କ ବିପ୍ଳବର ଅଗ୍ନିମାଗର ଯୋଗୁଁ ହେତେବେ, ସୁରେନ୍ଦ୍ରଙ୍କ ବିପ୍ଳବକୁ ସିଂହାସନ ଲିପ୍ସା ରୂପେ ଚିତ୍ରଣ କରିଥାନ୍ତି, ଯାହା ସଂପୂର୍ଣ୍ଣ ଭିତ୍ତିହୀନ । ସୁରେନ୍ଦ୍ରଙ୍କ ବିପ୍ଳବର ମୂଳ ପୁରୋଧା ଥିଲେ ତାଙ୍କର ପିତୃବ୍ୟ ବଳରାମ ସିଂହ ।

ସମ୍ବଲପୁରର ରାଜା ଜୟନ୍ତ ସିଂହଙ୍କ ଜଣେ ରାଣୀଙ୍କ ସହ ତାଙ୍କ ଦେଓ୍ୱାନ ତଥା ବଳରାମ ସିଂହଙ୍କ ଭାଇ ମନୋହର ସିଂହଙ୍କ ଅବୈଧ ସଂପର୍କ ଥିବା ଯୋଗୁଁ ଜୟନ୍ତ ସିଂହ ମନୋହର ସିଂହଙ୍କୁ ହତ୍ୟା କରାଇ, ହତ୍ୟାକାରୀ ସୋନପୁରର ଗୋବିନ୍ଦ ସିଂହଙ୍କୁ ଦେଓ୍ୱାନୀ ଦେଲେ । ଫଳରେ ବଳରାମ ମଧ୍ୟ ଭ୍ରାତୃ ହତ୍ୟାର ପ୍ରତିଶୋଧର ସୁଯୋଗ ଖୋଜୁଥାନ୍ତି ।

ମୋହନ କୁମାରୀଙ୍କ ସମୟରେ ସମ୍ବଲପୁରରେ ଅରାଜକତା ଦେଖାଗଲା । ତାଙ୍କ ପରେ ବୃଦ୍ଧ ନାରାୟଣ ସିଂହଙ୍କ ରାଜତ୍ୱରେ ଅବସ୍ଥା ଆହୁରି ଅସମ୍ଭାଳ ହେବା ଫଳରେ ବଳରାମ ସିଂହ ଏହାର ସୁଯୋଗରେ ବିଦ୍ରୋହର ପତାକା ଟେକିଲେ । ସୁରେନ୍ଦ୍ର ନିଜ ପିତୃବ୍ୟଙ୍କୁ ଆପ୍ରାଣ ସହଯୋଗ କଲେ । ତାଙ୍କ ସଂଘର୍ଷରେ ଜମିଦାରମାନେ ବିଦ୍ରୋହରେ ଅକାତରେ ଯୋଗ ଦେଲେ ।

ପ୍ରଥମେ ସେମାନେ ଇଂରେଜ ସମର୍ଥକ ଜମିଦାର ଗୌନ୍ତିଆମାନଙ୍କୁ ଆକ୍ରମଣ କଲେ । ଏହାଥିଲା ବ୍ରିଟିଶ୍ ସାମ୍ରାଜ୍ୟ ବିରୁଦ୍ଧରେ, ସ୍ୱଦେଶୀୟଙ୍କ ବିଦେଶୀ ଶାସନର କ୍ଷମତାର ପଦଲେହନ ବିରୁଦ୍ଧରେ ପ୍ରଥମ ପ୍ରହାର । ୧୮୪୦ରେ ମହାରାଜା ନାରାୟଣ ସିଂହ ଓ ରାମପୁର ଜମିଦାର ଦରିୟାବ ସିଂହ ଚକ୍ରାନ୍ତ କରି ନରହତ୍ୟା ଅପରାଧରେ ସୁରେନ୍ଦ୍ର ସାଏ, ତାଙ୍କ ଭାଇ ଉଦନ୍ତ ସାଏ, ଧ୍ରୁବ ସାଏ, ପିତୃବ୍ୟ ବଳରାମ ସିଂହ ଆଦିଙ୍କୁ ବନ୍ଦୀ କଲେ । ଇଂରେଜ ସରକାର ସମ୍ବଲପୁରରେ ସେମାନଙ୍କୁ ରଖିବାର ସାହାସ ନକରି ହଜାରିବାଗ ଜେଲକୁ ଯାବଜ୍ଜୀବନ କାରାଦଣ୍ଡ ଦେଇ ପଠାଇ ଦେଲେ ।

ହୀରାଖଣ୍ଡ ଛତ୍ରପତି ମହାରାଜ ମୁକୁଟମଣି ମହାରାଜା ବଳିଆର ସିଂହଙ୍କ ସାନ ଭାଇ ଅନିରୁଦ୍ଧ ସାଏଙ୍କ ବଂଶଧର ରୂପେ ସୁରେନ୍ଦ୍ର ସାଏ ମହାରାଜା ସାଏଙ୍କ ବିଧବା ମହାରାଣୀ ମୋହନ କୁମାରୀ ବା ମହାରାଜା ବଳିଆର ସିଂହଙ୍କ ଜ୍ୟେଷ୍ଠ ପୁତ୍ର ବିକ୍ରମ ସିଂହଙ୍କ ରକ୍ଷିତା ସ୍ତ୍ରୀଙ୍କ ପୁତ୍ର ନାରାୟଣ ସିଂହ ଓ ଅନ୍ୟମାନଙ୍କ ଅପେକ୍ଷା ସିଂହାସନର ପ୍ରକୃତ ଉତ୍ତରାଧିକାରୀ ଥିଲେ । ଏକ ଦିଗରେ ନ୍ୟାୟତଃ ସିଂହାସନ ପ୍ରାପ୍ତିରୁ ବଞ୍ଚିତ ଓ ଅନ୍ୟ ଦିଗରେ ଗଣ୍ଡ ଓ ବିଂଝାଲ ଜମିଦାରମାନଙ୍କୁ ମହାରାଣୀ ଜମିରୁ ଅନ୍ତର କରିବା ଜନିତ ଅନ୍ୟାୟ ଯୋଗୁଁ ଏହି କ୍ଷମତାଚ୍ୟୁତ ଦଳପତିଙ୍କ ନେତୃତ୍ୱରେ ସୁରେନ୍ଦ୍ର ଏ ଅଞ୍ଚଳରେ ବିଦ୍ରୋହର ବାଡ଼ବାଗ୍ନି ଜାଳି, ତାଙ୍କ ଅନ୍ୟତମ ସହଯୋଗୀ ଲଖନପୁରିଆ ଗଣ୍ଡ ଜମିଦାର ବଳଭଦ୍ର ଦେଓ ପ୍ରମୁଖଙ୍କ ସାହାଯ୍ୟରେ ରାଜ୍ୟରେ ଘୁରିଆଡ଼େ ବ୍ରିଟିଶ ବିରୋଧୀ ଆତଙ୍କରାଜ ଖେଳାଇ ଦେଲେ । ଦୁର୍ଗମ ବାରପାହାଡ଼ ଅଞ୍ଚଳରେ ରହି ନଳିବନ୍ଧୁକ, ଧନୁଶର, ଖଣ୍ଡା ବର୍ଚ୍ଛା, ପଥର ଆଦି ନେଇ ଏମାନଙ୍କ ଗରିଲା ଯୁଦ୍ଧ ପ୍ରଣାଳୀରେ ଅତ୍ୟାଧୁନିକ ଗୁଳିଗୁଳା ସଜ୍ଜିତ ବ୍ରିଟିଶ ବାହିନୀ ମଧ୍ୟ ବ୍ୟତିବ୍ୟସ୍ତ ହୋଇ ପଡୁଥିଲା । ସେମାନଙ୍କୁ ଦମନ କରିବା ଉଦ୍ଦେଶ୍ୟରେ କର୍ଣ୍ଣେଲ ହିଜିନ୍ ରାମଗଡ଼ ବାହିନୀ, କେପ୍ଟେନ୍ ଭଇଲ୍ କିନ୍‌ସନ୍ ହଜାରିବାଗ୍ ବାହିନୀ ଧରି ଆସିଥିଲେ ଓ ବହୁ ବିପ୍ଳବୀଙ୍କୁ ଧରି ଫାଶୀ କାଠରେ ଝୁଲାଇ ଦେଇଥିଲେ ।

୧୮୫୭ ମସିହାରେ ସ୍ୱାଧୀନଚେତା ସିପାହୀମାନେ ହଜାରିବାଗ ଜେଲ ଭାଙ୍ଗି ବନ୍ଦୀମାନଙ୍କୁ ମୁକ୍ତ କରିଦେଲେ । ସେତେବେଳକୁ ସୁରେନ୍ଦ୍ର ସାଏଙ୍କ ଜେଲ ଜୀବନର ୧୭ ବର୍ଷ ବିତି ଯାଇଥାଏ । ଜେଲରେ ହିଁ ବଳରାମ ମୃତ୍ୟୁ ବରଣ କରିଥାନ୍ତି ।

ସୁରେନ୍ଦ୍ର ହଜାରିବାଗରୁ ସମ୍ବଲପୁର ପର୍ଯ୍ୟନ୍ତ ଦୀର୍ଘ ତଥା ବିପଦ ସଙ୍କୁଳ ପଥ ପଦବ୍ରଜରେ ଅତିକ୍ରମ କରି ୧୬ ହଜାର ଲୋକ ଧରି ପୁରୁଣା ଗଡ଼ରେ ରହିଲେ । ଅଳ୍ପଦିନ ପରେ ୧୪ ଶହ ଲୋକଙ୍କ ଏକ ବାହିନୀ ଗଠନ କରି ନିଜ ଗ୍ରାମ ଖିଣ୍ଡାରୁ ବିଦ୍ରୋହ ଆରମ୍ଭ କଲେ । ସୁରେନ୍ଦ୍ରଙ୍କ ପ୍ରତ୍ୟାବର୍ତ୍ତନ ନିଷ୍ପେଷିତ ଆଦିବାସୀ ଜମିଦାର ଓ ଜନସାଧାରଣଙ୍କ ମଧ୍ୟରେ ନୂତନ ଆଶାର ସଞ୍ଚାର କଲା । ଜମିଦାରମାନେ ନିଜେ ବା ପ୍ରତିନିଧି ସାହାଯ୍ୟରେ ତାଙ୍କୁ ଅଭିନନ୍ଦିତ କରି ସିଂହାସନ ପାଇଁ ପ୍ରବର୍ତ୍ତାଇଲେ । ସୁରେନ୍ଦ୍ର ଇଂରେଜ ପ୍ରଶାସକ କେପଟେନ ଲିହ୍ଙ୍କୁ ସାକ୍ଷାତ୍ କରି ରାଜଗାଦୀ ଦାବି କଲେ । ଉପଯୁକ୍ତ ଲି ଦାବୀ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ସମୟ ମାଗିଲେ ଓ ଇତି ମଧ୍ୟରେ କଟକ, ନାଗପୁର ଆଦି ଅଞ୍ଚଳରୁ ବହୁ ସୈନ୍ୟ ଓ ତୋପ ବନ୍ଧୁକ ଆଣି ସମ୍ବଲପୁରରେ ଜମା କରିବାକୁ ଲାଗିଲେ । ସୁରେନ୍ଦ୍ର ସମର୍ଥକଙ୍କ ଶୋଭା ଯାତ୍ରାରେ ସମ୍ବଲପୁର କମ୍ପି ଉଠିଲା । ବିପଦ ଘନେଇ ଆସିବା ସନ୍ଦେହ କରି ଅକ୍ଟୋବର ୩୧ ତାରିଖ (୧୮୫୭) ରେ ସୁରେନ୍ଦ୍ରଙ୍କୁ ନେଇ ସମର୍ଥନକାରୀମାନେ ଗୋପନରେ ସମ୍ବଲପୁର ପରିତ୍ୟାଗ କଲା ପରେ ବିପ୍ଳବାଗ୍ନି ପ୍ରଜ୍ୱଳିତ ହେଲା ।

ଏହି ବିପ୍ଳବ ଦମନ ପାଇଁ କଟକରୁ ମାଡ୍ରାସ ଇନଫେନଟ୍ରିର ଦୁଇଦଳ ସୈନ୍ୟ କେପ୍ଟେନ୍ ନେକରଙ୍କ ନେତୃତ୍ୱରେ ଆସିଲେ । ପୁଣି ଲେଫ୍‌ଟନେଣ୍ଟ ଉଡ୍‌ଙ୍କ ଅଧିନାୟକତ୍ୱରେ ଆହୁରି ଅନେକ ଗୋଲନ୍ଦାଜ ସୈନ୍ୟ ଆସି ଖିଣ୍ଡା ଓ କୋଲବିରା ଆକ୍ରମଣ କଲେ କିନ୍ତୁ ସୁରେନ୍ଦ୍ର ଆଦିଙ୍କୁ ଧରି ପାରିଲେ ନାହିଁ । ସୁରେନ୍ଦ୍ର, ଉଦନ୍ତ ପ୍ରମୁଖ ବାରପାହାଡ଼ର ଦେବ୍ରିଗଡ଼, ସିଂଘୋଡ଼ା ଘାଟି, ଗଡମାଟି, ଝାରମାଟି ଆଦିରେ ଲୋକ ସଂଗ୍ରହ କରି ଗରିଲା ଯୁଦ୍ଧ ଚଳାଇଲେ । ୧୮୫୭ରୁ ୧୮୬୩ ପର୍ଯ୍ୟନ୍ତ କ୍ରମାଗତ ସଂଘର୍ଷରେ ଜିଇଁବା ସ୍ୱାଧୀନତା

କାମୀ ଜମିଦାରମାନେ ଯୋଗ ଦେଲେ । ସେମାନଙ୍କ ମଧ୍ୟରେ ଲଖନପୁରର କମଲ ସିଂହ ଓ ହାତି ସିଂହ, କୁଲବିରାର କରୁଣାକର ନାୟକ, ରଂପେଲର ଲୋକନାଥ ଗଡ଼ତିଆ, ମଧୁ ଗୋଣ୍ଟିଆ, ଘେଁସ ଜମିଦାର ମଧୁ ସିଂହ, ତାଙ୍କ ପୁତ୍ର ହାତୀ ସଂହ, କୁଞ୍ଜଲ ସିଂହ, ବୈରୀ ସିଂହ ଆଦି ଅନ୍ୟତମ ।

ଇତି ମଧ୍ୟରେ ସମ୍ବଲପୁରକୁ ଛୋଟନାଗପୁର କମିଶନ ଅଧିନ କରାଗଲା । କଟକ କମିଶନର କକବର୍ଣ ସମ୍ବଲପୁରର ପ୍ରତ୍ୟକ୍ଷ ଭାର ନେଲେ । ମେଜର ବେଟ୍‌ସଙ୍କ ମାଡ୍ରାଜୀ ବାହିନୀ, କେପ୍‌ଟେନ୍ ବାର୍ଡଙ୍କ ଦେଶୀୟ କଳା ବାହିନୀ ସହ କକ୍‌ବର୍ଣ ସମ୍ବଲପୁର ଆସିଲେ । କେପ୍‌ଟେନ୍ ଉଡ୍ ନାଗପୁରରୁ ଆସି ପହଞ୍ଚିଲେ । ମେଜର ବେଟସ ସମଗ୍ର ବାହିନୀର ଅଧିନାୟକତ୍ୱ ନେଲେ । ଭୟଙ୍କର ସଂଘର୍ଷରେ ସୁରେନ୍ଦ୍ରଙ୍କ ଭାଇ ଛବିଲ ସାଏ କୁଦୋପାଲିରେ ନିହତ ହେଲେ । କେପ୍‌ଟେନ୍ ଉଡ୍ ଶରାହତ ହେଲେ । ଝରଘାଟି ଆକ୍ରମଣ ବେଳେ ମେଜର ବେଟସ କୁଲବିରା ଗ୍ରାମକୁ ପୋଡ଼ି ଗୌନ୍ତିଆଙ୍କୁ ଫାଶୀ ଦେଲେ । କେପ୍‌ଟେନ ଉଡ୍‌ବ୍ରିଜ୍ ସିଂଘୋଡ଼ା ଘାଟି ଆକ୍ରମଣ କରିଯିବା ପଥରେ ପାହାଡ଼ ସିର ଗିଡ଼ାଠାରେ ବିଦ୍ରୋହୀ ସୈନ୍ୟଙ୍କ ଆକ୍ରମଣରେ ନିହତ ହେଲେ । ସୁରେନ୍ଦ୍ର ଘାଟିରୁ ଘାଟି ବୁଲି ଯୁଦ୍ଧ ପରିଚାଳନା କରୁଥାନ୍ତି । ଅଠର ବର୍ଷ ବୟସରେ ବନ୍ଦୀ ହୋଇ ୧୭ ବର୍ଷ ଜେଲରେ କଟାଇଲା ପରେ ମଧ୍ୟ ସୁରେନ୍ଦ୍ରଙ୍କ ଶକ୍ତି, ପରାକ୍ରମ, ରଣ ଓ ସଂଗଠନ କୌଶଳ ଥିଲା ଅନୁପମ ।

୧୮୬୧ ରେ ମେଜର ଇଂପେ ସମ୍ବଲପୁରର ଡେପୁଟି କମିଶନର ହୋଇ ବିଦ୍ରୋହୀମାନେ ଆତ୍ମ ସମର୍ପଣ କଲେ ସେମାନଙ୍କୁ କ୍ଷମା କରାଯିବା କଥା ଘୋଷଣା କଲେ । ବହୁ ଜମିଦାର, ଗୌନ୍ତିଆ, ସୁରେନ୍ଦ୍ରଙ୍କ ଭାଇ ଉଦନ୍ତ ଓ ଧ୍ରୁବ ସାଏ ଆତ୍ମସମର୍ପଣ କଲେ । ସୁରେନ୍ଦ୍ର ମଧ୍ୟ ପାରିପାର୍ଶ୍ୱିକ ଅବସ୍ଥା ଚାପରେ ୧୮୬୨ ମେ ୧୬ ତାରିଖ ଦିନ ଆତ୍ମ ସମର୍ପଣ କରିବାକୁ ବାଧ୍ୟ ହେଲେ । ଇଂପେ ତାହା ଗ୍ରହଣ କରି ଖିଣ୍ଡାରେ ତାଙ୍କୁ ଉଦନ୍ତ ଓ ଧ୍ରୁବ ସାଏଙ୍କ ସହ ବସବାସ କରିବାକୁ ଅନୁମତି ଦେଲେ । ଭରଣପୋଷଣ ପାଇଁ ପେନସନ୍ ମିଳିଥିଲା ।

ଲକ୍ଷ୍ମଣପୁର ଜମିଦାର କମଳ ସିଂହ ଦାଓ ଆତ୍ମ ସମର୍ପଣ ନ କରି ସୁରେନ୍ଦ୍ରଙ୍କୁ ରାଜଗାଦୀ ଦେବା ପାଇଁ ଦାବୀ କରୁଥିଲେ । ନାଗପୁର ଚିଫ୍ କମିଶନର ଆର୍ ଟେଂପଲ ସମ୍ବଲପୁର ଆସିଲା ବେଳେ ସମ୍ବଲପୁର ରାଜ୍ୟର ଜମିଦାର ଗୌନ୍ତିଆ ଓ ଜନସାଧାରଣ ସୁରେନ୍ଦ୍ରଙ୍କୁ ରାଜଗାଦି ଦେବାପାଇଁ ଦାବୀପତ୍ର ଦେଲେ । ଟେଂପଲଙ୍କ ନିର୍ଦ୍ଦେଶରେ ଜନସାଧାରଣଙ୍କ ଉପରେ ନାରକୀୟ ଅତ୍ୟାଚାର ହେଲା । ସେତେବେଳେ ଜେ. ଏନ୍. ବେରିଲ ସମ୍ବଲପୁରର ପୋଲିସ ଅଧ୍ୟକ୍ଷ ଥିଲେ । ଇଂପେଙ୍କ ଉଦାର ନୀତି ତାଙ୍କୁ ପସନ୍ଦ ନଥିଲା । ୧୮୬୩ରେ ଇଂପେଙ୍କ ମୃତ୍ୟୁପରେ ମେଜର କମ୍ପାଟ୍ ଡେପୁଟି କମିଶନର ହେଲେ । ବେରିଲଙ୍କ ସହ ମଣ ବିଦ୍ରୋହୀମାନଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନେଲେ । ରାୟପୁର କମଶନର ବାଲମେନ ଭାବିଥାନ୍ତେ ବ୍ୟାପ୍ତ ବିଦ୍ରୋହକୁ ଦମନ କରି ନ ପାରି ତାର ଯୋଗସୂତ୍ର ସୁରେନ୍ଦ୍ରଙ୍କ ସହ ଥିବା ସନ୍ଦେହ କରି ୧୮୬୩ ଜାନୁଆରୀ ୨୩ ତାରିଖ ପୌଷ ପୂର୍ଣ୍ଣିମା ରାତିରେ ପୋଲିସ ଇନ୍‌ସପେକ୍ଟର ମୋହନ ସିଂହ ଓ ସମ୍ବଲପୁରର ନିଶାଦ୍ରବ୍ୟ ବିକ୍ରେତା ଦୟାନିଧି ମେହେରଙ୍କ ବିଶ୍ୱାସଘାତକତାପୂର୍ଣ୍ଣ ଗୁପ୍ତଚର୍ଯ୍ୟାରେ ସୁରେନ୍ଦ୍ର ସାଏ ଓ ତାଙ୍କ ଆତ୍ମୀୟମାନଙ୍କୁ ଅଚେତନ ଅବସ୍ଥାରେ ଗିରଫ କଲେ । ଦେବୀଙ୍କ ପ୍ରସାଦ ନାମରେ ଅତିବିଶ୍ୱସ୍ତ ସହଯୋଗୀ ଦୟାନିଧି ସେଦିନ ସୁରେନ୍ଦ୍ର ଓ ତାଙ୍କ ଆତ୍ମୀୟମାନଙ୍କୁ ମାତ୍ରାଧିକ ନିଶାଦ୍ରବ୍ୟ ପୂର୍ଣ୍ଣ ଖାଦ୍ୟ ଖୁଆଇ ଅଚେତନ କରାଇ ଦେଇଥିଲା । ଭାରତ ରକ୍ଷା ଆଇନ ଅନୁସାରେ ଜଘନ୍ୟତମ ରାଜନୈତିକ ଚକ୍ରାନ୍ତକାରୀ ଭାବେ ତାଙ୍କୁ ଅସୁରଗଡ଼ ଜେଲରେ ବନ୍ଦୀ କରି ରଖିବାର ୨୦ ବର୍ଷ ପରେ ୧୮୮୪ ମସିହା ଫେବୃୟାରୀ ୨୮ ତାରିଖ ଦିନ ସେ ବନ୍ଦୀଶାଳାର ନାରକୀୟ ଯନ୍ତ୍ରଣା ମଧ୍ୟରେ ସଂପୂର୍ଣ୍ଣଭାବେ ଦୃଷ୍ଟିଶକ୍ତି ହରାଇଥିବା ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ବୀର ସୁରେନ୍ଦ୍ର ସାଏ ଥିଲେ ଅତି ମାତ୍ରାରେ ଜଣେ ଦରଦୀ ମଣିଷ ତଥା ସ୍ୱାଧୀକାର ସଚେତନ ବ୍ୟକ୍ତି । ସମ୍ବଲପୁର ରାଜ୍ୟର ରାଜଗାଦୀ ପ୍ରାର୍ଥୀ ହେବା ତାଙ୍କର ଅଭୀଷ୍ଟ ନଥିଲା । ସେ ରାଜଗାଦୀ ପାଇବାକୁ ଚାହିଁଥିଲେ ବିଧବା ରାଣୀ ମୋହନ କୁମାରୀ ବା ନାରାୟଣ ସିଂହଙ୍କୁ ଗାଦିଚ୍ୟୁତ କରିବା ବ୍ରିଟିଶ୍ କେଶରୀକୁ ଭୟଭୀତ କରାଇ ଥିବାଭଳି ଅନନ୍ୟ ସଂଗ୍ରାମୀ ସୁରେନ୍ଦ୍ରଙ୍କ ପକ୍ଷେ କୌଣସି କାଠିକର ପାଠ ନଥିଲା । ସେ ସମ୍ବଲପୁରର ମହାରାଣୀ କି ମହାରାଜାକୁ ଆକ୍ରମଣ କରିଥିବାର ନଜିର ଇତିହାସରେ ମିଳେ ନାହିଁ । ବରଂ ଇଂରେଜମାନଙ୍କର କ୍ରୀଡ଼ା ପୁତ୍ତଳିକା ହୋଇ ମହାରାଣୀ ମୋହନ କୁମାରୀ ଅନ୍ୟାୟ ଭାବରେ ଯେଉଁ ଗୌନ୍ତିଆ, ଜମିଦାରମାନଙ୍କୁ ଜମିରୁ ଅନ୍ତର କରିଥିଲେ ସୁରେନ୍ଦ୍ର ସେମାନଙ୍କର ଭିତରୁ ଜଣେ ହୋଇ ବ୍ରିଟିଶ୍ ଶାସନ ଓ ଲର୍ଡ ଡେଲହାଉସୀଙ୍କ ରାଜ୍ୟସ୍ୱତ୍ୱ ଲୋପନୀତି ବିରୁଦ୍ଧରେ ଠିଆ ହୋଇ ଥିଲେ ।

ସୁରେନ୍ଦ୍ର ସାଏ କେବେବେଳେ ହେଲେ ନିଜେ ସିଂହାସନ ପାଇଁ ଚାହିଁ ନ ଥିଲେ । ବରଂ ଜନସାଧାରଣ ତାଙ୍କୁ ରାଜା କରିବା ପାଇଁ ଚାହିଁ ଥିଲେ । ସମ୍ବଲପୁର ରାଜା ହେବା ତାଙ୍କର ଗୌଣ ଉଦ୍ଦେଶ୍ୟ। ମୁଖ୍ୟ ଉଦ୍ଦେଶ୍ୟ ଥିଲା ଦେଶକୁ ସ୍ୱରାଜ୍ୟ ଫେରାଇ ଆଣିବା । ସେତେବେଳେ ଯାହା ରାଜନୈତିକ ପରିସ୍ଥିତି ରହିଥିଲା, ସମ୍ବଲପୁର ସିଂହାସନ ଅଧିକାର କରିବା ହିଁ ଥିଲା ଲକ୍ଷ୍ୟ ସିଦ୍ଧିର ଏକମାତ୍ର ଉପାୟ । ବ୍ରିଟିଶ୍ ସରକାର ସବୁ ପରିସ୍ଥିତି ଜାଣିଥିଲେ କିନ୍ତୁ ସୁରେନ୍ଦ୍ର ସାଏ ଯେ ତାଙ୍କର ଆଜ୍ଞାଧିନ ହୋଇ ଚଳିବେ ଏ ବିଶ୍ୱାସ ତାଙ୍କର ନଥିଲା । ତେଣୁ ସୁରେନ୍ଦ୍ର ସାଏଙ୍କୁ ସେମାନେ ରାଜା କରି ପାରୁନଥିଲେ । ଏକଥା ସାର ରିଚାର୍ଡ ଟେଂପୁଲ ମଧ୍ୟ ଏକ ପତ୍ରରେ ଲେଖିଥିବା ଜଣାପଡ଼େ । "ଦଳ ଦଳ ହୋଇ ବିପ୍ଳବୀମାନେ ଦେଶକୁ ବ୍ୟତିବ୍ୟସ୍ତ କରିଦେଉଛନ୍ତି । ଇଂରେଜ ସରକାର ସେମାନଙ୍କ ଗଣ୍ଡଗୋଳ ଦମନ କରିବାକୁ ସଂପୂର୍ଣ୍ଣ ଅସମର୍ଥ । * * * * ପ୍ରକୃତରେ ଏହା ଜଣା ପଡ଼ିଲାଣି ଯେ, ଆଇନଗତ ଉତ୍ତରାଧୀକାରୀଙ୍କୁ (ସୁରେନ୍ଦ୍ର ସାଏ) ଗାଦିରେ ନ ବସାଇଲେ, ଲୋକମାନେ ଶାନ୍ତି ଶୃଙ୍ଖଳା

ଆଶା କରି ନ ପାରୁଛି । ସେ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏ ବିଦ୍ରୋହ ଦମନ କରି ପାରିବେ ।" (ନାଗପୁର ସେକ୍ରେଟେରୀଏଟ୍‌ର ବି. ସି. ପଲିଟିକାଲ (୧୬–୧୮୬୫)

ସୁରେନ୍ଦ୍ର ସାଏ ରାଜଗାଦୀ ପ୍ରାର୍ଥୀ ନଥିବାର ଆଉ ଏକ ଉଦାହରଣ ହେଲା ଯେ, ଝାରସୁଗଡ଼ାର ଜମିଦାର ଗୋବିନ୍ଦ ସିଂ ଯିଏ କି ରାଜ ସିଂହାସନରେ ଦାବୀଦାର ଥିଲେ ସେ ସୁରେନ୍ଦ୍ର ସାଏଙ୍କ ପ୍ରତି ଲୋକ ସମର୍ଥନ ଦେଖି ଈର୍ଷାନ୍ୱିତ ହୋଇପଡ଼ିଥିଲେ । ସୁରେନ୍ଦ୍ର ସାଏଙ୍କୁ ଧରି ଇଂରେଜ ହାତରେ ଦେଇ ସେମାନଙ୍କ ପ୍ରୀତିଭାଜନ ହୋଇ ଗାଦୀ ପାଇବାକୁ ଚେଷ୍ଟା କରିଥିଲେ । ସୁରେନ୍ଦ୍ର ସାଏ ପ୍ରକାଶ୍ୟ ବିପ୍ଳବ କରିବାକୁ ଲୋକ ସମର୍ଥନ ଲାଗି ଝାରସୁଗୁଡ଼ା ଅଞ୍ଚଳରେ ବୁଲୁଥିବା ସମୟରେ ଦିନେ ଗୋବିନ୍ଦ ସିଂ କେତେକ ସଶସ୍ତ୍ର ଅନୁଚରଙ୍କ ସହିତ ମୁହାଁ ମୁହିଁ ହେଲେ । ବିପ୍ଳବ ପାଇଁ ସୁରେନ୍ଦ୍ର ସାଏ ପୂର୍ବରୁ ନିଜର ଘରଦ୍ୱାର ବାଡ଼ିବାରି ଛାଡ଼ି ସମ୍ବଲପୁର ଅଞ୍ଚଳର ଘନ ଲତା ବୃକ୍ଷ ଶଙ୍କଟ ପାହାଡ଼ ପରିପୂର୍ଣ୍ଣ ଦୁର୍ଗମ ଅଞ୍ଚଳରେ ଭୋଗବିଳାସକୁ ଜଳାଞ୍ଜଳି ଦେଇ ରୋକ-ଉପାସରେ ସେଦିନ ପେଟର ନିଆଁ ଲିଭାଇବାକୁ ଗୋଟାଏ ଖଜୁରୀ ଗଛ ଉପରେ ଚଢ଼ି ଖଜୁରୀ ତୋଳି ଖାଉଥିଲେ । ଗଛରୁ ଓହ୍ଲାଇଲା ମାତ୍ରକେ ଗୋବିନ୍ଦ ସିଂ ତାଙ୍କୁ ବନ୍ଦୀ କଲେ । ସୁରେନ୍ଦ୍ର ହସି ହସି କହିଲେ—"ଗୋବିନ୍ଦ ମୁଁ ଇଂରେଜମାନଙ୍କ ଅଧୀନରେ ନାମ ମାତ୍ର ରାଜା ହେବା ପାଇଁ ଲାଳାୟିତ ନୁହେଁ । ଜନନୀ ଜନ୍ମଭୂମିର ସ୍ୱାଧୀନତା ଫେରାଇ ଆଣିବା, ଇଂରେଜମାନଙ୍କୁ ଦେଶରୁ ତଡ଼ିବା ମୋର ଜୀବନର ଅଭିଳାଷ । ତୁ ଯଦି ଏ ଗୁରୁ ଦାୟିତ୍ୱ ବହନ କରି ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ଯୁଦ୍ଧ କରିବାକୁ ପ୍ରସ୍ତୁତ, ତାହେଲେ ମୁଁ ତୋର ଅନୁଚର ହୋଇ ରହିବି ।" ପରେ ଗୋବିନ୍ଦ ସିଂ ନିଜର ଭୁଲ ବୁଝିପାରି ସୁରେନ୍ଦ୍ରଙ୍କ ବିଶ୍ୱସ୍ତ ସଙ୍ଗୀ ହୋଇ ସୁରେନ୍ଦ୍ର ସାଏଙ୍କ ସପକ୍ଷରେ କେତେକ ଯୁଦ୍ଧରେ ଲଢ଼ିଥିଲେ । ଏହିଥିରୁ ମଧ୍ୟ ସୁରେନ୍ଦ୍ରଙ୍କ ଅଦମନୀୟ ଦେଶଭକ୍ତି ଜଣାପଡ଼େ ।

ପରବର୍ତ୍ତୀ ସମୟରେ ଯେତେବେଳେ ଜନସାଧାରଣ ତାଙ୍କୁ ରାଜଗାଦୀ ପାଇଁ ଦାବୀ କରିବାକୁ ବାଧ୍ୟ କରିଥିଲେ ସେତେବେଳେ ସୁରେନ୍ଦ୍ର ସାଏ, ରାଜପଦରେ ରହି ପ୍ରଜାମାନଙ୍କୁ ଇଂରେଜ ଅତ୍ୟାଚାରରୁ ରକ୍ଷା କରିବା ଓ ସେମାନଙ୍କୁ ସଙ୍ଗଠିତ କରି ଇଂରେଜର ପ୍ରତିରୋଧ କରିବା ଓ ଦେଶକୁ ମୁକ୍ତ କରିବା ଉଦ୍ଦେଶ୍ୟରେ ହିଁ ସେ ଏହି ପଦ ପାଇଁ ହଁ ବୋଲିଥିଲେ ।

ସୁରେନ୍ଦ୍ର ସାଏଙ୍କ ପିତା ଶାନ୍ତଶିଷ୍ଟ ଓ ଧର୍ମ ପରାୟଣ ଧର୍ମ ସିଂ ନିଜର ସନ୍ତାନମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବାର ବ୍ୟବସ୍ଥା କରିଥିଲେ । ସୁରେନ୍ଦ୍ର ଓ ତାଙ୍କ ଭାଇ ଉଦନ୍ତ, ଧ୍ରୁବ, ଉଜ୍ଜ୍ୱଳ, ଛବିଲ, ଜାଜ୍ୱଳ ଓ ମେଦିନୀ ସାଏଙ୍କ ଶିକ୍ଷା ପ୍ରତି ସେତେଟା ଆଗ୍ରହ ନଥିଲା । ସେମାନେ ଶରୀର ଚର୍ଚ୍ଚା ପାଇଁ ଯୁଦ୍ଧ ବିଦ୍ୟା ଓ କର୍ତ୍ତବ୍ୟ ସଂପାଦନରେ ଏକତା ଏବଂ ସଙ୍ଘବଦ୍ଧତା ଶିକ୍ଷା କରୁଥିଲେ । ରାମାୟଣ, ମହା-ଭାରତର ଭାତୃଭକ୍ତି ସେମାନଙ୍କ ମହତ୍ତ୍ୱର ଆଦର୍ଶ ହୋଇଥିଲା । ଶରୀର ଚର୍ଚ୍ଚା, ଘୋଡ଼ା ଦୌଡ଼, ଶର ସନ୍ଧାନ, ତରବାରୀ ଚାଳନା, ଦୁର୍ଗମ ପାର୍ବତ୍ୟ ଅଞ୍ଚଳରେ ଚଳ ପ୍ରଚଳ କରି ସେ ଓ ତାଙ୍କ ଭାଇମାନେ ଦେଶୀୟ ଶାସନ ଫେରାଇ ଆଣିବା ଲାଗି ଯେଉଁ କଷ୍ଟ ସହ୍ୟ କରିବାକୁ ହେବ, ବିପଦର ସମ୍ମୁଖୀନ ହେବା ପାଇଁ ଯେଉଁ ଶକ୍ତି ଆବଶ୍ୟକ, ସେଥିପାଇଁ ସେମାନେ ଅତୀବ କଷ୍ଟପ୍ରଦ ସାଧନା କରିଥିଲେ । ଯଦି ସୁରେନ୍ଦ୍ର ସାଏ ରାଜା ହୋଇ ପାରିଥାନ୍ତେ, ତାହେଲେ ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସ ଯେ ଆଜି କିପରି ରୂପ ପରିଗ୍ରହଣ କରି ପାରିଥାନ୍ତା ତାହା ଆଜି କଳ୍ପନା କରିବା ଅସମ୍ଭବ ।

୧୮୪୦ ଖ୍ରୀଷ୍ଟାବ୍ଦରୁ ୧୭ ବର୍ଷ କାଳ ସୁରେନ୍ଦ୍ର ହଜାରୀବାଗ୍ ଜେଲରେ ରହିଥିବା ସମୟରେ ତାଙ୍କ ବିପ୍ଳବର ଫାଇଦା ଉଠାଇ କେତେକ ନ୍ୟସ୍ତ ସ୍ୱାର୍ଥ 'ଲୁଣ୍ଠନକାରୀ' ଡକାୟତ, ନରହନ୍ତା ଓ ସମାଜ ଦ୍ରୋହୀମାନେ ଯେଉଁମାନେ ଥିଲେ ମରହଟ୍ଟା ସମୟର ବର୍ଗୀ ବା ପିଣ୍ଡାରୀଙ୍କ ଉତ୍ତରାଧିକାରୀ । ସେମାନେ "ଗଣ୍ଡମାରୁ" ରୂପନେଇ ନାନା ରକମର ପ୍ରକାଶ୍ୟ ଦିବାଲୋକରେ ଲୁଣ୍ଠନ, ଡକାୟତି, ଘରପୋଡ଼ି, ନରହତ୍ୟା ଆଦି ଘଟାଉଥିଲେ । ଏହାସହ ସୁରେନ୍ଦ୍ର ସାଏଙ୍କୁ ଜଡ଼ିତ କରିବା ବଡ଼ ଦୁର୍ଭାଗ୍ୟର ବିଷୟ ।

ସୁରେନ୍ଦ୍ର ସାଏ ଜଣେ ସରଳମନା ବ୍ୟକ୍ତିଥିଲେ, ତଥାପି ସେ ଜଣେ କୁଶଳ ସଙ୍ଗଠକ, ପରୋପକାରୀ, ନିରାଡ଼ମ୍ବର, କଷ୍ଟସହିଷ୍ଣୁ ନେତାଥିଲେ । ଯେତେବେଳେ ମେଜର କାମ୍ପ-ବେଲ୍ ସୁରେନ୍ଦ୍ର ସାଏଙ୍କୁ ସନ୍ଧି କରିବା ପାଇଁ ବିନା ଅସ୍ତ୍ରଶସ୍ତ୍ରରେ ନିଜର ଶିବିରକୁ ନିମନ୍ତ୍ରଣ କଲେ, ସେତେବେଳେ ସୁରେନ୍ଦ୍ର ଆଦର୍ଶ ବୀରର ଉଦାହରଣ ପ୍ରତିଷ୍ଠା କରି ସଂପୂର୍ଣ୍ଣ ନିରସ୍ତ୍ର ଭାବେ ଯାଇ ଇଂରେଜଙ୍କର ବିଶ୍ୱାସଘାତକତାରେ ଗିରଫ ହୋଇଥିଲେ । ଏହା ତାଙ୍କର ସରଳ ବିଶ୍ୱାସର ଅନ୍ୟତମ ନମୁନା ।

ସୁରେନ୍ଦ୍ର ସାଏଙ୍କ ଦେଶୀୟ ରଣ କୌଶଳ ଥିଲା ବଡ଼ ଅଦ୍ଭୁତ । ବିଭିନ୍ନ କେନ୍ଦ୍ର ସ୍ଥାନରେ ଦୁର୍ଗମ ଗିରିଦୁର୍ଗ ସ୍ଥାପନ, ପାହାଡ଼ ଉପରେ ଆଖଡ଼ା ପ୍ରତିଷ୍ଠା କରି ସୈନ୍ୟ ମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେବା, ବଡ଼ ବଡ଼ ପଥରକୁ ଶିଆଳୀ ଲତାରେ ପାହାଡ଼ ଉପରେ ବାନ୍ଧି ରଖିବା ଓ ଗୋରା ସୈନ୍ୟ ମାନଙ୍କ ଉପରେ ପାହାଡ଼ ଶିଖରୁ ଲତାକାଟି ଗଡ଼େଇଦେବା, ଏ ସବୁ ଥିଲା ଦୁର୍ଗମ ଅଞ୍ଚଳରେ ଗୋରା ଫଉଜର ଗୋଳା ବାରୁଦ ତୋପ ଅପେକ୍ଷା ଆହୁରି ଭୟଙ୍କର । ତା ଛଡ଼ା ସୁରେନ୍ଦ୍ରଙ୍କ ବ୍ୟକ୍ତିତ୍ୱ ଦେଶ ପାଇଁ ପ୍ରାଣବଳୀ ଦେବାକୁ ତାଙ୍କ ଅନୁଚର ବର୍ଗରେ ଆତ୍ମୋତ୍ସର୍ଗ ଭାବନା ସୃଷ୍ଟି କରିବା ତାଙ୍କ ନେତୃତ୍ୱ ଆଉ ବ୍ୟକ୍ତିତ୍ୱର ଅନ୍ୟତମ ପରାକାଷ୍ଠା ।

ସୁରେନ୍ଦ୍ର ସାଏ ଓ ତାଙ୍କର ବାହିନୀ କେବଳ ଇଂରେଜ ସରକାରକୁ ସାହାଯ୍ୟ, ସମର୍ଥନ କରୁଥିବା ଗୌନ୍ତିଆ, ଜମିଦାର ମାନଙ୍କ ରାଜକୋଷ ଗ୍ରାମ ଲୁଣ୍ଠନ କରୁଥିଲେ କିନ୍ତୁ ସେଇ ଅର୍ଥର କାଣିଚାଏ ହେଲେ କାହାରି କୌଣସି ରକମର

ବିନାଶ ବ୍ୟସନରେ ବ୍ୟୟ ହେଉନଥିଲା । ବରଂ ଦେଶୀ ନଳୀବନ୍ଧୁକ, ଖଣ୍ଡା, ଧନୁଶର ତଥା ସୈନ୍ୟମାନଙ୍କ ଖାଇବା ଖର୍ଚ୍ଚରେ ଓ ଅଧିକ ଲୋକ ସଂଗ୍ରହ ଓ ସଂଗଠନ କ୍ଷେତ୍ରରେ ବ୍ୟୟ ହେଉଥିଲା । ସୁରେନ୍ଦ୍ର ସାଏ କି ତାଙ୍କ ବାହିନୀ କେବେ ବେଳେ ହେଲେ ଧନଲୋଭରେ କାହାକୁ ଆକ୍ରମଣ କରି ନାହାନ୍ତି । ବର୍ଗୀମାନେ ଆକ୍ରମଣ ସମୟରେ ଝିଅ ବୋହୂମାନଙ୍କ ପ୍ରତି ଯେଉଁଭଳି ଅମାନୁଷିକ ଅତ୍ୟାଚାର କରୁଥିଲେ ସୁରେନ୍ଦ୍ର କି ତାଙ୍କ ବାହୀନୀ ବିଷୟରେ ଗୋଟିଏ ମାତ୍ର ଉଦାହରଣ ଦେବାପାଇଁ ମଧ୍ୟ କାହାରି ଜିଭରେ ହାଡ଼ ନାହିଁ । ବରଂ ଅତ୍ୟାଚାରୀତା ନାରୀ ସମାଜ ପ୍ରତି ସୁରେନ୍ଦ୍ର ସବୁବେଳେ ଜଣେ ପିତୃ ସୁଲଭ ଅଭିଭାବକତ୍ୱର ପରିଚୟ ଦେଇ ଆସିଛନ୍ତି ।

ସୁରେନ୍ଦ୍ର ସାଏ ଇଂରେଜ ଶାସନର ପଦଲେହନ କାରୀ, ଦେଶଦ୍ରୋହୀ, ବିଶ୍ୱାସ ଘାତକମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଦଣ୍ଡରୁ ବଞ୍ଚିତ କରିନାହାନ୍ତି । ଏସବୁ ମୂଳରେ କୌଣସି ରକମ ପ୍ରତିଶୋଧ ପରାୟଣତା ନଥିଲା । ସେହି ଉଦାହରଣକୁ ଆଖି ଆଗରେ ରଖି ଅନ୍ୟମାନେ ଯେମିତି ଦେଶପ୍ରତି କୌଣସି ରକମ ବିଶ୍ୱାସଘାତକତା ନକରନ୍ତି ତାହାହିଁ ଶିକ୍ଷା ଦେବା ଥିଲା ତାଙ୍କର ଏକମାତ୍ର ଉଦ୍ଦେଶ୍ୟ ।

ସୁରେନ୍ଦ୍ର ସାଏ ନିଜର ସହଯୋଗୀ ଓ ଅନୁଚର ବର୍ଗଙ୍କୁ ମାତ୍ରାଧିକ ବିଶ୍ୱାସ କରୁଥିଲେ । ତେଣୁ ନିଜକୁ ସୁରେନ୍ଦ୍ରଙ୍କ ଅତ୍ୟଧିକ ବିଶ୍ୱାସ ପାତ୍ର କରାଇଥିବା ଅନୁଚର ଇଂରେଜର ଗୁପ୍ତଚର ଦୟାନିଧି ମେହେର ଦେବୀଙ୍କ ପ୍ରସାଦ ବୋଲି ସୁରେନ୍ଦ୍ର ଓ ଅନ୍ୟମାନଙ୍କୁ ଉତ୍କଟ ମାଦକ ଦ୍ରବ୍ୟ ମିଶ୍ରିତ ଭୋଗ ଖାଇବାକୁ ଦେଲା । ସେମାନେ କୌଣସି ରକମ ସନ୍ଦେହ କରିନଥିଲେ । ସୁରେନ୍ଦ୍ରଙ୍କ ଜୀବନ କାର୍ଯ୍ୟକ୍ରମ ଓ କାର୍ଯ୍ୟ କ୍ଷେତ୍ର ସହଯୋଗୀ ମାନଙ୍କ ପାଖରେ ଥିଲା ଖୋଲା ବହିପରି ମୁକୁଳା ତେଣୁ ବିଶ୍ୱାସଘାତକ ଦୟାନିଧି ସବ୍‌ଇନିସ୍‌ପେକ୍‌ଟର ମୋହନ ସିଂ ଓ ଇଂରେଜ ବାହିନୀକୁ ଦେଇ ପାରିଥିଲା ତାଙ୍କ ଗୁପ୍ତ ଆଡ୍ଡାର ସନ୍ଧାନ ।

ଶାକ୍ତ ସୁରେନ୍ଦ୍ର ସାଏ ଥିଲେ ଦେବୀ ଉପାସକ । ସମ୍ବଲପୁର ରାଜବଂଶର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ତାଙ୍କର କୁଳଦେବୀ ପ୍ରତି ତାଙ୍କର ଅଗାଧ ଭକ୍ତି ରହିଥିଲା । ପ୍ରବାଦ ଅଛି ସେ ପ୍ରତିଦିନ ବଘରା ବାଟେ ଏକ ଘୋଡ଼ାସବାର ହାତରେ ସଦ୍ୟ ମନ୍ଦାର ମାଳ ଦେବୀଙ୍କ ଅର୍ଚ୍ଚନା ନିମନ୍ତେ ପଠାଉଥିଲେ । ଏବେ ମଧ୍ୟ ସମଲେଶ୍ୱରୀଙ୍କ ପୂଜା ସମୟରେ ତାଙ୍କ ନାମଥିବା ପ୍ରାର୍ଥନା ବୋଲାଯାଏ ।

ସୁରେନ୍ଦ୍ର ଶତ୍ରୁମାନଙ୍କୁ ଦଣ୍ଡ ଦେବାରେ ଯେମିତି ଧୁରନ୍ଧର ଥିଲେ, ବନ୍ଧୁମାନଙ୍କୁ ପୁରସ୍କାର ଦେବାରେ ମଧ୍ୟ ସେମିତି ମୁକ୍ତ ହସ୍ତ ଥିଲେ । ଯେଉଁ କମାରମାନେ ଆସ ଗ୍ରାମ ପାଖ ଅଞ୍ଚଳରେ ଥିବା ଲୁହା ପଥର ସଂଗ୍ରହ କରି ତରଳାଇ ଲୁହା ବାହାର କରି ବଭିନ୍ନ କୃଷି ଉପଯୋଗୀ ଉପକରଣ ଓ ବିଭିନ୍ନ ଅସ୍ତ୍ରଶସ୍ତ୍ର ତଆରି କରୁଥିଲେ, ସେମାନଙ୍କୁ ସେ ସବୁ ସୁବିଧା ସୁଯୋଗ ଦେଉଥିଲେ । ଲପଙ୍ଗା, ଢିପ୍ପମୁରା, ଦ୍ରେରବା, ବମାଲୋଇ, ରୁସକାରମା, ଲୁହାଖଣ୍ଡିକୁ କିନାଲୋର, ଲଇବା ପର୍ଯ୍ୟନ୍ତ ଭେଡ଼େନ୍ ନଦୀ କୂଳରେ ଥିବା ଅଞ୍ଚଳରେ ଏଇ କମାରମାନେ ରହୁଥିଲେ । ଏହି ଗ୍ରାମମାନଙ୍କରେ ଲୁହା ମଳ ରହିଥିବା ଦେଖାଯାଏ । ସେତେବେଳେ ଏହି ଅଞ୍ଚଳ ଏତେ ଘୋର ଅରଣ୍ୟ ଥିଲା ଯେ, କେତେକ ଅଞ୍ଚଳରେ ସୂର୍ଯ୍ୟ କିରଣ ମଧ୍ୟ ଭୂଇଁରେ ପଡୁନଥିଲା । ତେଣୁ ଏହି ଅଞ୍ଚଳକୁ ଅନ୍ଧାରୀ ଖମନ୍ କୁହାଯାଉଥିଲା । ସେତେବେଳେ ପରସ୍ପର ମଧ୍ୟରେ ଦିନରେ ପତାକା ଓ ରାତିରେ ମଶାଲ ସାହାଯ୍ୟରେ ସଙ୍କେତ ଦିଆ-ନିଆ ହେଉଥିଲା । ସେମାନେ ମୁହଁରେ ଅସ୍ପଷ୍ଟ ଭାବରେ "ହୁଡ୍ରୋକ୍", "ହୁଡ୍ରୋକ୍" ଡାକି ବିପଦର ସଂକେତ ଦେଉଥିଲେ । ଦିନରେ ସୁରେନ୍ଦ୍ର ଆଖଡ଼ାମାନଙ୍କରେ ରହି ଯୁଦ୍ଧ କରୁଥିଲେ । ଏବଂ ରାତିରେ କୌଣସି ଏକ ଗ୍ରାମରେ ଯାଇ ରହୁଥିଲେ । ରହଣି ଗ୍ରାମକୁ ଆଗରୁ ଖବର ପଠାଇ ଦିଆଯାଉଥିଲା । ତାଙ୍କ ଦଳର ସମସ୍ତଙ୍କ ପାଇଁ ଗ୍ରାମର ମା ଭଉଣୀମାନେ ସାର୍ବଜନୀନ ଭାବେ ରୋଷେଇ ପ୍ରସ୍ତୁତ କରୁଥିଲେ । ଏହା ମଧ୍ୟ ତାଙ୍କ ସର୍ବଜନୀ ପ୍ରୀତିର ନିଦର୍ଶନ ।

ସୁରେନ୍ଦ୍ରଙ୍କ ନାମରେ ଇଂରେଜ ସରକାର କମ୍ପୁଥିଲା । ସେ ଶକ୍ତି ବୃଦ୍ଧିପାଇଁ "ପଥର ଲସା" (ଶିଲାଜିତ୍) ବ୍ୟବହାର କରୁଥିବା ଓ ଏକ ପ୍ରକାର ଦ୍ରେଉଁରିଆ (ଅକ୍ଷତ କବଚ) ଧାରଣ କରୁଥିବା ଶୁଣାଯାଏ । କଥିତ ଅଛି ଯେ, ସେ ନିଜ ଜଂଘକୁ ଚିରି ତା' ଭିତରେ କବଚଟିକୁ ପୁରାଇ ପୁଣି ତା' ଉପରେ ଏକ ପ୍ରକାର ଔଷଧ ଲେପିବା ଫଳରେ ତାହା ଜଂଘ ଭିତରେ ରହିଯାଇଥିଲା ଓ ଉପରେ ମାଂସ ଯୋଡ଼ି ହୋଇ ଯାଇଥିଲା । ପୁଣି କଥିତ ଅଛିଯେ, ଅସୁରଗଡ଼ ଜେଲରେ ତାଙ୍କଠାରୁ ଗୁପ୍ତତଥ୍ୟ ଆଦାୟ କରିବା ପାଇଁ ଇଂରେଜମାନେ ଦୁଇଜଣ ବିକଟାକଦର୍ଶୀ ଭୟଙ୍କର ଓ ନୃଶଂସ ଲୋକଙ୍କୁ ତାଙ୍କ ପାଖକୁ ପଠାଉଥିଲେ । ସେମାନେ ସୁରେନ୍ଦ୍ରଙ୍କ ବଳାଗଣ୍ଠି ପଛରେ ଥିବା ମୁଖ୍ୟଶିରା ଉପରେ ଛୁରୀ ରଖି ଟିକି ଟିକି କାଟି କଥା ଆଦାୟ କରିବାକୁ ବିଫଳ ହେଉଥିଲେ । ପୁଣି କେତେକଙ୍କ ମତରେ ସେମାନେ ଦୁଇଟି ଖୁବ୍ ମୋଟା ଓ ତୀକ୍ଷଣ କୁରାଢ଼ୀ ନେଇ ତାଙ୍କର ଗୋଡ଼ର "ନସ୍" ଉପରେ ଗୋଟ ଉପରେ ଗୋଟ ପକାଉଥିଲେ କିନ୍ତୁ ବଳିଷ୍ଠମନା ସୁରେନ୍ଦ୍ରଙ୍କ ମୁହଁରୁ ପଦିଏ ହେଲେ କଥା ବାହାରୁ ନଥିଲା କି ତାଙ୍କର ମଧ୍ୟ କିଛି ହେଉନଥିଲା । ସେତେବେଳେ ଏଭଳି ବିଭିନ୍ନ ରକମ ଯନ୍ତ୍ରଣା ସୁରେନ୍ଦ୍ର ସାଏଙ୍କ ଆତ୍ମ ଯନ୍ତ୍ରଣାକୁ ବହୁଗୁଣିତ କରିଦେଲା, ସେହି ପରିଣତ ବୟସରେ ଜେଲଖାନାର ଅନ୍ଧାର ଗହ୍ୱର ମଧ୍ୟରେ ତିଳ ତିଳ ହୋଇ ସଢୁଥିବା ସୁରେନ୍ଦ୍ର ସଂପୂର୍ଣ୍ଣ ନିରାଶ ହୋଇ, ମାଁ ସମଲେଶ୍ୱରୀଙ୍କୁ ସ୍ମରଣ କରି ନିଜର ବଢ଼ିଥିବା ନଖରେ ନିଜର ଜଘଂ ଚିରି ସେହି ଅକ୍ଷୟ କବଚକୁ କାଢ଼ିଆଣି ରକ୍ତାକ୍ତ ହାତରେ ଏକ ଜଳୁଥିବା ଘୋଡ଼ାଶାଳ ଭିତରକୁ ଫିଙ୍ଗି ଦେଇଥିଲେ । ସେତେବେଳେ ଇଂରେଜମାନଙ୍କର ଅକଥନୀୟ 'ଅତ୍ୟାଚାରରେ' ତାଙ୍କର ସଂପୂର୍ଣ୍ଣ ଦୃଷ୍ଟିଶକ୍ତି ବିହୀନ ଦୁଇଟି ଅନ୍ଧ ଆଖିରୁ ମାତୃଭୂମିର ପାଦତଳରେ ଦୁଇଟୋପା ଲୁହ ଗଡି ପଡ଼ିଥିଲା ଏବଂ ତଥାକଥିତ "ସିପାହି ବିଦ୍ରୋହ ଦମନର" ଦୀର୍ଘ ବହୁବର୍ଷ ପରେ ଭାରତର ପବିତ୍ର ଭୂଇଁରୁ ପ୍ରଥମ ସ୍ୱତନ୍ତ୍ରତା ସଂଗ୍ରାମର ଶେଷ ବହ୍ନି ସ୍ଫୁଲିଙ୍ଗ ଟିକକ ନିର୍ବାପିତ ହୋଇଥିଲା ।

ପିଲାବେଳେ ମୋର ବାପା ସ୍ୱର୍ଗତଃ ମୌଲାନା ମୁସ୍ତକିମ୍ ଖାଁ ଗୌନ୍ତିଆଙ୍କ ଠାରୁ ଶୁଣିଛି ଯେ, ସୁରେନ୍ଦ୍ର ସାଏ ଓ ତାଙ୍କ ଅନୁଚର ବର୍ଗ ଯୁଦ୍ଧକୁ ବାହାରିବା ପୂର୍ବରୁ ନିଜ ଦେହରେ

“ପାରା ଚଢ଼ଉଥିଲେ । ଆଡ଼୍ଡା ଭିତରେ ଥିବା ପଥରର ଏକ ଛୋଟ କୁଣ୍ଡ ଭିତରେ ପଇଁରାଗଣି ବୁଡ଼ିବା ଭଳି ପାଣିରେ ଏକରକମ ରାସାୟନିକ ଦ୍ରବ୍ୟ ମିଶାଇ ଦିଆଯାଉଥିଲା । ସାମୂହିକ ଭାବରେ ସୁରେନ୍ଦ୍ର ବାହିନୀର ସୈନିକମାନେ ସେଥିରେ କିଛି ସମୟ ପାଦ ବୁଡ଼ାଇ ରଖୁଥିଲେ । ଏହା ଫଳରେ ସେମାନଙ୍କ ଦେହରେ ସୀମାତିତ ଶକ୍ତିର ସଞ୍ଚାର ହେବା ସାଙ୍ଗକୁ “ପାରା ନ ଉତୁରାଇଲା” ପର୍ଯ୍ୟନ୍ତ ଭୋକ, ଶୋଷ, ଝାଡ଼ା, ପରିସ୍ରା, ସ୍ୱେଦ କି କ୍ଲାନ୍ତି ଲାଗୁନଥିଲା । ସୁରେନ୍ଦ୍ର ସାଏଙ୍କ ଏକମାତ୍ର ପୁତ୍ର ମିତ୍ରଭାନୁ ସାଏ ୧୯୦୯ ମସିହାରେ ଗଣେଶପୂଜା ସମୟରେ ରମେଲା ଗ୍ରାମକୁ ଆସିଥିଲାବେଳେ ସେ ସମସ୍ତଙ୍କ ଆଗରେ ପ୍ରକାଶ କରିଥିଲେ । ରମେଲା ହେଉଛି ସୁରେନ୍ଦ୍ରଙ୍କ ସହଯୋଗୀ ଅସୁରଗଡ଼ ଦୁର୍ଗର ସହବନ୍ଦୀ ଲୋକନାଥ ପଣ୍ଡାଙ୍କ ଗ୍ରାମ । ରମେଲା ଗ୍ରାମର ନିକଟସ୍ଥ ବରପାଲି ସ୍ୱରପାଲିକୁ ମଧ୍ୟ ବାପା ମିତ୍ରଭାନୁ ସାଏଙ୍କୁ ସମ୍ବଦା ଗୀତପାଇଁ ନିମନ୍ତ୍ରଣ କରିଥିଲେ ।

ସୁରେନ୍ଦ୍ର ସାଏଙ୍କୁ ଅସୁରଗଡ଼ ଜେଲକୁ ପଠାଇଲା ପରେ ତାଙ୍କର ଯୁବକ ପୁତ୍ର ମିତ୍ରଭାନୁ ସାଏଙ୍କୁ ମଧ୍ୟ ଇଂରେଜ ସରକାର ବନ୍ଦୀକରି ପଠାଇ ଦେଇଥିଲେ ଏବଂ ତାଙ୍କର ସନ୍ତାନୋତ୍ପାଦକ ଶକ୍ତି ହ୍ରାସ କରାଇବା ପାଇଁ ବାରମ୍ବାର ତାଙ୍କୁ ଔଷଧଯୁକ୍ତ ଇଂଜେକ୍‌ସନ ଦିଆଯାଉଥିଲା । ମୁକ୍ତିପରେ ଜଣାଇଗଡ଼ରେ ତାଙ୍କର ଶ୍ୱଶୁର ଘରେ ସେ ଦୀର୍ଘ ୩୦ ବର୍ଷ ଜୀବନ ନିର୍ବାସିତ ଜୀବନ ଯାପନ ପରେ ୧୯୦୬ରେ ନିଜ ଗ୍ରାମ ଖିଣ୍ଡାକୁ ଫେରିଲେ । ସେ ସନ୍ତାନ ଲାଭ ପାଇଁ ଦୁଇଥର ବିବାହ କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ତାନ ଜନ୍ମି ହୋଇନଥିଲା । ପରେ ସେ ଘଣ୍ଟପୁର ପରିବାରର ଗିରିଧାରୀ ସାଏଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ । ସଂପ୍ରତି ଖିଣ୍ଡା ଭୋଗ ଦଖଲ କରୁଥିବା ଫକୀର ସାଏ ଏହି ଗିରିଧାରୀ ସାଏଙ୍କ ପୁଅ । ୧୯୨୬ରେ ମିତ୍ରଭାନୁ ସାଏଙ୍କ ମୃତ୍ୟୁ ପରେ ଏକ ପରାକ୍ରମଶାଳୀ ଚୌହାନ ବଂଶର ଶେଷ ସଳକ ଚିରଦିନପାଇଁ ଲୁପ୍ତ ହୋଇଗଲା ।

ଏହିପରି ଭବରେ ସୁରେନ୍ଦ୍ରଙ୍କ ଜୀବନର କେତେକ ଦିଗ ବିଷୟରେ ଆଲୋଚନା କଲେ ଜଣାଯାଏ ଯେ ସେ ସବୁ ଗୁଣରେ ଥିଲେ ଜଣେ ସଫଳକାମ ଗଣବାଦୀ ରାଷ୍ଟ୍ରବାଦୀ ବିପ୍ଳବୀ । ଭୌଗଳିକ ଦୃଷ୍ଟିରୁ ଅପେକ୍ଷାକୃତ ଦୁର୍ଗମ ଅଞ୍ଚଳରେ ହୋଇଥିଲେ ମଧ୍ୟ ତାଙ୍କ ଦୃଷ୍ଟିଥିଲା ସୁଦୂର ପ୍ରସାରୀ । ପୁଣି ହଜାରୀବାଗର କାରାଜୀବନରେ ସେ ଅନ୍ୟାନ୍ୟ ବହୁ ପ୍ରଦେଶର ରାଜନୈତିକ ନେତୃବର୍ଗଙ୍କୁ ଭେଟି ସ୍ୱାଧୀନତା ବିଷୟରେ ଆଲୋଚନା କରିଥିଲେ । ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ଓ ସେମାନଙ୍କୁ ପ୍ରଭାବିତ ମଧ୍ୟ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସର୍ବ ଭାରତୀୟ ବିପ୍ଳବୀମାନଙ୍କ ସହ ତାଙ୍କ ଯୋଗାଯୋଗ ଯେ ନଥିବ ଏହା ମଧ୍ୟ କୁହାଯାଇ ନ ପାରେ । ତେବେ ସେ ସଂପର୍କରେ ଆହୁରି ଗବେଷଣା ହେବା ଆବଶ୍ୟକ ସରକାରୀ ନଥିପତ୍ର ବାହାରେ ଥିବା ଅଲିଖିତ ଇତିହାସର ସଂଧାନ କରିବାକୁ ହେବ । ତେବେ ଅନ୍ୟ ବିପ୍ଳବୀମାନେ ପ୍ରାଣବଳୀ ଦେଇ ସ୍ୱାଧୀନତା ସଂଗ୍ରାମକୁ ଯେତେ ପ୍ରଜ୍ୱଳିତ କରିଥିଲେ ,ସୁରେନ୍ଦ୍ର ସାଏଙ୍କ ବୈପ୍ଳବିକ କାର୍ଯ୍ୟକ୍ରମ ତଦପେକ୍ଷା ଏହି ମହାମୁକ୍ତି ଯଜ୍ଞବେଦୀରେ ଆହୁରି ବେଶି ସମିଧ ଯୋଗାଇ ଥିଲା । ଜାତୀୟ ଦରବାରରେ ତାଙ୍କୁ ପ୍ରତିଷ୍ଠା କରାଇ ନ ପାରିବା ଏ ଦେଶର ଇତିହାସର ବିଡ଼ମ୍ବନା । ଏବେ ମଧ୍ୟ ସମୟ ଅଛି । ସେ ଭୁଲକୁ ସୁଧାରିବାକୁ ହେବ। ସମର୍ପିତ ସମାଜବାଦୀ , ଗଣତାନ୍ତ୍ରିକ ରାଷ୍ଟ୍ରବାଦୀ ପରମ ବିପ୍ଳବୀକୁ ତାଙ୍କର ଯଥାର୍ଥ ସ୍ଥାନ ଦେବାକୁ ହେବ।

।

–ତୁମକୁ ସମ୍ବଲପୁରର ବଣ, ବିଲ ସଲାମ୍ କରୁଛି କବି
ତୁମ ଝଲସା ଅସିର ସ୍ୱାଧୀନତା-ଗୀତରେ
ଗଗନ ପବନ ମୁଖରିତ......
ତୁମ. ତ୍ୟାଗର ସ୍ୱର୍ଣ୍ଣ-ସିକରରେ
ଭାରତ ବର୍ଷର ଧୂଳି ମାଟିର ବକ୍ଷ ରକ୍ତ ରଂଜିତ
ମୃତ୍ୟୁ ଗୋଡ଼େ ଗୋଡ଼େ ଗୋଡ଼ାଇ
ଘଣ୍ଟ ଘୋଡ଼େଇ ରଖୁଥିଲା ତୁମକୁ........
ବିଶ୍ୱସ୍ତ ଦେହରକ୍ଷୀଟିଏ ପରି ଏବଂ ଫିରିଙ୍ଗୀର
ଅସଂଖ୍ୟ ରାଇଫଲ, ଗୁଳିଗୁଳାର ବର୍ଷାରେ
ତୁମଉପରେ ଝରି ପଡୁଥିଲା ଭାରତ ମାତାର
ସ୍ନେହସିକ୍ତ ଉତ୍ତଜବା ଫୁଲ,
ଅସୁର ଗଡ଼ଟା ଥିଲା , ତୁମ ଦ୍ୱିତୀୟ ପାଦର କଂପିତ ମେଦିନୀ
ଗୋଟାଏ ପାଦ ସ୍ୱର୍ଣ୍ଣ ପୁରୀର ନ୍ୟାଯ୍ୟ ସଭାରେ
ଓ ତୃତୀୟ ପାଦଟା ଇଂରେଜ ସାମ୍ରାଜ୍ୟବାଦୀ-
ଦେଶୀ ବିଶ୍ୱାସଘାତକତାର
ବୁକୁର ଉପରେ ଥୋଇ ତମେ ଆଜି ବି ଦଣ୍ଡାୟମାନ
ଉର୍ଦ୍ଧ୍ୱମୁଖୀ ଛୁଟିଲା ଘୋଡ଼ାରେ, ହାତରେ ତମର
ଏବେବି ଝଲସୁଛି ଶତ୍ରୁ ରକ୍ତ ପିୟାସୀ ତରବାରୀ
ତୁମକୁ ସମ୍ବଲପୁରର ବଣ, ବିଲ ସଲାମ କରୁଛି କବି
ତୁମ ଝଲସା ଅସିର ସ୍ୱାଧୀନତା ସଂଗୀତରେ
ଭାରତ ବର୍ଷର ଧୂଳି, ମାଟି, ନଦୀ, ପର୍ବତ
ସଜନୀ ଓ ହୁମୋ ବଉଳୀ ଗୀତ
ଫାଟିଲା ଖେତ ପରି କୃଷକର ବିକ୍ଷତ ହୃଦୟ
ଗଗନ ପବନ ଏବେ ବି ମୁଖରିତ ।।

ମନୀଷା ଇଂଟରନେଶନାଲ
ଭୁତାପଡ଼ା, ସଂବଲପୁର-୭୬୮୦୦୧ (ଓଡ଼ିଶା)

“ବନ୍ଦେ ଉତ୍କଳ ଜନନୀ
ଚାରୁ ହାସମୟୀ, ଚାରୁ ଭାଷାମୟୀ, ଜନନୀ ଜନନୀ ଜନନୀ ।

କାନ୍ତକବି ଲକ୍ଷ୍ମୀକାନ୍ତ

# ମଧୁବାବୁଙ୍କ ସ୍ୱପ୍ନ

ଶ୍ରୀ ରବୀନ୍ଦ୍ରନାଥ ମାଝୀ

ସଭିଏଁ ସ୍ୱପ୍ନ ଦେଖନ୍ତି ; ସେ ବି ସ୍ୱପ୍ନ ଦେଖିଥିଲେ । ଆମ୍ବ କସି ଦେଖି କବି ମନକୁ ଆସେ ପ୍ରିୟାର ସ୍ୱପ୍ନ: ଟାର କସି ଦେଖି ତାଙ୍କ ମନକୁ ଆସିଥିଲା ଶିଳ୍ପର ସ୍ୱପ୍ନ । ମୁଣ୍ଡରେ ପଗଡି ଭିଡି ସେ ଯେଉଁ ସ୍ୱପ୍ନ ଦେଖିଲେ, ସେ ସ୍ୱପ୍ନ ନିତି ଦିନିଆ ତେଲ ଲୁଣ ପାଇଁ ସ୍ୱପ୍ନ ନୁହେଁ— ଜୀବନ ପାଇଁ, ଜାତୀୟ ଗୌରବ ପାଇଁ, ସ୍ୱାଭିମାନ ପାଇଁ ସେ ସ୍ୱପ୍ନ ।

ଅବଚେତନ ମନରେ ଯେତେ ସବୁ ଭାବନା ଓ ଦୁର୍ଭାବନା, ସେ ସବୁ ଆପଣା ଛାଏଁ ଅନେକ ରୂପ-ଢଙ୍ଗରେ ସ୍ୱପ୍ନ ହୋଇ ନାଚେ .. .. .. .. ଆଖି ବୁଜି ଶୋଇପଡିଲେ । ପଗଡି ଭିଡି, ଆଖି ଖୋଲି ଆସନ୍ତା କାଲିର ସମୃଦ୍ଧିରେ ବିଭୋର ମଧୁବାବୁଙ୍କ ସ୍ୱପ୍ନଥିଲା ଚେତନ ମନର ପ୍ରତିଫଳନ । ଉତ୍କଳର ଏହି ମାଟି ଉପରେ ଠିଆ ହୋଇ ସେ ଚାହିଁଲେ କୋଣାର୍କକୁ । ଚନ୍ଦ୍ରଭାଗାର ସାତତାଳ ପାଣିରେ ଓଡିଆ ପୁଅ ପଥର କାଟି ଠିଆ କଲା ସୂର୍ଯ୍ୟ ଦେବତାର ରଥ । କଳା ମୁଗୁନିରେ ଅପୂର୍ବ କଳା ଫୁଟେଇଲା— ନିହାଣ ଆଉ ହାତୁଡି ଧରି । କମାର ଶାଳରେ ତିଆରି ଲୁହାର କଡିବର୍ଗା ଏବେ ବି ଅମଳିନ ସେଠି, ବାରଶହ ଶିଳ୍ପୀର ଶ୍ମଶ୍ରୁଗହଳ, ମୁହଁ ଝାପ୍‌ସା ଝାପ୍‌ସା ଦେଖାଗଲା । ମାଣିଆ – ବନ୍ଧୀ ଓ ବ୍ରହ୍ମପୁରର ବୁଣାକାର, କଟକର ତାରକସି ଶିଳ୍ପୀ .. .. .. ଗାଁ ମୁଣ୍ଡରେ କଟୁରୀ ଧରି ବେତ ଓ ବାଉଁଶ ପାଟିଆକୁ ବୁଣୁଥିବା ଅସଂଖ୍ୟ ଶିଳ୍ପୀ ଠୁକୁ ଠୁକୁ କରି ଚମଡ଼ା କାଟି ଯୋତା ଆଉ ଚପଲ ତିଆରି କରୁଥିବା ଚର୍ମକାରମାନଙ୍କର ସମାବେଶ ଘଟିଲା ତାଙ୍କର ସେ ସ୍ୱପ୍ନରେ .. ।

ଏ ମାଟିରେ ଏତେ ଶିଳ୍ପୀ । ଅଥଚ ଶିଳ୍ପ ନାହିଁ । ଏତେ ଜାତି ଅଥଚ ଜାତୀୟତା ବିସ୍ମୃତ । ପ୍ରଚୁର ପ୍ରାକୃତିକ ସମ୍ପଦ ଅଛି .. .. .. ସମୃଦ୍ଧି ନାହିଁ । ହାତର ଅଙ୍ଗୁଳିରେ କଳା ନିପୁଣତା ଅଛି .. .. .. ଅଥଚ ଖାଲି ହାତ । ଜାତି ଶୋଇଛି ଘୁମନ୍ତ ନିଦରେ .. । ସେ ନିଦରୁ ତାକୁ ଉଠେଇବାକୁ ହେବ । ସେଇଥି ପାଇଁ ସେ ପଗଡି ଭିଡିଲେ, ପଗଡି ଓଡିଆର ସ୍ୱାଭିମାନ ହେବ । .. .. ତାକୁ କର୍ମ ତତ୍‌ପର କରିବ । ଏହା ଥିଲା ମଧୁବାବୁଙ୍କର ପ୍ରଥମ ସ୍ୱପ୍ନ ।

ଗାଁ ର ଢଗ —ମଥାରେ ପଗଡି ପାଦରେ ଯୋତା
ବଇଦ ନନାଙ୍କୁ ଜାଟିବ ଚିତା ।

ପାଦ ପାଇଁ ଯୋତା ଦରକାର । ପାଦରେ ଥଣ୍ଡା ଲଗିବ ନାହିଁ, କଣ୍ଟା ବାଜିବ ନାହିଁ । ଗୋଡ଼ରେ ଧୂଳି ଗୋଇଠି ଆଉ ଫାଟିବ ନାହିଁ । ଉତ୍କଳରେ ତ ଭରପୂର ଜଙ୍ଗଲ । ଗୋ ସମ୍ପଦ ଅଛି । ଚମଡ଼ା ମିଳୁଛି ଅନେକ । ଚମଡ଼ାକୁ ଟାନିଂ କରି ମସୃଣ ଓ ମୁଲାୟମ କରିଦେଲେ ଉତ୍କୃଷ୍ଟ ଜୋତା ହୋଇପାରିବ । ତେଣୁ ସେ ବସାଇଲେ ଉତ୍କଳ ଟାନେରି । ଉତ୍କଳର କୁଆଁରି ମାଟିରେ ୧୯୦୫ ମସିହାରେ ୪୦ ଏକର ପରିମିତ ପ୍ରଶସ୍ତ କ୍ଷେତ୍ରରେ ଏକ ଅଭିଜାତ ଶିଳ୍ପ ଜନ୍ମ ନେଲା ତାଙ୍କରି ସ୍ୱପ୍ନରୁ । ଜୋତା କାରଖାନା ମଧୁବାବୁଙ୍କର ଏକ ଯୁଗୋପଯୋଗୀ ପଦକ୍ଷେପ ଥିଲା । ଚେକୋସ୍ଲୋଭାକିଆର ଟୋମାସ ବାଟା ତାଙ୍କ ଯୋତା ଶିଳ୍ପକୁ ଆନ୍ତର୍ଜାତୀୟ ସ୍ତରକୁ ନେବାକୁ ପ୍ରଯତ୍ନ କରିବାର ବହୁ ପୂର୍ବରୁ ମଧୁସୂଦନ ଏ କ୍ଷେତ୍ରରେ ଅଗ୍ରଣୀ ହୋଇ-ଥିଲେ ।

ଉତ୍କଳ ଟାନେରିର ପ୍ରସ୍ତୁତ ଚମଡ଼ା ପଦାର୍ଥ ୧୯୦୭ ମସିହାରେ କଲିକତାଠାରେ ଅନୁଷ୍ଠିତ ଏକ ପ୍ରଦର୍ଶନୀରେ ସ୍ୱର୍ଣ୍ଣପଦକ ଲାଭ କରିଥିଲା । ଏହି ଟାନେରୀର ଗୋଧି ଚମଡ଼ା ପ୍ରସ୍ତୁତ ସମସ୍ତ ପଦାର୍ଥ ଇଂଲଣ୍ଡରେ ବିଶେଷ ଆଦର ଲାଭ କରିଥିଲା । କଲିକତା ଗେଜେଟରେ ମିଃ ଜେ. ଜି. କମିଙ୍ଗ ପ୍ରକାଶ କରିଥିଲେ ଯେ ବଙ୍ଗ, ବିହାର ଓ ଓଡିଶାରେ ମାତ୍ର ତିନୋଟି କାରଖାନା ଉଲ୍ଲେଖଯୋଗ୍ୟ ସାଫଲ୍ୟ ଅର୍ଜନ କରିଛି । ତନ୍ମଧ୍ୟରୁ ଉତ୍କଳ ଟାନେରି ଅନ୍ୟତମ ।

୧୯୨୫ ମସିହାରେ ଗାନ୍ଧିଜୀ କଲିକତାରୁ ଚିଠି ଲେଖି ମଧୁବାବୁଙ୍କୁ ଏହି ଯୋତା ଶିଳ୍ପଟି ପାଇଁ ପ୍ରୋତ୍ସାହନ ଦେଇଥିଲେ । ଆର୍ଥିକ ଅନାଟନ ଓ ରାଜନୀତିରେ ସମ୍ପୃକ୍ତ ଯୋଗୁଁ ଉତ୍କଳ ଟାନେରୀର ପରିଚାଳନା ମଧୁବାବୁଙ୍କ ପକ୍ଷରେ ସମ୍ଭବ ହେଉ ନ ଥିଲା । ଟାନେରିଟିକୁ କାର୍ଯ୍ୟକ୍ଷମ କରି ରଖିବା ପାଇଁ ରଙ୍ଗଲାଲ ନାମକ ଜଣେ ଧନଶାଳୀ ବ୍ୟକ୍ତିଙ୍କୁ ହସ୍ତାନ୍ତର କରିବା ପାଇଁ ଗାନ୍ଧିଜୀଙ୍କ ପ୍ରସ୍ତାବକୁ ମଧୁବାବୁ ଆଦୌ ଗ୍ରହଣ କଲେ ନାହିଁ । ବରଂ ଟାନେରିକୁ ଏକ କମ୍ପାନୀରେ ପରିଣତ କରି ଏହାର ପୁନରୁତ୍‌ଥାନ କରିବାକୁ ଆଗେଇ ଗଲେ । ପରିଣତି ହେଲା ଭିନ୍ନ । ଏକ ଇଂରେଜ କମ୍ପାନୀ ଓ କେତେକ ନ୍ୟସ୍ତସ୍ୱାର୍ଥ ସେଆର ହୋଲଡ଼ରମାନଙ୍କ କୁ ଚକ୍ରାନ୍ତରେ ଟ୧,୮୦,୦୦୦ର ଋଣ ଶୁଝି ନ ପାରି ମଧୁବାବୁ ତାଙ୍କର ବାସଗୃହ, ଲ-ଲାଇବ୍ରେରୀ ହରାଇଲେ । ମାତ୍ର ତାଙ୍କର

ସ୍ୱପ୍ନ ତଥାପି ନବତମ ଶିଳ୍ପୀଙ୍କରେ ଏ ମାଟିରେ ପ୍ରସରିଗଲା । ସେ ସ୍ପଷ୍ଟ କହିଲେ ଉତ୍କଳ ଟାନେରି ପାଇଁ ମୁଁ ଦେବାଳିଆ ହେଲି ସତ—ମାତ୍ର ଶିଳ୍ପ ଚେତନା ଉତ୍ତର ପୁରୁଷମାନଙ୍କ ମନରେ ରୋପିତ ହୋଇଛି । ଏହା ମୋ ପାଇଁ ଅନେକ ଗୌରବ ।

କଟକର ତାରକସି କାମ ସ୍ୱତନ୍ତ୍ର ଶୈଳୀ ଓ ପଦ୍ଧତିରେ ନିର୍ମିତ ହୋଇଥିଲା । ଏହା ଦେଶ ଓ ବିଦେଶରେ ଯେ ନିଶ୍ଚିତଭାବେ ଆଦୃତ ହେବ, ଏ କଥା କେବଳ ମଧୁବାବୁହିଁ ଉପଲବ୍ଧି କରିଥିଲେ । ଓଡ଼ିଶୀ ନୃତ୍ୟ ପାଇଁ ଓଡ଼ିଶୀ ଶୈଳୀରେ ଶାଢ଼ି ପିନ୍ଧା ବିଶେଷ କରି ସମ୍ବଲପୁରୀ ଶାଢ଼ୀ ଯେଉଳି ଅପରିହାର୍ଯ୍ୟ କଟକର ତାରକସି, ନଟୀର ଲାବଣ୍ୟ ପାଇଁ ଏକ ଅଣୁ ଘୋଟକ । ଏ ବିଶ୍ୱର ସମସ୍ତ ନାରୀମାନଙ୍କ ରୂପ ସଜାପାଇଁ ତାରକସିର ଶୁଭ୍ର ଓ ସୁଶୋଭନ ଅଳଙ୍କାର । ପ୍ରତ୍ୟେକ ସୌନ୍ଦର୍ଯ୍ୟ ପ୍ରେମୀ ମଣିଷର ଡ୍ରଇଁ ରୁମରେ ତାରକସିର ବିଭିନ୍ନ ପ୍ରତିକୃତି ଅବଶ୍ୟ ସ୍ପୃହଣୀୟ ମନେକରି ମଧୁବାବୁ ତାରକସି ଶିଳ୍ପର ବିକାଶରେ ବ୍ରତୀ ହେଲେ । ଶିଳ୍ପୀର ଶିଥିଳ ଅଙ୍ଗୁଳି ସବୁ ଚଳ ଚଞ୍ଚଳ ହେଲା । ଶିଳ୍ପ ଗଢ଼ି ଉଠିଲା । କଟକର ତାରକସି ଦେଶ ବିଖ୍ୟାତ ହେଲା । ଓଡ଼ିଶା ଆର୍ଟ ଓୟାରସ ସଂସ୍ଥା ତାରକସିକୁ ନେଇ ପହଞ୍ଚାଇଲା ଆନ୍ତର୍ଜାତିକ ବଜାରରେ ।

ପୁରୀ ଆଉ କୋଣାର୍କର ପାନ୍ଥ ନିବାସରେ ବିଦେଶାଗତ ତରୁଣୀର କର୍ଣ୍ଣ, ନାସିକା ଓ ତାର ଶୁଭ୍ର କୁନ୍ତଳରେ ସୁଶୋଭିତ ତାରକସିର ଫୁଲ, ଗଳାରେ ଗଳବନ୍ଧ ହାର, ମଣି ବନ୍ଧରେ ଚୁଡ଼ି, ପାଦରେ ପାଉଞ୍ଜି ଓ କଟି ମେଖଳା ଦେଖି ସେ କେହି ଜାତୀୟ ପ୍ରେମୀ ଭାବ ବିମୁଗ୍ଧ ହେବ ଏବଂ ସ୍ମୃତି ଧୌତ ସମୟରେ ଆପଣା ଛାଏଁ ମୁଣ୍ଡ ନୁଆଁଇବ ସେଇ ପଗଡ଼ି ବନ୍ଧା ମଣିଷଟି ପାଖରେ । ଶିଳ୍ପୀ, କୋଣାର୍କର କଳା ପଥରରେ ଯେଉଁ ସୂଚୀରେ ଖୋଦନ କରିଥିଲା, ପୁନର୍ବାର ରୂପାରେ ସେଉ ସୂଚୀରେ ଖୋଦନ ଉଜ୍ଜ୍ୱଳରେ କଳାର ଉତ୍କର୍ଷତା ପ୍ରତିପାଦନ କଲା । ମଧୁବାବୁଙ୍କର ଦ୍ୱିତୀୟ ସ୍ୱପ୍ନ ତାରକସି ଆଜି ବିଶ୍ୱ ମଣିଷର ସ୍ୱପ୍ନ । ପୀତଧାତୁ ସୁବର୍ଣ୍ଣର ଅଭାବ ଓ ଉଚ୍ଚ ମୂଲ୍ୟ ରୂପାର ପ୍ରାଧାନ୍ୟ ପାଇଁ ପଥ ପ୍ରଶସ୍ତ କରିଛି । ରୂପାର ତାରକସି ଶିଳ୍ପ ଆହୁରି ସମୃଦ୍ଧ ଓ ଲୋକପ୍ରିୟ ହୋଇ ଯିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ସମ୍ମିଳନୀ ମଧୁବାବୁଙ୍କର ତୃତୀୟ ସ୍ୱପ୍ନ, ସମ୍ମିଳନ ବା ଉତ୍କୃଷ୍ଟ ମିଳନୀ ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା । ମିଳନ ମନୋରଂଜନ ପାଇଁ ନୁହେଁ ..........ସମୃଦ୍ଧି ପାଇଁ..........ପ୍ରଗତି ପାଇଁ । ମିଳନୀ ଆଜି ଅର୍ଥରେ ଏକ ସାଧାରଣ ସଭା ବା ବୈଠକ ନୁହେଁ । ସଙ୍ଗଠିତ ମନୋଭାବ, ଯାହାକୁ ଇଂରାଜୀରେ କୁହାଯାଏ ଟିମ୍ ସ୍ପିରିଟ୍, ଦେଶ ପାଇଁ, ଶାସନ ପାଇଁ ଓ ଶିଳ୍ପ ପାଇଁ ବାଞ୍ଛନୀୟ । ସେଥିପା... ମଧୁବାବୁ ଡାକ ଦେଲେ ଉତ୍କଳ ସମ୍ମିଳନୀ ହେ... ଜାତି ସଙ୍ଗଠିତ ହେଉ ।

ଯେଉଁ ଟିମ୍ ସ୍ପିରିଟ୍ ବା ସଙ୍ଗଠିତ ଭାବ ନେ... ଜାପାନ ଓ ଜର୍ମାନ ବିଶ୍ୱରେ ନିଜକୁ ସୁପ୍ରତିଷ୍ଠିତ କରେ... ଏବଂ ସଂପ୍ରତି ଯେଉଁସବୁ କର୍ମ ପ୍ରେରଣାର ଜାପାନ... ସମଗ୍ର ବିଶ୍ୱ-ବଜାରରେ ନିଜ ପ୍ରସ୍ତୁତ ସର୍ବବିଧ ପଦାର୍ଥକୁ ଭରପୂର କରିଦେଇ ପାରିଛି, ସେଇ କର୍ମ ପ୍ରେରଣା ନିମନ୍ତେ ଉତ୍କଳ ସମ୍ମିଳନୀକୁ ମଧୁବାବୁ ଜୀବନଠାରୁ ଅଧିକ ମନେ କଲେ ।

ଜାତୀୟ ଚେତନା ସୃଷ୍ଟି ହେଲେ ଶିଳ୍ପ ସମୃଦ୍ଧ ହେବ । କର୍ମୀ ମନେ କରିବ, ଯାହା ମୁଁ ପ୍ରସ୍ତୁତ କରୁଛି, ତାହା ଉତ୍କୃଷ୍ଟ ହେଲେ ହିଁ ମୋର ଓ ମୋ ଜାତିର ଗୌରବ ବୃଦ୍ଧି ହେବ । ଶିଳ୍ପ ସ୍ଥାପନରେ, ଶିଳ୍ପ ପରିଚାଳନାରେ ଟିମ୍ ସ୍ପିରିଟ୍ ଏକାନ୍ତ ଅପରିହାର୍ଯ୍ୟ । ଶିଳ୍ପ ଏକ ସମ୍ମିଳିତ ପ୍ରଚେଷ୍ଟା, ଶିଳ୍ପର ସାଫଲ୍ୟ ପାଇଁ ସମ୍ମିଳନୀ ତେଣୁ ନିତାନ୍ତ ଜରୁରୀ ।

ତାଙ୍କ ସ୍ୱପ୍ନର ଶେଷ ନଥିଲା । ଉତ୍କଳ ପାଇଁ ମନ ତଳେ ଅହର୍ନିଶି ଅସ୍ଥିରତା, ଉତ୍କଳୀୟ ତା'ର ସ୍ୱାତନ୍ତ୍ର୍ୟ ରକ୍ଷା କରି ମର୍ଯ୍ୟାଦାବନ୍ତ ଜାତି ରୂପେ ମଥା ଟେକୁ—ଏହାହିଁ ତାଙ୍କର ସଞ୍ଜ ସକାଳର ସ୍ୱପ୍ନ ।

ମନେ ପଡ଼େ ତାଙ୍କର ଶେଷ ସମୟର ଛବିଟି । ମୁଖର ମସୃଣତା ମଳିନ ପଡ଼ିଯାଇଥିଲା । ଗୌର ଦୀପ୍ତ ମୁହଁରେ ଖୁଣ୍ଟା ଖୁଣ୍ଟା ଦାଢ଼ି । ମୁଣ୍ଡରେ ପଗଡ଼ି ନାହିଁ, ଆଖିରେ ବୈକଲ୍ୟ, କେଉଁଥି ପାଇଁ..........? ସାରାଜୀବନ ଯେଉଁ ସ୍ୱପ୍ନରେ ସେ ଆତ୍ମବିସ୍ମୃତ ହୋଇଥିଲେ. ସେ ସ୍ୱପ୍ନ ତାଙ୍କ ଜୀବଦଶାରେ ଅଧୁରା ରହିଗଲା ।

ମଧୁବାବୁଙ୍କର ମୁହଁଟି ଆଗକୁ ଆସିଲେ, ଆଖିକୁ ଲୁହ ଆସେ, ତାଙ୍କ ସ୍ନେହାଣୀ ତଳୁ ଉଠନ୍ତି ଲାଭା ପରେ ବାର ବାର ସେଇ ଗୋଟିଏ ଅବ୍ୟକ୍ତ ଆବେଦନ—

"ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ ?"

ସେ ଡାକରା ଇଥରରେ ପ୍ରତିଧ୍ୱନିତ ହେଉଛି । ତାଙ୍କ ସ୍ୱପ୍ନସବୁ ନୂଆ ମଣିଷର ମନକୁ ସଂକ୍ରମିତ କରୁଛି । ଆଜି ଉତ୍କଳ ମାଟିରେ ଶିଳ୍ପ ସଂପ୍ରସାରଣ ପାଇଁ ଏକ ଅବଦମିତ ଉତ୍ସାହ ।

ଯାଁର ଆସନ୍ନସି ପାକଳ ହେଲଦେଲକୁ ତରୁଣ ମନରେ ସ୍ୱପ୍ନ—ଏସବୁ ଆସନ୍ତୁ ସଂଗ୍ରହକରି ଆସ୍ତର, ଜାମ୍, କେଜିର ଶିଳ୍ପ କରିବ, ଖାତଗଦାରେ ନଡ଼ା

କୁଟାକୁ ସଢ଼ିବାକୁ ନଦେଇ ସେ ଭାବୁଛି କରିବ କାର୍ଡବୋର୍ଡର କାରଖାନା । କୁଣ୍ଡା ଓ ଚଷୁରୁ ପେଷି ତହିଁରୁ ସେ ତେଲ କରିବାକୁ ତତ୍ପର । ନଳିତା ଛଣକୁ ଗୁଣ୍ଡକରି ପାର୍ଟିକ୍ଲ ବୋର୍ଡ, ଶିସାଲ ଗଛର ତନ୍ତୁକୁ ନେଇ ଶିସାଲ ଦଉଡ଼ି, ବିକ୍ଷିପ୍ତ ଭାବେ ପଡ଼ିରହିଥିବା ଅଥବା କାଗଜ କଳରୁ ବାହାରୁଥିବା ଅଦରକାରୀ ଛିଣ୍ଡାକାଗଜରୁ ପେପର ବୋର୍ଡ୍ ପ୍ରଭୃତି କେତେ କ'ଣ ଶିଳ୍ପ ପାଇଁ ସେ ପ୍ରଯତ୍ନ କରି ଚାଲିଛି । ରାଉରକେଲାରେ ଇସ୍ପାତ ଶିଳ୍ପ, କୋରାପୁଟରେ ବିମାନ ଶିଳ୍ପ, ଢେଙ୍କାନାଳରେ ଆଲୁମିନିୟମ କାରଖାନା, କେନ୍ଦୁଝରରେ ସ୍ପଞ୍ଜ ଆଇରନ୍, କଟକର ଜଗତପୁର ଓ ଖପୁରିଆରେ ବର୍ଦ୍ଧିତ ଶିଳ୍ପାଞ୍ଚଳ, ବରଗଡ଼ରେ ସିମେଣ୍ଟ କାରଖାନା, ଚୌଦ୍ୱାରରେ ସୂତାକଳ, ବ୍ରଜରାଜନଗରରେ କାଗଜକଳ ପ୍ରଭୃତି ବହୁ ଶିଳ୍ପର କଳ ଧୂଆଁରେ ଓଡ଼ିଶାର ଆକାଶ ଧୂମାଳିତ ।

ମଧୁବାବୁ ନାହାନ୍ତି । ତାଙ୍କ ସ୍ୱପ୍ନର ଶିଳ୍ପ ବିପ୍ଳବର ସଫଳ ପଦଯାତ୍ରା ସବୁଠି, ଗ୍ରାମାଞ୍ଚଳରେ ସବୁଠି—

ପାଠ ପଢ଼ିବି ପାଠ ପଢ଼ିବି
ମଧୁବାବୁ ସଙ୍ଗେ ଲଢ଼ିବି ।
କାଳିଆ ଘୋଡ଼ାରେ ଚଢ଼ିବି ।

କାଳିଆ ଘୋଡ଼ା ଆଉ କ'ଣ କି ? ଅନେକ ଶିଳ୍ପର ଚିମିନିରୁ ବାହାରୁଥିବା କଳାଧୂଆଁ କାଳିଆ । ଶିଳ୍ପର ଘର୍ ଘର୍ ଗତି ଆଉ କିଛି ନୁହେଁ—ସେଇ ଘୋଡ଼ା । କାଳିଆ ଘୋଡ଼ା ଗତି ଶୀଘ୍ର ଶିଳ୍ପର ରୂପକଳ୍ପ । ଓଡ଼ିଆ ପୁଅ ପାଠ ଖାଲି ଘୋଷି ନାହିଁ, କାମରେ ଦେଖାଇ ଦେଲଣି । କାଳିଆ ଘୋଡ଼ାରେ ଚଢ଼ୁଛି । କିନ୍ତୁ ମଧୁବାବୁ ସଙ୍ଗେ ଲଢ଼ି ପାରୁନି । ସେଇଦିନ ସେ ଲଢ଼ିବ ଯେଉଁଦିନ ତା' ପ୍ରସ୍ତୁତ ଶିଳ୍ପଜାତ ସମସ୍ତ ଦ୍ରବ୍ୟ ସାରାଦେଶରେ ଖାଣି ହୋଇ ପଡ଼ିବ । ଉତ୍କୃଷ୍ଟତାରେ ସଭିଙ୍କୁ ବଳିଯିବ । ପରବୁଦ୍ଧି, ଈର୍ଷା ଓ ଗୋଡ଼ ଟଣାକୁ ଭୁଲିଯାଇ ଅସୀମ କର୍ମ ପ୍ରେରଣାରେ ଓ ସଙ୍ଗଠିତ ମନ ନେଇ ଶିଳ୍ପ ଜଗତରେ ଏକ ଓଡ଼ିଶୀ ପରଂପରା ସୃଷ୍ଟି କରିବ ।

ସେଇଦିନ ମଧୁସ୍ୱପ୍ନର କୋଣାର୍କରେ ବସିବ—ଦଧିନଉତି……………ଉଡ଼ିବ ନୀଳକେତନ…….. ପ୍ରାଣପ୍ରାଚୁର୍ଯ୍ୟର ସଙ୍ଗୀତ ପ୍ରସରି ଯିବ ମହୋଦଧିରୁ ସମ୍ବଲପୁର, ରାଇରଣପୁରରୁ ଗଞ୍ଜାମ ଓ ରାଉରକେଲାରୁ ସୁନାବେଡ଼ା ।

---

ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ
ବ୍ରୁକସ୍ ହିଲ୍, ସମ୍ବଲପୁର

## ଢେଙ୍କାନାଳରେ ରବର ଚାଷ

ଢେଙ୍କାନାଳ ଜିଲ୍ଲାର ସଦର ଏବଂ ଗଂଦିଆ ବ୍ଲକ୍‌ର ପ୍ରାୟ ୧୦ ହଜାର ହେକ୍ଟର ଜମିରେ ନିକଟ ଭବିଷ୍ୟତରେ ସରକାରୀ ଏବଂ ଘରୋଇ ଉଦ୍ୟୋଗରେ ରବର ଚାଷ କରାଯିବ । ସଂପ୍ରତି କେନ୍ଦ୍ର ରବର ବୋର୍ଡ ପକ୍ଷରୁ ଏକ ସର୍ଭେ କରାଯାଇ ଢେଙ୍କାନାଳର ଏହି ଦୁଇଟି ବ୍ଲକର ମୃତ୍ତିକା ଏବଂ ଜଳବାୟୁ ରବର ଚାଷ ନିମନ୍ତେ ଏକାନ୍ତ ଉପଯୁକ୍ତ ବୋଲି ରିପୋର୍ଟ ଦେଇଥିବା ପ୍ରକାଶ । ଢେଙ୍କାନାଳର ଗୋବିନ୍ଦପୁରଠାରେ ଘରୋଇ ଉଦ୍ୟୋଗରେ ଏକ ରବର ଚାରା ନର୍ସରୀ ପ୍ରତିଷ୍ଠା କରାଯାଇଛି । କେରଳରୁ ପ୍ରାୟ ୧୫ ହଜାର ରବର ଚାରା ଏହି ନର୍ସରୀ ପାଇଁ ଆଣିବାର ବ୍ୟବସ୍ଥା କରାଯାଇଛି । ମାର୍ଚ୍ଚ ୪ତାରିଖ ଦିନ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ କାମାକ୍ଷା ପ୍ରସାଦ ସିଂହଦେଓ, ଜିଲ୍ଲାପାଳ ଶ୍ରୀ ପ୍ରିୟବ୍ରତ ପଟ୍ଟନାୟକଙ୍କ ସହ ଏହି ନର୍ସରୀ ପରିଦର୍ଶନ କରିଥିଲେ । ରବର ଚାଷ କରାଗଲେ ପାଞ୍ଚ ବର୍ଷ ପରେ ପ୍ରତି ଏକର ଜମିରୁ ବାର୍ଷିକ ପ୍ରାୟ ୭୦ ହଜାର ଟଙ୍କା ଲାଭ ହେବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।


ମାଗଣା ଭେଟି!
ଗ୍ଲୁକନ-ଡି ର ତାତ୍‌କ୍ଷଣିକ
ଶକ୍ତି ସାଥିରେ ଗୋଟିଏ
Glucon-D
ଆକର୍ଷକ ଷ୍ଟେନ୍‌ଲେସ ଷ୍ଟୀଲ ଚାମଚ
ନିତିଦିନିଆ ତତ୍‌କ୍ଷଣାତ ଶକ୍ତି ବଢାଇବା ଆପଣଙ୍କ ପ୍ରିୟ ପାନୀୟ ସମରସ କରିବା ପାଇଁ ଏହି ଚକଚକିଆ ଷ୍ଟେନ୍‌ଲେସ ଷ୍ଟୀଲ ଚାମଚଟି ୪୦୦ ଗ୍ରାମ୍ ଗ୍ଲୁକନ-ଡି ପ୍ୟାକ ସହିତ–ମାଗଣା ।
ସତେଜତା, ଶୀତଳତା ଆଉ ଶକ୍ତି-ପ୍ରଦାୟକ ଗ୍ଲୁକନ-ଡି–ଭିଟାମିନ ଡି, କ୍ୟାଲସିୟମ ଆଉ ଫସ୍‌ଫରସ୍ ଭଳି ଗୁଣରେ ଗୁଣଶାଳୀ । ଯେ କୌଣସି ପାନୀୟରେ ଗୋଳେଇ ସମରସ କରନ୍ତୁ–ଫଳରସ, ଦୁଧ, ଚାହା, କଫୀ, ପାଣି । କେବଳ ସାଧା ବି ନେଇପାରିବେ–ହେଲେ ପ୍ରତ୍ୟେକଥର ବ୍ୟବହାର କରନ୍ତୁ ଗ୍ଲୁକନ-ଡି'ର ବିଶେଷ ଭେଟି ଚାମଚ !
Glucon-D
Glucose-D
FREE
Stainless steel spoon
INGREDIENTS
Glucon-D
Glucon-D Instant Energy for the Family
୪୦୦ ଗ୍ରାମ୍‌ର ପ୍ୟାକ ଉପରେ ଭେଟି ବିବରଣ ଦେଖନ୍ତୁ
ତତ୍‌କ୍ଷଣାତ ଶକ୍ତି ଯୋଗାଏ–ଗ୍ଲୁକନ-ଡି
ସୀମିତ ଷ୍ଟକ କେବଳ ବଡ଼ ବଡ଼ ସହରରେ ।
ଉତ୍ତମ ସ୍ୱାସ୍ଥ୍ୟର ଉତ୍ସ ଗ୍ଲାକ୍ସୋ

# ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ

ଶ୍ରୀ ଅଶ୍ୱିନୀ କୁମାର ପୁଜାରୀ

ଭାରତର ବହୁ ଲୋକ ଜାଣନ୍ତି ନାହିଁ ଯେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ଓଡିଶାର ସୁରେନ୍ଦ୍ର ସାଏ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯେ କି ଇଂରେଜ ବିରୁଦ୍ଧରେ ସର୍ବପ୍ରଥମେ ଅସ୍ତ୍ର ଉତ୍ତୋଳନ କରିଥିଲେ କିନ୍ତୁ ସର୍ବଶେଷରେ ଇଂରେଜ ହାତରେ ଧରା ପଡିଥିଲେ । ଯେ ପର୍ଯ୍ୟନ୍ତ ଭାରତ ସ୍ୱାଧୀନତା ହାସଲ କରି ନ ଥିଲା, ଇଂରେଜମାନେ ତାଙ୍କୁ ସବୁଦିନ ପାଇଁ ଇତିହାସରୁ ଡିଲେପ କରିଦେବା ପାଇଁ ଚେଷ୍ଟା କରୁଥିଲେ । କାରଣ ଭାରତର ଅନ୍ୟାନ୍ୟ ଅଂଶରେ ସେମାନେ ଆନ୍ଦୋଳନକୁ ଦମନ କରି ପାରି ଥିଲେ ହେଁ ସୁଦୂର ଓଡିଶା ପ୍ରଦେଶରୁ ପ୍ରବଳ ପରାକ୍ରମୀ ଇଂରେଜ କ୍ଷମତାକୁ ବହୁ ବର୍ଷ ଧରି ପ୍ରତିରୋଧ କରିବା ଇଂରେଜମାନଙ୍କ ଆତ୍ମସମ୍ମାନକୁ କ୍ଷୁଣ୍ଣ କରୁଥିଲା । ଯଦିଓ ଇତିହାସର ଛାତ୍ରମାନେ ଝାନସୀର ରାଣୀ, ନାନା ସାହେବ, ତାନ୍ତିଆ ଟୋପି, କୁଅଁର ସିଂହ ଓ ଅନ୍ୟାନ୍ୟ ନେତାଙ୍କୁ ସ୍ୱାଧୀନତା ସଂଗ୍ରାମୀ ଭାବେ ଜାଣିଥିଲେ, ସୁରେନ୍ଦ୍ରସାଏ ଏଥିରେ କି ପ୍ରକାର ଭୂମିକା ଗ୍ରହଣ କରିଥିଲେ, ସେ ବିଷୟରେ ସେମାନେ ଅବଗତ ନୁହନ୍ତି । ନିମ୍ନବର୍ଣ୍ଣିତ ଘଟଣାବଳୀରୁ ଜଣାପଡ଼େ ଯେ ସୁରେନ୍ଦ୍ରସାଏଙ୍କ ଭୂମିକା ସର୍ବାପେକ୍ଷା ଅଧିକ ଥିଲା ।

ସୁରେନ୍ଦ୍ର ସାଏଙ୍କର ଆନ୍ଦୋଳନ ଦୁଇଟି ପର୍ଯ୍ୟାୟରେ ବିଭକ୍ତ । ପ୍ରଥମ ପର୍ଯ୍ୟାୟ ହେଉଛି ୧୮୨୭ ମସିହାରୁ ୧୮୪୦ ମସିହା ପର୍ଯ୍ୟନ୍ତ । ସେ ମାତ୍ର ୧୮ ବର୍ଷ ବୟସରେ ସମ୍ବଲପୁର ସହରସ୍ଥ ଇଂରେଜି ସୈନ୍ୟ, ଦୁର୍ଗ ଓ ଅସ୍ତ୍ରାଗାରମାନଙ୍କରେ ଚଢ଼ାଉ କରି ଭବିଷ୍ୟତରେ ସାରା ଭାରତରେ ଅଧିକରୁ ଅଧିକତର ଭାବେ ବିଦ୍ରୋହର ଅଗ୍ନି ଜଳାଇବା ନିମିତ୍ତ ଆହ୍ୱାନ ଦେଇଥିଲେ । ଇଂରେଜମାନେ ୧୮୨୭ ରୁ ୧୮୪୦ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୩ ବର୍ଷ କାଳ ତାଙ୍କର କାର୍ଯ୍ୟକଳାପକୁ ଦମନ କରିବାକୁ ଚେଷ୍ଟା କରି କୃତକାର୍ଯ୍ୟ ହୋଇ ପାରି ନ ଥିଲେ । ୧୮୪୦ ମସିହାରେ ସୁରେନ୍ଦ୍ର ସାଏ ଏ ଭଳି ଏକ ଚଢ଼ାଉକରି ଫେରୁଥିବା ବେଳେ ହଠାତ୍ ତାଙ୍କର ଏକ ମୁକ୍ତ ପ୍ରାଙ୍ଗଣରେ କମାଣ ଓ ବନ୍ଧୁକ ଦ୍ୱାରା ସୁସଜ୍ଜିତ ଇଂରେଜ ସୈନ୍ୟଙ୍କ ସହିତ ମୁହାଁମୁହିଁ ଭେଟ ହେଲା । ସେତେବେଳେ ସୁରେନ୍ଦ୍ରସାଏ ଓ ତାଙ୍କର ଅଳ୍ପ ସଂଖ୍ୟକ ଅନୁଗାମୀ ଅଣ ତାଲିମପ୍ରାପ୍ତ ଆଦିବାସୀ ଯୁବକମାନଙ୍କ ନିକଟରେ କେବଳ ଖଣ୍ଡା, ବର୍ଚ୍ଛା, ଧନୁ ଓ ତୀର ଥିଲା । ଏହା ସତ୍ତ୍ୱେ ସେମାନେ ଅଧିକ ସୁସଜ୍ଜିତ ଇଂରେଜ ସୈନ୍ୟ ବାହିନୀ ବିରୁଦ୍ଧରେ ସାହସିକତାର ସହିତ ଯୁଦ୍ଧ କରିଥିଲେ ।

ପରିଶେଷରେ ସୁରେନ୍ଦ୍ର ସାଏ ଯୁଦ୍ଧରେ ପରାସ୍ତ ହୋଇ ଇଂରେଜ ସୈନ୍ୟମାନଙ୍କ ଦ୍ୱାରା ଧରା ହେଲେ । ଇଂରେଜ ସରକାର ତାଙ୍କୁ ଓଡିଶାର କୌଣସି ବନ୍ଦୀଶାଳାରେ ରଖିବାକୁ ସାହାସ ନ କରି ସୁଦୂର ବିହାରର ହଜାରିବାଗ ଜେଲକୁ ପଠାଇ ଦେଲେ ।

୧୮୪୦ ରୁ ୧୮୫୭ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୭ବର୍ଷ କାଳ ସୁରେନ୍ଦ୍ର ସାଏ ହଜାରିବାଗ କାରାଗାରରେ କାରାବରଣ କଲେ । ୧୮୫୭ ମସିହା ମଇ ମାସରେ ତଥାକଥିତ ସିପାହୀ ବିଦ୍ରୋହ ହେଲା ଏବଂ ସୁରେନ୍ଦ୍ର ସାଏ ବିଦ୍ରୋହୀ ସିପାହୀମାନଙ୍କ ଦ୍ୱାରା କାରା ମୁକ୍ତ ହେଲେ । ଆଶ୍ଚର୍ଯ୍ୟଜନକ ହେଲେ ହେଁ, ସୁରେନ୍ଦ୍ର ସାଏଙ୍କ ଦୀର୍ଘକାଳ ବନ୍ଦୀ ତାଙ୍କର ଅଦମ୍ୟ ଉତ୍ସାହ ଓ ଦେଶ ସ୍ୱାଧୀନତା ପ୍ରାପ୍ତିର ଆକାଂକ୍ଷାରେ ତିଳେ ହେଲେ ବାଧା ସୃଷ୍ଟି କରି ନ ଥିଲା । କାରାଗାରରୁ ମୁକ୍ତ ହେବାପରେ ସେ ପୁନର୍ବାର ବନ୍ଦୀ ହେବା ଭୟରେ ଅନ୍ୟ କୌଣସି ଅଜଣା ସ୍ଥାନକୁ ପଳାୟନ ନ କରି ସେହିଠାରୁ ସିଧା ସଳଖ ସେ ସମ୍ବଲପୁର ଅଭିମୁଖେ ଯାତ୍ରା ଆରମ୍ଭ କଲେ । ନଥିପତ୍ରରୁ ପ୍ରମାଣ ମିଳେ ଯେ ସେତେବେଳେ ସମ୍ବଲପୁରସ୍ଥ ବ୍ରିଟିଶ୍ ଦୁର୍ଗରେ ମାତ୍ର ଦୁଇଶହ ସୈନ୍ୟ ଥିବା ସ୍ଥଳେ ସୁରେନ୍ଦ୍ର ସାଏଙ୍କ ସହ ୧,୫୦୦ ସ୍ୱାଧୀନତା ସଂଗ୍ରାମୀ ଥିଲେ । ତତ୍କାଳୀନ ସମ୍ବଲପୁରସ୍ଥ ବ୍ରିଟିଶ୍ ଡେପୁଟି କମିଶନର କ୍ୟାପଟେନ୍ 'ଲି' ସାହେବ ବିନା ଅସ୍ତ୍ର ଶସ୍ତ୍ରରେ ଏକାକୀ ତାଙ୍କ ଦୁର୍ଗକୁ ଯିବାକୁ ସୁରେନ୍ଦ୍ର ସାଏଙ୍କ ନିକଟକୁ ଏକ ଶାନ୍ତିର ପ୍ରସ୍ତାବ ପଠାଇଲେ । କାରଣ ସେତେବେଳେ ସେ ଦୁର୍ଗରେ ସ୍ତ୍ରୀ-ବାଳକ ପ୍ରଭୃତି ଥିଲେ । ସେ ଚାହିଁଥିଲେ ସେ ଦୁର୍ଗ ଆକ୍ରମଣ କରି ସମସ୍ତ ଦୁର୍ଗଟିକୁ ଧୂଳିସାତ୍ କରିଦେଇ ଥାଆନ୍ତେ । ସେଥିରେ ଥିବା ସ୍ତ୍ରୀ-ବାଳକ ଆଦି ଏହାତଳେ ସମାଧିସ୍ଥ ହୋଇ କରିଥାଆନ୍ତେ । କିନ୍ତୁ ସୁରେନ୍ଦ୍ରସାଏ ଭୀଷଣ ଦୁର୍ଦ୍ଦାନ୍ତ ଥିଲେ ସୁଦ୍ଧା ଏହା କରିବାକୁ ସେ ଚାହିଁ ନ ଥିଲେ । କାରଣ ସେ ଥିଲେ ଅତ୍ୟନ୍ତ ଦୟାଳୁ । କିନ୍ତୁ ସେ ଯେତେବେଳେ ଏକାକୀ ଏବଂ ବିନା ଅସ୍ତ୍ରେ ଦୁର୍ଗ ଭିତରକୁ ପ୍ରବେଶ କରିଛନ୍ତି, ବିଶ୍ୱାସଘାତକ କ୍ୟାପଟେନ୍ 'ଲି' ତାଙ୍କୁ ବନ୍ଦୀ କରିଥିଲେ । ଏହା ସତ୍ତ୍ୱେ ବ୍ରିଟିଶ୍ ଐତିହାସିକମାନେ ନିର୍ଲ୍ଲଜତାର ସହିତ ଘୋଷଣା କରିଥିଲେ ଯେ ବୀର ସୁରେନ୍ଦ୍ର ସାଏ ସେମାନଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । କିନ୍ତୁ ଏହା କ'ଣ ବିଶ୍ୱାସଯୋଗ୍ୟ ହୋଇପାରେ ଯେ ଜଣେ ଶକ୍ତିଶାଳୀ ବିଦ୍ରୋହୀମାନଙ୍କର ମୁଖ୍ୟ ଭାବେ ସେ ବ୍ରିଟିଶ୍‌ମାନଙ୍କଠାରେ

ଆତ୍ମସମର୍ପଣ କରୁଥିଲେ, ଯଦିଓ ସେ ସମ୍ପୂର୍ଣ୍ଣ ଅବଗତ ଥିଲେ ଯେ ଧରା ପଡ଼ିବା ମାତ୍ରେ ସେ ପୁନର୍ବାର ଜେଲକୁ ଯିବେ ବୋଲି ?

ସେ ଯାହା ହେଉ, ଏଥର ସେ ଖୁବ୍ କମ ସମୟ ପାଇଁ ବନ୍ଦୀଭାବେ ରହିଥିଲେ । ୧୮୫୭ ମସିହା ଅକ୍ଟୋବର ୩୧ ତାରିଖ ଦିନ ସେ ପୁନର୍ବାର ବନ୍ଦୀଶାଳାରୁ ଖସି ପଳାଇଯାଇଥିଲେ । ମୋଗଲ ବନ୍ଦୀଶାଳାରୁ ଶିବାଜୀଙ୍କ ପଳାୟନ ଇତିହାସର ଏକ ଅଧ୍ୟାୟ ଏଠାରେ ପୁନରାବୃତ୍ତି ଘଟିଥିଲା ।

ଏହାପରେ ସୁରେନ୍ଦ୍ର ସାଏଙ୍କର ଦ୍ୱିତୀୟ ପର୍ଯ୍ୟାୟର ସଂଗ୍ରାମ ଆରମ୍ଭ ହୋଇଥିଲା ଓ ଏହା କ୍ରମାଗତ ଭାବେ ୧୮୬୪ ମସିହା ପର୍ଯ୍ୟନ୍ତ ଲାଗି ରହିଲା । ବୀର ସୁରେନ୍ଦ୍ର ସାଏ ଆଞ୍ଚଳିକ ସ୍ତରରୁ ଜାତୀୟ ନେତା ରୂପେ ଜନ୍ମ ନେଲେ । ଏଣିକି ତାଙ୍କର ବିଦ୍ରୋହ ଗୁରୁତର ରୂପ ଧାରଣ କଲା । କାରଣ ସେ ହଜାରିବାଗ ଓ ସମ୍ବଲପୁରର ଇଂରେଜ ସୈନ୍ୟଙ୍କ ଦୁର୍ଗ ଆକ୍ରମଣ କଲାବେଳେ କିଛି ବନ୍ଧୁକ ଏବଂ ଅନ୍ୟାନ୍ୟ ଯୁଦ୍ଧ ସାମଗ୍ରୀମାନ ପାଇଥିଲେ । ବ୍ରିଟିଶମାନଙ୍କ ସହିତ ଅଧିକାଂଶ ସଂଗ୍ରାମ ଗଡ଼ପଡ଼ି, ଝାରଘାଟି, ଦ୍ୱାରଘାଟି, ବଡ଼ ପାହାଡ଼ିଆ ଅଞ୍ଚଳ ଓ ସମ୍ବଲପୁରର ଅନ୍ୟାନ୍ୟ ସ୍ଥାନମାନଙ୍କରେ ହୋଇଥିଲା । ଏପରିକି ଏକ ଯୁଦ୍ଧରେ ଶତ୍ରୁପକ୍ଷ ତାଙ୍କଭାଇ ଛବିଳ ସାଏଙ୍କୁ ହତ୍ୟାକରି ତାଙ୍କ ଛିନ୍ନ ମସ୍ତକକୁ ଏକ ଗଛ ଡାଳରେ ଝୁଲାଇ ଦେଇଥିଲେ । ସୁରେନ୍ଦ୍ର ସାଏ ପ୍ରତିଶୋଧର ଚିହ୍ନ ସ୍ୱରୂପ ଦୁଇଜଣ ଉଚ୍ଚପଦସ୍ଥ ଇଂରେଜ ଅଫିସର କ୍ୟାପଟେନ୍ ଉଡ୍‌ବ୍ରିଜ୍ ଏବଂ ଲେଫଟନେଣ୍ଟ ହେଡ଼କୁ ପରବର୍ତ୍ତୀ ଯୁଦ୍ଧମାନଙ୍କରେ ହତ୍ୟାକଲେ । ସୁରେନ୍ଦ୍ର ସାଏ ଥିଲେ ଜଣେ ଉଚ୍ଚ କୋଟୀର ସେନାପତି । ତାଙ୍କର ସୈନ୍ୟ ଚାଳନାର ଅନ୍ୟାନ୍ୟ ଦୂରଦୃଷ୍ଟି ସାଧାରଣତଃ ନେପୋଲିୟନଙ୍କ ସହିତ ତୁଳନା କରାଯାଇ ପାରିବ । ଅତି ନିମ୍ନମାନର ଅସ୍ତ୍ରଶସ୍ତ୍ର ଦ୍ୱାରା ବାରମ୍ବାର ଶତ୍ରୁ ଆକ୍ରମଣକୁ ସେ ପ୍ରତିରୋଧ କରିଥିଲେ । ଶତ୍ରୁ ପକ୍ଷର କମାଣ ଆଦି ଧ୍ୱଂସ କରିବା ଉଦ୍ଦେଶ୍ୟରେ ସେ ବୃକ୍ଷର ଅଗ୍ରଭାଗମାନଙ୍କରେ 'ଲଟ' ଓ ଦଉଡ଼ିଦ୍ୱାରା ପ୍ରସ୍ତୁତ ଦୋଳି ମାନଙ୍କରେ ବଡ଼ ବଡ଼ ପଥରମାନ ଓହଳାଇ ଥିଲେ । ଯେତେବେଳେ ଉପର ଦୋଳି ଛିଡ଼ିଯାଉଥିଲା ପଥରଗୁଡ଼ିକ ପାହାଡ଼ ଉପରୁ ଖସି ପଡ଼ିବା ସଙ୍ଗେ ସଙ୍ଗେ ଗଡ଼ି ଗଡ଼ି ଆସି ଶତ୍ରୁ ପକ୍ଷର କମାଣମାନ ଧ୍ୱଂସ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ସୈନ୍ୟ ବାହିନୀ ଧ୍ୱସ୍ତ ବିଧ୍ୱସ୍ତ କରୁଥିଲା ।

୧୮୫୯ ବେଳକୁ ଓଡ଼ିଶାର ସମ୍ବଲପୁର ବ୍ୟତୀତ ସାରା ଭାରତରେ ସ୍ୱାଧୀନତା ସଂଗ୍ରାମର ବହ୍ନି ନିଭି ଯାଇଥିଲା । ଝାନ୍ସୀର ରାଣୀ ଯୁଦ୍ଧ କରୁ କରୁ ମୃତ୍ୟୁ ବରଣ କଲେ । ନାନା ସାହେବ ଇଂରେଜ ମାନଙ୍କ ଦ୍ୱାରା ଧରା ହୋଇ ଫାଶୀରେ ଝୁଲିଲେ । ତାନ୍ତିଆତୋପେ ପଳାୟନ କଲେ ଏବଂ ସଂଗ୍ରାମର ଅନ୍ୟାନ୍ୟ ନେତାମାନେ ନିଷ୍କ୍ରିୟ ହୋଇ ପଡ଼ିଲେ କିମ୍ବା କାରାବରଣ କଲେ ଅଥବା ଉତ୍କୋଚ ଲୋଭରେ ଇଂରେଜମାନଙ୍କର ବଶବର୍ତ୍ତୀ ହେଲେ । ଇଂରେଜମାନେ ଏହି ଅବସରରେ ତାଙ୍କର ସର୍ବୋଚ୍ଚ କମାଣ୍ଡରମାନଙ୍କ ସମେତ ବହୁ ଅସ୍ତ୍ରଶସ୍ତ୍ର ଏବଂ ଅଧିକାଂଶ ସୈନ୍ୟଙ୍କୁ କେବଳ ସମ୍ବଲପୁରରେ ଠୁଳ କଲେ । ଅନ୍ୟପକ୍ଷରେ ସୁରେନ୍ଦ୍ରସାଏଙ୍କ ଅଧିକାଂଶ ପୁରୁଣା ସାଥୀମାନେ ତାଙ୍କୁ ପରିତ୍ୟାଗ କଲେ । ଏହି ପରିପ୍ରେକ୍ଷୀରେ ସମ୍ବଳ ବିହୀନ ସୁରେନ୍ଦ୍ର ସାଏ କିପରି ନିରସ୍ତ୍ର ଲୋକମାନଙ୍କୁ ନେଇ ଉନ୍ନତ ଇଂରେଜ ଫୌଜ ବିରୁଦ୍ଧରେ ଦୀର୍ଘ ପାଞ୍ଚ ବର୍ଷ କାଳ ସଂଗ୍ରାମ ଚଳାଇଥିଲେ, ତାହା କଳ୍ପନାତୀତ । ତଥାପି ସେ ପରାଜୟ ସ୍ୱୀକାର କରିନଥିଲେ । ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱ ଏବଂ ଶୌର୍ଯ୍ୟର ପରାକାଷ୍ଠା ।

ସୁରେନ୍ଦ୍ର ସାଏଙ୍କ ଦ୍ୱାରା ପରିଚାଳିତ ସ୍ୱାଧୀନତା ଆନ୍ଦୋଳନକୁ ଦମନ କରିବା ଉଦ୍ଦେଶ୍ୟରେ ଇଂରେଜମାନେ ସମ୍ବଲପୁର ଅଧିବାସୀଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚଳାଇଲେ । ଫଳସ୍ୱରୂପ ମର୍ମାହତ ସୁରେନ୍ଦ୍ର ସାଏ ସମ୍ବଲପୁର ବାସୀଙ୍କୁ ବ୍ରିଟିଶ ଲାଞ୍ଛନାରୁ ମୁକ୍ତି ଦେବା ନିମିତ୍ତ ୧୮୬୨ ମସିହାରୁ ୧୮୬୪ ମସିହା ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ସଂଗ୍ରାମରୁ ଅବ୍ୟାହତ ନେଇ ନିଜଗ୍ରାମ ଖିଣ୍ଡାରେ ଅବସର ନେଲେ ଓ ସଂଗ୍ରାମର ରଜ୍ଜୁ ତାଙ୍କର ବିଶ୍ୱସ୍ତ କମଳ ସିଂ ଓ କୁଞ୍ଜଲ ସିଂଙ୍କ ହାତରେ ଅର୍ପଣ କରିଥିଲେ । ଏହାଥିଲା କେବଳ ଲୋକମାନଙ୍କର ସାଧାରଣ ଜ୍ଞାତସାର ପାଇଁ କିନ୍ତୁ ପ୍ରକୃତରେ ସେହି ଥିଲେ ସଂଗ୍ରାମର କର୍ଣ୍ଣଧାର ।

ଯେତେବେଳେ ଇଂରେଜମାନେ ହୃଦୟଙ୍ଗମ କଲେ ଯେ ସେମାନେ ସୁରେନ୍ଦ୍ର ସାଏଙ୍କୁ ସିଧାବାଟରେ ଧରିବାକୁ ସମର୍ଥ ହେବେ ନାହିଁ, ସେମାନେ ତାଙ୍କୁ ଧରିବା-ପାଇଁ କୁଟୀଳ ଉପାୟମାନ ଚିନ୍ତାକଲେ । ସୁରେନ୍ଦ୍ର ସାଏ ଯଦିଓ ସମ୍ବଲପୁରର ଚୌହାନ ବଂଶର ପଞ୍ଚମ ରାଜା ମଧୁକର ସାଏଙ୍କର ବଡ଼ନାତି ଥିଲେ, ସେ କେବେହେଲେ ଚାହିଁନଥିଲେ କି ସେ ଇଂରେଜ ମାନଙ୍କ ଅଧୀନରେ ଜଣେ ନାମକୁ ମାତ୍ର ରାଜା ହୋଇ ରହିବାକୁ । ଯଦି ସେ ଏହି ଅଭିଳାଷ ପୋଷଣ କରିଥାନ୍ତେ, ତେବେ ଇଂରେଜମାନେ ସହଜରେ ତାଙ୍କୁ ସେଥିରୁ ନିବର୍ତ୍ତାଇ ପାରିନଥାନ୍ତେ । କାରଣ ତାଙ୍କ ବ୍ୟତୀତ ଚୌହାନ ବଂଶର କେହି ହେଲେ ନିକଟ ସଂପର୍କୀୟ ବ୍ୟକ୍ତି ଏହି ରାଜସିଂହାସନ ଦାବୀ କରିବା ପାଇଁ ନଥିଲେ । ପୁନଶ୍ଚ ଜନସାଧାରଣଙ୍କର ଇଚ୍ଛା ଥିଲା ଯେ ସୁରେନ୍ଦ୍ର ସାଏ ହିଁ ଚୌହାନ ବଂଶର ସିଂହାସନ ଆରୋହଣ କରନ୍ତୁ । ତତ୍କାଳୀନ କେନ୍ଦ୍ରୀୟ ରାଜ୍ୟମାନଙ୍କର ମୁଖ୍ୟ କମିଶନର ରିଚାର୍ଡ ଟେମ୍ପଲ୍ ସାହେବ ସୁରେନ୍ଦ୍ର ସାଏଙ୍କୁ ଜନସାଧାରଣ ବିପଳ ଆଦର କରୁଥିବା ନିଜେ ସ୍ୱୀକାର କରିଛନ୍ତି । ୧୮୬୦ ମସିହାରୁ ୧୮୬୩ ମସିହା ପତ୍ରରେ ସେ ସମ୍ବଲପୁରସ୍ଥ ଡେପୁଟି କମିଶନରଙ୍କୁ ଲେଖିଥିଲେ ଯେ ତାଙ୍କ ନିକଟରେ ବହୁ ଦାୟିତ୍ୱ ସଂପନ୍ନ ନାଗରିକ ମାନଙ୍କଠାରୁ ଅଗଣିତ ଆବେଦନ ପତ୍ର ପହଞ୍ଚିଛି ଯେଉଁଥିରେ କି ସେମାନେ ତୁରନ୍ତ ସମ୍ବଲପୁର ରାଜସିଂହାସନ ସୁରେନ୍ଦ୍ର ସାଏଙ୍କୁ ଛାଡ଼ିଦେବା ପାଇଁ ଆବେଦନ କରିଛନ୍ତି । କାରଣ

ସେମାନଙ୍କ ବିଚାରରେ ସୁରେନ୍ଦ୍ର ସାଏ ହିଁ ଏକମାତ୍ର ଉପଯୁକ୍ତ ବ୍ୟକ୍ତି, ଯେକି ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ଓ ନ୍ୟାୟ ପ୍ରବର୍ତ୍ତନ କ୍ଷେତ୍ରରେ ସମର୍ଥ ହୋଇ ପାରିବେ । ଅନ୍ୟ ପକ୍ଷରେ ସୁରେନ୍ଦ୍ର ସାଏଙ୍କ ଆନ୍ଦୋଳନର ପ୍ରକୃତ ଆଭିମୁଖ୍ୟ ଥିଲା ନିଜର ଦେଶକୁ ପରାଧୀନତାରୁ ମୁକ୍ତି କରିବା । ସେକାଳରେ 'ଗଣତନ୍ତ୍ର' ଅର୍ଥ କାହାରିକୁ ଜଣାନଥିଲା । ଦେଶ ସ୍ୱାଧୀନତା ଅର୍ଥ ଦେଶର ସ୍ୱତନ୍ତ୍ର ନିୟମଥାଇ ସ୍ୱାଧୀନ ରାଜାଙ୍କ ଦ୍ୱାରା ନିୟନ୍ତ୍ରିତ ହେବ । ଯଦି ରାଣାପ୍ରତାପ ଓ ଶିବାଜୀକୁ ସିଂହାସନ ପ୍ରୟାସୀ ବୋଲି କୁହାଯାଇ ନପାରେ ତେବେ ସୁରେନ୍ଦ୍ର ସାଏଙ୍କୁ ମଧ୍ୟ ସେହିପରି ସିଂହାସନ ପ୍ରୟାସୀ ବୋଲି କୁହାଯାଇନପାରେ ।

ଇଂରେଜ ଶାସକ ଦଳ ଜନସାଧାରଣଙ୍କ ଦାବୀକୁ ଗ୍ରହଣ କରିବା ପରିବର୍ତ୍ତେ ସୁରେନ୍ଦ୍ର ସାଏଙ୍କୁ ବନ୍ଦୀ କରିବା ନିମିତ୍ତ ଗୁପ୍ତ ମନ୍ତ୍ରଣା କଲେ । ଇଂରେଜମାନେ ସୁରେନ୍ଦ୍ର ସାଏଙ୍କର ଜଣେ ଅତି ଅନ୍ତରଙ୍ଗ ବନ୍ଧୁ ଦୟାନିଧି ମେହରଙ୍କୁ ଉତ୍କୋଚ ଦେଇ ସାଏଙ୍କୁ ତାଙ୍କ ପରିବାରର ଇଷ୍ଟ ଦେବଙ୍କ ପ୍ରସାଦ ମାଧ୍ୟମରେ ମାଦକ ଦ୍ରବ୍ୟ ଦେବାକୁ ପ୍ରବର୍ତ୍ତାଇଲେ । ଦୟାନିଧି ମେହର ମଧ୍ୟ ଗୁପ୍ତ ସହକାରେ ଅତି ଚତୁରତା ସହ ସାଏଙ୍କୁ ଦେବତା ପ୍ରସାଦରେ ମାଦକ ଦ୍ରବ୍ୟ ମିଶାଇ ଦେଇଥିଲେ । ଯାହାଫଳରେ ସୁରେନ୍ଦ୍ର ସାଏ ଓ ତାଙ୍କର ଅନ୍ୟାନ୍ୟ ୧୪ ଜଣ ଅନ୍ତେବାସୀ ସଂଜ୍ଞାହୀନ ହୋଇ ପଡ଼ିଲେ । ଏହି ସଂଜ୍ଞାହୀନ ଅବସ୍ଥାରେ ଡେପୁଟି କମିଶନର ମେଜର କାମ୍ପବେଲ, ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ୍ ଶ୍ରୀ ସୁରାଟ ଏବଂ ଦଳେ ସିପାହୀ ସୁରେନ୍ଦ୍ର ସାଏଙ୍କ ଘରେ ପ୍ରବେଶ କଲେ । ତେଣୁ ସେମାନଙ୍କୁ ବନ୍ଦୀ କରିବାରେ କୌଣସି ବାଧା ନଉପୁଜିବା । ସ୍ୱାଭାବିକ, ଡେପୁଟି କମିଶନର ତାଙ୍କ କମିଶନରଙ୍କ ପାଖକୁ ପଠାଇଥିବା ବିବରଣୀରେ (ଚିଠି ନଂ ୨୧୭, ତାରିଖ ୨୬ । ୧ । ୧୮୬୪) ସ୍ୱୀକାର କରିଛନ୍ତି ଯେ ଜାନୁଆରୀ ମାସର ଏକ ମଧ୍ୟ ରାତ୍ରରେ ସେମାନେ ଗୁପ୍ତ ଓ ଅଭିନବ ଭାବେ ସୁରେନ୍ଦ୍ର ସାଏ ଓ ତାଙ୍କ ଅନ୍ତେବାସୀଙ୍କୁ ତାଙ୍କ ବାସଗୃହରେ କାବୁ କରିଥିଲେ । ଫଳତଃ ସେମାନେ କୌଣସି ବାଧା ଦେବା ପୂର୍ବରୁ ସେମାନଙ୍କୁ ବନ୍ଦୀ କରାଯାଇଥିଲା । କିନ୍ତୁ ମେଜର କାମ୍ପବେଲ ଚତୁରତାରେ କିପରି ବିଶ୍ୱାସ ଘାତକତା ସହ ମାଦକଦ୍ରବ୍ୟ ଦିଆଯାଇଥିଲା ଯାହା ଫଳରେ ସେମାନେ କୌଣସି ପ୍ରକାର ପ୍ରତିରୋଧ କରିବାକୁ ଅକ୍ଷମ ଥିଲେ, ତାହା ଉପରୋକ୍ତ ବିବରଣୀରେ ଉଲ୍ଲେଖ ନକରି ଏଡ଼େଇ ଦେଇଥିଲେ । ବନ୍ଦୀ ପରେ ପରେ ସେମାନଙ୍କୁ ସମ୍ବଲପୁରକୁ ଅଣା ନଯାଇ ତୁରନ୍ତ 'ଛତିସଗଡ଼ର' ସେସନ ଜଜ୍‌ଙ୍କ ନିକଟରେ ହାଜର କରାଗଲା । ସେଠି ଡେପୁଟି କମିଶନର ସାହେବ ମନ୍ତବ୍ୟ ଦେଇଥିଲେ, ଯେ ପର୍ଯ୍ୟନ୍ତ ସୁରେନ୍ଦ୍ର ସାଏଙ୍କ ପରିବାରର କୌଣସି ବ୍ୟକ୍ତି ଏଠାରେ ଥିବେ ଶାନ୍ତି ଓ ଶୃଙ୍ଖଳା ପ୍ରତିଷ୍ଠା କରିବା ଏକାବେଳକେ ଅସମ୍ଭବ କିନ୍ତୁ ସୁରେନ୍ଦ୍ର ସାଏ ଏହି ବିଚାରରେ ନିର୍ଦ୍ଦୋଷ ଖଲାସ ହେଲେ । କିନ୍ତୁ ଶାସକ ଗୋଷ୍ଠୀ ବିଚାର ବିଭାଗ ସହିତ ଏକମତ ହେଲେ ନାହିଁ । ତଥା କଥିତ ଡିଫେନ୍‌ସ୍ ଇଣ୍ଡିଆ' କବଳରୁ ସୁରେନ୍ଦ୍ର ସାଏ ଖଲାସ ପାଇ ପାରିଲେ ନାହିଁ ଏବଂ ମଧ୍ୟପ୍ରଦେଶର ଘୋର ଜଙ୍ଗଲ ମଧ୍ୟରେ ଥିବା ଅସୁରଗଡ଼ ଦୁର୍ଗ ଯାବଜ୍ଜୀବନ କାରାବରଣ ପାଇଁ ପଠାଇଦେଲେ । ମାନସିକ ଓ ଶାରୀରିକ ଯନ୍ତ୍ରଣା ତଥା ଅସ୍ୱାସ୍ଥ୍ୟକର ପରିବେଶ ହେତୁ ସେ ଜୀବନର ଶେଷ କୋଡ଼ିଏ ବର୍ଷ ସଂପୂର୍ଣ୍ଣ ଅନ୍ଧ ହୋଇ ଅତି ନିର୍ଯ୍ୟାତିତ ଭବେ ଜୀବନ ଯାପନ କଲେ । ପରି-ଶେଷରେ ୧୮୮୪ ମସିହା ଫେବୃୟାରୀ ମାସ ୨୮ ତାରିଖ ଦିନ ଉକ୍ତ କାରାଗାରରେ ସେ ଶେଷ ନିଶ୍ୱାସ ତ୍ୟାଗ କଲେ ।

ସୁରେନ୍ଦ୍ର ସାଏ ଜୀବନର କୋଡ଼ିଏ ବର୍ଷ ଇଂରେଜ ବିରୁଦ୍ଧରେ ତୀବ୍ର ସଂଗ୍ରାମରେ ଓ ଶେଷ ତିରିଶ ବର୍ଷକାଳ ବନ୍ଦୀ ଭାବେ ଅତିବାହିତ କରିଥିଲେ ।

ଆନ୍ଦୋଳନ ସମୟରେ ନିଘଞ୍ଚ ଜଙ୍ଗଲ ଓ ପାହାଡ଼ର ଶୀର୍ଷ ଦେଶ ଥିଲା ତାଙ୍କର ଗୃହ । ବାଉଁଶ ଗଜାଥିଲା ତାଙ୍କର ଆହାର, ଝରଣାର ଜଳ ଥିଲା ତାଙ୍କର ପାନୀୟ, କର୍କଶମୟ ଶିଳା ଓ ବୃକ୍ଷମାନଙ୍କରୁ ଝଡ଼ିପଡ଼ିଥିବା ଶୁଷ୍କ ପତ୍ର ଥିଲା ତାଙ୍କ ଶଯ୍ୟା । ଏତେ ନିର୍ଯ୍ୟାତନା ଭୋଗ କରିବା ସତ୍ତ୍ୱେ ସେ ସ୍ୱାଧୀନ ଭାରତର ନବୋଦିତ ସୂର୍ଯ୍ୟ ଦେଖି ପାରିଲେ ନାହିଁ । ଭାରତକୁ ପରାଧୀନତାରୁ ମୁକ୍ତ କରିବା, ଏହି ଅଟଳ ବିଶ୍ୱାସ ତାଙ୍କ ଜୀବନକାଳରେ ଅତୁଟ ରହିଥିଲା । ଏହି ମହାନ୍ ବ୍ୟକ୍ତି ଯେ ଏକାଧାରରେ ନେପୋଲିଅନ୍, ଶିବାଜୀ ଓ ରାଣାପ୍ରତାପଙ୍କ ସମସ୍ତ ଗୁଣକୁ ଏକତ୍ର ଧାରଣ କରିଥିଲେ, ଏଥିରେ କୌଣସ ସନ୍ଦେହ ନାହିଁ ।

ସୁରେନ୍ଦ୍ର ସାଏଙ୍କ ସ୍ୱାଧୀନତା ସଂଗ୍ରାମ ସମ୍ବନ୍ଧରେ ସମଗ୍ର ଭାରତବାସୀଙ୍କ ପ୍ରକୃତ ତଥ୍ୟ ଅବଗତ କରାଇବା ଏବଂ ତାଙ୍କୁ ଜାତୀୟ ନେତା ହିସାବରେ ସମ୍ମାନ ଦେବା ହେବ ତାଙ୍କ ମୃତ୍ୟୁ ଶତବାର୍ଷିକୀ ପାଳନର ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ।

ଆଡ୍‌ଭୋକେଟ୍,
ସମ୍ବଲପୁର

ସ୍ୱାଧୀନତା ହେଉଚି, ଜାତିର ଏକ ଅନମନୀୟ
ଆତ୍ମବଳି, କଠୋର ସାଧନା ଓ ସଙ୍କଳ୍ପର ପ୍ରତୀକ ।
ଜାନକୀ ବଲ୍ଲଭ ପଟ୍ଟନାୟକ

ବ୍ୟକ୍ତିଗତ ଅଧ୍ୟୟନ ଓ ପାଠାଗାରକୁ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ
ଗବେଷଣା କାର୍ଯ୍ୟରେ ସହାୟକ ହେବାଭଳି

# ଓଡ଼ିଶା ସାହିତ୍ୟ ଏକାଡେମୀର

## କେତୋଟି ମର୍ଯ୍ୟାଦାବନ୍ତ ପ୍ରକାଶନ

Lord Jagannath—Shri Surendra Mohanty—Rs. 50-00

A glimpse into Oriya literature—Shri Chittaranjan Das—Rs. 50-00

The People, Language and Culture of Orissa—Dr. Suniti Kumar Chatterji—Rs. 9-50

Festivals of Orissa—Shri Dhirendranath Patnaik—Rs. 40-00

Phakiramohana Senapati and his times—Dr. J. V. Boulton

ଶତାବ୍ଦୀର ଶ୍ରେଷ୍ଠ କବିତା—ସଂକଳକ : ଅଧ୍ୟାପକ ଶ୍ରୀ ଚିନ୍ତାମଣି ବେହେରା (ବିଂଶ ଶତାବ୍ଦୀର ଶ୍ରେଷ୍ଠ ଓଡ଼ିଆ କବିତାର ଏକ ପ୍ରତିନିଧି ସ୍ଥାନୀୟ ମନୋଜ୍ଞ ସଂକଳନ) .. ଟ ୪୨-୦୦

ସନ୍ଥ (ଭକ୍ତି) ସାହିତ୍ୟ—ଶ୍ରୀ ଚିତ୍ତରଞ୍ଜନ ଦାସ .. ଟ ୫୦-୦୦

ପ୍ରାଚୀନ ଓଡ଼ିଆ ଗଦ୍ୟ ସଂକଳନ—ଡକ୍ଟର କୃଷ୍ଣବିହାରୀ ତ୍ରିପାଠୀ .. ଟ ୯-୦୦

ଓଡ଼ିଆ ଶିଶୁ ସାହିତ୍ୟ ସଂକଳନ—ସଂକଳକ : ଶ୍ରୀ ରାମକୃଷ୍ଣ ନନ୍ଦ .. ଟ ୩୦-୦୦

ଓଡ଼ିଆ ଚୌପଦୀ ସାହିତ୍ୟ—ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) .. ଟ ୬-୦୦

ଦୂତ ସାହିତ୍ୟ—ଶ୍ରୀ ଅରବିନ୍ଦ ପଟ୍ଟନାୟକ .. ଟ ୨୫-୦୦

ଓଡ଼ିଆ ଭାଷାର ଉପଭାଷା—ଶ୍ରୀ ସତ୍ୟନାରାୟଣ ରାଜଗୁରୁ .. ଟ ୧୦-୦୦

ଶତାବ୍ଦୀର ଶ୍ରେଷ୍ଠ ପ୍ରବନ୍ଧ ସଂକଳନ—ସଂକଳକ : ଡକ୍ଟର ଖଗେଶ୍ୱର ମହାପାତ୍ର (ପ୍ରଥମ ଓ ଦ୍ୱିତୀୟ ଭାଗ) .. ଟ ୫୫-୦୦

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା—ଡକ୍ଟର ବନମାଳୀ ରଥ .. ଟ ୧୦-୦୦

ଓଡ଼ିଆ ସାହିତ୍ୟରେ ହାସ୍ୟରସ—ଡକ୍ଟର ଚୂଳମଣି ଗଉଡ .. ଟ ୧୨-୦୦

ନାଟ୍ୟକାର ରାମଶଙ୍କର—ଡକ୍ଟର ହେମନ୍ତ କୁମାର ଦାସ .. ଟ ୯-୦୦

(ସମ୍ପୂର୍ଣ୍ଣ ଗ୍ରନ୍ଥସୂଚୀ ପାଇଁ ପତ୍ର ଲେଖନ୍ତୁ)

ସଂପାଦକ
ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୧୪

# ବିଶ୍ୱ ଗୌରବ ମଧୁସୂଦନ ଦାସ

ଶ୍ରୀ ଉଦ୍ଧବ ଚରଣ ନାୟକ

ଉତ୍କଳ ଜନନୀର ଯୋଗ୍ୟତମ ବରପୁତ୍ର ମଧୁସୂଦନ ଦାସ, ସି. ଆଇ. ଇ. ଙ୍କ ବ୍ୟକ୍ତିତ୍ୱକୁ ପର୍ଯ୍ୟାଲୋଚନା-କଲେ ଜଣାଯାଏ, ତାଙ୍କର ସ୍ଥାନ କେବଳ ଉତ୍କଳ ପ୍ରଦେଶ ବା ଭାରତବର୍ଷ ମଧ୍ୟରେ ସୀମାବଦ୍ଧ ନୁହେଁ । ବିଶ୍ୱର ମହାନ୍ ବ୍ୟକ୍ତିମାନଙ୍କ ମଧ୍ୟରେ ସେ ଅନ୍ୟତମ ।ତାଙ୍କୁ କେବଳ ଉତ୍କଳ ଗୌରବ ବା ଜାତୀୟନେତା ଭାବରେ ଆଖ୍ୟାୟିତ କରିବା ନିମନ୍ତେ ବହୁ ଅନୁକୂଳ ଉପାଦାନ ପରିଦୃଷ୍ଟ ହୁଏ । ପୂଜ୍ୟ ମଧୁସୂଦନ ଦାସ ଓଡ଼ିଶାରେ ମଧୁବାବୁ ଭାବରେ ଓ ଭାରତବର୍ଷରେ ମିଃ ଦାସ ଭାବରେ ସୁପରିଚିତ ଥିଲେ । ତାଙ୍କର ଜୀବନ, ଇତିବୃତ୍ତି, କାର୍ଯ୍ୟଦକ୍ଷତା, ସ୍ପଷ୍ଟବାଦିତା, କର୍ମକୁଶଳତା, ଶାସନଗତ ପାରଦର୍ଶିତା, ଦେଶବତ୍ସଳତା, ମହାନୁଭବତା ଯୋଗୁଁ ସେ ବିଶ୍ୱଦରବାରେରେ ଉଚ୍ଚସ୍ଥାନର ଅଧିକାରୀ ।

ଊନବିଂଶ ଶତାବ୍ଦୀର ପ୍ରଥମ ପର୍ଯ୍ୟାୟ । ସେତେବେଳେ ସମୟ ଥିଲା ଭିନ୍ନ । ଶାସନ ଥିଲା ଅନ୍ୟ । ଇଂରେଜମାନେ ଥିଲେ ଭାରତବର୍ଷର ଶାସକ । କେବଳ ଭାରତବର୍ଷ କାହିଁକି ବିଶ୍ୱର ପ୍ରତ୍ୟେକ କୋଣରେ ସାମ୍ରାଜ୍ୟବାଦୀ ଇଂରେଜ ଶକ୍ତି ଶାସନ କରୁଥିଲେ । ସେମାନଙ୍କ ଶାସନରେ ସୂର୍ଯ୍ୟ ଅସ୍ତ ଯାଉନଥିଲେ । ସେତେବେଳେ ଓଡ଼ିଶାର ସତ୍ତା ସ୍ୱତନ୍ତ୍ର ଭାବରେ ଭାରତବର୍ଷ ମାନଚିତ୍ରରେ ସ୍ଥାନ ପାଇନଥିଲା । କେବଳ ବଙ୍ଗ, ବିହାର ଓ ଓଡ଼ିଶାକୁ ନେଇ ଏକ ପ୍ରଦେଶ ଥିଲା । ଯେଉଁ ପ୍ରଦେଶ ଭିତରେ ବର୍ତ୍ତମାନର ସ୍ୱତନ୍ତ୍ର ଓଡ଼ିଶା ଆତ୍ମଗୋପନ କରି ରହିଥିଲା । ଏହି ପ୍ରଦେଶର ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳ କଟକ ଜିଲ୍ଲା ସାଲେପୁର ଅନ୍ତର୍ଗତ ସତ୍ୟଭାମାପୁର ଗ୍ରାମର ଗୋଟିଏ କୁଳୀନ କରଣ ପରିବାରରେ ୧୮୪୮ ସାଲ ଏପ୍ରିଲ ୨୮ ତାରିଖ ଦିନ ମଧୁବାବୁ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତା ଚୌଧୁରୀ ରଘୁନାଥ ଦାସ ଥିଲେ ଜଣେ ନାମଜାଦା ମୁକ୍ତାର । ତାଙ୍କର ପାର୍ଶୀ ଭାଷାରେ ଗଭୀର ଜ୍ଞାନ ଥିଲା । ମଧୁବାବୁଙ୍କର ମାତା ପ୍ରଭାତୀ ଦେବୀ ପାଠଶାଠ ପଢ଼ି ନଥିଲେ ମଧ୍ୟ ଜଣେ ଧର୍ମଭାବାପନ୍ନ ତଥା ବିଦୁଷୀ ମହିଳା ଭାବରେ ପରିଚିତ ଥିଲେ । ପିତାମାତାଙ୍କ ସହ ଗ୍ରାମରେ ରହି ମଧୁବାବୁ ଗ୍ରାମ୍ୟ-ପାଠଶାଳାରୁ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ । ପରେ ସେ କଟକ ଜିଲ୍ଲା ସ୍କୁଲରୁ କୃତିତ୍ୱର ସହ ଏଣ୍ଟ୍ରାନ୍ସ୍ ପରୀକ୍ଷାରେ ପାସ୍‌କରି ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିଲେ । କାରଣ ସେ ସମୟରେ ଓଡ଼ିଶାରେ ଉଚ୍ଚ ଶିକ୍ଷା ଲାଭ ନିମନ୍ତେ କୌଣସି କଲେଜ ନଥିଲା । ୧୮୬୬ ସାଲ । ନଅଙ୍କ ଦୁର୍ଭିକ୍ଷ ପ୍ରାଦୁର୍ଭାବରେ ଓଡ଼ିଶା କଙ୍କାଳମୟ ।

ଏହିପରି ଏକ ଦୁର୍ଦ୍ଦିନରେ ଉଚ୍ଚଶିକ୍ଷା ଲାଭ କରିବାର ଅଭିଳାଷ ପୋଷଣ କରି ମଧୁବାବୁ ମାତୃଭୂମି ତ୍ୟାଗକରି ପହଞ୍ଚିଲେ ମହାନଗରୀ କଲିକତାରେ । ଖ୍ରୀଷ୍ଟଧର୍ମ ଗ୍ରହଣ ପୂର୍ବକ ଖ୍ରୀଷ୍ଟିୟାନ ମିଶନାରୀଙ୍କ ସାହାଯ୍ୟପ୍ରାପ୍ତ ହୋଇ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଏମ୍. ଏ. ପାଶ୍ କଲେ । ତା'ପରେ କଲିକତାସ୍ଥିତ ପ୍ରେସିଡେନ୍‌ସି କଲେଜରୁ ୧୮୭୮ ସାଲରେ ବି. ଏଲ୍. ପାଶ୍ କରିଥିଲେ । ସେ କଲିକତା ମହାନଗରୀରେ ଷୋହଳ ବର୍ଷ ସମୟ ଅତିବାହିତ କରିଥିଲେ । ଏହି ସମୟରେ ସେ ଇଂରାଜୀ, ବଙ୍ଗଳା, ସଂସ୍କୃତ ଭାଷାରେ ଗଭୀର ଜ୍ଞାନ ଆହରଣ କରିବା ସଙ୍ଗେ ସଙ୍ଗେ ପାର୍ଶୀ ଭାଷାରେ ପାରଦର୍ଶିତା ଲାଭ କରିଥିଲେ । ପରବର୍ତ୍ତୀକାଳରେ କଲିକତା ବିଶ୍ୱବିଦ୍ୟାଳୟର ଜଣେ ସିନେଟ୍ ସଭ୍ୟଭାବରେ ମଧ୍ୟ ମଧୁବାବୁ ଦକ୍ଷତାରସହ କାର୍ଯ୍ୟନିର୍ବାହ କରିଥିଲେ । ସେ କଲିକତାର ଜନୈକା ବିଦୁଷୀ ମହିଳା ସୌଦାମିନୀ ଦେବୀଙ୍କୁ ବିବାହ କରିଥିଲେ । କଲିକତାସ୍ଥିତ ଗାର୍ଡେନରିଚ୍ ଖ୍ରୀଷ୍ଟିୟାନ ମିଶନାରୀ ସୋସାଇଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବରେ ଦାୟିତ୍ୱ ଗ୍ରହଣକରି ସେ ସୁନାମ ଅର୍ଜ୍ଜନ କରିଥିଲେ । ଏହି ସମୟରେ ସେ ଆଶୁତୋଷ ମୁଖାର୍ଜୀଙ୍କର ଗୃହଶିକ୍ଷକ ଥିଲେ । ପରବର୍ତ୍ତୀ କାଳରେ ଆଶୁତୋଷ ମୁଖାର୍ଜୀ ଜଣେ ଖ୍ୟାତନାମା ଶିକ୍ଷାବିତ୍‌ଭାବରେ ଯଥେଷ୍ଟ ସୁନାମ ଅର୍ଜନ କରି ବ୍ରିଟିଶ ସରକାରଙ୍କ ଦ୍ୱାରା 'ସାର୍' ଉପାଧିରେ ଭୂଷିତ ହୋଇଥିଲେ । ସାର ଆଶୁତୋଷ ମୁଖାର୍ଜୀ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ପଦ ପ୍ରାପ୍ତ ହୋଇ ବଙ୍ଗଳା ପ୍ରଦେଶର ଶିକ୍ଷାଗତ ଜୀବନକୁ ଉନ୍ନତମାନରେ ଗଢ଼ି ତୋଳିଥିଲେ । ସାର ଆଶୁତୋଷ ମୁଖାର୍ଜୀ ତାଙ୍କ ଜୀବନର ଶେଷକାଳ ପର୍ଯ୍ୟନ୍ତ ମଧୁବାବୁଙ୍କୁ ଅତୀବ ଭକ୍ତି ପ୍ରଦର୍ଶନ କରୁଥିଲେ । କଲିକତାରେ ଦୀର୍ଘ ଷୋହଳ ବର୍ଷ ରହଣୀ ମଧ୍ୟରେ ମଧୁବାବୁଙ୍କ ମନରେ ଏକ ପରିବର୍ତ୍ତନ ଦେଖାଦେଲା । ସେ ଉପଲବ୍ଧି କଲେ ଯେ ଓଡ଼ିଆଜାତିର ବୁଦ୍ଧି, ମେଧାଶକ୍ତି ଓ କର୍ମକୁଶଳତା କୌଣସି ଜାତିଠାରୁ ନ୍ୟୁନ ବା ନିମ୍ନମାନର ନୁହେଁ । ଓଡ଼ିଆ ଜାତିର ବୁଦ୍ଧି ଓ କର୍ମକୁଶଳତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ କଲିକତା ତ୍ୟାଗକରି ନିଜର ମାତୃଭୂମି ଓଡ଼ିଶାକୁ ଫେରି ଆସି ଓକିଲତି ବ୍ୟବସାୟ ଆରମ୍ଭ କରିବା ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କଲେ । ସେତେବେଳେ କେବଳ ବଙ୍ଗାଳୀମାନେ ଏକଚାଟିଆ ଭାବରେ ଓଡ଼ିଶାରେ ଆଇନ୍ ବ୍ୟବସାୟ କରୁଥିଲେ । କଟକରେ ସେତେବେଳେ କେହି ଓଡ଼ିଆ ଓକିଲ ନଥିଲେ ।

ମଧୁବାବୁଙ୍କ ଆଗମନ ଫଳରେ ବଙ୍ଗୀୟ ଓକିଲମାନଙ୍କ ମନରେ ଗଭୀର ଆନ୍ଦୋଳନ ଦେଖାଦେଇଥିଲା । ଫଳରେ ସେହି ବଙ୍ଗୀୟ ଓକିଲମାନେ କଟକବାରରେ ମଧୁବାବୁଙ୍କୁ ଖଣ୍ଡିଏ ଚେୟାର ମଧ୍ୟ ଦେଉନଥିଲେ । ଆତ୍ମାଭିମାନୀ ତଥା ପ୍ରଖର ବୁଦ୍ଧିସଂପନ୍ନ ମଧୁବାବୁ ଅନ୍ୟାଗାରରେ ଏକ ସ୍ୱତନ୍ତ୍ର ବିରସ୍ଥାଖୋଲି ଓକିଲତି ବ୍ୟବସାୟ ଆରମ୍ଭ କରିଥିଲେ ।

୧୮୯୧—୧୮୯୫ ସାଲ ମଧ୍ୟରେ ମଧୁବାବୁ ପ୍ରଥମେ କଟକ ଜିଲ୍ଲା ବୋର୍ଡର ନନ୍-ଅଫିସିଆଲ୍ ଭାଇସ୍ ଚେୟାରମ୍ୟାନ୍ ଓ ପରେ ଚେୟାରମ୍ୟାନ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୧୨ ସାଲରେ ଓଡ଼ିଶା ଓ ବିହାର ନାମରେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେଲା । ଏହି ନୂତନ ପ୍ରଦେଶର ବ୍ୟବସ୍ଥାପକ ଭାବରେ ସେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ୧୯୧୩ରୁ ୧୯୨୩ ସାଲ ପର୍ଯ୍ୟନ୍ତ ବିହାର ଓ ଓଡ଼ିଶା ପ୍ରଦେଶର ସ୍ୱାସ୍ଥ୍ୟ, ନଗର ଉନ୍ନୟନ ଓ ପୂର୍ତ୍ତ ବିଭାଗର ମନ୍ତ୍ରୀଭାବରେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ୧୯୧୩ ସାଲରେ ମଧୁବାବୁ କେନ୍ଦ୍ର ବ୍ୟବସ୍ଥାପକ ସଭାକୁ ବିହାର ଓ ଓଡ଼ିଶା ପ୍ରଦେଶର ପ୍ରତିନିଧି ଭାବରେ ମନୋନୀତ ହୋଇଥିଲେ । ୧୯୧୨ ସାଲ ପୂର୍ବରୁ ମଧୁବାବୁ ବଙ୍ଗଳା କାଉନ୍‌ସିଲର ଜଣେ ବ୍ୟବସ୍ଥାପକ ଥିଲେ । ଏହି ସମୟରେ ବଙ୍ଗଳା କାଉନ୍‌ସିଲରେ ଜମିଜମା ସଂକ୍ରାନ୍ତୀୟ ଏକ ବିଲ୍ ଆଗତ ହୋଇଥିଲା । ସେହି ବିଲ୍ ପାଶ୍ ହୋଇଥିଲେ ଓଡ଼ିଶା କୃଷୀମାନଙ୍କର ପ୍ରଭୂତ କ୍ଷତି ସାଧିତ ହୋଇ-ଥାଆନ୍ତା । ଏହି ବିଲର ଅପକାରିତାକୁ ଉପଲବ୍ଧି-କରି ସେ କ୍ରମାଗତ ଭାବରେ କାଉନସିଲ୍ ବାହାରେ ଓ କାଉନ୍‌ସିଲ୍ ଭିତରେ ପ୍ରବନ୍ଧ ସ୍ରୋପ ପକାଇ ଏହି ବିଲ୍ ବିରୁଦ୍ଧରେ ଦୃଢ଼ ପ୍ରତିବାଦ କରିଥିଲେ । ପରିଶେଷରେ ସେହି ବିଲ୍ ବେସରକାରୀ ବିଲ୍ ଭାବରେ ପରିଗଣିତ ହୋଇ ମଧୁବାବୁଙ୍କର ଉଦ୍ୟମ ସଫଳ ହୋଇଥିଲା ।

ବିହାର ଓଡ଼ିଶା ପ୍ରଦେଶ ଗଠନ ଦ୍ୱାରା ମଧୁବାବୁ ସନ୍ତୁଷ୍ଟ ନଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ସାଧନ । ଓଡ଼ିଶାରେ ଶିଳ୍ପ ପ୍ରସାର, ଶିଳ୍ପୋନ୍ନତି ଓ ଶିକ୍ଷା ପ୍ରସାର ନିମନ୍ତେ ସେ ପ୍ରବଳ ପ୍ରୟାସୀ ଥିଲେ ଓ ବିହାର ଓଡ଼ିଶା ବ୍ୟବସ୍ଥାପକ ସଭାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ପ୍ରବଳ ଚାପ ପ୍ରୟୋଗ କରୁଥିଲେ । ବିଚ୍ଛିନ୍ନ ହୋଇ ରହିଥିବା ଓଡ଼ିଆମାନଙ୍କୁ ଏକତ୍ରୀକରଣ କରିବାର ପ୍ରୟାସ ନେଇ ଜନମତ ଜାଗ୍ରତକରି 'ଉତ୍କଳ ସମ୍ମିଳନୀ' ଗଠନ କରି ତାର ନେତୃତ୍ୱ ବହନ କରିଥିଲେ । ସେତେବେଳେ ବଙ୍ଗାଳୀମାନେ ପ୍ରଚାର କରୁଥିଲେ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହଁ' । ବଙ୍ଗ ମଧ୍ୟରେ ଓଡ଼ିଶା 'ବିଲୀନ ହୋଇଯାଉ ଓ ଓଡ଼ିଆ ଭାଷା ନଷ୍ଟ ହୋଇଯାଉ', ଏହା ଥିଲା ସେତେବେଳେ ବଙ୍ଗାଳୀମାନଙ୍କର ପ୍ରଧାନ ଉଦ୍ଦେଶ୍ୟ । ମାତୃଭୂମି ଓ ମାତୃଭାଷା ନଷ୍ଟ ହୋଇଯିବ ଏହି ଧକ୍କା ତାଙ୍କ ପ୍ରାଣରେ ନୂତନ ସ୍ପନ୍ଦନ ସୃଷ୍ଟିକଲା । ସେ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ ।

ଉତ୍କଳ ମାତାର ଉନ୍ନତ ନହେଲେ ଓଡ଼ିଆଜାତିର ଉନ୍ନତି ଅସମ୍ଭବ ଏକଥା ଉପଲବ୍ଧିକରି ସେ ଓଡ଼ିଶାରେ ପାଶ୍ଚାତ୍ୟ ଦେଶ ଅନୁରୂପ ଶିଳ୍ପ ପ୍ରତିଷ୍ଠା ଓ ସ୍ୱତନ୍ତ୍ର ଓଡ଼ିଶା ଗଠନ ନିମନ୍ତେ ଉଦ୍ୟମ ଅବ୍ୟାହତ ରଖିଲେ । ଯାହାଫଳରେକି ଉତ୍କଳ ଟ୍ୟାନେରୀ ନାମରେ ଏକ ଶିଳ୍ପ ସଂସ୍ଥା ଜନ୍ମ ଲଭ କଲା ଓ ଓଡ଼ିଆ ଜାତିର କାରୁକାର୍ଯ୍ୟ ଖଚିତ ତାରକସୀ କାର୍ଯ୍ୟର ପ୍ରଭୂତ ଉନ୍ନତି ସାଧିତ ହୋଇ ଆଜି ସମଗ୍ର ବିଶ୍ୱରେ ଓଡ଼ିଶାର ତାରକସୀ କାର୍ଯ୍ୟ ବିଶେଷ ଭାବରେ ପ୍ରସିଦ୍ଧି ଲଭ କରି ପାରିଅଛି । 'ଉତ୍କଳ ଜନନୀ' ଶବ୍ଦ ମଧୁବାବୁଙ୍କ ଦ୍ୱାରା ସୃଷ୍ଟି ଓ ତାଙ୍କର ନିଜସ୍ୱ ।

ସମାଜ ସଂସ୍କାର ଓ ସ୍ତ୍ରୀ ଶିକ୍ଷା—ସାମାଜିକ ପୁନରୁତ୍‌ଥାନର ସେ ଥିଲେ ଜଣେ ପଥ ପ୍ରଦର୍ଶକ । ଜାତିପ୍ରଥାକୁ ସେ ଘୃଣା କରୁଥିଲେ । ସେ ସବୁବେଳେ କହୁଥିଲେ—

"Give up the variety of castes and merge your-self in the sea of nation"

ଓଡ଼ିଶାରେ ସ୍ତ୍ରୀ ଶିକ୍ଷା ପ୍ରଚଳନର ସେ ଥିଲେ ପଥ ପ୍ରଦର୍ଶକ । ତାଙ୍କରି ପ୍ରେରଣାରେ ତାଙ୍କର ପୋଷ୍ୟା କନ୍ୟା ଶ୍ରୀମତୀ ଶୈଳବାଳା ଦେବୀଙ୍କ ଦ୍ୱାରା ପ୍ରଥମକରି କଟକ ସହରରେ ବିଧବା ତାଲିମ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇ କାର୍ଯ୍ୟ କରିଥିଲା । ପରେ ୧୯୦୮ ସାଲରେ ମଧୁବାବୁଙ୍କ ଉଦ୍ୟମରେ କଟକଠାରେ ଓଡ଼ିଶାର ସର୍ବ ପ୍ରଥମ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ସେ 'ଓଡ଼ିଆ' ନାମକ ଏକ ପତ୍ରିକା ପ୍ରକାଶ କରି ଭାରତବର୍ଷର ଓ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଆଲୋକପାତ କରୁଥିଲେ । ତାଙ୍କରି ପ୍ରଚେଷ୍ଟା ଫଳରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସୃଷ୍ଟି ହୋଇ ପାରିଛି । ଏହା ବିଶ୍ୱର ପ୍ରତ୍ୟେକ ନେତୃବର୍ଗ ଉଦାର କଣ୍ଠରେ ସ୍ୱୀକାର କରିବେ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସଂପର୍କରେ ତାଙ୍କର ଉଦ୍ୟମ ଓ ପ୍ରଚେଷ୍ଟା ଉପରେ ଆଲୋଚନା ନକରି ତାଙ୍କର ଜାତୀୟତାବୋଧ, ବିଶ୍ୱ ଦରବାରରେ ତାଙ୍କର ଉଚ୍ଚ ଆସନ ଓ ତାଙ୍କର ବ୍ୟକ୍ତିତ୍ୱ ଉପରେ ଆଲୋଚନା କଲେ ଅତୀବ ବିସ୍ମୟ ଲାଗେ ।

ବ୍ୟକ୍ତିତ୍ୱ—ସେ ଥିଲେ ଖାଣ୍ଟି ଓଡ଼ିଆ । ପ୍ରଥମ ଏମ୍. ଏ. ପାଶ୍ କରିଥିବା ଓଡ଼ିଆ ବ୍ୟକ୍ତି । ପ୍ରଥମ ଓଡ଼ିଆ ୟୁରୋପ ଯାତ୍ରୀ । ଓଡ଼ିଆ କହିଲେ ତାଙ୍କ ମନରେ ଶତ ସିଂହର ବଳ ଉଦ୍ରେକ ହେଉଥିଲା । ସେ ତୋଷାମଦକାରୀ ନଥିଲେ । ସେ ଥିଲେ ନିଃସ୍ୱାର୍ଥପରତାର ମହାନ୍ ଅବତାର, ନିର୍ଭୀକ, ସ୍ପଷ୍ଟବାଦୀ ତଥା ବାସ୍ତବବାଦୀ, ସତ୍ୟବାଦୀ ଓ ବିଚକ୍ଷଣ ବୁଦ୍ଧି ସଂପନ୍ନ ମହାନ୍ ବ୍ୟକ୍ତି । ଅନ୍ୟର ଭୁଲ୍ ଦେଖିଲେ ସେ ତତ୍କ୍ଷଣାତ୍ ଦର୍ଶାଇବା ପାଇଁ କୁଣ୍ଠାବୋଧ କରୁନଥିଲେ । ତାଙ୍କ ବୁଦ୍ଧିମତାର ମହନୀୟତା ବର୍ଣ୍ଣନା କରି ବସିଲେ ଏକ ବିରାଟ ଗ୍ରନ୍ଥ ପ୍ରଣୟନ ହୋଇ ପାରିବ ।

ସେ କଲିକତାରୁ ଫେରିଆସି କଟକରେ ଆଇନ୍ ବ୍ୟବସାୟ କରୁଥିବା ସମୟର ଏକ ଘଟଣା । ସେହି ସମୟରେ କଟକ କଲେଜିଏଟ୍ ସ୍କୁଲର ଗୋରା ଅଧ୍ୟକ୍ଷ ତାଙ୍କ ପାଖରେ ଅଧ୍ୟୟନରତ ଥିବା କେତେକ ଓଡ଼ିଆ ରାଜକୁମାରମାନଙ୍କୁ ବେତ୍ରାଘାତ କରିବାରୁ ସେ ଏହାର ଦୃଢ଼ ପ୍ରତିବାଦ କରି ଉଚିତ ପ୍ରତିକାର ସାଧନ କରି-ପାରିଥିଲେ ।

ସେ ବଙ୍ଗଳା, ବିହାର, ଓଡ଼ିଶା ପ୍ରଦେଶର ବ୍ୟବସ୍ଥାପକ ଥିବା ସମୟରେ ବ୍ରିଟିଶ ସରକାରଙ୍କ ତରଫରୁ ବଙ୍ଗଳାର ଶିବପୁରଠାରେ ଏକ କୃଷି ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଏକ ଘୋଷଣାନାମା ପ୍ରକାଶିତ ହୋଇଥିଲା । ଜଣେ ବ୍ୟବସ୍ଥାପକ ହିସାବରେ ମଧୁବାବୁ ଏହାର ଦୃଢ଼ ପ୍ରତିବାଦ କରି କହିଲେ —ଏହା ବଡ଼ ଅନ୍ୟାୟ କଥା, ଯେଉଁଠାରେ ଶିଳ୍ପ ପ୍ରସାର ନିମନ୍ତେ ସୁବିଧାମାନ ରହିଛି ସେଠାରେ ଶିଳ୍ପ ପ୍ରସାର ନିମନ୍ତେ କାର୍ଯ୍ୟ କରାଯାଉ ଏବଂ ଯେଉଁଠି କୃଷି ପ୍ରସାର ନିମନ୍ତେ ସୁବିଧା ରହିଛି ସେଠାରେ କୃଷି ପ୍ରସାର ନିମନ୍ତେ ଦୃଷ୍ଟି ଦିଆଯାଉ । ଓଡ଼ିଶା ଏକ କୃଷି ପ୍ରଧାନ ଅଞ୍ଚଳ ଏଣୁ ଓଡ଼ିଶାର କୃଷକମାନଙ୍କୁ ଉଚିତ ଭାବରେ ଶିକ୍ଷା ଦେବା ନିମନ୍ତେ ଏହି କୃଷି ବିଦ୍ୟାଳୟ ଓଡ଼ିଶା ଅଞ୍ଚଳରେ ପ୍ରତିଷ୍ଠିତ ହେବା ଏକାନ୍ତ ପ୍ରୟୋଜନ । ଫଳରେ ବଙ୍ଗଳାର ଶିବପୁରଠାରେ ପ୍ରତିଷ୍ଠା ହେବାକୁ ଥିବା କୃଷି ବିଦ୍ୟାଳୟ ଆଦେଶନାମାକୁ ବାତିଲ କରିବା ପାଇଁ ବ୍ରିଟିଶ ସରକାର ବାଧ୍ୟ ହୋଇଥିଲେ ।

୧୯୨୨ ସାଲରେ ମଣ୍ଟେଗୁ ଚେମ୍ସ ଫୋର୍ଡ ଶାସନ ସଂସ୍କାର ଆଇନ ଅନୁସାରେ ତତ୍କାଳୀନ ବିହାର ଓଡ଼ିଶା ପ୍ରଦେଶର ଗଭର୍ଣ୍ଣର ମିଃ ସିହ୍ନା ମଧୁବାବୁଙ୍କୁ ସ୍ୱାସ୍ଥ୍ୟ, ନଗର ଉନ୍ନୟନ ଓ ପୂର୍ତ୍ତ ବିଭାଗର ମନ୍ତ୍ରୀ ଭାବରେ ନିଯୁକ୍ତି ପ୍ରଦାନ କରିଥିଲେ । ମଧୁବାବୁ ମନ୍ତ୍ରୀ ଭାବରେ ନିଜ ବିଭାଗର ଦାୟିତ୍ୱ ଦକ୍ଷତାର ସହ ସଂପାଦାନ କରୁଥିଲେ । ମନ୍ତ୍ରୀ ଥିବା ସମୟରେ ସେ ବିହାର ଓଡ଼ିଶା ମ୍ୟୁନିସପାଲ ଆକ୍ଟ ପ୍ରଣୟନକରି ପୁସ୍ତକ ଆକାରରେ ପ୍ରକାଶ କରିଥିଲେ । ବିହାର ଓଡ଼ିଶା ମ୍ୟୁନିସପାଲ ଆକ୍ଟ ପ୍ରଣୟନ ଭାରତବର୍ଷ ଆଇନ କାନୁନ ପ୍ରଣୟନ କ୍ଷେତ୍ରରେ ଏକ ସର୍ବ ପ୍ରଥମ ଘଟଣା । ବିହାର ଓଡ଼ିଶା ପ୍ରଦେଶର ବିଶିଷ୍ଟ ବିଭାଗ ମାନଙ୍କର ଜଣେ ଖ୍ୟାତନାମା ମନ୍ତ୍ରୀ ଓ କଟକ ଜିଲ୍ଲା ବୋର୍ଡର ଜଣେ ଦକ୍ଷ ଚେୟାରମ୍ୟାନ ଥାଇ ତାଙ୍କ ମନରେ ଆଦୌ ଅହମିକା ପ୍ରବେଶ କରିନଥିଲା । ସେ ଏହି ସମୟରେ ହୃଦୟଙ୍ଗମ କରିଥିଲେ ଯେ, ଦେଶର ପ୍ରକୃତ ସେବା କରିବା ପାଇଁ ହେଲେ ମନ୍ତ୍ରୀ ପଦ ଅବୈତନିକ ହେବା ଉଚିତ । ଜଣେ ଅବୈତନିକ ମନ୍ତ୍ରୀ ଭାବରେ କାର୍ଯ୍ୟ କରିବା ପାଇଁ ଇଚ୍ଛା ପ୍ରକାଶ କରି ସେ ଏହି ମର୍ମରେ ଏକ ପତ୍ର ତତ୍କାଳୀନ ବ୍ରିଟିଶ ସରକାରଙ୍କୁ ଲେଖିଥିଲେ । ବ୍ରିଟିଶ ସରକାର ତାଙ୍କ ପ୍ରସ୍ତାବରେ ଏକମତ ନ ହେବାରୁ ମଧୁବାବୁ ବାର୍ଷିକ ପାଞ୍ଚ ହଜାର ଟଙ୍କା ଦରମାକୁ ତୁଚ୍ଛ କରିଦେଇ ମନ୍ତ୍ରୀ ପଦ ତ୍ୟାଗ କରିଥିଲେ । ମଧୁବାବୁଙ୍କର ମନ୍ତ୍ରୀତ୍ୱ ତ୍ୟାଗ ଭାରତ ଇତିହାସରେ ଏକ ଉଲ୍ଲେଖନୀୟ ଘଟଣା ।

ମଧୁବାବୁ ବିହାର ଓଡ଼ିଶାର ମନ୍ତ୍ରୀ ଥିବା ସମୟରେ ଜଣେ ଗୋରା କର୍ମଚାରୀ ତାଙ୍କର ପ୍ରାଇଭେଟ ସେକ୍ରେଟାରୀ ଭାବରେ ନିଯୁକ୍ତ ହୋଇଥିଲେ । ସେହି ଗୋରା ପ୍ରାଇଭେଟ ସେକ୍ରେଟାରୀ ମଧୁବାବୁଙ୍କ ଅଫିସରେ କାର୍ଯ୍ୟ କରୁଥିବା ଭାରତୀୟ କର୍ମଚାରୀ ମାନଙ୍କୁ ସର୍ବଦା ଅପମାନିତ ଓ ଲାଞ୍ଛିତ କରୁଥିଲେ । ଏଇକଥା ମଧୁବାବୁଙ୍କ କାନରେ ପଡ଼ିଲା । ମଧୁବାବୁ ଏହାର ଉଚିତ ପ୍ରତିଶୋଧ ନେବା ପାଇଁ ଉପାୟ ଚିନ୍ତା କଲେ । ଥରେ ନିଜର ମନ୍ତ୍ରୀ କୋଠରୀରୁ ନିଜର ଚେୟାର ବ୍ୟତୀତ ଅନ୍ୟ ସମସ୍ତ ଚେୟାର ଗୁଡ଼ିକ ଉଠାଇ ଦେଇ ନିଜ ଆସନରେ ବସି ମନ୍ତ୍ରୀ ମଧୁବାବୁ ପ୍ରାଇଭେଟ ସେକ୍ରେଟାରୀଙ୍କୁ ଡକାଇଲେ କୌଣସି ଏକ ଫାଇଲ ଉପରେ ଆଲୋଚନା କରିବା ପାଇଁ ପ୍ରାଇଭେଟ ସେକ୍ରେଟାରୀ ନିର୍ଦ୍ଦିଷ୍ଟ ଫାଇଲ ଧରି ମନ୍ତ୍ରୀଙ୍କ କୋଠରୀରେ ଉପସ୍ଥିତ ହୋଇ ଦେଖିଲେ ତାଙ୍କ ବସିବା ନିମନ୍ତେ ଆସନ ନାହିଁ । ବାଧ୍ୟ ହୋଇ ଦଣ୍ଡାୟମାନ ଅବସ୍ଥାରେ ଫାଇଲ ଉପରେ ସେ ମନ୍ତ୍ରୀଙ୍କ ସହ ଆଲୋଚନା କଲେ । ସେ ଠିଆ ହୋଇଛନ୍ତି , ମନ୍ତ୍ରୀ ମଧୁବାବୁ ତାଙ୍କ ସହ ଆଲୋଚନା କରୁଛନ୍ତି, ଏହିପରି ପ୍ରାୟ ତିନି ଘଣ୍ଟା ସମୟ ଅତିବାହିତ ହୋଇଥିଲା । ପ୍ରାଇଭେଟ ସେକ୍ରେଟାରୀ ମହୋଦୟ କଷ୍ଟରେ ଦୀର୍ଘ ନିଶ୍ୱାସ ମାରି କାନ୍ଦି ପକାଇଲେ ଓ କର୍ମଚାରୀ ମାନଙ୍କୁ ଅପମାନିତ କରିଥିବା ଭୁଲ ପାଇଁ ମନ୍ତ୍ରୀଙ୍କ ପାଖରୁ କ୍ଷମା ପ୍ରାର୍ଥନା କରିଥିଲେ । ସେହି ଦିନଠାରୁ ଗୋରା ପ୍ରାଇଭେଟ ସେକ୍ରେଟାରୀ ଆଉ କୌଣସି କର୍ମଚାରୀ ମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିନଥିଲେ । ଏହି ଘଟଣା ମଧୁବାବୁଙ୍କ ବ୍ୟକ୍ତିତ୍ୱର କି ଭଳି ପରିଚୟ ପ୍ରଦାନ କରେ ଭାରତ ବାସୀ ମାନେ ସହଜରେ ହୃଦୟଙ୍ଗମ କରି ପାରିବେ ।

ପ୍ରଥମ ମହା ସମର ସମୟରେ ମଧୁବାବୁ କେନ୍ଦ୍ରୀୟ ବ୍ୟବସ୍ଥାପକ ସଭାର ସଭ୍ୟ ଥିଲେ । ଏହି ସମୟରେ କେନ୍ଦ୍ରୀୟବ୍ୟବସ୍ଥାପକ ସଭା ଗୃହରେ ପ୍ରଥମ ମହା ସମର ସଂକ୍ରାନ୍ତରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଜାତି ଉଦ୍ଦେଶ୍ୟରେ ଏକ ଓଜସ୍ୱିନୀ ଭାଷଣ ଦେଇ ମଧୁବାବୁ କହିଥିଲେ, ଜର୍ମାନ ଭାରତ ଆକ୍ରମଣ କଲେ, ଭାରତବାସୀମାନେ ଏକଜୁଟ ହୋଇ ଭାରତ ବର୍ଷର ଅଖଣ୍ଡତା ରକ୍ଷା କରିବେ । 'ଭାରତ ବର୍ଷର ମାଲିକ ଭାରତ ବାସୀ ।' ମଧୁବାବୁଙ୍କ ବକ୍ତୃତାର ଏହି ମର୍ମକୁ ଠିକ୍ ଭାବରେ ହୃଦୟଙ୍ଗମ କରି ଭାରତର ତତ୍କାଳୀନ ବଡ଼ ଲାଟ ଚେମ୍ସ ଫୋର୍ଡ ମଧୁବାବୁଙ୍କ ଜାତୀୟତା ବୋଧର ଉଚ୍ଚ ପ୍ରଶଂସା କରିଥିଲେ । ଭାରତର ସଂହତି ରକ୍ଷା ନିମନ୍ତେ ଜଣେ ଓଡ଼ିଆ ବ୍ୟବସ୍ଥାପକଙ୍କର ଏତାଦୃଶ ବକ୍ତବ୍ୟ ଜାତି ପ୍ରତି ଗର୍ବ ଓ ଗୌରବର କଥା ନୁହେଁ କି ?

ମଧୁବାବୁ ୧୮୮୬ ସାଲରୁ ୧୯୦୩ ସାଲ ପର୍ଯ୍ୟନ୍ତ ଦୀର୍ଘ ସତର ବର୍ଷ କାଳ ଭାରତୀୟ ଜାତୀୟ କଂଗ୍ରେସର ଜଣେ ସକ୍ରିୟ ସଭ୍ୟ ଥିଲେ । ତତ୍ କାଳୀନ ପ୍ରଭାବଶାଳୀ, ପ୍ରତିପତ୍ତିଶାଳୀ, ତଥା କଥିତ କଂଗ୍ରେସ ନେତା ମାନେ ଓଡ଼ିଶାର ସ୍ୱତନ୍ତ୍ରତାକୁ ଗ୍ରହଣ ନ କରିବାରୁ

ସେ ଜାତୀୟ କଂଗ୍ରେସ ତ୍ୟାଗ କରିଥିଲେ । ସଂମ୍ଭବତଃ କଂଗ୍ରେସରେ ସେତେବେଳେ ବଂଗୀୟ ନେତାମାନେ ଅଧିକ ପ୍ରଭାବଶାଳୀ ଥିଲେ ଯେଉଁମାନେ କି ଓଡ଼ିଶାର ସ୍ୱତନ୍ତ୍ରତା ଓ ଓଡ଼ିଆ ଭାଷାର ମହନୀୟତାକୁ ଆଦୌ ପସନ୍ଦ କରୁ ନଥିଲେ । ସେହି କାରଣରୁ ଦମ୍ଭ ସହକାରେ ମଧୁବାବୁ ଜାତୀୟ କଂଗ୍ରେସର ସଭ୍ୟ ପଦ ତ୍ୟାଗ କରିଥିଲେ ବୋଲି ଜଣାଯାଏ ।

୧୯୨୮ ସାଲରେ ମଧୁବାବୁ ସାଇମନ କମିସନ ସମ୍ମୁଖରେ ଏକ ସ୍ୱତନ୍ତ୍ର ସ୍ମାରକ ପତ୍ର ପ୍ରଦାନ କରି ଓଡ଼ିଶାକୁ ଭାରତର ପୁଣ୍ୟଭୂମି ଭାବରେ ଉଲ୍ଲେଖ କରି କହିଥିଲେ—ମୁଁ ଭାରତକୁ କମ୍ ଭଲପାଏ ନାହିଁ, ମାତ୍ର ଓଡ଼ିଶାକୁ ଅଧିକ ଭଲପାଏ । ଏ ସଂପର୍କରେ ସେ ଇଂରେଜ କବି ଲର୍ଡ ବାଇରନ ମତ ଉଦ୍ଧାର କରନ୍ତି । ବାଇରନଙ୍କ ମତରେ ମୁଁ ମଣିଷକୁ କମ୍ ଭଲ ପାଏ ନାହିଁ ମାତ୍ର ତା ଅପେକ୍ଷା ପ୍ରକୃତିକୁ ଅଧିକ ଭଲପାଏ ।

ତତ୍କାଳୀନ କେନ୍ଦୁଝର ରାଜାଙ୍କ ରାଜ୍ୟ ବ୍ରିଟିଶ ସରକାରଙ୍କ ଠାରୁ ଫେରାଇ ଆଣିବା ଉଦ୍ଦେଶ୍ୟରେ ମଧୁବାବୁ କେନ୍ଦୁଝର ରାଜାଙ୍କ ତରଫରୁ ଗୋରା ସାହେବ ସାର ଚ୍ଚାର୍ଲସ ଇଲିୟଟଙ୍କ ସହ ସାକ୍ଷାତ କରିବା ନିମନ୍ତେ ଯାଇଥିଲେ । ସାହେବ ଥିଲେ ମହାରାଗୀ ପ୍ରକୃତିର ଲୋକ । ମଧୁବାବୁ ଯେତେବେଳେ କେନ୍ଦୁଝର ରାଜାଙ୍କ ସଂପର୍କରେ କହିବାକୁ ଆରମ୍ଭ କଲେ ଗୋରା ସାହେବ ରାଗିଯାଇ କହିଲେ—ମୁଁ କେନ୍ଦୁଝର ରାଜାଙ୍କ ସଂପର୍କରେ କିଛି ଶୁଣିବାକୁ ଚାହେଁନାହିଁ । ସାହେବଙ୍କ କଥା ଶୁଣି ମଧୁବାବୁ ଶିଷ୍ଟ ଭାବରେ କହିଲେ—ଆପଣ ନ ଶୁଣିଲେସେ ବିଚାର ହୋଇ ପାରିବ ନାହିଁ ଏବଂ ଆପଣଙ୍କ ଅବୁଝାମଣା କାର୍ଯ୍ୟ ପାଇଁ ବ୍ରିଟିଶ ସରକାରଙ୍କ ସୁଖ୍ୟାତି ଉପରେ ମଧ୍ୟ ଆଞ୍ଚ ଆସିବ । ମଧୁବାବୁଙ୍କ ଏହି କଥାରେ ଗୋରା ସାହେବଙ୍କ ମନରେ ପରିବର୍ତ୍ତନ ଦେଖାଦେଲା ଏବଂ କେନ୍ଦୁଝର ରାଜା ବ୍ରିଟିଶ ସରକାର ଠାରୁ ତାଙ୍କ ରାଜ୍ୟ ଫେରି ପାଇଥିଲେ ।

## ଭାରତ ଓ ଭାରତ ବାହାରେ ଚଳକଙ୍କ ଚକ୍ଷୁରେ ମଧୁବାବୁ

ମଧୁବାବୁ ତାଙ୍କ ଜୀବନକାଳ ମଧ୍ୟରେ ଦୁଇଥର ବିଲାତ ଯାଇ ବ୍ରିଟିଶ ଲୋକସଭାରେ ଓ ସାଧାରଣରେ ଭାରତ ବାସୀଙ୍କ ଆତ୍ମ ସମ୍ମାନ ରକ୍ଷା ପୂର୍ବକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କରେ ଓଜସ୍ୱିନୀ ଭାଷଣ ମାନ ପ୍ରଦାନ କରି ଓଡ଼ିଶାର ତଥା ଭାରତ ବର୍ଷର ଗର୍ବ ଗୌରବ ଓ ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିଥିଲେ ।

ମଧୁବାବୁ ଯେଉଁ ସମୟରେ ବାରିଷ୍ଟରୀ ପାଠ ପଢିବା ନିମନ୍ତେ ବିଲାତ ଯାଇ ଅବସ୍ଥାନ କରିଥିଲେ ସେହି ସମୟରେ ତାଙ୍କ ଦ୍ୱାରା ବିଲାତ ସରକାରଙ୍କର କେତେକ ଆଇନ କାନୁନ ସଂଶୋଧିତ ହୋଇ ଥିବାର ଜଣାଯାଏ । ସେତେବେଳେ ନିୟମ ଥିଲା, ବିଲାତ ସହରରେ ଘୋଡ଼ା ଗାଡ଼ି ରଖିଥିବା ବ୍ୟକ୍ତିମାନେ ଟିକସ ଦେବା ପାଇଁ ବାଧ୍ୟ । ବିଲାତ ସହରରେ ବୁଲା ଚଲା କରିବା ପାଇଁ ମଧୁବାବୁ ଗୋଟିଏ ଘୋଡ଼ା ଗାଡ଼ି ରଖିଥିଲେ । ତାଙ୍କ ପାଖକୁ ନୋଟିସ ଆସିଲା ଟିକସ ସୌଠ କରିବା ପାଇଁ । କିନ୍ତୁ ମଧୁବାବୁ ଟିକସ ଦେଲେ ନାହିଁ । ତାଙ୍କ ନାମରେ କର୍ତ୍ତୃପକ୍ଷ ମାଜିଷ୍ଟ୍ରେଟଙ୍କ କୋର୍ଟରେ ମୋକଦ୍ଦମା ଦାୟର କଲେ । ମଧୁବାବୁ କୋର୍ଟରେ ହାଜର ହୋଇ କହିଲେ—ନିୟମ ଅନୁସାରେ ମୁଁ ଟିକସ ଦେବାପାଇଁ ହକ୍‌ଦାର ନୁହେଁ । ମାଜିଷ୍ଟ୍ରେଟ ପଚାରିଲେ କାହିଁକି ? ମଧୁବାବୁ କହିଲେ ଆପଣଙ୍କର ଏଠାରେ ନିୟମ ଅଛିଯେ ଘୋଡ଼ା ଗାଡ଼ି ରଖିଲେ ଟିକସ ଦେବାକୁ ହେବ କିନ୍ତୁ ମୋର ଗାଡ଼ିରେ ଘୋଡ଼ୀ ଯୋଚା ହେଉଛନ୍ତି । ସେଥିପାଇଁ ଟିକସ ଦେବାକୁ ଆପଣଙ୍କ ଆଇନରେ ନାହିଁ । କର୍ମଚାରୀ ମାନେ ଯାଇ ମଧୁବାବୁଙ୍କ ଘରେ ଦେଖି ଆସିଲେ ଯେ ପ୍ରକୃତରେ ତାଙ୍କ ଗାଡ଼ିରେ ଘୋଡ଼ୀ ମାନେ ଯୋଚା ହେଉଛନ୍ତି । ମାଜିଷ୍ଟ୍ରେଟ ମଧୁବାବୁଙ୍କ ବୁଦ୍ଧିରେ ଉଚ୍ଚ ପ୍ରଶଂସା ନ କରି ରହି ପାରିଲେ ନାହିଁ । ସେହି ଦିନ ଠାରୁ ନିୟମ ପରିବର୍ତ୍ତନ ହେଲା ଯେ, ଘୋଡ଼ା ବା ଘୋଡ଼ୀ ଟଣା ଗାଡ଼ି ରଖିଲେ ଟିକସ ଦେବାକୁ ହେବ ।

ସେହି ସମୟରେ ବିଲାତ ସହରରେ ଜାଗା ଅଭାବକୁ ଲକ୍ଷ୍ୟକରି ତତ୍କାଳୀନ ସରକାର କୋଠା ଉପରେ ବିକ୍ରୟର ଆଇନ ପ୍ରଣୟନ କରିଥିଲେ । ମଧୁବାବୁ ଜଣେ ସାହେବଙ୍କ କୋଠା ଉପରେ ଘର କରିବା ନିମନ୍ତେ ଜମି କ୍ରୟ କରି ଗୃହ ନିର୍ମାଣ କରି ନ ଥିଲେ । ଫଳରେ ତାଙ୍କ ଜମି ଉପରେ ଜମି କ୍ରୟ କରିଥିବା ବ୍ୟକ୍ତି ଗୃହ ନିର୍ମାଣ କରି ନପାରି ମଧୁବାବୁଙ୍କ ନାମରେ ମୋକଦ୍ଦମା ଦାୟର କଲେ ଯେ, ମଧୁସୂଦନ ଦାସ ଗୃହ ନିର୍ମାଣ କରି ନଥିବା ହେତୁ ମୁଁ ଗୃହ ନିର୍ମାଣ କରି ପାରୁନାହିଁ । ଏଥି ନିମନ୍ତେ ତାଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ କରାଯାଉ । ମଧୁବାବୁଙ୍କ ପାଖକୁ ସମନ ଆସିଲା ମଧୁବାବୁ କୋର୍ଟରେ ହାଜର ହୋଇ କହିଲେ—ମୋ ନାମରେ ଏପରି କେସ ହେବା ଆଇନ ସମ୍ମତ ନୁହେଁ । ଜଜ୍ ପଚାରିଲେ କାହିଁକି ? ମଧୁବାବୁ ନିଜର ତୀକ୍ଷ୍ଣ ବୁଦ୍ଧି ପ୍ରୟୋଗ କରି କହିଲେ—ଘର ଉପରେ ଜମି ବିକ୍ରୟ ହେବାର ନିୟମ ଅଛି, ହେଲେ କେତେ ଦିନ ଭିତରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ହେବ ସେଥିପାଇଁ ନିୟମରେ ସମୟ ନିର୍ଦ୍ଧାରିତ ହୋଇ ନାହିଁ । ଏଣୁ ଯେତେବେଳେ ମୋର ଇଚ୍ଛା ହେବ ସେତେବେଳେ ମୁଁ ମୋ ଜମିରେ ନିର୍ମାଣ କାର୍ଯ୍ୟ କରିବି ଏଥିପାଇଁ ମୋ ନାମରେ ମୋକଦ୍ଦମା କରିବାର କୌଣସି ଆବଶ୍ୟକତା ନାହିଁ । ମଧୁବାବୁଙ୍କର ଏତାଦୃଶ ସୂକ୍ଷ୍ମ ବୁଦ୍ଧିର ପରିଚୟ ପାଇ ବିଲାତ ଜଜ୍ଜ ଅଭିଭୂତ ହୋଇ ପଡ଼ିଥିଲେ । ପରେ ଆଇନ ସଂଶୋଧନ ହେଲା ଯେ, ଜମି କ୍ରୟ କରିବା ନିର୍ଦ୍ଦିଷ୍ଟ ସମୟ ଭିତରେ ଗୃହ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ହେବ । ଓଡ଼ିଆ ଓକିଲଙ୍କ ଛାତ୍ରଙ୍କର ଏତାଦୃଶ ବୁଦ୍ଧିମତା ପାଖରେ

ପ୍ରବଳ ପ୍ରତାପୀ ସାମ୍ରାଜ୍ୟ ବାଦୀ ଶକ୍ତି ବିଲାତ ସରକାର ଚୁପ ରହିବା ଓଡ଼ିଶାବାସୀଙ୍କ ପକ୍ଷେ କମ୍ ଗର୍ବ ଓ ଗୌରବର ବିଷୟ ନୁହେଁ ।

ବିଲାତର ତତ୍କାଳୀନ ପୂର୍ବତନ ପ୍ରଧାନ ମନ୍ତ୍ରୀ ରାମସେ ମାକଡ଼ୋନଲାଡ୍ ଭାରତ ଭ୍ରମଣରେ ଆସି ତାଙ୍କ ପତ୍ରରେ ମଧୁବାବୁଙ୍କ ସଂପର୍କରେ ଉଲ୍ଲେଖ କରି ଲେଖିଥିଲେ—

Madhusudan Das was the uncrowned King of Orissa.

ମଧୁବାବୁଙ୍କର ମହନୀୟ ଭାବକୁ ସନ୍ଦର୍ଶନ କରି ମହାନ୍ ଯୋଗୀ ପୁରୁଷ ଅରବିନ୍ଦ ୧୭-୨-୧୯୦୭ ରେ ପ୍ରକାଶ ପାଇଥିବା ଇଂରାଜି ପତ୍ରିକା 'ବନ୍ଦେ ମାତରମ୍‌ରେ' ମଧୁବାବୁଙ୍କ ସଂପର୍କରେ ଲେଖିଥିଲେ—

It is for instance for a cause of gratification that Orissa is begining to feel its scparate Consciousness and to attempt to grow into an organised life under a very capable and high spirited leader Mr. Madhusudan Das.

ସ୍ୱାଧୀନ ଭାରତର ତତ୍କାଳୀନ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ କଟକସ୍ଥିତ ଶୈଳବାଳା ମହିଳା ମହାବିଦ୍ୟାଳୟଠାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ମଧୁବାବୁଙ୍କ ମହାନ୍ ବ୍ୟକ୍ତିତ୍ୱ ସଂପର୍କରେ କହିଥିଲେ—

Madhusodan Das was a greatman not only of Orissa, but of the whole India. This College is the proof of his foresight and vision. If he had not moved for the progress of female education this institution could not have raised its head. The Progress of civilisation of a country is to be measured by Female Education. XXX while I offer my inmost feelings of admiration for him I say that this College is one of the many monuments of his life.

ଦିନକର କଥା ମଧୁବାବୁ ଷଡ଼ିକୁ ଆସି ନଥାନ୍ତି । ତା'ପୂର୍ବରୁ ଜଣେ୍ କ ୟୁରୋପୀୟ ବ୍ୟକ୍ତି ଆସି ମଧୁବାବୁଙ୍କ ରୁମରେ ଅପେକ୍ଷା କରି ରହିଥିଲେ । ଏହି ସମୟରେ ମଧୁବାବୁଙ୍କ ଘରର ମାଳୀ ଆସି ରୁମ ଭିତରେ ଥିବା ପିତଳ ପିକଦାନିରେ ଗୋଟିଏ ସଜ ଫୁଟା ଗୋଲାପ ଫୁଲ ରଖିଦେଇ ଚାଲିଗଲା । ସେହି ବ୍ୟକ୍ତି ଏହି ଘଟଣାକୁ ଦେଖି ଅତ୍ୟନ୍ତ ବିସ୍ମୟ ହୋଇ ଭାବିଲେ, ମାଳୀଟା ପାଗଳ ନହେଲେ ପିକଦାନିରେ ଗୋଲାପ ଫୁଲଟା କାହିଁକି ରଖି ଦେଇ ଯାଇ ଥାଆନ୍ତା । ମଧୁବାବୁ ରୁମକୁ ଆସିଲେ । ସେହି ୟୁରୋପୀୟ ବ୍ୟକ୍ତି ଜଣକ ପଚାରିଲେ—ଆପଣଙ୍କ ମାଳୀଟି ଫୁଲଦାନି ପରିବର୍ତ୍ତେ ପିକଦାନିରେ ସଜ ଗୋଲାପଟି କାହିଁକି ରଖି ଦେଇଗଲା ? ମଧୁବାବୁ ହସି ହସି କହିଲେ— ଓଡ଼ିଆରେ ଯାହା ପିକଦାନି ୟୁରୋପ ବଜାରରେ ସେ ସବୁ ଅତ୍ୟନ୍ତ ମୂଲ୍ୟବାନ ଫୁଲଦାନି । ମଧୁବାବୁଙ୍କ ଉତ୍ତରରେ ୟୁରୋପୀୟ ବ୍ୟକ୍ତି ଜଣଙ୍କ ଖୁବ୍ ଲଜ୍ଜିତ ହୋଇଥିଲେ । ଏପରି ସ୍ପଷ୍ଟବାଦୀ ବ୍ୟକ୍ତିତ୍ୱ କେତେଜଣଙ୍କଠାରେ ପ୍ରକାଶ ପାଇଥାଏ ?

ଧର୍ମଭାବ:—ଧର୍ମ ସଂପର୍କରେ ତାଙ୍କୁ ପଚାରିଲେ ମଧୁବାବୁ କହନ୍ତି—ମୁଁ କ୍ରାଏଷ୍ଟଙ୍କ ଫୋଲଏର କିନ୍ତୁ ଚର୍ଚ୍ଚିୟାନ ନୁହେଁ ବା ଧର୍ମଯାଜକ ନୁହେଁ କି ଧର୍ମ ପ୍ରଚାରକ ନୁହେଁ । ଧର୍ମ ଉପରେ ସେ ଥିଲେ ଉଦାର । ତାଙ୍କୁ ହିନ୍ଦୁ କହିବାରେ ଅଯୌକ୍ତିତା ନାହିଁ ଓ ଖ୍ରୀଷ୍ଟିଆନ କହିବାରେ ମଧ୍ୟ ତାତ୍ପର୍ଯ୍ୟ ରହିଛି । ଭାରତବର୍ଷର ଶ୍ରେଷ୍ଠ ତଥା ପୁଣ୍ୟପୀଠ ଜଗନ୍ନାଥ ଧାମର ଜଗନ୍ନାଥ ମନ୍ଦିର ସଂକ୍ରାନ୍ତୀୟ ମୋକଦ୍ଦମାରେ ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରି ବିଲାତର ପ୍ରିଭିକାଉନସିଲ ପର୍ଯ୍ୟନ୍ତ ଯାଇ ଜୟଯୁକ୍ତ ହୋଇଥିଲେ । ହିନ୍ଦୁଦର୍ଶନ ତାଙ୍କର ମନପ୍ରାଣକୁ ଯଥେଷ୍ଟ ଭାବରେ ଉଦ୍‌ବୁଦ୍ଧ କରିଥିଲା । ତାଙ୍କ ରଚିତ ଦେଶାତ୍ମକବୋଧ ସଙ୍ଗୀତରୁ ଏହା ସ୍ପଷ୍ଟ ପରିମିତ ହୁଏ—

ଭୂମିକଂପ ହେବ ଧରଣୀ ଫାଟିବ
ଉଠିବେ ସହସ୍ର ଭୁଜା ।
ସେହି ତୋର ମାତା ସେହି ତୋର ଭ୍ରାତା
କର ସେହି ପଦ ପୂଜା ।।

ବହୁ ପ୍ରସଙ୍ଗରୁ ତାଙ୍କର ଧର୍ମଭାବାପନ୍ନତା ପରିଲକ୍ଷିତ ହୋଇଥାଏ ।

୧୯୦୪ ସାଲରେ ଭାରତର ତତ୍କାଳୀନ ବ୍ରିଟିଶ ସରକାର ଓଡ଼ିଶାର ଶ୍ରୀ ମଧୁସୂଦନ ଦାସ ଓ ଭରତ ଭାରତର ଶ୍ରୀ ଗୋପାଳ କୃଷ୍ଣ ଗୋଖେଲଙ୍କୁ ସେମାନଙ୍କର ଆଦର୍ଶ ତଥା ମହନୀୟତାକୁ ସନ୍ଦର୍ଶନ କରି ସି. ଆଇ. ଇ. ଉପାଧିରେ ଭୂଷିତ କରିଥିଲେ ।

ଏହିଭଳି, ଜଣେ ମହାନ୍ ବ୍ୟକ୍ତିତ୍ୱ ସଂପନ୍ନ ଓଡ଼ିଆଙ୍କୁ ବିଶ୍ୱଗୌରବ' ବୋଲି ଆଖ୍ୟାୟିତ କରିବାରେ ସମଗ୍ର ବିଶ୍ୱବାସୀଙ୍କର ଦ୍ୱିଧା ମତ ରହି ନପାରେ । ଏଣୁ ମଧୁବାବୁ କେବଳ ଉତ୍କଳ ଗୌରବ ବା ଭାରତର ଜାତୀୟ ନେତା ନହୋଇ ବିଶ୍ୱଗୌରବ ଭାବରେ ଚିର ପୂଜ୍ୟ ।

ସାହିତ୍ୟିକ ମଧୁବାବୁ—"ଓଡ଼ିଆ ଭାଷା ଓ ଉତ୍କଳ ଜନନୀ ପ୍ରତି ତାଙ୍କର ଗଭୀର ସ୍ନେହ, ଶ୍ରଦ୍ଧା ପ୍ରେମ ଓ ଭକ୍ତି ନିହିତ ଥିଲା । ଉତ୍କଳବାସୀଙ୍କୁ ଉଦ୍‌ବୋଧନ ଦେଇ ସେ ଯେଉଁ ମର୍ମସ୍ପର୍ଶୀ କବିତା ରଚନା କରି ଯାଇଛନ୍ତି ତାହା ଚିରଦିନ ପାଇଁ ଉତ୍କଳବାସୀ ଓ ଭାରତୀୟମାନଙ୍କୁ ଉଦ୍‌ବୁଦ୍ଧ କରୁଥିବ । 'ଏ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' ମହାତ୍ମା ଭୀମ ଭୋଇଙ୍କ ଏହି ବାଣୀ ଅନୁରୂପ ନିଃସ୍ୱାର୍ଥ ଭାବରେ କାର୍ଯ୍ୟ କରିବା ପାଇଁ ସେ ମଧ୍ୟ ଉତ୍କଳବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି—

"ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର ସ୍ୱାର୍ଥକୁ ଦିଅ ଆହୁତି ।
ସ୍ୱାର୍ଥମେଧ ଯଜ୍ଞେ ଗୁରିଆଡ଼େ ନାଚ ଛାତିକୁ ମଶାଲ ଛାତି ।।"

ପୁନରାୟ ସେ ଗାଇଛନ୍ତି—

ତୁ ମନେ ଭାବିଛୁ ତୋଷାମଦକରି ବଢ଼ାଇବୁ ଜାତି ମାନ ।
ତୋଷାମଦିଆର କୁକୁର ପ୍ରକୃତି ଅଇଁଠା ପତରେ ଧ୍ୟାନ ।।
ଜାତିର ଉନ୍ନତି ସେ କାହୁଁ କରିବ ସ୍ୱାର୍ଥେ ଯାର ବ୍ୟସ୍ତ ମନ ।
ଶାଗୁଣା ବିଲୁଆ ଚିକିତ୍ସକ ହେଲେ ଶବ କି ପାଇବ ପ୍ରାଣ ।।
ଜାତି ନନ୍ଦିଘୋଷ ଚଳିବକି ଭାଇ ସ୍ୱାର୍ଥକୁ ସାରଥି କଲେ ।
ଚାଣେ କିରେ ଗାଡ଼ି ଦାନାର ତୋବଡ଼ା ଘୋଡ଼ାମୁହେଁ ବନ୍ଧାଥିଲେ ? ।।

ତାଙ୍କର ଏସବୁ ମର୍ମସ୍ପର୍ଶୀ କବିତାଗୁଡ଼ିକର ମାନ ନିର୍ଦ୍ଧାରଣ କରିବା ଏତେ ସହଜ ବା ସମ୍ଭବ ନୁହେଁ । ଓଡ଼ିଆ ଜାତି ଓ ଭାରତୀୟ ମହାନ୍ ସମାଜ ତାଙ୍କର ସ୍ପଷ୍ଟବାଦୀତା ପାଇଁ ତାଙ୍କୁ ଚିରଦିନ ମନେ ରଖିଥିବ ଏଥିରେ ସନ୍ଦେହ ନାହିଁ ।

କବିବର ରାଧାନାଥଙ୍କ ଚିଲିକା କାବ୍ୟରେ ଉଲ୍ଲେଖଥିବା ପଦ—"ଦେବୀ ବୀଣା ପାଣି କେଉଁ ପାପ ଫଳେ
କରୁଣା ତୋହର ଊଣା ଏ ଉତ୍କଳେ" ର ସେ ଥିଲେ କଠୋର ସମାଲୋଚକ । ସେ କହୁଥିଲେ ମୁଁ ଯେବେ ଜଣେ ଖ୍ୟାତନାମା କବି ହୋଇ ଥାଆନ୍ତି, ମୋର ପୂଜ୍ୟା ଉତ୍କଳ ଜନନୀର ଗୁଣ ଗାନ କରି ଲେଖିଥାଆନ୍ତି—

ଦେବୀ ବୀଣାପାଣି କେଉଁ ପୁଣ୍ୟ ଫଳେ ।
କରୁଣା ସଦା ତୁ ଢାଳୁ ଏ ଉତ୍କଳେ ।।
ସ୍ୱଭାବେ ଉତ୍କଳ ଶୋଭାର ନିଧାନ ।
ତହିଁ ଏ ଶୋଭାର ତୋର ଅଧିଷ୍ଠାନ ।।
ଯୋଗୁ ସିନା ମାତା ହୋଇଛି ସୁବେଶା ।
ମର୍ତ୍ତ୍ୟ ବୈକୁଣ୍ଠରେ ଲଭିଅଛି ଦଶା ।।
ପୁଣ୍ୟ ବୈତରଣୀ ବିଖ୍ୟାତ ଜଗତେ ।
ବ୍ୟାସ ତାହା ରଖି ନପାରିଲେ ଗୁପ୍ତେ ।।
ଭୃଗୁ ମୁନି ତପେ ପବିତ୍ର ମହେନ୍ଦ୍ର ।
ଗିରି ସମାଜରେ ବୋଲାଏ ସେ ଇନ୍ଦ୍ର ।।
ଚିଲିକା ଅଂଶୁପା ଲୋକେ ଅଗୋଚର ।
ଶ୍ରଦ୍ଧାସ୍ପଦ ତାକୁ କଲେ କବିବର ।।

ବିଶ୍ୱ ବିଖ୍ୟାତ ଏହିଭଳି ଜଣେ ସୁରକ୍ଷକ ଓ ଜାତୀୟତାବାଦର ମହାନ୍ ବ୍ୟକ୍ତି ଯେ କି ନିଜ ମାତୃଭୂମିର ଜାଗ୍ରତ ସୈନିକ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପର୍ବରୁ ତା ୩-୨-୧୯୩୪ ରିଖ ଦିନ ତାଙ୍କର ଜୀବନ ଦୀପ ନିର୍ବାପିତ ହୋଇ ଯାଇଥିଲା । ସେ ମରି ଆଜି ଅମର । ତାଙ୍କର ପ୍ରତିଭା ତାଙ୍କୁ ସ୍ୱତଃ 'ବିଶ୍ୱଗୌରବ' ଭାବରେ ଆଖ୍ୟାୟିତ କରେ । ସେ ଆଜି ବିଶ୍ୱବାସୀଙ୍କର ଚିର ନମସ୍ୟ । ସେ ଖାଣ୍ଟି ଓଡ଼ିଆ । ସେ ହେଉଛନ୍ତି ଆମର ପ୍ରିୟ ମଧୁବାବୁ ।

ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶାଳୟ
ଭୁବନେଶ୍ୱର—୧

# ମହିଳା ଓ ଶିଶୁ ଉନ୍ନୟନ

ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼, ସଇଁତଲା, ପୁଇଁନ୍ତଲା, ବଙ୍ଗୋମୁଣ୍ଡା ଏବଂ ବେଲ୍ପଡ଼ାଖୁଣ୍ଟି ବ୍ଲକ୍‌ରେ 'ଗ୍ରାମାଞ୍ଚଳ ମହିଳା ଓ ଶିଶୁ ଉନ୍ନୟନ ଯୋଜନା' ନାମକ ଏକ ଯୋଜନା ସମନ୍ୱିତ ପଲ୍ଲୀ ବିକାଶ କାର୍ଯ୍ୟକ୍ରମର ଏକ ଅଂଶ ସ୍ୱରୂପ କାର୍ଯ୍ୟକାରୀ ହେଉଛି । ଏହି କାର୍ଯ୍ୟକ୍ରମାନୁଯାୟୀ ଦାରିଦ୍ର୍ୟର ସୀମାରେଖା ତଳେ ଥିବା ଗ୍ରାମାଞ୍ଚଳ ମହିଳା ତଥା ଗୃହିଣୀମାନଙ୍କ ଅର୍ଥନୈତିକ ଉତ୍ଥାନ ପାଇଁ ବିଭିନ୍ନ ପ୍ରକାର ଆର୍ଥିକ ସାହାଯ୍ୟ ବିଭିନ୍ନ ନିର୍ଦ୍ଧାରିତ ଭିତ୍ତି ସହ ଦିଆଯିବ । ଏହି କାର୍ଯ୍ୟକ୍ରମ ଦେଖାଶୁଣା କରିବା ନିମନ୍ତେ ଜିଲ୍ଲା ଗ୍ରାମାଞ୍ଚଳ ଉନ୍ନୟନ ସଂସ୍ଥା ଅଧୀନରେ ଜଣେ ମହିଳା ପ୍ରୋଜେକ୍ଟ ଅଧିକାରୀ ରହିବେ ୮ ବ୍ଲକ୍‌ରେ ଥିବା ଗ୍ରାମ ସେବିକା ଓ ସାମାଜିକ ଶିକ୍ଷା ସଙ୍ଗଠିକାମାନେ ଏହି ସହକାରୀ ପ୍ରୋଜେକ୍ଟ ଅଧିକାରୀଙ୍କ ଅଧୀନରେ କାମ କରିବେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହେବାଉଳି ଗ୍ରାମାଞ୍ଚଳ ମହିଳାମାନଙ୍କୁ ଏହି ମହିଳା ସରକାରୀ କର୍ମଚାରୀମାନେ ଚିହ୍ନଟ କରି ତାଲିକା ପ୍ରସ୍ତୁତ କରିବେ, ଦଳଗଠନ କରିବେ, ଦଳଗୁଡ଼ିକପାଇଁ ଯୋଜନା ପ୍ରସ୍ତୁତ କରିବେ ଓ ଦଳଗୁଡ଼ିକର ସଙ୍ଗଠକ ବାଛିବେ । ପ୍ରତି ବ୍ଲକ୍‌ରେ ୩୦ ଗୋଟି ମହିଳା ଦଳ ରହିବେ ଏବଂ ପ୍ରତି ଦଳରେ ୧୫ରୁ ୨୦ ପର୍ଯ୍ୟନ୍ତ ମହିଳା ସଭ୍ୟା ରହିବେ । ଦଳ ସଙ୍ଗଠିକାମାନଙ୍କୁ ୫୦ ଟଙ୍କା ପାରିଶ୍ରମିକ ମାସକୁ ଏବଂ ଗସ୍ତ ଖର୍ଚ୍ଚ ବାବଦକୁ ବର୍ଷକୁ ୨୦୦ ଟଙ୍କା ଦିଆଯିବ । ତା'ଛଡ଼ା ପ୍ରତି ଦଳକୁ ତାଲିମ କାର୍ଯ୍ୟକ୍ରମ ପାଇଁ ୫,୦୦୦ ଟଙ୍କାର ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯିବ । ଜାତୀୟ ଗ୍ରାମାଞ୍ଚଳ କର୍ମ ଯୋଗାଣ କାର୍ଯ୍ୟକ୍ରମରେ କାର୍ଯ୍ୟରତ ମହିଳାମାନଙ୍କ ଛୁଆମାନଙ୍କୁ ଯତ୍ନନେବା ସକାଶେ ପ୍ରତି ବ୍ଲକ୍‌କୁ ୫,୦୦୦ ଟଙ୍କା ଦିଆଯିବ । ଏହି ଯୋଜନାର ସମୁଦାୟ ଖର୍ଚ୍ଚ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ୫୦ ଭାଗ ଲେଖାଏଁ ବହନ କରିବେ । ତା'ଛଡ଼ା ୟୁନିସେଫ ମଧ୍ୟ ଆର୍ଥିକ ସାହାଯ୍ୟ ଦେବ । ବ୍ଲକ୍‌ଗୁଡ଼ିକରେ ଏହି ଯୋଜନା ଯେପରି ଫଳପ୍ରଦଭାବେ କାମ କରିବ, ସେଥିପାଇଁ ଜିଲ୍ଲା କର୍ତ୍ତୃପକ୍ଷ ତଥା ଗ୍ରାମାଞ୍ଚଳ ଉନ୍ନୟନ ସଂସ୍ଥା ତରଫରୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତି ଅନୁଯାୟୀ ବିଭିନ୍ନ ପଦକ୍ଷେପ ନିଆଯାଉଛି ।




# ଓଡ଼ିଶୀ ନୃତ୍ୟ ସଙ୍ଗୀତ ଉତ୍ସବ



ଓଡ଼ିଶାର ଅନ୍ୟତମ ଅଗ୍ରଗାମୀ ସାଂସ୍କୃତିକ ଅନୁଷ୍ଠାନ 'ତନୟା' ଆନୁକୂଲ୍ୟରେ ଗତ ଫେବୃୟାରୀ ୧୫।୧୬ ତାରିଖରେ ଆୟୋଜିତ ଓଡ଼ିଶୀ ନୃତ୍ୟ-ସଙ୍ଗୀତ ଉତ୍ସବ କଳାନୁରାଗୀ ଭୁବନେଶ୍ୱରବାସୀଙ୍କ ମଧ୍ୟରେ ଅଭୂତପୂର୍ବ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଦୁଇଦିନ ବ୍ୟାପୀ ଏହି ଉତ୍ସବ ଓଡ଼ିଶୀ ନୃତ୍ୟ-ସଙ୍ଗୀତ ଇତିହାସର ଏକ ସ୍ମରଣୀୟ ଘଟଣା । ଦେଶ ବିଦେଶରେ ସୁଖ୍ୟାତି ଅର୍ଜନ କରିଥିବା ଗୁରିଜଣ ଓଡ଼ିଆ ଶିଳ୍ପୀ, ଯଥା—ଗୁରୁ ପଙ୍କଜଚରଣ ଦାସ, ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ, ପଦ୍ମଶ୍ରୀ ଗୁରୁ କେଳୁଚରଣ ମହାପାତ୍ର ଏବଂ ସୁରମଣୀ ବୀଣାପାଣି ମିଶ୍ରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସାଙ୍ଗକୁ ଭାରତର ବିଶିଷ୍ଟ କଳାବିତ୍ ଶ୍ରୀ ପି. ଭି. କୃଷ୍ଣମୂର୍ତ୍ତି ତଥା ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଏବଂ ସଂସ୍କୃତିପ୍ରେମୀ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଉପସ୍ଥିତି ଓ ରୁଚିପୂର୍ଣ୍ଣ ଅଭିଭାଷଣ ଉତ୍ସବକୁ ଅଧିକ ସଜୀବ ଏବଂ ଗାମ୍ଭୀର୍ଯ୍ୟପୂର୍ଣ୍ଣ କରିଥିଲା ।

ଉତ୍ସବର ପ୍ରଥମ ସନ୍ଧ୍ୟାରେ ସଙ୍ଗୀତସୁଧାକର ବାଳକୃଷ୍ଣ ଦାସଙ୍କ ସୁଧାକ୍ଷରା କଣ୍ଠନିଃସୃତ ରାଗ କିରବାଣୀ, ମିଶ୍ରସୁଖାରୀ ଏବଂ କାମୋଦୀରେ ପରିବେଷିତ ଓଡ଼ିଶୀ ଏବଂ ଚମ୍ପୁ ଶ୍ରୋତୃମଣ୍ଡଳୀଙ୍କୁ ଚମତ୍କୃତ କରିଦେଇଥିଲା । ତାଙ୍କ ଗାୟନରେ ଉଭୟ ଭାବ ଏବଂ ଓଡ଼ିଶୀ ସଙ୍ଗୀତର ପାରମ୍ପରିକ ବିଶେଷତ୍ୱର ଅପୂର୍ବ ସମନ୍ୱୟ ଘଟିଥିଲା, ଯାହା ତାଙ୍କ ଗାୟନର ସ୍ୱାଭାବିକ ପରିପାଟୀ । ଶ୍ରୀ ଦାସ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ରଚିତ ଏକ ଭକ୍ତି ସଙ୍ଗୀତ ମିଶ୍ର ପାହାଡ଼ି ରାଗରେ ପରିବେଷଣ କରିଥିଲେ, ଯାହା ସମଗ୍ର ପ୍ରେକ୍ଷାଳୟରେ ଭକ୍ତିଭାବନାର ଉଦ୍‌ବେଳନ ସୃଷ୍ଟି କରିଥିଲା । ଶ୍ରୀ ଦାସଙ୍କସହିତ ଗୁରୁ ବନମାଳୀ ମହାରଣାଙ୍କ ମର୍ଦ୍ଦଳ ବାଦନ ଏବଂ ଶ୍ରୀ ଶରତ ପାଣିଙ୍କ ତବଲା ବାଦନ ବିଶେଷ ରସୋଦ୍ଦୀପକ ହୋଇଥିଲା । ବାଳକୃଷ୍ଣ ଦାଶଙ୍କ ସଙ୍ଗୀତ ପରେ ଗୁରୁ ପଦ୍ମଶ୍ରୀ କେଳୁଚରଣ ମହାପାତ୍ରଙ୍କ ନୃତ୍ୟ ପରିବେଷଣ ଥିଲା ସେ ଦିନ ସଂଧ୍ୟାର ଅନ୍ୟତମ ଆକର୍ଷଣ । କବିସୂର୍ଯ୍ୟ ବଳଦେବ ରଥଙ୍କ ଅନବଦ୍ୟ ସୃଷ୍ଟି "ବାଧିଲା ଜାଣିକ୍ଷମା" ଗୀତଟିକୁ ନୃତ୍ୟାଭିନୟ ମାଧ୍ୟମରେ ପରିବେଷଣ କରି ସଙ୍ଗୀତ ସୁଧାକରଙ୍କ ସୃଷ୍ଟ ଭକ୍ତିଭାବପୂର୍ଣ୍ଣ ବାତାବରଣକୁ ଅଧିକ ଭାବମୟ ଏବଂ ଆବେଗପୂର୍ଣ୍ଣ କରିଥିଲେ । ଗୁରୁ ଶ୍ରୀଯୁକ୍ତ ମହାପାତ୍ର ଗୀତଗୋବିନ୍ଦର "ସଖି ହେ କେଶିମଥନମ୍" ଗୀତଟି ମଧ୍ୟ ଅଭିନୟ କରିଥିଲେ । ତା'ପରେ ସେ ପରିବେଷଣ କରିଥିଲେ ତୁଳସୀ ଦାସଙ୍କ ରାମାୟଣରୁ କୈବର୍ତ୍ତ ପ୍ରସଙ୍ଗ ଯାହାକୁ ସେଦିନ ଉପସ୍ଥିତ ସମଗ୍ର ଦର୍ଶକମଣ୍ଡଳୀ ସବୁଦିନ ପାଇଁ ମନେରଖିଥିବେ । ବିଭିନ୍ନ ରସରେ ରସାପ୍ଲୁତ କରି ଗୁରୁ ଶ୍ରୀଯୁକ୍ତ ମହାପାତ୍ର ସେଦିନର ଦର୍ଶକମଣ୍ଡଳିଙ୍କୁ ମନ୍ତ୍ର-ମୁଗ୍ଧ କରିଥିଲେ । ଲକ୍ଷ୍ମଣଙ୍କ ଅନୁଜ ସୁଲଭ ଗୁଣ ଏବଂ କର୍ତ୍ତବ୍ୟ, ପ୍ରଭୁ ରାମଚନ୍ଦ୍ରଙ୍କ ଶାନ୍ତ ଏବଂ ସୌମ୍ୟ ଆଚରଣ ତଥା ଜଣେ କୈବର୍ତ୍ତର ଅସାଧାରଣ ସରଳତାକୁ ଗୁରୁ ଶ୍ରୀ ମହାପାତ୍ର ତାଙ୍କର ନିଖୁଣ ଅଭିନୟ ସାହାଯ୍ୟରେ କଳାଗ୍ରାହୀ ଦର୍ଶକ ସମ୍ମୁଖରେ ଜୀବନ୍ତ କରି ତୋଳିଥିଲେ ।

ଗୁରୁ ଶ୍ରୀଯୁକ୍ତ ମହାପାତ୍ରଙ୍କ ସହିତ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସୁରମଣି ରଘୁନାଥ ପାଣିଗ୍ରାହୀ ଏବଂ ଭାଖାଲ

ଚନ୍ଦ୍ର ମହାନ୍ତିଙ୍କ ଗାୟନ ତଥା ଶ୍ରୀ ବନମାଳୀ ମହାରଣାଙ୍କ ମର୍ଦ୍ଦଳ ବାଦନ କାର୍ଯ୍ୟକ୍ରମକୁ ଅଧିକ ଉପଭୋଗ୍ୟ କରିଥିଲା । ଅଧିକନ୍ତୁ ବିଶ୍ୱବିଖ୍ୟାତ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ସଞ୍ଜୁକ୍ତା ପାଣିଗ୍ରାହୀ, କୃଷ୍ଣମୋହନ ପ୍ରଧାନ ଓ ଓ୍ୱାଇ ରାମାରାଓ ମନ୍ଦିରା, ମର୍ଦ୍ଦଳ, ସୀତାର ଏବଂ ବେହେଲାରେ ସହଯୋଗ କରିଥିଲେ । ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଓଡ଼ିଶା ତଥା ଭାରତର ବିଶିଷ୍ଟ କଣ୍ଠଶିଳ୍ପୀ ସୁରମଣି ଶ୍ରୀମତୀ ବୀଣାପାଣି ମିଶ୍ରଙ୍କ ଓଡ଼ିଶୀ ଗାୟନ ଏବଂ ଓଡ଼ିଶୀ ନୃତ୍ୟ ପରମ୍ପରାର ଅନ୍ୟତମ ଶ୍ରେଷ୍ଠ ଗୁରୁ ଶ୍ରୀ ପଙ୍କଜ ଚରଣ ଦାସ ତଥା ତାଙ୍କର ବିଶ୍ୱବିଖ୍ୟାତ ଅନ୍ୟତମ ଛାତ୍ରୀ ଗୀତା ଦେବୀ ଓ ଅନ୍ୟତମା କନିଷ୍ଠା ଛାତ୍ରୀ କୁମାରୀ ଅହଲ୍ୟା ହେକ୍‌ମାଦୀଙ୍କ ନୃତ୍ୟ କାର୍ଯ୍ୟକ୍ରମ ଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ସୁରମଣି ଶ୍ରୀମତୀ ମିଶ୍ର କୋର୍ଣ୍ଣଧ୍ୱନୀ ଓ ଚନ୍ଦ୍ରକାନ୍ତ ରାଗରେ ଓଡ଼ିଶୀ ଓ ଚଂପୁ, ଅମରକବି ଜୟଦେବଙ୍କ ଗୀତଗୋବିନ୍ଦରୁ "ନିନ୍ଦତି ଚନ୍ଦନ ମିନ୍ଦୁ କିରଣ ମନୁ" ଗୀତ ଏବଂ କୀର୍ତ୍ତନ ଗାନ କରିବା ସଙ୍ଗେ ସଙ୍ଗେ ଶ୍ରୋତୃମଣ୍ଡଳୀଙ୍କ ବିଶେଷ ଅନୁରୋଧ କ୍ରମେ ଏକ ଚଣାଣ ପରିବେଷଣ କରିଥିଲେ । ଶ୍ରୀମତୀ ମିଶ୍ରଙ୍କ ଗାୟନରେ ଓଡ଼ିଶୀ ସଙ୍ଗୀତ ପଦ୍ଧତିର ବିଭିନ୍ନ ପାରମ୍ପରିକ ବିଶେଷତ୍ୱ ସହିତ ରାଗ ଗାୟନର ପ୍ରାଧାନ୍ୟ ପରିଲକ୍ଷିତ ହୋଇଥିଲା । ଓଡ଼ିଶୀ ସଙ୍ଗୀତକୁ ରାଗ ଆଧାରିତ ସ୍ୱର ସାହାଯ୍ୟରେ ବିସ୍ତୃତ ରୂପ ଦେଇ ସେ ଶ୍ରୋତୃମଣ୍ଡଳୀକୁ ଚମତ୍କୃତ କରିଥିଲେ । ବିଭିନ୍ନ ଛନ୍ଦରେ ତାନ୍ ଏବଂ ସରଗମ ଆଦି ପରିବେଷଣ କରିବା ସଙ୍ଗେ ସଙ୍ଗେ ଭାଷାପ୍ରଧାନ ଓଡ଼ିଶୀ ସଙ୍ଗୀତରେ ବିଭିନ୍ନ ପଦକୁ ଓଡ଼ିଶୀ ନୃତ୍ୟର ସଞ୍ଚାରୀ-ଅଭିନୟ ଭଳି ଭିନ୍ନ ଭିନ୍ନ ରୂପରେ ଗାୟନ କରି ପଦଗୁଡ଼ିକର ଅର୍ଥକୁ ଅଧିକ ବ୍ୟାପକ ତଥା ଭାବବ୍ୟଞ୍ଜକ କରିଥିଲେ । ଓଡ଼ିଶୀ ସଙ୍ଗୀତ ପଦ୍ଧତି ଅନ୍ତର୍ଗତ ପଢ଼ି ତଥା ବିଭିନ୍ନ ତାଳ-ଭେଦ ରୀତି ପ୍ରୟୋଗ କରି ସେ "ଗୀତ-ଗୋବିନ୍ଦ" ଗାୟନ କରିଥିଲେ । ବିଶେଷ କରି ତାଙ୍କର କୀର୍ତ୍ତନ ଗାୟନ ସବୁଦିନ ପରି ସେଦିନ ସଂଧ୍ୟାରେ ମଧ୍ୟ ବିଶେଷ ଆକର୍ଷଣ ଥିଲା । ମର୍ଦ୍ଦଳରେ ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ତବଲା ବାଦକ ଶ୍ରୀ ରମେଶ ଚନ୍ଦ୍ର କର ଏବଂ ମୃଦଙ୍ଗରେ ଶ୍ରୀ ବନମାଳୀ ମହାରଣାଙ୍କ ସହଯୋଗ ଚିତ୍ତାକର୍ଷକ ହୋଇଥିଲା ।

ଶ୍ରୀମତୀ ମିଶ୍ରଙ୍କ ସଙ୍ଗୀତ କାର୍ଯ୍ୟକ୍ରମ ପରେ ସେଦିନ ସଂଧ୍ୟାର ଅନ୍ୟତମ ଆକର୍ଷଣ ଥିଲା ବହୁ ଆକାଂକ୍ଷିତ ଗୁରୁ ଶ୍ରୀ ପଙ୍କଜ ଚରଣ ଦାସଙ୍କ ଓଡ଼ିଶୀନୃତ୍ୟ ପରିବେଷଣ । ଗୁରୁ ଶ୍ରୀ ଦାସଙ୍କ ଭାଷାରେ–"ଆଜୀବନ ପରଦାର ଅନ୍ତରାଳରେ ରହି ରହି.........."ସମଗ୍ର ଦେଶବାସୀଙ୍କୁ ମୁଗ୍ଧ କରାଇ ଆସିଥିଲେ ମଧ୍ୟ ସେଦିନ ସନ୍ଧ୍ୟାରେ ନିଜେ ମଞ୍ଚ ଉପରେ ବିରାଜମାନ କରି ଅଭୂତପୂର୍ବ ଭାବାବେଗପୂର୍ଣ୍ଣ ପରିବେଶ ସୃଷ୍ଟି କରିଲେ । ଘନ ଘନ କରତାଳି ମଧ୍ୟରେ ପରିବେଷିତ ବିଭିନ୍ନ ଭଙ୍ଗୀପୂର୍ଣ୍ଣ "ନର୍ତ୍ତନ ନାମାବଳୀ" ବିଶେଷ ଉପଭୋଗ୍ୟ ହୋଇଥିଲା । ତାଙ୍କ ପରିବେଷିତ ନୃତ୍ୟଶୈଳୀରେ ଓଡ଼ିଶୀ ନୃତ୍ୟର କେତେକ ପାରମ୍ପରିକ ଠାଣୀ ଉଦ୍‌ଭାବିତ ହୋଇ ଉଠିଥିଲା ।

ଶ୍ରୀ ଦାସଙ୍କ ପରେ ତାଙ୍କର ଜଣେ କନିଷ୍ଠା ଛାତ୍ରୀ କୁମାରୀ ଅହଲ୍ୟା ଦ୍ୱାରା ପରିବେଷିତ ତଥା ବହୁ ଚର୍ଚ୍ଚିତ 'ଗତିବିଳାସ-ପଲ୍ଲବୀ' ବିଶେଷ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଓଡ଼ିଶୀ ନୃତ୍ୟର ଗତାନୁଗତିକତାକୁ ବାଦ୍ ଦେଇ ଗୁରୁ ଶ୍ରୀ ଦାସଙ୍କ ସଂଯୋଜିତ ଏହି ନୂତନ ସ୍ୱାଦର ପଲ୍ଲବୀ ବିଶେଷ ଉପଭୋଗ୍ୟ ହୋଇଥିଲା । କୁମାରୀ ଅହଲ୍ୟାଙ୍କ ସାବଲୀଳ ଅଙ୍ଗଭଙ୍ଗୀ ତଥା ପ୍ରାଣୀଜଗତର ବିଭିନ୍ନ ପଶୁପକ୍ଷୀ ମନୁଷ୍ୟାଦିଙ୍କ ଗତିବିଧିର ଜୀବନ୍ତ ଅଭିନୟ ଦର୍ଶକମାନଙ୍କ ମନରେ ବିଶେଷ ପ୍ରଭାବ ପକାଇଥିଲା ।

କୁମାରୀ ଅହଲ୍ୟାଙ୍କ ପରେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନା ନୃତ୍ୟ ଶିଳ୍ପୀ ଗୀତାଦେବୀଙ୍କ ପରିବେଷିତ ବିଭିନ୍ନ ଋତୁ ସମ୍ବନ୍ଧୀୟ ନୃତ୍ୟାଭିନୟ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା । ତାଙ୍କର ନୃତ୍ୟ ସମ୍ବନ୍ଧୀୟ ସଂକ୍ଷିପ୍ତ ସୂଚନା ତଥା ଅଭିନୟ କୌଶଳ ପାଇଁ ସେ ବିଶେଷ ପ୍ରଶଂସିତା ହୋଇଥିଲେ । ଏହାପରେ ଶେଷ କାର୍ଯ୍ୟକ୍ରମ ଥିଲା ଗୁରୁ ପଙ୍କଜ ଚରଣ ଦାସଙ୍କ ଅଭିନୟ, ଯାହା ଭକ୍ତିଭାବ ସମ୍ବଳିତ ଏକ ଗୀତ ଉପରେ ପର୍ଯ୍ୟବସିତ ଥିଲା । ଗୁରୁ ପଙ୍କଜ ଚରଣ ଦାସଙ୍କ ଭକ୍ତି ଆବେଗ ପୂର୍ଣ୍ଣ ଅଭିନୟରେ ସମଗ୍ର ପ୍ରେକ୍ଷାଳୟ ଭାବପ୍ଲବଣ ହୋଇ ଉଠିଥିଲା । ଉଚ୍ଛ୍ୱସିତ କରତାଳି ଏବଂ ସ୍ୱାଗତ ସମ୍ବର୍ଦ୍ଧନା ମଧ୍ୟରେ ଦ୍ୱିତୀୟ ତଥା ଉତ୍ସବର ଶେଷ ସଂଧ୍ୟାର କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

ଏହି ନୃତ୍ୟ କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୀ ଘନଶ୍ୟାମ ପଣ୍ଡା ଏବଂ ଶ୍ରୀମତୀ ଭୁବନେଶ୍ୱରୀ ମିଶ୍ର ତଥା ବଂଶୀରେ ସୁରମଣି ମୋହିନୀମୋହନ ପଟ୍ଟନାୟକ ସହଯୋଗିତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ରାମହରି ଦାସ କଣ୍ଠ ସଂଗୀତ, ଶ୍ରୀ ରମେଶ ଚନ୍ଦ୍ର ଦାସ ବେହେଲା ଏବଂ ଶ୍ରୀ ଧନେଶ୍ୱର ସ୍ୱାଇଁ ଓ ଶ୍ରୀ ନିରଞ୍ଜନ ପାତ୍ର ମର୍ଦ୍ଦଳରେ ସହଯୋଗ କରିଥିଲେ ।

ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ବ୍ୟତୀତ ଏହି ଅବସରରେ 'ତନୟା' ଆଠଜଣ ବିଶିଷ୍ଟ ଶିଳ୍ପୀଙ୍କୁ ତାଙ୍କର ଅନବଦ୍ୟ କଳାକୃତି ପାଇଁ ଉପାୟନ ତଥା ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲା । ସେମାନେ ହେଲେ ଶ୍ରୀ ପି. ଭି. କୃଷ୍ଣମୂର୍ତ୍ତି, ଗୁରୁ ପଙ୍କଜ ଚରଣ ଦାସ, ଶ୍ରୀ ବାଳକୃଷ୍ଣ ଦାଶ, ଗୁରୁ କେଳୁ ଚରଣ ମହାପାତ୍ର, ଶ୍ରୀମତୀ ବୀଣାପାଣି ମିଶ୍ର, ଶ୍ରୀମତୀ ଲତା ଦେବୀ, ଶ୍ରୀ ରଘୁନାଥ ପାଣିଗ୍ରାହୀ ଏବଂ ଶ୍ରୀମତୀ ସଂଯୁକ୍ତା ପାଣିଗ୍ରାହୀ ।

ଏହି ଦୁଇଦିନିଆ କାର୍ଯ୍ୟକ୍ରମଟି ଅନୁଷ୍ଠାନର ସଭାପତି ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକଙ୍କ ବଳିଷ୍ଠ ନିର୍ଦ୍ଦେଶନା ଏବଂ ସୁପରିଚାଳନା ତଥା ଅନ୍ୟ ସମସ୍ତ ସଭ୍ୟାମାନଙ୍କ ଆନ୍ତରିକ ସହଯୋଗରେ ସଫଳତାର ସହିତ ସଂପାଦିତ ହୋଇଥିଲା ।

ଅଧିକନ୍ତୁ ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ଶାନ୍ତନୁ ମହାପାତ୍ରଙ୍କ ଅକୁଣ୍ଠ ସାହାଯ୍ୟ ସହଯୋଗ "ତନୟା"ର କାର୍ଯ୍ୟକ୍ରମକୁ ସଫଳ କରାଇବାରେ ବିଶେଷ ସାହାଯ୍ୟ କରିଥିଲା ।



MP-VI (L & E. ...

# ପ୍ରଗତି ପ୍ରସଙ୍ଗ

## ତାଳଚେର୍-ସମ୍ବଲପୁର ରେଳରାସ୍ତା

ତାଳଚେର-ସମ୍ବଲପୁର ରେଳ ରାସ୍ତାର ଦୈର୍ଘ୍ୟ ୧୭୨ କିଲୋମିଟର । ଏହି ରେଳରାସ୍ତା ତାଳଚେରଠାରୁ ଅନୁଗୁଳ-ରେଢ଼ାଖୋଲ ଦେଇ ସମ୍ବଲପୁରକୁ ସଂଯୋଗ କରିବ । ଏହି ପରିକଳ୍ପନାଟି ୧୯୮୪ ମସିହାରେ ଅନୁମୋଦନ ଲାଭ କରିଛି । ଏହାର ନିର୍ମାଣ ସକାଶେ ୪୬ କୋଟି ଟଙ୍କା ବ୍ୟୟ ହେବ ବୋଲି ପ୍ରାକ୍‌କଳନ କରାଯାଇଥିଲେ ସୁଦ୍ଧା ଏବାବଦରେ ପ୍ରାୟ ୭୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ରେଳପଥ ନିର୍ମାଣ ଫଳରେ ପଶ୍ଚିମ ଓଡ଼ିଶା ସହିତ ଉପକୂଳବର୍ତ୍ତୀ ଓଡ଼ିଶାର ଯୋଗାଯୋଗ ସ୍ଥାପିତ ହେବା ସଙ୍ଗେ ସଙ୍ଗେ ଭାଗବତ ସଂହତିର ବିକାଶ ଦିଗରେ ବିଶେଷ ସହାୟକ ହେବ ।

ନୂତନ ଅଞ୍ଚଳଗୁଡ଼ିକର ବିକାଶ ନିମନ୍ତେ ବରଗଡ଼-ରାୟପୁର ରେଳପଥର ସର୍ଭେ କାର୍ଯ୍ୟ ପାଇଁ କେନ୍ଦ୍ର ରେଳବାଇ ମନ୍ତ୍ରଣାଳୟକୁ ମଧ୍ୟ ଅନୁରୋଧ କରାଯାଇଛି।

ଏହା ବ୍ୟତୀତ ଏକ ରେଳ ଡବା ମରାମତି କାରଖାନା ମଧ୍ୟ ମଞ୍ଜୁରୀ ପାଇଛି । ଏହି କାରଖାନାଟି ୧୮ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱର ନିକଟସ୍ଥ ମଞ୍ଚେଶ୍ୱରଠାରେ ନିର୍ମାଣ କରାଯାଇଛି । ୧୯୮୩ ଡିସେମ୍ବରଠାରୁ ଏହି କାରଖାନାର କାର୍ଯ୍ୟ ଆଂଶିକଭାବେ ଆରମ୍ଭ ହୋଇଗଲଣି ଏବଂ ୧୯୮୫ ପ୍ରାରମ୍ଭ ସୁଦ୍ଧା ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ । ଏହି କାରଖାନା ପ୍ରାୟ ୩୦୦୦ ଶ୍ରମିକଙ୍କୁ ନିଯୁକ୍ତିର ସୁବିଧା ଯୋଗାଇ ଦେବ । ଏଥିରେ ରାଜ୍ୟର ଶିଳ୍ପ ତାଲିମ ଅନୁଷ୍ଠାନରୁ ତାଲିମପ୍ରାପ୍ତ ବହୁ ସଂଖ୍ୟକ ଦକ୍ଷ ବ୍ୟକ୍ତି ମଧ୍ୟ ନିଯୁକ୍ତି ପାଇବେ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଶିଳ୍ପ କାରଖାନା ଗଢ଼ିଉଠିବା ଦିଗରେ ଏହି କାରଖାନା ବିଶେଷ ସହାୟକ ହେବ ।

## "କାଡ଼ା" ଉଦ୍ୟମରେ ସେଚ ପ୍ରକଳ୍ପ

କଟକ ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗୋରଡ଼ା ପଞ୍ଚାୟତରେ ବଣିତୋ ଗ୍ରାମ ନିକଟରେ ପ୍ରବାହିତ ବୁଡ଼ାନଦୀ ଉପରେ ନିର୍ମିତ ହେବାକୁ ଯାଉଥିବା ଏକ କ୍ଷେତ୍ର ସେଚ ପ୍ରକଳ୍ପର ଭିତ୍ତି ପ୍ରସ୍ତର ଗତ ଫେବୃଆରୀ ୨୦ ତାରିଖରେ ଶ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ଦ୍ୱାରା ସ୍ଥାପିତ ହୋଇଯାଇଛି । କଟକର କମାଣ୍ଡ ଏରିଆ ଡେଭେଲପ୍‌ମେଣ୍ଟ ସଂସ୍ଥାର ଉଦ୍ୟମରେ ଏବଂ ଜଳସେଚନ ବିଭାଗର ସହଯୋଗରେ ନିର୍ମିତ ହେଉଥିବା ଏହି ପ୍ରକଳ୍ପ ପାଇଁ ୧ ଲକ୍ଷ ୬୭ ହଜାର ୬୨୦ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଆସନ୍ତା ବର୍ଷାଋତୁ ପୂର୍ବରୁ ଏହାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବ ।

ଏ ଉପଲକ୍ଷେ ବଣିତୋ ଗ୍ରାମରେ ଅନୁଷ୍ଠିତ ଏକ ଉତ୍ସବରେ 'କାଡ଼ା'ର ଅଧ୍ୟକ୍ଷ ତଥା କେନ୍ଦ୍ରାଞ୍ଚଳ ରାଜସ୍ୱ କମିସନର ଶ୍ରୀ ଅମୂଲ୍ୟ ରତ୍ନ ନନ୍ଦ ସଭାପତିତ୍ୱ କରିଥିଲେ ।

ମୁଖ୍ୟ ଅତିଥି ରୂପେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ବିଶ୍ୱାଳ କହିଲେ ଯେ ଏହି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେଲେ ବଣିତୋ, ମହିଷଗୋଠ, ସାରକ୍ଷୀ, ଅନ୍ଧାକୁଡ଼ା ଏବଂ ଧୂସଲ ଗ୍ରାମଗୁଡ଼ିକର ପ୍ରାୟ ୧୮୦୦ ଚାଷୀ ଜଳସେଚନର ସୁବିଧା ପାଇ ପାରିବେ । ସେ କହିଲେ ଯେ ଏହିସବୁ ଅଞ୍ଚଳର ଚାଷଜମି ଉର୍ବର ହୋଇଥିଲେ ମଧ୍ୟ କେନାଲ ପାଣି ଅଭାବରୁ ଏବଂ ଖରିଫ ଋତୁରେ ବର୍ଷାଭାବରୁ ଜମି ମରୁଡ଼ିଗ୍ରସ୍ତ ହୋଇ ବ୍ୟାପକ ଫସଲ ହାନୀ ହୋଇଥାଏ । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନିଜେ ଚାଷୀମାନଙ୍କର ଏପରି ପରିସ୍ଥିତି ଅନୁଧ୍ୟାନ କରି ସ୍ଥାନୀୟ ବୁଢ଼ାନଦୀ ସଫେଇ ନାଳର ଜଳକୁ କିପରି ଚାଷପାଇଁ ବିନିଯୋଗ କରାଯାଇ ପାରିବ ସେ ସଂପର୍କରେ କାର୍ଯ୍ୟକ୍ରମ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ 'କାଡ଼ା' ସଂସ୍ଥା ଏହି ସେଚ ପ୍ରକଳ୍ପର କାମ ହାତକୁ ନେଇଛନ୍ତି ବୋଲି ସୂଚନା ଦେଇ ଶ୍ରୀ ବିଶ୍ୱାଳ ସଂପୃକ୍ତ କର୍ତ୍ତୃପକ୍ଷ ଏବଂ ସଂସ୍ଥାର ଯନ୍ତ୍ରୀମାନଙ୍କୁ ସାଧୁବାଦ ଜଣାଇଥିଲେ । ସ୍ଥାନୀୟ ଅଞ୍ଚଳରେ ଚକବନ୍ଦୀ କାର୍ଯ୍ୟ ଶେଷ ହୋଇଗଲେ ଚାଷୀମାନେ ଏଣିକି ବର୍ଷରେ ଦୁଇଟି ଫସଲ ଚାଷ କରି ପାରିବେ ବୋଲି ଆଶା ପ୍ରକାଶ କରି ଶ୍ରୀ ବିଶ୍ୱାଳ ଚିନାବାଦାମ ପରି ବିଭିନ୍ନ ତୈଳବୀଜ ଚାଷ କରିବା ପାଇଁ ପରାମର୍ଶ ଦେଇଥିଲେ । ଭାଷଣ ପ୍ରସଙ୍ଗରେ ଶ୍ରୀ ବିଶ୍ୱାଳ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ ଓ ନୀତି ପ୍ରତି ରାଜ୍ୟବାସୀ ଯେପରି ବିପୁଳ ସମର୍ଥନ ଜଣାଇଛନ୍ତି, ତାହା ସ୍ୱାଗତଯୋଗ୍ୟ ।

ମୁଖ୍ୟବକ୍ତା ରୂପେ ଉଦ୍‌ବୋଧନ ଦେଇ କୃଷି ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ଜୟଦେବ ପାଢ଼ୀ କହିଲେ ଯେ ମହାନଦୀ ତ୍ରିକୋଣଭୂମି, ସାଳନ୍ଦୀ ଏବଂ ହୀରାକୁଦ ଜଳସେଚିତ ଅଞ୍ଚଳରେ 'କାଡ଼ା' ତରଫରୁ ୬୩ ହଜାର ହେକ୍ଟର ଜମିରେ ଜଳସେଚନ ପାଇଁ କ୍ଷେତ୍ରନାଳୀ ନିର୍ମିତ ହେଲଣି । ଚଳିତ ୬ଷ୍ଠ ଯୋଜନା ଶେଷ ସୁଧା ଦେଢ଼ଲକ୍ଷ ହେକ୍ଟର ଜମି ଜଳସେଚନ କରିବାକୁ କ୍ଷେତ୍ରନାଳୀ ନିର୍ମାଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ସେ କହିଥିଲେ ।

ରାଜସ୍ୱ କମିସନର ଶ୍ରୀ ନନ୍ଦ କହିଲେ ଯେ ବଣିତୋ ପ୍ରଭୃତି ଗ୍ରାମରେ ଚାଲୁଥିବା ଚକବନ୍ଦୀ କାର୍ଯ୍ୟ ଆସନ୍ତା ବର୍ଷ ମଧ୍ୟରେ ସଂପୂର୍ଣ୍ଣ ହୋଇଯିବ ଏବଂ ତା' ପରେ କ୍ଷେତ୍ରନାଳୀସବୁ ନିର୍ମିତ ହେବ । ଏହିସବୁ ନାଳୀ ଓ ସେଚ ପ୍ରକଳ୍ପର ରକ୍ଷଣାବେକ୍ଷଣ ଦିଗରେ ଗ୍ରାମବାସୀମାନେ ଧ୍ୟାନ ଦେବାକୁ ସେ ଅନୁରୋଧ କରିଥିଲେ ।

ଏହି ଉତ୍ସବରେ ଜିଲ୍ଲାପାଳ ତଥା 'କାଡ଼ା' ର ଉପାଧ୍ୟକ୍ଷ ଶ୍ରୀ ହରମୋହନ ପଟ୍ଟନାୟକ ପ୍ରାରମ୍ଭିକ ଭାଷଣ ଦେଇଥିଲେ ।

## ଓଡ଼ିଶାରେ ସୁଦୂର ପର୍ଯ୍ୟବେକ୍ଷଣ କେନ୍ଦ୍ର

ରାଜ୍ୟ ସରକାରଙ୍କ ବିଜ୍ଞାନ, କାରିଗରୀ ଓ ପରିବେଶ ବିଭାଗ ଆନୁକୂଲ୍ୟରେ ଏକ ସୁଦୂର ପର୍ଯ୍ୟବେକ୍ଷଣ କେନ୍ଦ୍ର (ଓରସାକ୍—ଓଡ଼ିଶା ରିମୋଟ ସେନ୍‌ସିଂ ଆପ୍ଲିକେସନ ସେଣ୍ଟର) ପ୍ରତିଷ୍ଠା କରିବାକୁ ସ୍ଥିର କରାଯାଇଛି । ଏହି କେନ୍ଦ୍ରରେ କୃତ୍ରିମ ଉପଗ୍ରହଗୁଡ଼ିକରୁ ମିଳୁଥିବା ଆଲୋକ ଚିତ୍ରଗୁଡ଼ିକର ବିଶ୍ଳେଷଣ କରାଯାଇ ଓଡ଼ିଶାର ପ୍ରାକୃତିକ ସଂପଦ ଅନୁସନ୍ଧାନ ରକ୍ଷଣାବେକ୍ଷଣ ଓ ବିନିଯୋଗ କରାଯିବ । ଏହା ଦେଶର ୩ୟ ପ୍ରାଦେଶିକ କେନ୍ଦ୍ର । ଏଥିପୂର୍ବରୁ ଉତ୍ତର ପ୍ରଦେଶ ଏବଂ ତାମିଲନାଡୁରେ ଏପରି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଏହି କେନ୍ଦ୍ର ହାଇଦରାବାଦସ୍ଥିତ ଜାତୀୟ ସୁଦୂର ପର୍ଯ୍ୟବେକ୍ଷଣ ସଂସ୍ଥା ଜରିଆରେ କୃତ୍ରିମ ଉପଗ୍ରହଗୁଡ଼ିକରୁ ମିଳୁଥିବା ଆଲୋକଚିତ୍ର ପାଇବ । ରାଜ୍ୟର ଏହି ପର୍ଯ୍ୟବେକ୍ଷଣ କେନ୍ଦ୍ର ସ୍ୱୟଂଶାସିତ ସଂସ୍ଥା ରୂପେ କାର୍ଯ୍ୟ କରିବ । ରାଜ୍ୟ ମୁଖ୍ୟ ଶାସନ ସଚିବ ଏହାର ସଭାପତି ରହିବେ । ବିଭାଗୀୟ ଶାସନ ସଚିବ ଓ ଅତିରିକ୍ତ ଶାସନ ସଚିବ, ମୁଖ୍ୟ ବନ ସଂରକ୍ଷକ, ପରିସଂଖ୍ୟାନ, ମୃତ୍ତିକା ସଂରକ୍ଷଣ କୃଷି ଓ ଖଣି ବିଭାଗଗୁଡ଼ିକର ନିର୍ଦ୍ଦେଶକ ଏହି କେନ୍ଦ୍ରର ସଭ୍ୟ ରହିବେ । ଏହା ବ୍ୟତୀତ ଉତ୍କଳ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭୂଗୋଳ, ସାମୁଦ୍ରିକ ବିଜ୍ଞାନ ଓ ଭୂତତ୍ତ୍ୱ ବିଭାଗର ମୁଖ୍ୟ ଅଧ୍ୟାପକମାନେ ଏହି କେନ୍ଦ୍ରର ସଭ୍ୟ ରୂପେ ମନୋନୀତ ହୋଇଛନ୍ତି । ବିଜ୍ଞାନ, କାରିଗରୀ ଓ ପରିବେଶ ବିଭାଗର ସିନିୟର ସାଇଣ୍ଟିଷ୍ଟ ଶ୍ରୀ ଗୋବିନ୍ଦାନନ୍ଦ ମହାପାତ୍ର ଏହି କେନ୍ଦ୍ରର ମୁଖ୍ୟ ପରିଚାଳକ ରହିବେ । ଭବିଷ୍ୟତରେ ଏହି କେନ୍ଦ୍ର ମିଳିତ ଜାତିସଂଘ, ଆନ୍ତର୍ଜାତିକ ଖାଦ୍ୟ ଓ କୃଷି ସଂସ୍ଥା ଏବଂ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ସଂସ୍ଥାରୁ ବୈଷୟିକ ଓ କାରିଗରୀ ସାହାଯ୍ୟ ପାଇବାର ଆଶା କରାଯାଉଛି ।

## ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ

ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ ଜାନୁଆରୀ ମାସରେ ୪୪୩ଟି ଗ୍ରାମରେ ସଂପୂର୍ଣ୍ଣଭାବେ ଓ ୬୬୮ଟି ଗ୍ରାମରେ ଆଂଶିକ ଭାବେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି । ୧୯୮୩-୮୪ରେ ଉଭୟ ସଂପୂର୍ଣ୍ଣ ଓ ଆଂଶିକ ଜଳ ଯୋଗାଣର ଧାର୍ଯ୍ୟ ଲକ୍ଷ୍ୟ ୫୦୬୦ଟି ଗ୍ରାମ ମଧ୍ୟରୁ ଜାନୁଆରୀ ଶେଷ ସୁଦ୍ଧା ମୋଟ ୫୫୯୯ଟି ଗ୍ରାମରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି । ତନ୍ମଧ୍ୟରୁ ୨୮୬୬ଟି ଗ୍ରାମରେ ସଂପୂର୍ଣ୍ଣଭାବେ ଓ ୨୭୩୩ଟି ଗ୍ରାମରେ ଆଂଶିକ ଭାବେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି ।

ଜାନୁଆରୀମାସ ଶେଷସୁଦ୍ଧା ୩୯,୪୫୬ ଜଣ ବାସହୀନଙ୍କୁ ଘରଡ଼ିହ ଯୋଗାଇ ଦିଆଯାଇଛି । ୧୯୮୩-୮୪ରେ ୨୦ ହଜାର ବାସହୀନ ବ୍ୟକ୍ତିଙ୍କୁ ଘର ଯୋଗାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଜାନୁଆରୀ ଶେଷସୁଦ୍ଧା ୩,୦୩୪ ଜଣ ବ୍ୟକ୍ତିଙ୍କୁ ଗୃହ ନିର୍ମାଣ ବାବଦକୁ ସାହାଯ୍ୟ କରାଯାଇଥିଲା । ଏହି ସମୟ ମଧ୍ୟରେ ୯,୦୫୮ଟି ଘର ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କୁ ଯୋଗାଇ ଦିଆଯାଇଛି ଓ ଏହି ସମୟ ମଧ୍ୟରେ ୨୭,୪୦୦ ଜଣ ସହରତଳି ବସ୍ତି ବାସିନ୍ଦା ଉପକୃତ ହୋଇଛନ୍ତି ।

## ଭୂମିହୀନଙ୍କୁ ଘରଡ଼ିହ ଓ କୃଷିଜମି

ପ୍ରଧାନମନ୍ତ୍ରୀଙ୍କ କୋଡ଼ିଏଦଫା କାର୍ଯ୍ୟକ୍ରମର ବିଭିନ୍ନ ଦଫାରେ କେନ୍ଦୁଝର ଜିଲ୍ଲା ନିମନ୍ତେ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ହାସଲ କରିବା ପାଇଁ ଜିଲ୍ଲା କର୍ତ୍ତୃପକ୍ଷ ଗୁରୁତ୍ୱ ଆରୋପ କରି ବିଭିନ୍ନ ପଦକ୍ଷେପ ନେଇଛନ୍ତି । ଏହି କାର୍ଯ୍ୟକ୍ରମାନୁଯାୟୀ ଜିଲ୍ଲାରେ ୧୯୮୩-୮୪ ଆର୍ଥିକ ବର୍ଷରେ ୩,୫୦୦ ଜଣ ବାସହୀନ ଲୋକଙ୍କ ନିମନ୍ତେ ଘରଡ଼ିହ ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ୧୯୮୪ ଜାନୁଆରୀ ମାସ ଶେଷ ସୁଦ୍ଧା ୩,୬୫୦ ଜଣ ବାସହୀନ ଲୋକଙ୍କ ମଧ୍ୟରେ ୧୪୬ ଏକର ୧୦½ ଡେସିମିଲ ଘରଡ଼ିହ

GP—MP-VI (L. & P. R.) 80—

ଜମି ଯୋଗାଇ ଦିଆଯାଇଛି । ଏଥିମଧ୍ୟରୁ ୨,୩୮୪ ଜଣ ଆଦିବାସୀମାନଙ୍କ ମଧ୍ୟରେ ୯୫ ଏକର ୫୪ ଡେସିମିଲ, ଜମି ୪୭୮ ଜଣ ହରିଜନମାନଙ୍କ ମଧ୍ୟରେ ୧୯ ଏକର ୦୭ ଡେସିମିଲ ଜମି ଏବଂ ୭୮ ଜଣ ସବର୍ଣ୍ଣଙ୍କ ମଧ୍ୟରେ ୩୧ ଏକର ୪୯ ଡେସିମିଲ ଜମି ବଣ୍ଟାଯାଇଅଛି । ସେହିପରି ଜିଲରେ ୧୯୮୩–୮୪ ବର୍ଷରେ ୫୦୦ ଏକର କୃଷିଭିତ୍ତିକ ଜମି ଜମିହୀନ ଲୋକଙ୍କ ମଧ୍ୟରେ ବିତରଣ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ୧୯୮୪ ଜାନୁଆରୀ ମାସ ଶେଷ ସୁଦ୍ଧା ୭୧୨ ଜଣ ମିହୀନ ଲୋକଙ୍କ ମଧ୍ୟରେ ୬୨୩ ଏକର ୬୫ ଡେସିମିଲ ଜମି ବଣ୍ଟା ଯାଇଅଛି । ସେଥିମଧ୍ୟରୁ ୩୮୨ ଜଣ ଆଦିବାସୀଙ୍କ ମଧ୍ୟରେ ୩୫୬ ଏକର ୨୪ ଡେସିମିଲ ଜମି, ୮୩ ଜଣ ହରିଜନଙ୍କମଧ୍ୟରେ ୬୨ ଏକର ୯୫ ଡେସିମିଲ ଜମି ଏବଂ ୨୪୭ ଜଣ ସବର୍ଣ୍ଣଙ୍କ ମଧ୍ୟରେ ୨୦୪ ଏକର ୪୬ ଡେସମିଲ ଜମି ବଣ୍ଟା ଯାଇଅଛି । ଏହା ବ୍ୟତୀତ କେନ୍ଦୁଝର ଜିଲ୍ଲା ତହସିଲ ଇଲକା ମଧ୍ୟରେ ୬ ଜଣ ଆଦିବାସୀ ଭୂମିହୀନ ଲୋକଙ୍କୁ ୨ ଏକର ୨୭ ଡେସିମିଲ ଶିଲିଂ ବହିର୍ଭୂତ ଜମି ମଧ୍ୟ ଚଳିତବର୍ଷ ଜାନୁଆରୀ ୧୯୮୪ ଶେଷ ସୁଦ୍ଧା ଯୋଗାଇ ଦିଆଯାଇଛି ।

——

# ପରିବେଶ ସୁରକ୍ଷା ପାଇଁ ଜନ ଜାଗରଣ

ପରିବେଶ ସୁରକ୍ଷା ନିମନ୍ତେ ବ୍ୟାପକ ଜନ ଜାଗରଣ ସୃଷ୍ଟି କରିବା ପାଇଁ ରାଜ୍ୟ ବିଜ୍ଞାନ, କାରିଗରୀ ଓ ପରିବେଶ ବିଭାଗ ତରଫରୁ ଏକ ତଥ୍ୟ ପରିବେଷଣର ବ୍ୟବସ୍ଥା କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଙ୍ଗଠନ-ଗୁଡ଼ିକର ଶହେଜଣ ପ୍ରତିନିଧିଙ୍କୁ ନେଇ ଫେବୃଆରୀ ୨୭ ତାରିଖଠାରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ପୁରୀ ଯୁବ ହଷ୍ଟେଲଠାରେ ଏକ ଶିବିରର ଆୟୋଜନ କରାଯାଇଛି । ଏହି ଶିବିର କାଳ ମଧ୍ୟରେ ପ୍ରତିନିଧିମାନଙ୍କ ସହ ପରିବେଶ ସୁରକ୍ଷା କରିବାର ବିଭିନ୍ନ ଦିଗ, ଯଥା — ମୃତ୍ତିକା ଓ ଜଙ୍ଗଲ ସଂରକ୍ଷଣ, ଜଳ ଓ ବାୟୁ ଦୂଷିତ-କରଣ ତଥା ଏହାର ନିରାକରଣ, ବନ୍ୟଜନ୍ତୁ ସଂରକ୍ଷଣ, ସୌର ଶକ୍ତିର ବିନିଯୋଗ ଇତ୍ୟାଦି ବିଷୟରେ ଆଲୋଚନା କରାଯିବ । ଏହା ବ୍ୟତୀତ ସ୍ୱେଚ୍ଛାସେବୀ ଅନୁଷ୍ଠାନ-ମାନେ ପରିବେଶ ସୁରକ୍ଷା କରିବା ପାଇଁ କିପରି ଭାଗ ନେଇପାରିବେ ଓ ବିଭାଗ ତରଫରୁ କି ପ୍ରକାର ସାହାଯ୍ୟ ପ୍ରଦାନ କରାଯିବ, ସେ ସଂପର୍କରେ ସ୍ୱେଚ୍ଛାସେବୀ ମାନଙ୍କ ସହିତ ଆଲୋଚନା କରାଯିବ ।

——

# ଓଡ଼ିଶାରେ ଦ୍ରୁତ ଶିଳ୍ପାୟନ

୧୯୮୪ ସାଧାରଣତନ୍ତ୍ର ଦିବସରେ ପ୍ରଦର୍ଶିତ ଶିଳ୍ପ ବିଭାଗର ପ୍ରଜ୍ଞାପନ ମେଢ଼ ଆମ ରାଜ୍ୟରେ ଦ୍ରୁତ ଶିଳ୍ପାୟନ କ୍ଷେତ୍ରରେ ବିଶେଷ ସଫଳତାର ପ୍ରତୀକ । ଏହି ରାଜ୍ୟରେ ୧୯୭୯ -୮୦ ମସିହା ସୁଦ୍ଧା ୯,୦୦୦ (ନଅ ହଜାର) ରୁ କିଛି ଅଧିକ ଶିଳ୍ପ ସଂସ୍ଥା ସ୍ଥାପିତ ହୋଇଥିଲା । ବିଗତ.. ତିନିବର୍ଷ ମଧ୍ୟରେ ୭,୭୮୩ଟି ଶିଳ୍ପ ସଂସ୍ଥା ୫,୮୫୩ଲକ୍ଷ ଟଙ୍କା ବିନିଯୋଗରେ ପ୍ରତିଷ୍ଠା କରାଯାଇ ପାରିଛି । ଏହି ସଂସ୍ଥାଗୁଡ଼ିକରେ ୫୦ ହଜାରରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦିଆ ଯାଇଛି । କେବଳ ୧୯୮୨-୮୩ ବର୍ଷ ମଧ୍ୟରେ ୩,୧୮୦ଟି କ୍ଷୁଦ୍ର ଶିଳ୍ପ ସ୍ଥାପିତ ହୋଇଛି । ୧୯୮୦ରୁ ୧୯୮୩ ମସିହା ମଧ୍ୟରେ ୧,୮୦,୩୫୨ଟି କାରିଗରୀ ଭିତ୍ତିକ ସଂସ୍ଥା ଗଠନ କରାଯାଇ ୩ ଲକ୍ଷ ୯୨ ଜଣ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି । କେବଳ ୧୯୮୨-୮୩ ବର୍ଷରେ ୮୩,୮୩୯ଟି କାରିଗରୀଭିତ୍ତିକ ସଂସ୍ଥା ୧,୭୭୦ ଲକ୍ଷ ଟଙ୍କା ବିନିଯୋଗରେ ସ୍ଥାପନ କରାଯାଇ ୧,୪୯,୮୦୮ ଜଣ ଲୋକଙ୍କୁ ନିଯୁକ୍ତି ଦିଆ ଗଲଣି ।

ଏହି ରାଜ୍ୟ ୧୯୮୧-୮୨ ଏବଂ ୧୯୮୨-୮୩ ମସିହାରେ କ୍ରମାଗତ ଦୁଇବର୍ଷ ଧରି ପ୍ରତ୍ୟେକ ଜିଲ୍ଲା ଶିଳ୍ପ କେନ୍ଦ୍ର ଜରିଆରେ ସର୍ବାଧିକ ନୂତନ ଶିଳ୍ପ ସଂସ୍ଥା ସ୍ଥାପନ କରିବାରେ ଏବଂ ସର୍ବାଧିକ ଲୋକଙ୍କୁ ନିଯୁକ୍ତି ଦେବାରେ ଭାରତ ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଅଛି । ପୁନଶ୍ଚ ସମଗ୍ର ଦେଶରେ ସର୍ବାଧିକ କାରିଗରୀଭିତ୍ତିକ ସଂସ୍ଥା ସ୍ଥାପନ କରିବାରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଅଛି ।

ରାଜ୍ୟରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ୧୪ ହଜାର କ୍ଷୁଦ୍ର ଶିଳ୍ପ ସଂସ୍ଥା ଏବଂ ୨୪୩ ହଜାର କାରିଗରୀ ଭିତ୍ତିକ ସଂସ୍ଥା ସ୍ଥାପନ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ଅଛି । ରାଜ୍ୟରେ ଶିଳ୍ପ ବିକାଶ କ୍ଷେତ୍ରରେ ବିଗତ ବର୍ଷ ମାନଙ୍କରେ ହୋଇଥିବା ଅଭୂତପୂର୍ବ ସାଫଲ୍ୟ ରାଜ୍ୟ ସରକାରଙ୍କର ପ୍ରଗତିଶୀଳ ଶିଳ୍ପନୀତି ଏବଂ ଯୁବୋଶିଳ୍ପୋ-ଦ୍ୟୋଗୀମାନଙ୍କର ଶିଳ୍ପ ସ୍ଥାପନ ନିମନ୍ତେ ବିଶେଷ ଆଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ସାଧନ ନିମନ୍ତେ ବିଶେଷ ସହାୟକ ହୋଇପାରିଛି ।

# ପଲ୍ଲୀବସ୍ତ୍ର କେନ୍ଦ୍ରରେ ମହିଳାଙ୍କ ନିଯୁକ୍ତି

ଚଳିତ ବର୍ଷ ମଇ ମାସ ସୁଦ୍ଧା ରାଜ୍ୟର ୧୦୦ଟି ଆଦିବାସୀ ଓ ହରିଜନ ବହୁଳ ବ୍ଲକ୍‌ରେ ପଲ୍ଲୀବସ୍ତ୍ର ଉତ୍ପାଦନ କେନ୍ଦ୍ର ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ପର୍ଯ୍ୟାୟକ୍ରମେ ରାଜ୍ୟର ୩୧୪ଟି ବ୍ଲକରେ ପଲ୍ଲୀବସ୍ତ୍ର ଉତ୍ପାଦନ କେନ୍ଦ୍ର

ପ୍ରତିଷ୍ଠା କରାଯିବ ଏବଂ ପ୍ରତି କେନ୍ଦ୍ରରେ ୩୦ ଜଣ ମହିଳା ନିଯୁକ୍ତି ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

ଫେବୃଆରୀ ୧୩ ତାରିଖ ସନ୍ଧ୍ୟାରେ ରାଜ୍ୟ ସଚିବାଳୟ-ଠାରେ ପଲ୍ଲୀବସ୍ତ୍ର ଉତ୍ପାଦନ କେନ୍ଦ୍ର ସ୍ଥାପନ ସଂପର୍କରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ପଲ୍ଲୀବସ୍ତ୍ର ଉତ୍ପାଦନ ମାଧ୍ୟମରେ ପ୍ରାୟ ୯ ହଜାର ମହିଳାଙ୍କୁ ନିଯୁକ୍ତି ଦିଆଯାଇ ପାରିବ ବୋଲି ଆଶା ପ୍ରକାଶ କରିଥିଲେ । ଚଳିତ ବର୍ଷ ମଇ ମାସ ସୁଦ୍ଧା ସ୍ଥାପିତ ହେଉଥିବା ୧୦୦ଟି ପଲ୍ଲୀବସ୍ତ୍ର ଉତ୍ପାଦନ କେନ୍ଦ୍ର ମଧ୍ୟରୁ ୫୦ଟି ଖଦୀ କମିଶନ୍‌ଙ୍କ ସହାୟତାରେ ଏବଂ ଅବଶିଷ୍ଟ ୫୦ଟି ବିଭିନ୍ନ ବ୍ୟାଙ୍କ୍‌ମାନଙ୍କ ସହାୟତାରେ ପ୍ରତିଷ୍ଠା କରାଯିବ । ଏହିସବୁ କେନ୍ଦ୍ରରୁ ବାର୍ଷିକ ପ୍ରାୟ ୮ କୋଟି ଟଙ୍କା ମୂଲ୍ୟର ପଲ୍ଲୀବସ୍ତ୍ର ଉତ୍ପାଦିତ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ପଲ୍ଲୀବସ୍ତ୍ର ଉତ୍ପାଦନ ପାଇଁ ମହିଳାମାନଙ୍କୁ ତାଲିମ ଦେବା ନିମନ୍ତେ ଅପ୍ରେଲ ମାସ ସୁଦ୍ଧା ରାଜ୍ୟର ସମସ୍ତ ବ୍ଲକ୍‌ରୁ ନିର୍ବାଚିତ ୧୦୦ ଜଣ କାରିଗରଙ୍କୁ ବିଶେଷ ତାଲିମ ଦିଆଯିବ ଏବଂ ଉତ୍ପାଦିତ ସାମଗ୍ରୀ ବିକ୍ରିବଟା ନିମନ୍ତେ ପ୍ରତି ଜିଲ୍ଲା ସଦର ମହକୁମାରେ ଗୋଟିଏ ଲେଖାଏଁ ବିକ୍ରୟ କେନ୍ଦ୍ର ଖୋଲାଯିବ । ରାଜ୍ୟ ବାହାରେ ପଲ୍ଲୀବସ୍ତ୍ରକୁ ଜନପ୍ରିୟ କରାଇବା ଉଦ୍ଦେଶ୍ୟରେ ଦେଶର ବିଭିନ୍ନ ମୁଖ୍ୟ ସହରମାନଙ୍କରେ ମଧ୍ୟ ଏଭଳି ବିକ୍ରୟ କେନ୍ଦ୍ର ସ୍ଥାପନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା । ଜାତୀୟ ଗ୍ରାମ୍ୟ ନିଯୁକ୍ତି କାର୍ଯ୍ୟକ୍ରମ ଏବଂ ଦରିଦ୍ରତମ ଲୋକଙ୍କ ଅର୍ଥନୈତିକ ଉତ୍ଥାନ ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ମାଧ୍ୟମରେ ପଲ୍ଲୀବସ୍ତ୍ର ଉତ୍ପାଦନ କେନ୍ଦ୍ର ପରିକଳ୍ପନା କାର୍ଯ୍ୟକାରୀ କରାଯାଉଛି ।

ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ଜ୍ଞାନ ଚନ୍ଦ୍ରଙ୍କ ସମେତ ବିଭିନ୍ନ ପଦସ୍ଥ କର୍ମଚାରୀମାନେ ଯୋଗ ଦେଇଥିଲେ ।

# କର୍ମଚାରୀ ବୀମା ଯୋଜନା

ଓଡ଼ିଶାରେ କର୍ମଚାରୀ ରାଷ୍ଟ୍ରୀୟ ବୀମା କର୍ପୋରେସନ ଦ୍ୱାରା ୧'୩୭ ଲକ୍ଷ ଶିଳ୍ପାଞ୍ଚଳ ଶ୍ରମିକ ଏବଂ ତାଙ୍କର ପରିବାର ବର୍ଗ ଚିକିତ୍ସା ସୁବିଧା ପାଉଛନ୍ତି । ରାଜ୍ୟର ଫୁଲବାଣୀ, ବଲାଙ୍ଗୀର ଓ ମୟୂରଭଞ୍ଜ ଜିଲ୍ଲାକୁ ବାଦ ଦେଲେ ବାକି ଦଶଟି ଜିଲ୍ଲାରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି । ରାଜ୍ୟରେ ଥିବା ୨୮ଟି କେନ୍ଦ୍ର ଦ୍ୱାରା ପ୍ରାୟ ୫ ଲକ୍ଷ ବ୍ୟକ୍ତିଙ୍କୁ ପୂର୍ଣ୍ଣ ଚିକିତ୍ସା ସୁବିଧା ଦିଆଯାଉଛି ।

ଗତ ଜାନୁଆରୀ ମାସରେ ବୀମାଭୁକ୍ତ ଶ୍ରମିକ ତଥା ସେମାନଙ୍କ ପରିବାରବର୍ଗଙ୍କୁ ବିଭିନ୍ନ ସହାୟତା ବାବଦରେ ମୋଟ ୭,୯୫,୩୬୭'୫୦ ଟଙ୍କା ଯୋଗାଇ ଦିଆଯାଇଥିଲା । ସବୁଠାରୁ ଅଧିକ ପରିମାଣର ଅର୍ଥ ଅର୍ଥାତ୍ ୪,୯୭,୦୯୮ ଟଙ୍କା ଅସୁସ୍ଥତା ସାହାଯ୍ୟ ବାବଦରେ ଯୋଗାଇ ଦିଆଯାଇଥିବା ବେଳେ ସ୍ଥାୟୀ ଅକର୍ମଣ୍ୟତା ବାବଦକୁ ୧୦୩,୬୯୪ ଟଙ୍କା ଦିଆଯାଇଥିଲା । ସଂପ୍ରତି ଏହି ଯୋଜନାଧୀନ ଚୌଦ୍ୱାର, କାଂସବାହାଲ, ରାଜଗାଙ୍ଗପୁର ଏବଂ ଜେ. କେ. ପୁର ଡ଼ାକ୍ତରଖାନାରେ ୨୮୭ଟି ଶଯ୍ୟାର ବ୍ୟବସ୍ଥା ରହିଛି । ଏତଦ୍ ବ୍ୟତୀତ ରାଉରକେଲାଠାରେ ଏକ ୫୦ଟି ଶଯ୍ୟା ବିଶିଷ୍ଟ ଡ଼ାକ୍ତରଖାନା ନିର୍ମାଣ ହେବାର ପ୍ରସ୍ତାବ ରହିଛି ।

ଇ. ଏସ୍. ଆଇ କର୍ପୋରେସନର ସାଧାରଣ ବ୍ୟବସ୍ଥା ସବ୍ କମିଟି ଏହାର ମହାନିର୍ଦ୍ଦେଶକଙ୍କ ନେତୃତ୍ୱରେ ଗତ ଜାନୁଆରୀ ମାସରେ ଓଡ଼ିଶାକୁ ଆସିଥିଲେ । ଏହି କମିଟି ଇ. ଏସ. ଆଇ. କାର୍ଯ୍ୟ ପଦ୍ଧତିରେ ଉନ୍ନତି ଘଟାଇବା ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିଥିଲେ ।

# ସ୍ୱେଚ୍ଛାସେବୀ ସମ୍ମିଳନୀ

ରାଜ୍ୟ ସମାଜ ମଙ୍ଗଳ ଉପଦେଷ୍ଟା ବୋର୍ଡ ତରଫରୁ ଗତ ମାର୍ଚ୍ଚ ୩ ତାରିଖ ଦିନ ସମ୍ବଲପୁରଠାରେ ଆୟୋଜିତ ଉପରାଞ୍ଚଳ ସ୍ୱେଚ୍ଛାସେବୀ ସମ୍ମିଳନୀ ଉଦ୍‌ଘାଟନ କରି ବାଣିଜ୍ୟ, ଶ୍ରମ ଓ କର୍ମଯୋଗାଣ ମନ୍ତ୍ରୀ ଶ୍ରୀ ଉପେନ୍ଦ୍ର ଦୀକ୍ଷିତ କହିଲେ ଯେ, ସମାଜରେ ମହିଳାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନେ ଆଗଉର ନ ହେଲେ କୌଣସି ପରିବାର ବା ଦେଶ ଆଗେଇ ପାରିବ ନାହିଁ କି ଆମେ ଆମର ମହାନ୍ ନେତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କର ଚିନ୍ତାଧାରାକୁ ସଂପୂର୍ଣ୍ଣ କରିପାରିବା ନାହିଁ । ଆମର ମୁଖ୍ୟମନ୍ତ୍ରୀ, ନାରୀମାନେ ଶିକ୍ଷା ଓ କର୍ମ କ୍ଷେତ୍ରରେ କିପରି ଆଗଉର ହୋଇପାରିବେ ତାହାର ବ୍ୟବସ୍ଥା କରିଛନ୍ତି । ଯୌତୁକ ପରି ଘୃଣ୍ୟ ପ୍ରଥାକୁ ବନ୍ଦ କରିବା ପାଇଁ ସେ ଘୋଷଣା କରିଛନ୍ତି ଯେ, ଯେଉଁଠାରେ ଭଉଣୀମାନେ ଆଗଉର ହୋଇ ଆସୁଛନ୍ତି ତାଙ୍କୁ ପ୍ରଥମେ ଚାକିରୀ ସୁବିଧା ଦିଆଯିବ । ନାରୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କୃଷି ଶିକ୍ଷା, ଶିଳ୍ପ କ୍ଷେତ୍ରରେ ନାରୀମାନଙ୍କର ଉନ୍ନତି କରିବା ପାଇଁ ସରକାର ସଂକଳ୍ପବଦ୍ଧ । ୨୦ ଦଫା କାର୍ଯ୍ୟକ୍ରମକୁ ନିଷ୍ଠାର ସହିତ କାର୍ଯ୍ୟକାରୀ କରିବା ପାଇଁ ମହିଳା ସମିତି-ମାନଙ୍କର ମଧ୍ୟ ଦାୟିତ୍ୱ ଅଛି । ସ୍ୱାଧୀନତା ପରେ ଧନୀ ଓ ଦରିଦ୍ରମାନଙ୍କ ମଧ୍ୟରେ ଥିବା ତାରତମ୍ୟ ଦୂର କରି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କୁ ସାମାଜିକ ଓ ଅର୍ଥନୈତିକ ଉନ୍ନତି କରିପାରିବାରେ ମହିଳାମାନେ ସାମିଲ ହେବା ପାଇଁ ଶ୍ରୀ ଦୀକ୍ଷିତ ନିବେଦନ କରିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ମହିଳା-ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ସୂଚାଇ ଥିଲେ ।

ଏହି ସଭାରେ ସମାଜମଙ୍ଗଳ ବୋର୍ଡର ଅଧ୍ୟକ୍ଷା ଶ୍ରୀମତୀ ସରସ୍ୱତୀ ପ୍ରଧାନ ସଭାପତିତ୍ୱ କରିଥିଲେ ଏବଂ ମୁଖ୍ୟ ଅତିଥି ଭାବରେ ଲୋକସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଯୋଗ ଦେଇ ନାରୀ କଲ୍ୟାଣ ଦିଗରେ ଉଦ୍‌ବୋଧନ ଦେଇଥିଲେ ।

# ରାଜ୍ୟସ୍ତରରେ ବୀର ସୁରେନ୍ଦ୍ର ସାଏଙ୍କ ମୃତ୍ୟୁ ଶତବାର୍ଷିକୀ ପାଳନ

ସମ୍ବଲପୁରର କେତେକ ବିଶିଷ୍ଟ ନାଗରିକ ସମ୍ବଲପୁରଠାରେ ବୀର ସୁରେନ୍ଦ୍ର ସାଏଙ୍କ ମୃତ୍ୟୁ ଶତବାର୍ଷିକୀ ଉତ୍ସବ ପାଳନ ତଥା ସମ୍ବଲପୁରଠାରେ ବୀର ସୁରେନ୍ଦ୍ର ସାଏଙ୍କର ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ୧୯୮୩ ମସିହା ନଭେମ୍ବର ମାସରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଭେଟିଥିଲେ । ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପ୍ରତିଶ୍ରୁତି ଦେଇ କହିଥିଲେ:—ବୀର ସୁରେନ୍ଦ୍ର ସାଏ ଜାତୀୟ ସ୍ତରରେ ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ । ଏଣୁ ତାଙ୍କର ମୃତ୍ୟୁ ଶତବାର୍ଷିକୀ ସମାରୋହ ରାଜ୍ୟ ସ୍ତରରେ ପାଳନ କରାଯିବ ଏବଂ ସମ୍ବଲପୁର ତାଙ୍କର ପ୍ରଧାନ କର୍ମସ୍ଥଳୀ ହୋଇଥିବା ଯୋଗୁ ସେଠାରେ ଏହି ସମାରୋହ ବିଶେଷଭାବରେ ଆୟୋଜିତ ହେବ । ଆହୁରି ମଧ୍ୟ ଏହି ଜାତୀୟ ବୀର ପୁରୁଷଙ୍କର ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସମ୍ବଲପୁରଠାରେ ସ୍ଥାପନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।

ସୁରେନ୍ଦ୍ର ସାଏଙ୍କର ମୃତ୍ୟୁ ଶତବାର୍ଷିକୀ ଉତ୍ସବ ପାଳନ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ କମିଟି ଗଠିତ ହୋଇଅଛି । ଏହି କମିଟିର ପ୍ରଥମ ଅଧିବେଶ ତା ୪-୧-୧୯୮୪ ରେ ଅନୁଷ୍ଠିତ ହୋଇ ଯେଉଁ ପ୍ରସ୍ତାବଗୁଡ଼ିକ ଗୃହୀତ ହୋଇଥିଲା ତନ୍ମଧ୍ୟରୁ ନିମ୍ନଲିଖିତ ପ୍ରସ୍ତାବମାନ ଉଲ୍ଲେଖ ଯୋଗ୍ୟ ।

(୧) ବୀର ସୁରେନ୍ଦ୍ର ସାଏଙ୍କ ନାମରେ ଏକ ସ୍ୱତନ୍ତ୍ର ସ୍ମାରକୀ ଡାକଟିକଟ ପ୍ରକାଶ କରିବା ନିମନ୍ତେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀଙ୍କୁ ଅନୁରୋଧ କରାଯିବ ।

(୨) ରାଜ୍ୟର ପ୍ରତ୍ୟେକ ଜିଲ୍ଲା ସଦର ମହକୁମାଠାରେ ବୀର ସୁରେନ୍ଦ୍ର ସାଏଙ୍କର ମୃତ୍ୟୁ ଶତବାର୍ଷିକୀ ତା ୨୮-୨-୧୯୮୪ ତିଥିରେ ପାଳିତ ହେଉ ।

(୩) ବୀର ସୁରେନ୍ଦ୍ର ସାଏ ଆସିରଗଡ଼ ଦୁର୍ଗର ଯେଉଁ ପ୍ରକୋଷ୍ଠରେ ତା ୨୮-୨-୧୮୮୪ ତିଥିରେ ମୃତ୍ୟୁବରଣ କରିଥିଲେ, ସେହି ପ୍ରକୋଷ୍ଠରେ ଏକ ସ୍ମାରକୀ ବ୍ରୋଞ୍ଜ ଫଳକ ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପନ କରାଯାଉ । ଆସିରଗଡ଼ ଦୁର୍ଗର ସେହି ପ୍ରକୋଷ୍ଠ ଚିହ୍ନିତ କରିବା ନିମନ୍ତେ ଐତିହାସିକ ଡକ୍ଟର ନବୀନ କୁମାର ସାହୁଙ୍କ ସାହାଯ୍ୟ ନିଆଯାଉ ।

(୪) ବୀର ସୁରେନ୍ଦ୍ର ସାଏଙ୍କର ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସମ୍ବଲପୁରଠାରେ ସ୍ଥାପନ କରାଯିବ । ଉକ୍ତ ପ୍ରତିମୂର୍ତ୍ତି କେଉଁ ପ୍ରକାରର ହେବ ତାହା ସ୍ଥିର କରିବା ନିମନ୍ତେ ଡକ୍ଟର ହରେକୃଷ୍ଣ ମହତାବ ଓ ଡକ୍ଟର ନବୀନ କୁମାର ସାହୁଙ୍କୁ ନେଇ ଏକ କମିଟି ଗଠିତ ହେଲା ।

(୫) ବୀର ସୁରେନ୍ଦ୍ର ସାଏଙ୍କର ଏକ ପ୍ରାମାଣିକ ଜୀବନ ଚରିତ ପ୍ରଣୟନ ନିମନ୍ତେ ଐତିହାସିକ ଡକ୍ଟର ନବୀନ କୁମାର ସାହୁଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା । ସେହି ଜୀବନ ଚରିତକୁ ଓଡ଼ିଶା ରାଜ୍ୟ ସଂଗ୍ରାହାଳୟର କ୍ୟୁରେଟର ଶ୍ରୀ ନୀଳମଣି ମିଶ୍ର ହିନ୍ଦୀ ଭାଷାରେ ଅନୁବାଦ କରିବେ ଏବଂ ତାହାକୁ ଓଡ଼ିଆରେ ଅନୁବାଦ କରିବା ନିମନ୍ତେ ମଧ୍ୟ ସ୍ଥିର ହେଲା ।

(୬) ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମରେ ପ୍ରାଣ ଦେଇଥିବା ବୀରମାନଙ୍କର ନାମ ତାଲିକା ଭୁବନେଶ୍ୱରଠାରେ ପ୍ରତିଷ୍ଠିତ ଶହୀଦ ସ୍ତମ୍ଭରେ ଲିପିବଦ୍ଧ ହେଉ । ସେହି ବୀରମାନଙ୍କର ନାମ ତାଲିକା ପ୍ରସ୍ତୁତ କରିବା ନିମନ୍ତେ ଐତିହାସିକ ଡକ୍ଟର ନବୀନ କୁମାର ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା ଓ ଡକ୍ଟର ସାହୁଙ୍କୁ ଶ୍ରୀ ଛୀବଲଭ ପାଣିଗ୍ରାହୀ ସାହାଯ୍ୟ କରିବା ନିମନ୍ତେ ସ୍ଥିର ହେଲା ।

(୭) ଉତ୍କଳ, ସମ୍ବଲପୁର, ଓ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟମାନଙ୍କରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରସଙ୍ଗରେ ପ୍ରବନ୍ଧ ପ୍ରତିଯୋଗିତାର ଆୟୋଜନ କରିବା ନିମନ୍ତେ ସ୍ଥିର ହେଲା । ସେଥିପାଇଁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଟ ୫୦୦'୦୦ ର ପ୍ରଥମ ପୁରସ୍କାର ଓ ଟ ୩୦୦'୦୦ ର ଦ୍ୱିତୀୟ ପୁରସ୍କାର ପ୍ରଦାନ ନିମନ୍ତେ ନିଷ୍ପତ୍ତି ଗୃହୀତ ହେଲା ।

(୮) ଖିଣ୍ଡା ଗ୍ରାମରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ବାସଗୃହକୁ ବର୍ତ୍ତମାନର ଅଧିକାରୀ ଓଡ଼ିଶା ସରକାରଙ୍କୁ ଅର୍ପଣ କଲେ, ତାହା ସେହି ଜାତୀୟ ବୀରଙ୍କର ସ୍ମୃତି ଉଦ୍ଦେଶ୍ୟରେ ସରକାର ରକ୍ଷଣାବେକ୍ଷଣା କରିବେ ବୋଲି ପ୍ରସ୍ତାବ ଗୃହୀତ ହେଲା ।

○○○

ବୀର ସୁରେନ୍ଦ୍ର ସାଏଙ୍କର ତରବାରୀ, ଢ଼ାଲ ଓ ଅନ୍ୟାନ୍ୟ ଅସ୍ତ୍ର ଶସ୍ତ୍ର ତଥା ତାଙ୍କର ସୈନ୍ୟ ଓ ସେନାପତିମାନଙ୍କ ଦ୍ୱାରା ବ୍ୟବହୃତ ଖଣ୍ଡା, ତରବାରୀ, ଢ଼ାଲ ତଥା ପ୍ରସ୍ତର କ୍ଷେପଣାସ୍ତ୍ରମାନଙ୍କର ଯେଉଁ ଆଲୋକ ଚିତ୍ର ଏହି ସଂଖ୍ୟାରେ ପ୍ରକାଶିତ ହୋଇଅଛି ସେଗୁଡ଼ିକ ଐତିହାସିକ ଡକ୍ଟର ନବୀନ କୁମାର ସାହୁଙ୍କ ଦ୍ୱାରା ସଂଗୃହୀତ ।

ମୁଖ୍ୟ ସଂପାଦକ

# ମୋ ଦୃଷ୍ଟିରେ....

ଅପ୍ରେଲ ପହିଲା "ସ୍ୱତନ୍ତ୍ର ଉତ୍କଳ" ଗଠନର ଶୁଭ ଜନ୍ମଦିନ । ଆଜିଠାରୁ ୪୮ ବର୍ଷ ତଳେ ବହୁ ବରେଣ୍ୟ ବୀରଙ୍କର ତ୍ୟାଗପୂତ ସଂଗ୍ରାମ ଫଳରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ସ୍ୱପ୍ନ ସାର୍ଥକ ହୋଇଥିଲା । ତେଣୁ ଏହି ପୁଣ୍ୟ ଲଗ୍ନରେ 'ଉତ୍କଳ ପ୍ରସଙ୍ଗ' ଓଡ଼ିଶାର ଅଗଣିତ ଭାଇ ଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ବୀର ସୁରେନ୍ଦ୍ର ସାଏ ଜାତୀୟ ସ୍ତରରେ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ । ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଏ ବର୍ଷ ପ୍ରଥମଥର ପାଇଁ ରାଜ୍ୟସ୍ତରରେ ବୀର ସୁରେନ୍ଦ୍ର ସାଏଙ୍କ ମୃତ୍ୟୁ ଶତବାର୍ଷିକୀ ପାଳନ କରାଯାଉଛି ଏବଂ ସମ୍ବଲପୁର ତାଙ୍କର ପ୍ରଧାନ କର୍ମସ୍ଥଳୀ ହୋଇଥିବା ଯୋଗୁଁ ସେଠାରେ ଏହି ସମାରୋହ ବିଶେଷ ଭାବରେ ଆୟୋଜିତ ହୋଇଛି । ଏ ଉଦ୍ୟମ ନିଶ୍ଚିତ ଭାବରେ ଅଭିନନ୍ଦନୀୟ ।

ଜାତୀୟ ବୀର ସୁରେନ୍ଦ୍ର ସାଏଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଉତ୍କଳ ଓ ସୁରେନ୍ଦ୍ର ସାଏ ବିଶେଷାଙ୍କ ରୂପେ ଏହି ସଂଖ୍ୟା 'ଉତ୍କଳ ପ୍ରସଙ୍ଗ' ପ୍ରକାଶ ପାଉଛି । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନିବନ୍ଧ 'ଅଗ୍ନି ଶିଖା', ପ୍ରଖ୍ୟାତ ଐତିହାସିକ ଡଃ ନବୀନ କୁମାର ସାହୁଙ୍କର 'ଜାତୀୟ ବୀର ସୁରେନ୍ଦ୍ର ସାଏ', ପ୍ରଶାସକ ଶ୍ରୀ ସହଦେବ ସାହୁଙ୍କ 'ସୁରେନ୍ଦ୍ର ସାଏଙ୍କ ରଣ କୌଶଳ', ସୁସାହିତ୍ୟିକ ଓ ସମାଜ ସେବୀ ଡଃ ଶ୍ରଦ୍ଧାକର ସୁପକାରଙ୍କର 'ସୁରେନ୍ଦ୍ର ସ୍ମରଣେ' ସାମ୍ବାଦିକ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ 'ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏ' ଏବଂ ଉପାଧ୍ୟକ୍ଷ ଶ୍ରୀ ଜଗନ୍ନାଥ ପଟ୍ଟନାୟକଙ୍କ ନିବନ୍ଧ 'ବୀର ସୁରେନ୍ଦ୍ର ସାଏ' ପ୍ରତି ଆମେ ପାଠକ ପାଠିକାଙ୍କ ଦୃଷ୍ଟି ଆକର୍ଷଣ କରୁଛୁ ।


ଉତ୍କଳ ଜନନୀର ପୁଣ୍ୟ ଜନ୍ମ ବାସରକୁ ସ୍ମରଣୀୟ କରିବା ପାଇଁ ଡଃ ସତ୍ୟନାରାୟଣ ରାଜଗୁରୁଙ୍କର 'ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ପୃଷ୍ଠଭୂମି', ଶ୍ରୀ ଚନ୍ଦ୍ରଶେଖର ନାୟକଙ୍କ 'ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଇଂରେଜ ପ୍ରଶାସକଙ୍କ ଭୂମିକା', ଶ୍ରୀମତୀ କାଦମ୍ବିନୀ ଦେବୀଙ୍କ 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଗଞ୍ଜାମର ଭୂମିକା' ଏବଂ ଶ୍ରୀ ରବୀନ୍ଦ୍ର ନାଥ ମାଝୀଙ୍କ 'ମଧୁବାବୁଙ୍କ ସ୍ୱପ୍ନ' ଏହି ସଂଖ୍ୟାରେ ପ୍ରକାଶିତ ହୋଇଛି ।

ଆସନ୍ତୁ ଆଜିର ଏହି ଶୁଭ ଦିନରେ ଓଡ଼ିଶାର ସର୍ବବିଧ ଉନ୍ନତି ନିମନ୍ତେ ଅବିରତ ଯତ୍ନଶୀଳ ହେବାପାଇଁ ଶପଥ ନେବା ।

OGP—MP-VI (I. & P. R.) 86—20,000—29-3-1984










ORISSA-'84...



ଶିଳ୍ପ ପ୍ରଦର୍ଶନୀ ୧୯୮୪




Vol. XL No. 9
UTKAL PRASANGA
Regd. No. O-05

Licence No. C. R. N. P. 5
Licensed to
post without Pre-Payment

PRINTED AT
ORISSA GOVERNMENT PRESS
CUTTACK-753010

